# ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କିତ ମାର୍ଗଦର୍ଶିକା

## SOCIAL PROTECTION SCHEMES HANDBOOK




OSACS

NACO
National AIDS Control Organisation
Ministry of Health and Family Welfare, Government of India

nirantar

India HIV/AIDS Alliance



# FOREWORD

Social protection is an important strategy to reduce exclusion, inequality and marginalization of vulnerable population and support national objectives for HIV mainstreaming. The National AIDS Control Programme (NACP) III took a critical step towards decreasing transmission of the disease and increasing access to treatment services by recognizing social factors, such as education, income, employment, environment, gender and culture, that impact the health of an individual, certain groups or communities. Key populations (KPs) impacted by HIV have a greater challenge when it comes to coping with the social and economic implications of HIV. These challenges can range from access to health care, education, job security, social stigma and discrimination. In order to address these challenges, it is crucial to facilitate access to KPs to a full range of HIV/STI services, health, economic and social protection programs by fostering engagement with various departments, such as education, social security, labour welfare, health and family welfare, and women and child development.

The Orissa AIDS Control Society in collaboration with India HIV/AIDS Alliance implemented the LCI Nirantar program, which has prepared a compendium of relevant Social Protection Schemes in various departments of Government of India and Government of Orissa - " A Handbook of Social Protection Schemes". This Handbook aims to facilitate easy access to social protection schemes information and also enable the KP community to access the various existing facilities to address their vulnerability.

(Dr. Ajit Kumar Mishra)
Project Director
Orissa AIDS Control Society
Orissa

| |
|---|
| ଯୋଜନାର ନାମ |
| କେନ୍ଦ୍ରସରକାରଙ୍କ ପ୍ରାୟୋଜିତ ଯୋଜନା ସମୂହ |
| ଗୃହ ନିର୍ମାଣ ଯୋଜନା |
| ଇନ୍ଦିରା ଆବାସ ଯୋଜନା (IAY) |
| ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ସମସ୍ତଙ୍କ ପାଇଁ ଗୃହ(ସହର) |
| ନିଯୁକ୍ତି ଓ ଜୀବିକା ସମ୍ବନ୍ଧୀୟ ଯୋଜନା |
| PMEGP ମାଧ୍ୟମରେ ନୂତନ ଉଦ୍ୟୋଗ ନିର୍ମାଣ ପାଇଁ ଆର୍ଥିକ ସହାୟତା |
| ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (SJSRY)<br>କିମ୍ବା ଜାତୀୟ ସହରାଞ୍ଚଳ ଜୀବିକା ମିଶନ(NULM) |
| ପ୍ରାଧନମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY) |
| ଦକ୍ଷିତା ବୃଦ୍ଧି ଓ ତାଲିମ୍ ଯୋଜନା |
| ଦକ୍ଷତା ଠାରୁ ରୋଜଗାର ପର୍ଯ୍ୟନ୍ତ (HSRT) |
| ଉଦ୍ୟୋଗିକ କୌଶଳ ବିକାଶ କାର୍ଯ୍ୟକ୍ରମ (ESDP) |
| ଖାଦ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ଯୋଜନା |
| ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) |
| ପେନ୍‌ସନ୍ ଓ ଆର୍ଥିକ ସହାୟତା ଯୋଜନା |
| ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା (IGNOPS) |
| ଇନ୍ଦିରାଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା (IGNWPS) |
| ଜାତୀୟ ପରିବାର ହିତ ଯୋଜନା (NFBS) |
| ଅଟଳ ପେନ୍‌ସନ୍ ଯୋଜନା (APY) |
| ଆର୍ଥିକ ଅନ୍ତର୍ଭୁକ୍ତି ଯୋଜନା |
| ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (PMJDY) |
| ସୁକନ୍ୟା ସମୃଦ୍ଧି ଯୋଜନା (SSY) |
| ବୀମା ଯୋଜନା |
| ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (PMJJBY) |
| ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMSBY) |
| ସ୍ୱାସ୍ଥ୍ୟ ଯୋଜନା |
| ଜନନୀ ସୁରକ୍ଷା ଯୋଜନା (JSY) |
| ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ (JSSK) |
| ଇନ୍ଦିରାଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା (IGMSY) |
| ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY) |
| ଆଣ୍ଟି ରେଟ୍ରୋଭାଇରାଲ ଥେରାପି (ART) |
| ଶିକ୍ଷା ସମ୍ବନ୍ଧୀୟ ଯୋଜନା |
| ସର୍ବଶିକ୍ଷା ଅଭିଯାନ (SSA) |
| ରାଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନ (RMSA) |
| ମହିଳା ସଶକ୍ତୀକରଣ ଯୋଜନା |
| ସ୍ୱଧାର ଆଶ୍ରୟ ଗୃହ |
| ସ୍ୱଳ୍ପଦିନ ପାଇଁ ରହିବା ଗୃହ |
| ଉଜ୍ଜ୍ୱଳା |
| ଗ୍ଲାଣ ନିରୋଧ |
| ମହିଳାମାନଙ୍କ ପାଇଁ ପ୍ରଶିକ୍ଷଣ ଓ ନିୟୋଜନ ସହାୟତା କାର୍ଯ୍ୟକ୍ରମ (STEP) |
| ଶିଶୁ କଲ୍ୟାଣ ଯୋଜନା |
| ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (ICPS) |
| କିଶୋରୀ ଶକ୍ତି ଯୋଜନା (KSY) |
| ସମନ୍ୱିତ ଶିଶୁ ବିକାଶ ସେବା (ICDS) ଯୋଜନା |
| ଆଇନ ସେବା |
| ମୁକ୍ତ ଏବଂ ଦକ୍ଷ ଆଇନ ସମ୍ବନ୍ଧୀୟ ସେବା |

| ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନା ସମୂହ |
| --- |
| ଗୃହ ନିର୍ମାଣ ଯୋଜନା |
| ବିଜୁ ପକ୍କା ଘର ଯୋଜନା (BPGY) |
| ନିୟୋଜନ ଏବଂ ଜୀବିକା ପାଇଁ ଯୋଜନା |
| ସ୍ୱ-ରୋଜଗାର କାର୍ଯ୍ୟକ୍ରମ (SEP) |
| ଦକ୍ଷତା ବୃଦ୍ଧି ଏବଂ ତାଲିମ୍ ଯୋଜନା |
| LMV ଡ୍ରାଇଭିଂ ପାଇଁ ତାଲିମ୍ ପ୍ରଦାନ ପାଇଁ ଯୋଜନା (LMVDT) |
| ପେନ୍‌ସନ୍ ଏବଂ ସହାୟତା ଯୋଜନା |
| ମଧୁବାବୁ ପେନ୍‌ସେନ୍ ଯୋଜନା (MBPY) |
| ସ୍ୱାସ୍ଥ୍ୟ ଯୋଜନା |
| ମମତା |
| ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (OSTF) |
| ମହିଳା ସଶକ୍ତୀକରଣ ଯୋଜନା |
| ମହିଳା ଓ ଶିଶୁ ସହାୟତା କେନ୍ଦ୍ର (ମହିଳା ଓ ଶିଶୁ ଡେସ୍କ) |
| ଆଇନ୍ ସେବା |
| ମାଗଣା ଆଇନ୍ ସେବା |
| ଓଡ଼ିଶା ମାନବ ଅଧିକାର କମିଶନ (OHRC) |

| | |
|---|---|
| ଯୋଜନାର ନାମ | ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସମସ୍ତଙ୍କ ପାଇଁ ଗୃହ(ସହରାଞ୍ଚଳ) |
| ପ୍ରାୟୋଜକ | • ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସମସ୍ତଙ୍କ ପାଇଁ ଗୃହ(ସହରାଞ୍ଚଳ) ଯୋଜନାଟି କେନ୍ଦ୍ର ସରକାରଙ୍କର ଏକ ବ୍ୟାପକ ମିଶନ ଯାହା ଗୃହ ନିର୍ମାଣ ଏବଂ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକରୀ କରାଯାଉଅଛି ।<br>• ଏହି ମିଶନ ୨୦୧୫ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ । ଏହି କାର୍ଯ୍ୟକ୍ରମଟିକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମାଧ୍ୟମରେ ରାଜ୍ୟ ଏବଂ ULB ଅନ୍ତର୍ଗତ ଯୋଗ୍ୟ ପରିବାର ଏବଂ ହିତାଧିକାରୀଙ୍କୁ ୨୦୨୨ ସୁଦ୍ଧା ଗୃହ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି । |
| ଯୋଜନା ସମ୍ପର୍କରେ | • ସହରାଞ୍ଚଳରେ ବସବାସ କରୁଥିବା ଗରିବ ବସ୍ତିବାସିନ୍ଦାଙ୍କର ଗୃହ ଆବଶ୍ୟକତା ପୂରଣ କରିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ସମସ୍ତଙ୍କ ପାଇଁ ଗୃହ (ସହର) କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ । ଉକ୍ତ ଯୋଜନାଟି ନିମ୍ନଲିଖିତ କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।<br>• ବେସରକାରୀ ବିକାଶ ସଂସ୍ଥା ମାଧ୍ୟମରେ ବସ୍ତିବାସିନ୍ଦାଙ୍କର ଜମିକୁ ସାଧନ ଆକାରରେ ନେଇ ବସ୍ତିର ଥଇଥାନ ।<br>• ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀଙ୍କ ପାଇଁ ସରକାରୀ ଋଣରେ ରିହାତି ।<br>• ସରକାରୀ ଓ ବେସରକାରୀ ଭାଗିଦାରୀ ମାଧ୍ୟମରେ ବ୍ୟୟ ସକ୍ଷମ ଗୃହ ନିର୍ମାଣ ।<br>• ହିତାଧିକାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଗୃହ ନିର୍ମାଣ / ବର୍ଦ୍ଧିତକରଣ ପାଇଁ ସରକାରୀ ସାହାଯ୍ୟରେ ରିହାତି ।<br>• ଏହି ମିଶନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (CSS) ପରି କାର୍ଯ୍ୟନ୍ୱିତ କରାଯିବ । ମାତ୍ର ସରକାରୀ ଋଣରେ ରିହାତି କାର୍ଯ୍ୟକ୍ରମଟି ଏହି ଯୋଜନା ଅନ୍ତର୍ଭୁକ୍ତ ନୁହେଁ, ଯାହାକି ଏକ କେନ୍ଦ୍ର ଯୋଜନା ଭାବେ କାର୍ଯ୍ୟକାରୀ କରାଯିବ ।<br>• ହିତାଧିକାରୀ ପରିବାରଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ, ଅବିବାହିତ ପୁଅ କିମ୍ବା ଝିଅ ହୋଇପାରିବେ । ଏହି ମିଶନ ଦ୍ୱାରା କେନ୍ଦ୍ରୀୟ ସହାୟତା ଲାଭ କରିବା ପାଇଁ ହିତାଧିକାରୀଙ୍କ ନାମରେ କିମ୍ବା ଅନ୍ୟ କୌଣସି ପରିବାର ସଦସ୍ୟଙ୍କ ନାମରେ ଭାରତର କୌଣସି ସ୍ଥାନରେ ପକ୍କା ଘର ରହି ନଥିବା ଆବଶ୍ୟକ ।<br>ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ସୁବିଧା ଅନୁଯାୟୀ ଏକ ସମୟ ଧାର୍ଯ୍ୟ କରିପାରିବେ । ଯାହାଫଳରେ ସେହି ସହରାଞ୍ଚଳର ବାସିନ୍ଦା ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇବା ପାଇଁ ସକ୍ଷମ ହୋଇପାରିବେ ।<br>ଏହି ମିଶନ ଏବଂ ଏହାର ପ୍ରତ୍ୟେକ ଉପାଦାନ ଗୁଡ଼ିକ ତା ୧୭.୦୬.୧୫ ଠାରୁ କାର୍ଯ୍ୟକାରୀ କରାଯାଉଅଛି ଏବଂ ଏହା ତା ୩୧.୦୩.୨୨ ପର୍ଯ୍ୟନ୍ତ କାର୍ଯ୍ୟନ୍ୱିତ ହେବ । |
| ଲକ୍ଷ୍ୟ ଗୋଷ୍ଠୀ | • ସହାରାଞ୍ଚଳର ଗରିବ ଏବଂ ବସ୍ତିବାସିନ୍ଦା |
| ଅର୍ଥ ଯୋଗାଣର ଢ଼ାଞ୍ଚା | • ଏହା ସମ୍ପୂର୍ଣ୍ଣ କେନ୍ଦ୍ରସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ (CSS) ଅଟେ । ମାତ୍ର କାର୍ଯ୍ୟକ୍ରମର "ସରକାରୀ ଋଣରେ ରିହାତି" ଉପାଦାନଟି ସଂପୂର୍ଣ୍ଣ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ନୁହେଁ । |
| ଆବଶ୍ୟକୀୟ ପଦ୍ଧତି | • ପ୍ରଥମ ସୋପାନରେ ଏହି ମିଶନରେ ଯୋଗଦେବା ପାଇଁ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ଏକ ବୁଝାମଣା ପତ୍ରରେ ସାକ୍ଷର କରିବେ ଏବଂ ବାଧ୍ୟତାମୂଳକ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ପ୍ରକାର ଭିତ୍ତିରେ ରାଜି ହେବେ ।<br>• ସହରମାନଙ୍କୁ ଏହି ମିଶନ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ରାଜ୍ୟ ସରକାର / କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ଏକ ପ୍ରସ୍ତାବ ମନ୍ତ୍ରଣାଳୟକୁ ପଠାଇଥାନ୍ତି । ତତ୍ ସହିତ ସମ୍ବଳର ଆବଶ୍ୟକତା ଏବଂ ଗୃହ ନିର୍ମାଣର ଆକଳନ ମଧ୍ୟ ଜଣାଇଥାନ୍ତି । ସମ୍ବଳର ସ୍ଥିତିକୁ ଦେଖି ମନ୍ତ୍ରଣାଳୟ ଉପରୋକ୍ତ ସହରମାନଙ୍କୁ ମିଶନ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମୋଦନ ଦେଇଥାନ୍ତି ।<br>• ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଉପଯୁକ୍ତ ସାଧନ ମାଧ୍ୟମରେ ଗୃହର ପ୍ରକୃତ ଚାହିଦାକୁ ସର୍ବେକ୍ଷଣ କରିବେ ।<br>• ଏହି ଯୋଜନା ଅନ୍ତର୍ଗତ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କର ସୁବିଧା ଗୁଡ଼ିକର ଯେପରି ଦ୍ୱିଗୁଣିତ ନ ହେବ ସେଥିପାଇଁ ହିତାଧିକାରୀଙ୍କର ଦସ୍ତାବିଜ ଯଥା ଜନଧନ ଯୋଜନା ବା ବ୍ୟାଙ୍କ ଖାତା ସଂଖ୍ୟା ବା ଆଧାର କାର୍ଡ ନମ୍ବର ବା ଭୋଟ୍ ପରିଚୟ ପତ୍ର ବା ଅନ୍ୟ କୌଣସି ଅଦ୍ୱିତୀୟ ଚିହ୍ନଟ ପରିଚୟ ପତ୍ର କିମ୍ବା ଜିଲ୍ଲାର ଗୃହ ମାଲିକସତ୍ୱ ପ୍ରମାଣ ପତ୍ର ଯାହାକି ରାଜସ୍ୱ ବିଭାଗ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ତଥ୍ୟଗୁଡ଼ିକୁ HFAPOA ର ସ୍ଥାନରେ ଏକାଠି ସଂରକ୍ଷିତ କରାଯିବ ।<br>• ହିତାଧିକାରୀଙ୍କ ଅନ୍ତିମ ତାଲିକା ଏବଂ ଯୋଜନାଟିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଚାହିଦା ସର୍ବେକ୍ଷଣ ଫଳାଫଳ, HFPOA ଚିଠା ଏବଂ AIP ଚିଠା ଏବଂ ସ୍ଥାନୀୟ ପ୍ରତିନିଧି, ବିଧାୟକ, ଲୋକସଭା ସଦସ୍ୟ ଇତ୍ୟାଦିଙ୍କର ମତାମତକୁ ଯଥେଷ୍ଟ ଭାବରେ ଅନୁସରଣ କରାଯାଇଥାଏ ।<br>• ରାଜ୍ୟସ୍ତରୀୟ ଅନୁମୋଦନ ଏବଂ ପର୍ଯ୍ୟାଲୋଚନା କମିଟିର ମୂଲ୍ୟ ନିର୍ଦ୍ଧାରଣ ପରେ ଉକ୍ତ ସାମଗ୍ରିକ ଯୋଜନା ଏବଂ ଆବଶ୍ୟକୀୟ କେନ୍ଦ୍ରପାଣ୍ଠି ବାବଦରେ ଆର୍ଥିକ ସହାୟତା, HFAPOA ଏବଂ AIP ମନ୍ତ୍ରଣାଳୟ ନିକଟରେ ନିଜ ପ୍ରସ୍ତାବ ନିବେଦନ କରିବେ ।<br>• ଜଣେ ହିତାଧିକାରୀ ମାତ୍ର ଥରେ ନିମ୍ନଲିଖିତ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ଯଥା-ବେସରକାରୀ ଭାଗୀଦାରଙ୍କ ସହିତ ବସ୍ତିର ପୁର୍ନବିକାଶ, ସରକାରୀ ଋଣରେ ରିହାତି ,ଏବଂ ଜଣେ ହିତାଧିକାରୀଙ୍କୁ ବ୍ୟୟ ଅନୁଯାୟୀ ସିଧାସଳଖ ସାହାଯ୍ୟ ନିମନ୍ତେ ଭାଗୀଦାରିତା । |
| ଆବଶ୍ୟକୀୟ ଦସ୍ତାବିଜ୍/ କାଗଜପତ୍ର | • ସଂପୂର୍ଣ୍ଣ ଦରଖାସ୍ତ ଫର୍ମ<br>• ଭୋଟ୍ ପରିଚୟ ପତ୍ର କିମ୍ବା ଆଧାର କାର୍ଡ ନମ୍ବର କିମ୍ବା ଜନଧନ ଯୋଜନା ପତ୍ର କିମ୍ବା ଅନ୍ୟ ଯେ କୌଣସି ବ୍ୟାଙ୍କ ଖାତାର ନକଲ<br>• ପାସପୋର୍ଟ ଫଟୋଗ୍ରାଫ (ଆବଶ୍ୟକ ସ୍ଥଳେ) |
| ସୂଚନାର ଉତ୍ସ | http://mhupa.gov.in/wrtieraddata/hfa-guidelines-mrch2016-english.pdf |

Annexure 4
(Para 8.3 of the Guidelines)

# PRADHAN MANTRI AWAS YOJANA – HOUSING FOR ALL (URBAN)

## FORMAT A: INFORMATION OF BENEFICIARY BEING COVERED UNDER SLUM REDEVELOPMENT

**1. Name of head of the family**

**2. Sex [Male: 01, Female: 02, Transgender: 03]**

**3. Father's name**

**4. Age of head of the family**

**5. Present Address and Contact Details**

i. House No.

ii. Name of the Slum

iii. City

iv. Mobile No.

**6. Permanent Address**

i. House/Flat/Door No.

ii. Name of the Street

iii. City/ Village

iv. District, State

**7. Aadhaar Card Number, if not available Voter ID Card/Any other unique identification number or a certificate of house ownership from Revenue Authority of beneficiary's native district**

**8. Number & age of family members**

| Relationship to Head of the Family | Gender | Age | Aadhaar/Voter ID Card/Any other unique identification number or a certificate of house ownership from Revenue Authority of beneficiary's native district |
|---|---|---|---|
| | | | |
| | | | |
| | | | |
| | | | |

2

**9. Religion**

[Hindu-01, Muslim-02, Christian-03, Sikh-04, Jainism-05,

Buddhism- 06, Zoroastrianism-07, others (specify)-08]

**10. Caste**

[General-01, SC-02, ST-03, OBC-04]

**11. Whether Person with Disability (Yes/No)**

**12. Marital Status** [Married-01, Unmarried-02,

Single Woman/Widow-03]

**13. Whether the family owns any house/ residential land anywhere in India (Yes/No)**

a. If yes, then location details (Locality/ City/ State)

b. If yes, then extent of land in sq.mtrs

**14. Ownership details of existing house**

[Own – 01, Rent – 02, Otherwise – 03]

**15. Average monthly income of household (in Rs.)**

**Signature/Thumb Impression of Head of Household**

**Signature of representative of ULB in-charge of above information**

## FORMAT B - REQUIRED INFORMATION OF BENEFICIARY*

**1. Name of head of the family**

**2. Sex** [Male: 01, Female: 02, Transgender:03]

**3. Father's name**

**4. Age of head of the family**

**5. Present Address**

i. House/Flat/Door No.
ii. Name of the Street
iii. City
iv. Mobile No.

**6. Permanent Address**

i. House/Flat/Door No.
ii. Name of the Street
iii. City/ Village
iv. District, State

**7. Ownership details of existing house**
[Own – 01, Rent – 02, Otherwise – 03]

**8. Type of the house based on roof type**
[Pucca (CC & Stone Slab)-01, Semi-Pucca (Asbestos/ Steel Sheet, Tiled)-02, Katcha (Grass/thatched, Tarpaulin, Wooden)-03]

**9. Number of rooms in the dwelling unit excluding kitchen**

**10. Aadhaar Card, if not available Voter ID Card/Any other unique identification number or a certificate of house ownership from Revenue Authority of beneficiary's native district**

**11. Number & age of family members**

| Relationship to Head of the Family | Gender | Age | Aadhaar/Voter ID Card/Any other unique identification number or a certificate of house ownership from Revenue Authority of beneficiary's native district |
|---|---|---|---|
| | | | |
| | | | |
| | | | |
| | | | |

**12. Religion**
[Hindu-01, Muslim-02, Christian-03, Sikh-04, Jainism-05, Buddhism- 06, Zoroastrianism-07, others (specify)-08]

**13. Caste**
[General-01, SC-02, ST-03, OBC-04]

**14. Bank Details**

a. Bank account number
b. Name of the Bank & Branch
c. IFSC Code of Bank

**15. Number of Years of Stay in this Town/City**
[0 to 1 year -01, 1 to 3 years- 02, 3 to 5 years- 03, More than 5 years-04]

**16. Size of existing dwelling unit (Carpet area in square meters)**

**17. Whether Person with Disability (Yes/No)**

**18. Marital Status** [Married-01, Unmarried-02, Single Woman/Widow-03]

**19. Whether the family owns any house/ residential land anywhere in India (Yes/No)**

c. If yes, then location details (Locality/City/State)
d. If yes, then extent of land in Sq.mtrs

**20. Employment Status**
(Self Employed – 01, Salaried – 02, Regular Wage – 03, Labour – 04, Other – 05)

**21. Average monthly income of household (in Rs.)**

**22. Does the family have a BPL Card (Yes / No)**

a. If yes, Provide BPL Card No.

**23. Housing requirement of family**
(New House – 01, Enhancement – 02)

**24. In case of enhancement, please specify enhancement required** [One room/Kitchen/Bath/Toilet or combination of these]

**25. Preferred component of Mission under which beneficiary need assistance under PMAY-HFA(U)**

i. Credit linked subsidy - 01
ii. Affordable Housing in Partnership - 02
iii. Beneficary-led individual house construction/enhancement - 03

**26. Abridged Houselist TIN (from SECC)**
(If assistance under Beneficiary-led individual house construction/enhancement)

**Signature/Thumb Impression of Head of Household**

Note: * Same format shall be used for ineligible slum dwellers and beneficiary of those slums, which have not been considered for slum redevelopment through Private Participation as per process flow chart of HFAPoA at page No.13 of the "Pradhan Mantri Awas Yojana – Housing for All (Urban)" Scheme guidelines.

**Signature of representative of ULB in-charge of above information**

<table>
<tr><td colspan="3">ଗୃହ ନିର୍ମାଣ ଯୋଜନା</td></tr>
<tr><td>ଯୋଜନାର ନାମ</td><td colspan="2">ଇନ୍ଦିରା ଆବାସ ଯୋଜନା (IAY)</td></tr>
<tr><td>ପ୍ରାୟୋଜକ</td><td colspan="2">• ଇନ୍ଦିରା ଆବାସ ଯୋଜନା (IAY) ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ଏକ ପ୍ରଧାନ ଯୋଜନା ଅଟେ ।<br>• ଏହା ରାଜ୍ୟ ସରକାରଙ୍କ ଦ୍ୱାରା ଡିଆରଡିଏ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକ ମାଧମରେ କାର୍ଯ୍ୟକାରୀ କରାଯାଉଅଛି ।</td></tr>
<tr><td>ଯୋଜନା ସମ୍ପର୍କରେ</td><td colspan="2">• ୧୯୮୫ ମସିହା ଜୁନ୍ ମାସରେ ଇନ୍ଦିରା ଆବାସ ଯୋଜନାଟି ଗ୍ରାମୀଣ ଭୂମିହୀନ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମର ଏକ ସହକାରୀ ଯୋଜନା ହିସାବରେ ଆରମ୍ଭ କରାଯାଇଥିଲା ।<br>• ଏତତ୍ ସହିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପାଣ୍ଠିରୁ ବିଶେଷ ଭାବରେ କିଛି ଅଂଶ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମୁକ୍ତ ଗୋତି ଶ୍ରମିକଙ୍କ ପାଇଁ ଗୃହନିର୍ମାଣ ନିମନ୍ତେ ପ୍ରଦାନ କରାଯାଉଥିଲା । ୧୯୯୩-୯୪ ମସିହାରେ ଏହାକୁ ଜବାହାର ରୋଜଗାର ଯୋଜନା ଅଧିନରେ ରଖି ସାଧାରଣ ବର୍ଗଙ୍କୁ ମଧ ସାମିଲ୍ କରାଯାଇଥିଲା ।<br>• IAY ଯୋଜନାଟି ୧ ଜାନୁୟାରୀ ୧୯୯୬ ମସିହା ପରଠାରୁ ଏକ ସ୍ୱାଧୀନ ଯୋଜନା ଭାବେ କାର୍ଯ୍ୟକାରୀ ହୋଇଥିଲା ।<br>• ପ୍ରାରମ୍ଭରୁ ଇନ୍ଦିରା ଆବାସ ଯୋଜନାଟି ବିପିଏଲ୍ ପରିବାର ବର୍ଗ ଯେଉଁମାନେ କି ବାସସ୍ଥାନ ବିହୀନ କିମ୍ବା ସ୍ୱଳ୍ପ ବାସସ୍ଥାନ ସୁବିଧାଧାରୀ ବ୍ୟକ୍ତିବିଶେଷ ବା ପରିବାରକୁ ଏକ ସ୍ଥାୟୀ ଏବଂ ନିରାପଦ ଗୃହନିର୍ମାଣ ପାଇଁ ସହାୟତା ପ୍ରଦାନ କରିଆସୁଛି ।</td></tr>
<tr><td>ଲକ୍ଷ୍ୟ ଗୋଷ୍ଠୀ</td><td colspan="2">• IAY ଏକ ସାଧାରଣ ଗୃହନିର୍ମାଣ ଯୋଜନା ଯାହାକି ଗୃହଶୂନ୍ୟ ଗରିବ ପରିବାର ଏବଂ ଭଙ୍ଗାଘରେ କିମ୍ବା ମାଟିଘରେ ବସବାସ କରୁଥିବା ଗରିବ ଶ୍ରେଣୀ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ । ଏହି ଯୋଜନାରେ ଗୃହଶୂନ୍ୟ ଗରିବ ଲୋକଙ୍କୁ ଗୃହନିର୍ମାଣ ପାଇଁ ଭୂମି ପ୍ରଦାନ କରାଯାଇଥାଏ ।<br>• ବିପିଏଲ୍ ପରିବାରଙ୍କୁ ଗୃହ କିମ୍ବା ଗୃହ ନିର୍ମାଣ ପାଇଁ ଜମି ସହିତ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ ଏହି ଯୋଜନାର ପରିକଳ୍ପନା ଅଟେ । ଏହି ଯୋଜନା ଅନୁଯାୟୀ ବିପିଏଲ ଚିହ୍ନଟ ପାଇଁ ଉର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଗ୍ରାମସଭା ଦ୍ୱାରା ଯୋଗ୍ୟ ବିପିଏଲ୍ ପରିବାରର ଚିହ୍ନଟ କରାଯାଇଥାଏ ।<br>• ଗ୍ରାମ ପଞ୍ଚାୟତ ଭିତରେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା ନିର୍ଦ୍ଦିଷ୍ଟ ଶ୍ରେଣୀର / ବର୍ଗର ପରିସରଭୁକ୍ତ ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀ ।-<br>୧. ରାସ୍ତାଘାଟ ସଫେଇ କରୁଥିବା ଝାଡୁଦାରଙ୍କ ପରିବାର, ଥଇଥାନ ହୋଇଥିବା ଶ୍ରମିକଙ୍କ ପରିବାର ଏବଂ ଥଇଥାନ ହୋଇଥିବା ଗୋତି ଶ୍ରମିକଙ୍କୁ ସମେତ ଏହି ଯୋଜନା ଅନୁଯାୟୀ ପ୍ରାଥମିକ ଅଗ୍ରାଧାକାର ଦିଆଯାଇଥାଏ ।<br>୨. ତାହାପରେ ନିମ୍ନଲିଖିତ ବର୍ଗଙ୍କୁ ଅଗ୍ରାଧାକାର ଦିଆଯାଇଥାଏ –<br>- ଯେଉଁ ମହିଳା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯେପରିକି ବିଧବା, ଛାଡପତ୍ର ପାଇଥିବା ମହିଳା କିମ୍ବା ପରିତ୍ୟକ୍ତା, ନୃଶଂସତାର ଶିକାର ହୋଇଥିବା ମହିଳା ଏବଂ ଯେଉଁ ମହିଳାଙ୍କର ସ୍ୱାମୀ ୩ ବର୍ଷ ବା ତଦୂର୍ଦ୍ଧ ବର୍ଷରୁ ନିଖୋଜ ହୋଇଯାଇଥିବେ ଏବଂ ମହିଳା ପ୍ରଧାନ ପରିବାର ସମେତ ।<br>- ଏକମାତ୍ର ସନ୍ତତି ଥିବା ପରିବାର ବର୍ଗ ।<br>୩. ମାନସିକ ରୋଗାଗ୍ରସ୍ତ (ନ୍ୟୁନତମ ୪୦ଭାଗ ଅସାମର୍ଥ୍ୟ) ।<br>୪. ଶାରିରିକ ଅକ୍ଷମ ବ୍ୟକ୍ତି (ନ୍ୟୁନତମ ୪୦ଭାଗ ଅସାମର୍ଥ୍ୟ) ।<br>୫. ରୂପାନ୍ତରକାମୀ ।<br>୬. ବିଧବା କିମ୍ବା ଦ୍ୱିତୀୟ ପରିବାର ସଦସ୍ୟ ମୁଖ୍ୟତଃ ସୈନ୍ୟ, ପୋଲିସ୍, ସାମରିକ ବାହିନୀ ଇତ୍ୟାଦି ଯେଉଁମାନେ କାର୍ଯ୍ୟ ସମୟରେ ମୃତ୍ୟୁବରଣ କରିଥାନ୍ତି । (ଯଦିଓ ସେମାନେ ବିପିଏଲ ଅନ୍ତର୍ଭୁକ୍ତ ହୋଇ ନଥାନ୍ତି) ସେମାନଙ୍କୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯିବ ।<br>୭. ଯେଉଁ ପରିବାରର ଯେକୌଣସି ସଦସ୍ୟ କୁଷ୍ଠ କିମ୍ବା କର୍କଟ ରୋଗରେ ପୀଡିତ ଥିବେ ।<br>୮. ଏଚ୍ଆଇଭି ଦ୍ୱାରା ସଂକ୍ରମିତ ବ୍ୟକ୍ତି ।<br>୯. ଅନ୍ୟାନ୍ୟ ଗୃହଶୂନ୍ୟ ବିପିଏଲ୍ ପରିବାର ବର୍ଗ ।<br>• ଏହି ଯୋଜନାଟି ଅଗ୍ରାଧୀକାର ତାଲିକାଭୂକ୍ତ ଅଧିକ ସମ୍ବେଦନଶୀଳ ବ୍ୟକ୍ତିବିଶେଷଙ୍କୁ ପରିସରକୁ ନିଶ୍ଚିତ କରିଥାଏ ।<br>ଉପରୋକ୍ତ ପ୍ରସ୍ତାବିତ ଗୁରୁତ୍ୱପୂର୍ଣ୍ଣ ତାଲିକାର ମାନଦଣ୍ଡ ଏସ୍‌ସି (SC),ଏସ୍‌ଟି (ST), ଅସାମର୍ଥ୍ୟ ବ୍ୟକ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଇତ୍ୟାଦିମାନଙ୍କ ପାଇଁ ପ୍ରଯୁଜ୍ୟ ।</td></tr>
<tr><td>ଅର୍ଥଯୋଗାଣର ଢ଼ାଞ୍ଚା</td><td colspan="2">• ଏହି ଯୋଜନାର ରାଶି ମୁଖ୍ୟତଃ କେନ୍ଦ୍ରସରକାର ଏବଂ ରାଜ୍ୟ ସରକାରଙ୍କର ସହଭାଗିତାରେ ଯଥାକ୍ରମେ ୭୫ ଭାଗ ଏବଂ ୨୫ ଭାଗ ଅନୁପାତରେ କାର୍ଯ୍ୟକାରୀ କରାଯାଉଅଛି । ତତ୍‌ସହିତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ପାଇଁ ଏହି ରାଶିର ଅନୁପାତ ଯଥାକ୍ରମେ ୯୦ଭାଗ ଏବଂ ୧୦ ଭାଗ ଅଟେ । ଏହି ଯୋଜନା ଅନ୍ତର୍ଗତ "ଗୃହ ପାଇଁ ଜମି" ଉପାଦାନଟି କେନ୍ଦ୍ର ଓ ରାଜ୍ୟସରକାରଙ୍କ ଭାଗିଦାରୀତାର ଅନୁପାତ ଯଥାକ୍ରମେ ୫୦ଭାଗ ଏବଂ ୫୦ଭାଗ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନ କରାଯାଉଛି । ମାତ୍ର କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକ ପାଇଁ ଭାରତ ସରକାର ସମସ୍ତ ଧାର୍ଯ୍ୟ ମୂଲ୍ୟ ବହନ କରିଥାନ୍ତି ।</td></tr>
<tr><td rowspan="2">ୟୁନିଟ୍ ମୂଲ୍ୟ</td><td>ତାଲିକା</td><td>ଏକକ ମୂଲ୍ୟ</td></tr>
<tr><td>୧. ନୂତନ ଗୃହ ନିର୍ମାଣ<br>କ) ସମତଳ କ୍ଷେତ୍ର/ ଅଞ୍ଚଳ ପାଇଁ<br>ଖ) ପାହାଡିଆ ରାଜ୍ୟ/କଷ୍ଟସାଧ ଅଞ୍ଚଳ IAP ଜିଲ୍ଲାଗୁଡିକ ପାଇଁ<br>୨. କ୍ଷତିଗ୍ରସ୍ତ ଗୃହ / ମାଟିଗୃହର ଉଚ୍ଚଶ୍ରେଣୀ କରଣ ପାଇଁ<br>୩. ଯୋଗ୍ୟ ଜମିହୀନଙ୍କ ପାଇଁ ଗୃହଜମି ପ୍ରଦାନ ପାଇଁ</td><td><br>ଟ.୭୦,୦୦୦/-<br>ଟ.୭୫,୦୦୦/-<br>ଟ.୧୫,୦୦୦/<br>ଟ.୨୦,୦୦୦/-</td></tr>
</table>

| | |
|---|---|
| ଆବଶ୍ୟକୀୟ କାର୍ଯ୍ୟପଦ୍ଧତି | • ଇଚ୍ଛୁକ ବ୍ୟକ୍ତି ବିଶେଷ ଏବଂ ଉପରୋକ୍ତ ନିର୍ଦ୍ଧାରିତ ମାନଦଣ୍ଡ ଅନ୍ତର୍ଗତ ଯୋଗ୍ୟ ବିବେଚିତ ବ୍ୟକ୍ତି ଦରଖାସ୍ତ ପାଇଁ ଗ୍ରାମପଞ୍ଚାୟତ କର୍ମଚାରୀଙ୍କ ସହ ଯୋଗାଯୋଗ କରି ନିଜ ବାସସ୍ଥାନ ସମ୍ବନ୍ଧୀୟ ଯାଞ୍ଚ କରାଇ ଏହାକୁ ଗ୍ରାମସଭା ଆଗୋଚରକୁ ପଠାଇବାକୁ ପଡିଥାଏ ।<br>• ଶେଷରେ ଗ୍ରାମସଭା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ଅନୁମୋଦନ କରିଥାଏ । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | • ସଂପୂର୍ଣ୍ଣ ଆବେଦନ ପତ୍ର<br>• ବିପିଏଲ କାର୍ଡର ନକଲ<br>• ୨ଗୋଟି ପାସ୍‌ପୋର୍ଟ ସାଇଜ୍‌ର ଫଟୋଗ୍ରାଫ୍ |
| ଅତିରିକ୍ତ ସୂଚନା | • ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ହିତାଧିକାରୀଙ୍କୁ ଉପଯୁକ୍ତ ରାଶି କିସ୍ତି ଅନୁସାରେ ପ୍ରଦାନ କରାଯାଇଥାଏ । |
| ସୂଚନାର ଉତ୍ସ | http://www.iay.nic.in / netiay/IAY%20 revised % 20 guidelined%20 july% 202013.pdf |

Form-1
(For New Awaas)

Application for Indira Awaas Yojna
(Application for assistance by applicant to Gram Savek/Kiosk)

Gram Panchayat ............................ Panchayat Samiti ..............District..............

| Applicant photo |
|---|
| |

(In reference to Zila Parishad administrative sanction order no............................ dated ................ S.No.................)

| Selected families of permanent waiting list of Indira Awaas in BPL censes 2002 (Awaas less code 0 and Kaccha House code 1 eligible which has not got assistance in any other schemes and has not Pakka house at present. |
|---|

1. Name of applicant- Sh./Smt. ............................................................... Caste ....................
2. Name of Father/Husband ..........................................................................................
3. Name of Family Head (as per BPL list-2002) ..............................................................
4. (A) Applicant Form No. (as per BPL list-2002)...................... 4(B) Aadhar No. ......................
5. Applicant category.................................................................. (SC/ST/Minority/OBC/other)
6. Applicant Sr. No. in permanent waiting list ............................................ Marks .................
7. Applicant (PH/widow/single woman)..........................................(#attached certificate in case of PH)
8. Address - (Mohhalla/Dhani/Magra)........................................ Village ..................................
   Gram panchyat ...................... Post ................ Panchayat Samiti ................. Distt. ..............
9. Applicant Tele. No. ............................ Mob. No. ...................... PP Tele. No.........................
10. Name of Patta Dharak ..............................................................................................
11. if applicant has not his name in land patta, give detail of land where construction of house is proposed.........................................................................................................
    ..........................................................................................................................
12. Bank/Post office A/c No.....................Branch.............Place............ IFSC code ...................
    (attached photo copy of bank passbook)

Declaration ...........................................................................................................
..........................................................................................................................

Enclosed: 1. Photocopy of Bank/Post office passbook
2 Proposed land related documents
3. #PH certificate

Signature of Applicant ............................
(Name ...............................................)

Date of application to Gram Savek/Kiosk ................................................

---

| | |
|---|---|
| ଯୋଜନାର ନାମ | ନୂତନ ଉଦ୍ୟୋଗ ସୃଷ୍ଟି କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନିଯୁକ୍ତି ଉତ୍ପାଦନ କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ସହାୟତା (PMEGP) |
| ପ୍ରାୟୋଜକ | • PMEGP ଯୋଜନା ସୂକ୍ଷ୍ମ, କ୍ଷୁଦ୍ର, ଓ ମାଧ୍ୟମିକ ଉଦ୍ୟୋଗ ମନ୍ତ୍ରଣାଳୟର ଏକ ବୈପ୍ଳବିକ ପରିବର୍ତ୍ତନ ନିଷ୍ପତ୍ତି ଯାହାକି ରାଜ୍ୟସରକାରଙ୍କର ପୂର୍ବପ୍ରଚଳିତ ଦୁଇଗୋଟି ଯୋଜନା ତଥା PMRY ଏବଂ RGEP ର ସମ୍ମିଶ୍ରଣ ।<br>• ଏହି ଯୋଜନାଟି ଖଦୀ ଏବଂ ଗ୍ରାମଶିଳ୍ପ ଆୟୋଗ (KVIC) ମାଧ୍ୟମରେ MSME ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଅଛି । |
| ନୋଡାଲ ଏଜେନ୍ସି | • ଆମ ଦେଶରେ ଖଦୀ ଓ ଗ୍ରାମ ଶିଳ୍ପ ଆୟୋଗ କେନ୍ଦ୍ର ସ୍ତରରେ ଏହାର ମୁଖ୍ୟ କାର୍ଯ୍ୟକାରୀ ସଂସ୍ଥା ଅଟେ । ଯାହା ମାଧ୍ୟମରେ ସାରା ଦେଶରେ ଏହି କାର୍ଯ୍ୟକ୍ରମଟି କାର୍ଯ୍ୟକାରୀ କରାଯାଉଅଛି । |
| ପରିଚାଳକ ସଂସ୍ଥା ଏବଂ ଅଞ୍ଚଳ | • ଆମ ଦେଶର ଗ୍ରାମାଞ୍ଚଳରେ ଖଦୀ ଓ ଗ୍ରାମଶିଳ୍ପ କମିଶନ (KVIC) ଏବଂ ଖଦୀ ଓ ଗ୍ରାମଶିଳ୍ପ ବୋର୍ଡ (KVIBS) କାର୍ଯ୍ୟକରୁଥିବା ବେଳେ ଜିଲ୍ଲା ଶିଳ୍ପ କେନ୍ଦ୍ର (DIC) ଉଭୟ ଗ୍ରାମ ଏବଂ ସହରାଞ୍ଚଳରେ କାର୍ଯ୍ୟ ପରିଚାଳନା କରିଥାନ୍ତି । |
| ସର୍ବାଧିକ ପ୍ରକଳ୍ପ ସଂଖ୍ୟା | • ଟ.୨୫.୦୦ ଲକ୍ଷ ନିର୍ମାଣ ଅଞ୍ଚଳ ନିମନ୍ତେ ଏବଂ ଟ.୧୦.୦୦ ଲକ୍ଷ ସେବା ଅଞ୍ଚଳ ନିମନ୍ତେ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | • ନିର୍ମାଣ ଅଞ୍ଚଳରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ପ୍ରକଳ୍ପ ମୂଲ୍ୟ ଏବଂ ସେବା ଅଞ୍ଚଳରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରକଳ୍ପ ମୂଲ୍ୟ ପାଇଁ ସର୍ବୋନିମ୍ନ ଅଷ୍ଟମ ଶ୍ରେଣୀ ପାସ୍ ହୋଇଥିବା ଆବଶ୍ୟକ । |
| ଇଡିପି (EDP) ତାଲିମ୍ | • ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଇଡିପି) ତାଲିମ୍‌ଟି ବାଧ୍ୟତାମୂଳକ ଅଟେ । ସେବାଶିଳ୍ପ ଅଞ୍ଚଳର କାର୍ଯ୍ୟକ୍ରମ ଯାହାର ପ୍ରକଳ୍ପ ମୂଲ୍ୟ ୨ଲକ୍ଷ ମଧ୍ୟରେ ହୋଇଥିବ ସେହି ତାଲିମ୍‌ଟି ୩ଦିନ ପାଇଁ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଅନ୍ୟ ସମସ୍ତ ତାଲିମ୍ ପାଇଁ ୨ ସପ୍ତାହ ସମୟ ବିଧି ଧାର୍ଯ୍ୟ କରାଯାଇଅଛି । |
| କିପରି ଆବେଦନ କରିବେ ? | • ଏହି ଯୋଜନାଟିକୁ ମୁଦ୍ରଣ ଏବଂ ଇଲେକ୍‌ଟ୍ରୋନିକ୍ ବାର୍ତ୍ତା ମାଧ୍ୟମରେ ବିଜ୍ଞାପନ ଦିଆ ଯାଇଥାଏ । ହିତାଧିକାରୀ ନିଜର ଦରଖାସ୍ତ ଏବଂ ପ୍ରକଳ୍ପ ରିପୋର୍ଟକୁ ନିକଟସ୍ଥ KVIC/ KVIB/ DIC/ ବ୍ୟାଙ୍କ ଅଫିସ୍ ରେ ଅନ୍‌ଲାଇନ୍ ଦ୍ୱାରା ଆବେଦନ କରିପାରିବେ । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | • ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ବୈଷୟିକ ଯୋଗ୍ୟତାର ପ୍ରମାଣପତ୍ର, ଜାତିଗତ ପ୍ରମାଣ ପତ୍ର(ଯାହା ପ୍ରଯୁଜ୍ୟ), EDP ତାଲିମ୍ ପ୍ରମାଣପତ୍ର (ତାଲିମ୍‌ପ୍ରାପ୍ତ ହିତାଧିକାରୀଙ୍କ ପାଇଁ) ଇତ୍ୟାଦି । |
| ହିତାଧିକାରୀଙ୍କ ଚୟନ | • ହିତାଧିକାରୀଙ୍କର ଜିଲ୍ଲା ଟାସ୍କ ଫୋର୍ସ କମିଟି ଦ୍ୱାରା ସାକ୍ଷାତ୍‌କାର ପର୍ଯ୍ୟାୟ ମାଧ୍ୟମରେ ଚୟନ କରାଯାଇଥାଏ । ଏହି କମିଟି ମୁଖ୍ୟତଃ ଜିଲ୍ଲା ମାଜିଷ୍ଟ୍ରେଟ/ ଡେପ୍ୟୁଟି କମିଶନର / ଜିଲ୍ଲାପାଳଙ୍କ ଦ୍ୱାରା ପରିଚାଳନା କରାଯାଇଥାଏ । |
| ପ୍ରକଳ୍ପ ଅନୁମୋଦନ | • ହିତାଧିକାରୀଙ୍କର ସାଧନ ଏବଂ ଆର୍ଥୀକ ଯୋଗ୍ୟତାକୁ ଦୃଷ୍ଟିରେ ରଖି ବ୍ୟାଙ୍କର ଅର୍ଥ ପରିଚାଳନା ଶାଖାଦ୍ୱାର ପ୍ରକଳ୍ପ ଅନୁମୋଦନ କରାଯାଇଥାଏ । |
| ବ୍ୟାଙ୍କ ଋଣର ପରିମାଣ | • ଅନୁମୋଦିତ ହୋଇଥିବା ପ୍ରକଳ୍ପର ୯୦ରୁ ୯୫ଭାଗ ପରିମାଣ ବ୍ୟାଙ୍କ ମଞ୍ଜୁର କରିଥାଏ । |
| ନିଜର ଅଂଶଦାନ | • ସାଧାରଣ ବର୍ଗଙ୍କ କ୍ଷେତ୍ରରେ ପ୍ରକଳ୍ପରେ ଶତକଡା ୧୦ଭାଗ ଏବଂ ଦୁର୍ବଳ ଶ୍ରେଣୀଙ୍କ କ୍ଷେତ୍ରରେ ପ୍ରକଳ୍ପର ଶତକଡା ୫ ଭାଗ ନିଜର ଅଂଶଦାନ ଆକାରରେ ହିତାଧିକାରୀଙ୍କୁ ବହନ କରିବାକୁ ପଡିଥାଏ । |
| ବଜାରରେ କିଣା ଓ ବିକା ପ୍ରକ୍ରିୟା ପାଇଁ ସାହାଯ୍ୟ | • PMEGP ୟୁନିଟ୍ ଦ୍ୱାରା ନିର୍ମିତ ଦ୍ରବ୍ୟ/ସାମଗ୍ରୀଗୁଡିକୁ କିଣା ଓ ବିକା ପାଇଁ ସହଯୋଗ ଯୋଗାଇଦେବା ନିମନ୍ତେ ବିଭିନ୍ନ ପ୍ରଦର୍ଶନୀ, ସଭାସ୍ଥଳ ଇତ୍ୟାଦିର ଆୟୋଜନ କରାଯାଇଥାଏ । |
| ଶିଳ୍ପ ଗୋଷ୍ଠୀ | କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଜଙ୍ଗଲଜାତ ଶିଳ୍ପ, ହାତ ତିଆରି କାଗଜ ଏବଂ ତନ୍ତୁ, ଖଣିଜ ଦ୍ରବ୍ୟ ଶିଳ୍ପ, ତାଲିମ୍ ଏବଂ ରାସାୟନିକ ଦ୍ରବ୍ୟ ସମ୍ବନ୍ଧୀୟ ଶିଳ୍ପ, ଗ୍ରାମାଞ୍ଚଳ ଯାନ୍ତ୍ରିକ ଅଭିକଳ୍ପ,ସେବା ଅଧବସାୟ ଏବଂ ବୟନଶିଳ୍ପ ସମେତ । |
| ନିଷେଧାର୍ଥକ ତାଲିକା | • ଯେଉଁ ଶିଳ୍ପ ମାଂସ ଉତ୍ପାଦନ ସହ ଜଡିତ ଯଥା-ତିଆରି କରାହେଉଥିବା ପଦାର୍ଥ, କ୍ୟାନିଂ ,ପରଶା ଯାଉଥିବା ଉପକରଣ ପ୍ରସ୍ତୁତ ଇତ୍ୟାଦି । ନିଶାଦ୍ରବ୍ୟ ଉତ୍ପନ୍ନ ଯଥା-ବିଡି,ପାନ, ସିଗାରେଟ୍ ଇତ୍ୟାଦି, ଢ଼ାବାରେ ଦିଆଯାଉଥିବା ମାଦକ ଦ୍ରବ୍ୟ, ତମାଖୁ ପ୍ରସ୍ତୁତି ଏବଂ ଉତ୍ପାଦନରେ ବ୍ୟବହୃତ କଞ୍ଚାସାମଗ୍ରୀ, ବିକ୍ରୀ ଉପଯୋଗୀ ତାଡି ପ୍ରସ୍ତୁତ, କୃଷି ଏବଂ ବୃକ୍ଷରୋପଣ, ଶସ୍ୟକାଟିବା ଯନ୍ତ୍ର କ୍ରୟ, ୨୦ ମାଇକ୍ରୋନ୍ ଠାରୁ କମ୍ ମୋଟା ପଲିଥିନ୍ ବ୍ୟାଗ୍ /ଥଳି, ବୋତଲ, ଡବା, ପାତ୍ର ଇତ୍ୟାଦି ପୁର୍ନ ବ୍ୟବହୃତ ପ୍ଲାଷ୍ଟିକ ଦ୍ୱାରା ନିର୍ମିତ ଥଳି ବା ବ୍ୟାଗ୍ ଯାହାକୁ ବହନ କରିବା, ବିତରଣ କରିବା ବା ଖାଦ୍ୟପଦାର୍ଥ ନେବା ଆଣିବାରେ ସହାୟକ ହେଉଥିବ, ପାଶ୍‌ମିନା ଉଲ୍ ତିଆରି ଏବଂ ଅନ୍ୟାନ୍ୟ ପଦାର୍ଥ ଯଥା ହାତ ତିଆରି ଚରଖା ତନ୍ତୁ ବୁଣା, ଖଦୀ କାର୍ଯ୍ୟକ୍ରମ ଯାହା ବିକ୍ରି ରିହାତି ଅନ୍ତର୍ଗତ, ଗ୍ରାମାଞ୍ଚଳରେ ପରିବହନ (ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ବ୍ୟବହୃତ ଅଟୋ ରିକ୍‌ସା ଏବଂ ଜମ୍ମୁ କାଶ୍ମୀରର ଗୃହ ଡ଼ଙ୍ଗା, ଶିକାର ଏବଂ ପର୍ଯ୍ୟଟକ ବୋଟ୍ ଏବଂ ସାଇକେଲ୍ ରିକ୍‌ସା ବ୍ୟତୀତ) । |
| ଅତିରିକ୍ତ ସୂଚନା | • ଯେଉଁ ବ୍ୟକ୍ତି ସ୍ୱୀକୃତିପ୍ରାପ୍ତ ତାଲିମ୍ କେନ୍ଦ୍ରରୁ ୨ ସପ୍ତାହ ବ୍ୟବଧାନର ତାଲିମ୍ ଗ୍ରହଣ କରିଥିବେ ସେମାନେ ଏହି ତାଲିମ୍‌ରୁ ଅବ୍ୟାହତି ପାଇପାରିବେ ।<br>• ଏହି ଇଡିପି ତାଲିମ୍ ବ୍ୟାଙ୍କ ଋଣର ପ୍ରଥମ କିସ୍ତି ମିଳିବାର ୧୨ ମାସ ମଧ୍ୟରେ ସଂପୂର୍ଣ୍ଣ ହେବା ଆବଶ୍ୟକ । ଅତିରିକ୍ତ ସୂଚନା ନିମନ୍ତେ ନିକଟସ୍ଥ KVIC/ KVIB /DIC/ ବ୍ୟାଙ୍କ ଇତ୍ୟାଦି ସହିତ ସମ୍ପର୍କ କରନ୍ତୁ । |
| ସୂଚନାର ଉତ୍ସ । | http://www.pmegp.in, http://www.kvic.org.in, email:regpkvic@gmail.com |
| ଠିକଣା | ରାଜ୍ୟ ଅଫିସ୍:<br>ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପାଞ୍ଚଳ କମିଶନ୍,<br>କେ-୧୬, ଭିମପୁର, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି,ଭୁବନେଶ୍ୱର-୩୦,<br>ଶାଖା ଅଫିସ:<br>ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପାଞ୍ଚଳ କମିଶନ୍ , ସହଯୋଗ ନଗର, ସମ୍ବଲପୁର-୪ |

| | |
|---|---|
| ଯୋଜନାର ନାମ | ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (SJSRY) ବା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (NULM) |
| ପ୍ରାୟୋଜକ | ଏହା ଭାରତ ସରକାରଙ୍କର ଗୃହନିର୍ମାଣ ଏବଂ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରାୟୋଜିତ ।<br>ଏହା ଗୃହନିର୍ମାଣ ଏବଂ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ବିଭାଗ ଏବଂ ରାଜ୍ୟ ପୌର ବିକାଶ କାର୍ଯ୍ୟାଳୟ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ । |
| SJSRY ସମ୍ପର୍କରେ | • SJSRY ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଯାହା ୧ ଡିସେମ୍ବର ୧୯୯୭ ମସିହାରେ ଆରମ୍ଭ କରାଯାଇଥିଲା । ଏହା ଅତୀତରେ ପ୍ରଚଳିତ ୪ଗୋଟି ଯୋଜନା ଯଥା ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଯୋଜନା, ପ୍ରଧାନମନ୍ତ୍ରୀ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଓ ଦୂରୀକରଣ କାର୍ଯ୍ୟକ୍ରମ (PMIUPED), ନେହେରୁ ରୋଜଗାର ଯୋଜନା ଏବଂ ସହରାଞ୍ଚଳ ଦାରିଦ୍ର୍ୟ ଆବଶ୍ୟକୀୟ ସେବା (UBSP) ଯୋଜନା ଗୁଡିକର ସମଷ୍ଟି ।<br>• ଏହି ଯୋଜନା ମୁଖତ୍ୟ ସହରାଞ୍ଚଳ ଦାରିଦ୍ର୍ୟତା ଦୂରୀକରଣ ଏବଂ ସହରାଞ୍ଚଳର ଗରିବ ଶ୍ରେଣୀ ଜନସାଧାରଣଙ୍କୁ ସେବା ପ୍ରଦାନରେ ଉନ୍ନତିକୁ ପ୍ରୋତ୍ସାହିତ କରିଥାଏ । ସହରାଞ୍ଚଳରେ ବାସବାସ କରୁଥିବା ଗରିବ ଲୋକଙ୍କୁ ସେବା ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏହି ଯୋଜନାଟିକୁ ପରିବର୍ତ୍ତନ (କ୍ୟାବିନେଟ୍‌ର ଅନୁମୋଦନ ପରେ ତା ୨୯.୦୧.୨୦୦୯) କରାଯାଇଥିଲା ।<br>• ସ୍ୱରୋଜଗାର ବର୍ଗଙ୍କ ପାଇଁ ପରବର୍ତ୍ତୀତ ଅର୍ଥଯୋଗଣର ଢ଼ାଞ୍ଚା ଅନୁଯାୟୀ ପ୍ରକଳ୍ପ ମୂଲ୍ୟ ବର୍ଦ୍ଧିତ କରାଯାଇଅଛି ଏବଂ ସହରାଞ୍ଚଳ ଗରିବ ପ୍ରଶିକ୍ଷାର୍ଥୀଙ୍କ ପାଇଁ ପ୍ରଶିକ୍ଷଣର ହରାହାରି ଖର୍ଚ୍ଚର ବୃଦ୍ଧି ଏହି ପରବର୍ତ୍ତନ ଯୋଜନା ଅନ୍ତର୍ଭୁକ୍ତ ।<br>• ଅର୍ଥ ଯୋଗାଣର ଢ଼ାଞ୍ଚା-୭୫ ଭାଗ ଭାରତ ସରକାର ଏବଂ ୨୫ ଭାଗ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ । |
| NULM ସମ୍ପର୍କରେ | • ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖ ତଳେ ବସବାସ କରୁଥିବା ପରିବାରର ଦାରିଦ୍ର୍ୟ ଦୂରୀକରଣ ସହିତ ଲାଭ ଦାୟକ ସ୍ୱରୋଜଗାର ଏବଂ କୁଶଳ ପାରିଶ୍ରମିକ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ଅଟେ । ଏହାଦ୍ୱାରା ତୃଣମୂଳ ସ୍ତରରେ ଗରିବ ଶ୍ରେଣୀଙ୍କ ପାଇଁ ଅନୁଷ୍ଠାନ ଗଢ଼ିବା ସହ ଜୀବିକା ନିର୍ବାହର ଅଗ୍ରଗତି ଜାରି ରହିଥାଏ ।<br>• ସହରାଞ୍ଚଳର ଗୃହଶୂନ୍ୟ ଲୋକଙ୍କୁ ବିଭିନ୍ନ ସୋପାନରେ ଆତ୍ୟାବଶ୍ୟକ ସେବା ସମନ୍ୱିତ ଆଶ୍ରାସ୍ଥଳ ପ୍ରଦାନ କରିବା ଏହି ମିଶନର ଲକ୍ଷ୍ୟ ।<br>• ଏତତ୍ ସହିତ ସହରାଞ୍ଚଳର  ବୁଲାବିକାଳୀମାନଙ୍କର ଜୀବିକା ସମ୍ବନ୍ଧରେ ଏହି ମିଶନ କାର୍ଯ୍ୟକରିବ ।<br>• ଏହା ସହିତ ଉପଯୁକ୍ତ ସ୍ଥାନ ପାଇଁ ସୁବିଧା କରାଇବା, ଆନୁଷ୍ଠାନିକ ଉଧାର, ସାମାଜିକ ସୁରକ୍ଷା ଏବଂ ସହରାଞ୍ଚଳ ବୁଲାବିକାଳୀଙ୍କୁ କୌଶଳ ପ୍ରଦାନ ଦ୍ୱାରା ବଜାରରେ ମିଳୁଥିବା ସୁବିଧା ସୁଯୋଗକୁ ହାସଲ କରିବାକୁ ସୁଗମ କରାଇଥାଏ । |
| ଯୋଜନାର ଉଦ୍ଦେଶ୍ୟ ସମୂହ | ୦୧.୦୧.୧୯୯୭ ମସିହାରେ ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା ଆରମ୍ଭ କରାଯାଇଥିଲା । ସ୍ୱରୋଜଗାର ପାଇଁ ବ୍ୟବସାୟ ପ୍ରତିଷ୍ଠା କରିବା କିମ୍ବା ମଜୁରି ନିୟୋଜନ ବ୍ୟବସ୍ଥା ମାଧମରେ ସହରାଞ୍ଚଳର ବିପିଏଲ ବର୍ଗର ବେରୋଜଗାର ଯୁବକଙ୍କୁ ଲାଭଦାୟକ ପୋଷଣୀୟ ରୋଜଗାର ପ୍ରଦାନ ଏହି ଯୋଜନାର ଉଦ୍ଦେଶ୍ୟ । |
| SJSRYର ଉପାଦାନ | ୧. ସହରାଞ୍ଚଳ ସ୍ୱରୋଜଗାର କାର୍ଯ୍ୟକ୍ରମ (USEP)<br>୨. ସହରାଞ୍ଚଳ ମହିଳା  ସ୍ୱୟଂ ସହାୟକ କାର୍ଯ୍ୟକ୍ରମ (UWSP)<br>୩. ସହରାଞ୍ଚଳ ଗରିବଙ୍କ ମଧରେ ନିୟୋଜନ ବୃଦ୍ଧିପାଇଁ କୌଶଳ ପ୍ରଶିକ୍ଷଣ (STEP-UP)<br>୪. ସହରାଞ୍ଚଳ ମଜୁରି ନିୟୋଜନ କାର୍ଯ୍ୟକ୍ରମ (UWEP)<br>୫. ସହରାଞ୍ଚଳ ଗୋଷ୍ଠୀ ସମୂହ ବିକାଶ ନେଟ୍‌ୱାର୍କ (UCDN) |
| USEP ସମ୍ପର୍କରେ | • ସହଁରୀ ରୋଜଗାର କାର୍ଯ୍ୟକ୍ରମ (USEP)<br>ସହରାଞ୍ଚଳ ଗରିବ ହିତାଧିକାରୀମାନଙ୍କୁ ଉତ୍ପାଦନ, ସେବା ଓ ବାଣିଜ୍ୟ କ୍ଷେତ୍ରରେ ଲାଭଦାୟକ କର୍ମନିଯୁକ୍ତି ପାଇଁ ବ୍ୟବସାୟ ପ୍ରତିଷ୍ଠା କରିବା । ସୂକ୍ଷ୍ମ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ସହାୟତା ପ୍ରଦାନ କରିବା କ୍ଷେତ୍ରରେ ମହିଳା ସାଧାରଣତଃ ଯେଉଁମାନେ କୌଣସି ସୂକ୍ଷ୍ମ ପରିବାରର ହୋଇଥିବେ,ବିଧବା, ଛାଡପତ୍ର ମହିଳା,ଏକାକୀ ମହିଳା କିମ୍ବା ଯେଉଁଠାରେ ମହିଳା ହିଁ କେବଳ ରୋଜଗାରକ୍ଷମ ହୋଇଥାନ୍ତି , ସେମାନଙ୍କୁ ଅଗ୍ରାଧୀକାର ଦିଆଯାଇଥାଏ ।<br>ସର୍ବାଧିକ ମଞ୍ଜୁର ସାପେକ୍ଷ କାର୍ଯ୍ୟକ୍ରମର ମୂଲ୍ୟ-୨ ଲକ୍ଷ<br>ସର୍ବାଧିକ ମଞ୍ଜୁର ସାପେକ୍ଷ ରିହାତି କାର୍ଯ୍ରକ୍ରମ ମୂଲ୍ୟର ଶତକଡା ୨୫ ପ୍ରତିଶତ କିମ୍ବା ସର୍ବାଧିକ ୫୦,୦୦୦ଟଙ୍କା ।<br>ହିତାଧିକାରୀଙ୍କ ଅଂଶଦାନ : କାର୍ଯ୍ୟକ୍ରମ ମୂଲ୍ୟର ଶତକଡା ୫ ପ୍ରତିଶତ  *<br>ଅନୁଷାଙ୍ଗିକ : କୌଣସି ଆନୁଷାଙ୍ଗିକର ଆବଶ୍ୟକତା ନାହିଁ ।<br>• N.B.: ହିତାଧିକାରୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ ଏବଂ ସେ ଉକ୍ତ ସହରରେ ନ୍ୟୁନତମ ୩ବର୍ଷ ଠାରୁ ଅଧିକ ବର୍ଷଧରି ରହୁଥିବେ । ଏହି ଯୋଜନା ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ । ମାତ୍ର ଏହି ଯୋଜନାରେ ସୃଷ୍ଟି କରାଯାଇଥିବା ସମ୍ପତ୍ତିକୁ ଅଗ୍ରିମ ଋଣ ପ୍ରଦାନ ପାଇଁ ବ୍ୟାଙ୍କଠାରେ ବନ୍ଧକ ରଖାଯାଏ । ୬-୧୮ ମାସ ପର୍ଯ୍ୟନ୍ତ ଋଣ ପରିଶୋଧର ସାମୟିକ ବିରତି ଏବଂ ୩-୭ ବର୍ଷ ମଧରେ ଋଣ ପରିଶୋଧ ବ୍ୟାଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ ।<br>• କାର୍ଯ୍ୟକ୍ଷେତ୍ରର ପ୍ରକାର<br>(ସେବାକ୍ଷେତ୍ର) : ଘ ଦୋକାନ, ଖବରକାଗଜ /ପତ୍ରିକା ଦୋକାନ, ଆଇସ୍‌କ୍ରିମ୍ ବିକ୍ରେତା, ଦୁଗ୍ଧ ବିକ୍ରେତା, ପାନ / ସିଗାରେଟ ଦୋକାନ, ଲୁଗାସଫା ଓ ଇସ୍ତ୍ରୀ କରିବା କାମ, ରେଡିଓ ମରାମତି କାମ, ଟିଭି, ରେଫ୍ରିଜରେଟର,ଏୟାରକଣ୍ଡିସନର,ମୋବାଇଲ, ବିଦ୍ୟୁତ୍ ଯନ୍ତ୍ରପାତି, ଖାଦ୍ୟ ଯୋଗାଣ କାର୍ଯ୍ୟ, ଆସବାବ ବସ୍ତୁର ମରାମତି, ଜୋତା ମରାମତି, ବହି ବନ୍ଧାକାର୍ଯ୍ୟ ପାଇପ୍ ମିସ୍ତ୍ରୀ କାର୍ଯ୍ୟ, କାଚପାତ୍ର ବସାଇବା କାର୍ଯ୍ୟ,ବୈଦ୍ୟୁତିକ ଯନ୍ତ୍ରପାତି, ସ୍ଥାପନା କାର୍ଯ୍ୟ ଇତ୍ୟାଦି ।<br>• ବିନିର୍ମାଣ : ସାବୁନଗୁଣ୍ଡ ତିଆରି, ଅଗରବତୀ, ଚୁଡି, ପୋଷାକ, ପ୍ଲାଷ୍ଟିକ ଖେଳନା, ଜୋତା ଓ ମୋଜା, ଶାଢ଼ୀ, ପ୍ରିଣ୍ଟିଙ୍ଗ, ଖାଦ୍ୟ, ପଦାର୍ଥ ତିଆରି, ବଲପେନ୍ ତିଆରି ଇତ୍ୟାଦି ।<br>• ବ୍ୟବସାୟ : ସାଧାରଣ ଖୁଚୁରା ଦୋକାନ, କିରାନା ଦୋକାନ, ଗୃହ ତିଆରି ପଦାର୍ଥର ଦୋକାନ, ରେଡିମେଡ୍ ପୋଷାକ ଦୋକାନ, ଦୁଗଧଜାତ ୟୁନିଟ୍ ଇତ୍ୟାଦି । |

| | |
|---|---|
| UWSP ସମ୍ପର୍କରେ | • ସହରାଞ୍ଚଳ ମହିଳା ସ୍ୱୟଂ ସହାୟକ କାର୍ଯ୍ୟକ୍ରମ (UWSP)<br>୧) ସହାରାଞ୍ଚଳ ଗରିବ ମହିଳା ଗୋଷ୍ଠୀକୁ ଲାଭଦାୟକ ସ୍ୱନିୟୋଜନ ବ୍ୟବସାୟ ପ୍ରତିଷ୍ଠାନ ସୃଷ୍ଟିପାଇଁ ସହାୟତା ପ୍ରଦାନ କରିବା।<br>୨) ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ଙ୍କ ପାଇଁ ଆବର୍ତ୍ତୀ ପାଣ୍ଠି/ ସହରାଞ୍ଚଳ ଗରିବ ମହିଳାଙ୍କ ଦ୍ୱାରା ଗଠିତ ଅଳ୍ପ ଖର୍ଚ୍ଚରେ ପରିଚାଳନା ଏବଂ ଜମା ସମିତି (T & CS)।<br>କ) UWSP(ଋଣ + ରିହାତି): ସହରାଞ୍ଚଳର ଗରିବ ମହିଳା ଯେଉଁମାନେ ଏକାକୀ ଚେଷ୍ଟା ନକରି ଗୋଷ୍ଠୀ ମାଧ୍ୟମରେ (ନ୍ୟୁନତମ ୫ଜଣ) ସ୍ୱନିୟୋଜନ ବ୍ୟବସାୟ ପ୍ରତିଷ୍ଠା କରିବା ପାଇଁ ନିର୍ଣ୍ଣୟ କରିଥାନ୍ତି। ସେମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରାଯାଏ। ଏହି ଗୋଷ୍ଠୀ ନିଜର କୌଶଳ, ପ୍ରଶିକ୍ଷଣ, ପ୍ରବୃତ୍ତି ଏବଂ ସ୍ଥାନୀୟ ଅବସ୍ଥାକୁ ଦେଖି ଆର୍ଥିକ ଧନ୍ଦାମୂଳକ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଉପଯୁକ୍ତ ଏବଂ ଅନ୍ୟମାନଦଣ୍ଡ ଗୁଡିକ ଉପରୋକ୍ତ ବିବରଣୀ (NB) ଅନୁଯାୟୀ ହୋଇଥାଏ। ଯାହାକି ପ୍ରକଳ୍ପ ମୂଲ୍ୟର ୫ଭାଗ ଅଟେ। ଏହି ଯୋଜନା ଅନୁଯାୟୀ ଦଳଗୁଡିକ ୩ଲକ୍ଷ ଟଙ୍କା ବା ପକଳ୍ପ ମୂଲ୍ୟର ଶତକଡା ୩୫ ଭାଗ କିମ୍ବା ବ୍ୟକ୍ତିପ୍ରତି ୬୦୦୦୦ଟଙ୍କା ପର୍ଯ୍ୟନ୍ତ ରିହାତି ପାଇଥାନ୍ତି।<br>ଖ) ସ୍ୱୟଂ ସହାୟକ ଗୋଷ୍ଠୀ ପାଣ୍ଠି/ ଅଳ୍ପ ଖର୍ଚ୍ଚରେ ପରିଚାଳନା ଏବଂ ଜମା (TCS): ଅନ୍ୟ ଉଦ୍ୟୋଗୀଙ୍କ ଧନ୍ଦା ସହିତ ସଞ୍ଚୟ ଓ ଜମାକୁ ସଂଗଠିତ କରି ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଅଳ୍ପ ଖର୍ଚ୍ଚରେ ପରିଚାଳନା କିମ୍ବା ଜମା ସମିତି ଗଠନ କରିଥାନ୍ତି ସେହି ସମିତି ୨୫୦୦୦ଟଙ୍କାର ଅନୁଦାନ ଏବଂ ୨୦୦୦ଟଙ୍କାର ଆବର୍ତ୍ତୀ ପାଣ୍ଠି ପାଇଥାଆନ୍ତି। ଏହି ସମିତି ଯଦିଓ ବା କୌଣସି କାର୍ଯ୍ୟକ୍ରମ ଅଥବା UWEP ଅଧିନରେ କାର୍ଯ୍ୟ କରୁ ନାହାନ୍ତି ତଥାପି ସେମାନେ ଏହି ଅନୁଦାନ ପାଇବାକୁ ହକ୍‌ଦାର ହୋଇଥାନ୍ତି।<br>ପାଣ୍ଠିର ବ୍ୟବହାର :<br>କ) କଞ୍ଚାମାଲ କିଣିବା ପାଇଁ ।<br>ଖ) ରୋଜଗାର ସୃଷ୍ଟି ଏବଂ ଅନ୍ୟ ଧନ୍ଦାପାଇଁ ଅନ୍ତ-ନିର୍ମାଣ।<br>ଗ) ଶିଶୁଯତ୍ନ ଏବଂ ଗତିବିଧି ପାଇଁ ଏକକାଳୀନ ଖର୍ଚ୍ଚ ।<br>ଘ) ବ୍ୟାଙ୍କ,ସହର, UPA ସେଲ୍ ପରିବର୍ତ୍ତନ ପାଇଁ ଗୋଷ୍ଠୀ ସଦସ୍ୟଙ୍କର ଯାତାୟତ ଖର୍ଚ୍ଚ। ଯାତାୟତ ଖର୍ଚ୍ଚ ୫୦୦ ଟଙ୍କାରୁ ଅଧିକ ହୋଇନଥିବା ଆବଶ୍ୟକ।<br>ଙ) ଜନୈକ ସଭ୍ୟା ୫୦୦ଟଙ୍କା ହିସାବରେ ବାରମାସ ପାଇଁ ସମିତିରେ ସ୍ଥାୟୀ ସଞ୍ଚୟ କରିଥାନ୍ତି। ସେ ୩୦ଟଙ୍କା ହିସାବରେ ରିହାତି ପାଇବାପାଇଁ ହକ୍‌ଦାର ହୋଇଥାନ୍ତି। ଯାହାକି ସ୍ୱାସ୍ଥ୍ୟ ଦୁର୍ଘଟଣା ଜନିତ ବୀମା ପାଇଁ ପୈଠ କରାଯାଏ। ଯେଉଁଠାରେ କୌଣସି ସଭ୍ୟ ୭୫୦ ଟଙ୍କା ହିସାବରେ ୧୨ ମାସ ପର୍ଯ୍ୟନ୍ତ ଟଙ୍କା ଜମା କରିଥାନ୍ତି ସେ ୬୦ଟଙ୍କା ରିହାତି ପାଇଥାନ୍ତି ଯାହାକି ତାଙ୍କ ସ୍ୱାମୀ /ନାବାଳିକା/ଶିଶୁକନ୍ୟାକୁ ଦିଆଯାଇଥାଏ। ଏହା ମଧ୍ୟ ଆବର୍ତ୍ତି ପାଣ୍ଠିର ଖର୍ଚ୍ଚରୁ ବହନ କରାଯାଏ।<br>UWSP ଯୋଜନାର ଅଧୀନରେ SHG/T & CS ଗଠନର ଏକବର୍ଷ ପୂର୍ତ୍ତି ପୂର୍ବରୁ ଆବର୍ତ୍ତୀ ପାଣ୍ଠି ପାଇପାରିବେ ନାହିଁ। ଗୋଷ୍ଠୀ ସମୂହଙ୍କୁ ପଞ୍ଜିକରଣ ପାଇଁ ଉତ୍ସାହିତ କରାଯାଇଥାଏ। ଯଦି ତାଙ୍କର କାର୍ଯ୍ୟ ସନ୍ତୋଷମୂଳକ ବୋଲି ସ୍ଥାନୀୟ ULB ର ଅଧିନରେ ଥିବା UPA ସେଲ୍ ପାଇଥାନ୍ତି ତାହା ହେଲେ ଆବର୍ତ୍ତୀ ପାଣ୍ଠି ଗ୍ରହଣ ପାଇଁ ପଞ୍ଜିକରଣକୁ ପୂର୍ବସର୍ତ୍ତ ଅନୁସାରେ ଗ୍ରହଣ କରାଯାଇନଥାଏ। SHG ଫେଡେରେସନ୍ / T & CS ମାନେ ସମଜାତୀୟ ଦଳ /ୱାର୍ଡ/ ସହର ସ୍ତରରେ ପଞ୍ଜିକରଣ କରିବା ଉଚିତ୍। |
| STEP-UP ସମ୍ପର୍କରେ | ସହରାଞ୍ଚଳରେ ଗରିବମାନଙ୍କ ମଧ୍ୟରେ ରୋଜଗାର ବୃଦ୍ଧି ପାଇଁ କୌଶଳ ପ୍ରଶିକ୍ଷଣ (STEP-UP)<br>• ସ୍ୱରୋଜଗାର ଏବଂ ଉତ୍ତମ ଦରମାଯୁକ୍ତ ନିୟୋଜନ ତଥା ସହରାଞ୍ଚଳ ଗରିବମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କୌଶଳ ସୃଷ୍ଟି ଏବଂ ଆଶାଅନୁଯାୟୀ ଦରମା ପାଇଁ ସହାୟତା ପ୍ରଦାନ ।<br>• IITs, NITs, Engg ମହାବିଦ୍ୟାଳୟର ITIs, Polytechinque ଇତ୍ୟାଦିଙ୍କୁ ସାମିଲ କରି ଏବଂ PPP ମାଧ୍ୟମରେ କୌଶଳ ପ୍ରଶିକ୍ଷଣକୁ ସ୍ୱୀକୃତି ପ୍ରଦାନ ଓ ପ୍ରମାଣୀକରଣ ସହିତ ସଂଯୋଗ କରାଯାଏ।<br>• ପ୍ରଶିକ୍ଷଣ ସାମଗ୍ରୀ, ପ୍ରଶିକ୍ଷକ ଫିସ୍, ଯନ୍ତ୍ରପାତି କିଟ୍ ଇତ୍ୟାଦି ସହ ପ୍ରଶିକ୍ଷଣର ଖର୍ଚ୍ଚ ପ୍ରତି ପ୍ରଶିକ୍ଷାର୍ଥୀଙ୍କ ପାଇଁ ୧୦୦୦ ଟଙ୍କାରୁ ଅଧିକ ହୋଇନଥାଏ।<br>• ପ୍ରଶିକ୍ଷଣର ଅବଧି ୬ମାସ ପର୍ଯ୍ୟନ୍ତ କରାଯାଇପାରେ।<br>• ବଜାରର ଚାହିଦା ଅନୁଯାୟୀ ଏହି ପ୍ରଶିକ୍ଷଣକୁ ଉଚ୍ଚକୋଟୀର କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। |
| UWEP<br>ସମ୍ପର୍କରେ | ସହର ମଜୁରୀ ରୋଜଗାର ଯୋଜନା(UWEP): ଏହି ଯୋଜନାରେ ULB ର ଦାରିଦ୍ର୍ୟ ସୀମାରେଖା ତଳେ (BPL)<br>ଥିବା ହିତାଧିକାରୀଙ୍କୁ ମଜୁରୀ ଭିତ୍ତିକ ରୋଜଗାର ଦିଆଯାଏ ଏବଂ ସେମାନଙ୍କ ଶ୍ରମର ଉପଯୋଗ କରି ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ବ୍ୟବହୃତ ସର୍ବସାଧାରଣ ସମ୍ପତ୍ତି ସୃଷ୍ଟି କରାଯାଏ। ଯଥା- କମ୍ୟୁନିଟି ସେଣ୍ଟର, ବୃଷ୍ଟିପାତ ପାଣି- ନିଷ୍କାସନ ପାଇଁ ଡ୍ରେନ୍, ରାସ୍ତା, ରାତ୍ରି ବିଶ୍ରାମଗାର, ମଧ୍ୟାହ୍ନ ଭୋଜନ ଯୋଜନା ଅଧୀନରେ ଥିବା ପ୍ରାଥମିକ ବିଦ୍ୟାଳୟରେ ରୋଷେଇଶାଳା ନିର୍ମାଣ, ପାର୍କ, ଗୋଷ୍ଠୀ ସମୂହ ଦ୍ୱାରା ନିଷ୍ପତ୍ତି ହୋଇଥିବା ସଲିଡ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ଇତ୍ୟାଦି। ଏହି ଯୋଜନାରେ ସାମଗ୍ରୀ ଓ ଶ୍ରମର ଅନୁପାତ ୬୦:୪୦ ହୋଇଥାଏ। |
| UCDN ସମ୍ପକରେ | ସହରାଞ୍ଚଳ ଗୋଷ୍ଠୀ ବିକାଶ ନେଟ୍‌ୱାର୍କ (UCDN): ଏହି ଯୋଜନାଟି ଗୋଷ୍ଠୀଗତ ସଂସ୍ଥା ଏବଂ ଢ଼ାଞ୍ଚା ସୃଷ୍ଟି କରିବା ସହ ପାଳନ ପୋଷଣ କରିଥାଏ, ଯାହାକି ଅବିରତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ପାଇଁ ସହାୟତ ହୋଇଥାଏ।<br>ଗୋଷ୍ଠୀଗତ ସଂସ୍ଥା ଯଥା- ପଡୋଶୀ ଗୋଷ୍ଠୀ (NHGs) (ଗୋଟିଏ ବସ୍ତିରେ ବାସ କରୁଥିବା ସହରାଞ୍ଚଳରେ ୧୦-୪୦ ଗରିବ ପରିବାର), ପଡୋଶୀ କମିଟି (NHCs) ନିବାସୀ ଗୋଷ୍ଠୀ ସ୍ୱେଚ୍ଛା ସେବକ ସଂଘ (RCVs) ଏବଂ ଗୋଷ୍ଠୀ ବିକାଶ ସମିତି (CDCs) (ସହାରାଞ୍ଚଳରେ ଥିବା NHCs ର ସଂଘ) ଆଦି ଲକ୍ଷ୍ୟ ଅଞ୍ଚଳ ମାନଙ୍କରେ ପ୍ରତିଷ୍ଠା କରାହେବ। |
| ଆବଶ୍ୟକୀୟ କାର୍ଯ୍ୟବିଧି | • ଆବେଦନକାରୀ ୱାର୍ଡ କାଉନ୍‌ସେଲର/ ୱାର୍ଡ ବିକାଶ କମିଟି (WDC)/ଗୋଷ୍ଠୀ ବିକାଶ ସମିତି (CDS) ସହିତ ଯୋଗାଯୋଗ କରିପାରିବେ। ଆବେଦନକାରୀ ନିଜ ରହିବା ସ୍ଥାନର ବିପିଏଲ୍ ତାଲିକାଭୁକ୍ତ ଅଛନ୍ତି କି ନାହିଁ ତାହା ତଦାରଖ କରିବେ।<br>• ପ୍ରଶିକ୍ଷଣ ପାଇଁ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇବା ପରେ, ହିତାଧିକାରୀଙ୍କୁ WDS କାର୍ଯ୍ୟାଳୟରେ ଉପଲବ୍ଧ ବିହିତ ଫର୍ମରେ ଆବେଦନ କରିବା ଆବଶ୍ୟକ। |

| | |
|---|---|
| ସଂଲଗ୍ନ କରିବାକୁ ଥିବା ଦସ୍ତାବିଜ/ କାଗଜପତ୍ର | • ବିପିଏଲ କାର୍ଡର ନକଲ<br>• ୨ଗୋଟି ପାସପୋର୍ଟ ସାଇଜର ଫଟୋଗ୍ରାଫ୍<br>• ବୟସ ପ୍ରମାଣପତ୍ର<br>• ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରମାଣପତ୍ର ନକଲ<br>• ବାସଗୃହ ପ୍ରମାଣପତ୍ରର ନକଲ<br>• WDC କିମ୍ବା CDS ର ଅନୁମୋଦନ ଥିବା ଚିଠି |
| ସୂଚନାର ଉତ୍ସ | http:// www.nulm.gov.in/<br>http://www.urbanodisha.gov.in / |

APPLICATION FOR ASSISTANCE UNDER

# SWARNA JAYANTI SHAHARI ROJGAR YOJANA

## ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା

***( The Urban Self Employment Programme)***

1. Name of the Applicant :
( In Capital Letters)
ଦରଖାସ୍ତକାରୀଙ୍କ ନାମ :

2. Name of father / Husband and Address ;
ପିତା / ସ୍ୱାମୀଙ୍କ ନାମ ଓ ଠିକଣା :

3. Age of the Applicant :
ବୟସ

4. Permanent Address :
(H.No./W.No/Locality/Municipality/P.O.P.S./Dist)
ସ୍ଥାୟୀ ଠିକଣା (ଗୃହ ନଂ/ୱାର୍ଡ ନମ୍ବର/ସ୍ଥାନ/ପୌରାଞ୍ଚଳ/ପୋଷ୍ଟ/ଥାନା/ଜିଲ୍ଲା) :

5. Full present address:
(H.No./W.No/Locality/Municipality/P.O.P.S./Dist)
ବର୍ତ୍ତମାନ ଠିକଣା (ଗୃହ ନଂ/ୱାର୍ଡ ନମ୍ବର/ସ୍ଥାନ/ପୌରାଞ୍ଚଳ/ ପୋଷ୍ଟ /ଥାନା/ଜିଲ୍ଲା) :

6. Category to which belongs :
କେଉଁ ଶ୍ରେଣୀରେ ବିଭକ୍ତ)

   (a) S.C./S.T. (ତଫସିଲଭୁକ୍ତ ଜାତି/ ଉପଜାତି) :
   (Certificate to be enclosed)

   (b) Physically handicapped (ଶାରୀରିକ ବିକଳାଙ୍ଗ ) :
   (Certificate to be enclosed)

   (c) Women ( ମହିଳା) :

   (d) Head of the family ( ପରିବାର ମୁଖ୍ୟ) :

   (e) Empoyed or unemployed :
   ନିଯୁକ୍ତି / ନିଯୁକ୍ତି ବିହୀନ :

7 Educational qualification (Certificate to be enclosed) :
(Nineth Class or below)
(ଶିକ୍ଷାଗତ ଯୋଗ୍ୟତା ନବମ ଶ୍ରେଣୀ ପର୍ଯ୍ୟନ୍ତ)

8. Residency (minimum 3 Years)
(Photo identity card/Residential certificate/ Ration Card etc. to be attached)
ଆବାସ ସ୍ଥାନ (ସହରାଞ୍ଚଳରେ ଅନ୍ୟୁନ ୩ ବର୍ଷ ବାସ କରିଥିବେ ) :

9. Monthly family income. (ପରିବାରର ମାସିକ ଆୟ)
(Income Certificate / Ration card/ Salary certificate/ Affidavit to be attached):
(ଆୟର ପ୍ରମାଣ ପତ୍ର କିମ୍ବା ପଡି କାର୍ଡ/ ଦରମା ପ୍ରମାଣ ପତ୍ର/ଆଫିଡେଭିଟ୍ ସଂଲଗ୍ନ):

10. (a) Whether any member of the family had availed any loan from any Financial Institution. If Yes mention name of the borrower and name of the Financial Institution branch and amount.

(କ) ଆପଣଙ୍କ ପରିବାରର କୌଣସି ଲୋକ ସରକାରଙ୍କ ଠାରୁ କିଛି ଅର୍ଥ କରଜ କିମ୍ବା ଋଣ ନେଇଥିଲେ କି ? ଯଦି ହଁ ତାହାହେଲେ ବର୍ଣ୍ଣନା କରନ୍ତୁ । ଋଣ କାରୀଙ୍କର ନାମ ଏବଂ ବ୍ୟାଙ୍କ ବା ସରକାରୀ ସଂସ୍ଥାର ନାମ ଏବଂ ଟଙ୍କା :

(b) Whether the applicant id defaulter of loan or not :
(ଖ) ଦରଖାସ୍ତ କାରୀ ଋଣ ପରିଶୋଧରେ ହେଳା କରିଛନ୍ତି କି ନାହିଁ :

(c) Whether willing to apply under DWCUA (Development of women and children in urban Areas) If yes, give details of DWCUA Group Society.
(ଗ) ଆପଣ ସହରାଞ୍ଚଳ ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଦରଖାସ୍ତ କରିବାକୁ ଇଚ୍ଛା କରନ୍ତି କି ? ଯଦି ହଁ ତେବେ ସେହି ମହିଳା ସଂଗଠନର ସଂପୂର୍ଣ୍ଣ ବିବରଣୀ ଦିଅନ୍ତୁ ।

11. Recommendation/ Sponsorship of Neighborhood Committee of the area:
ପ୍ରତିବେଶୀ ଗୋଷ୍ଠୀର ଅନୁମୋଦନ ଓ ସୁପାରିଶ :

<table>
<tr><td>ଯୋଜନାର ନାମ</td><td>ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY)</td></tr>
<tr><td>ପ୍ରାୟୋଜକ</td><td>● ଏହା ୨୦୧୫ ମସିହା ମାର୍ଚ୍ଚମାସ ପରଠାରୁ ନୂତନ ଭାବେ ଗଠିତ ହୋଇଥିବା କୌଶଳ ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟର ଏକ ପରିଣାମ ଆଧାରିତ କୌଶଳ ପ୍ରଶିକ୍ଷଣ ଯୋଜନା ଅଟେ ।<br>● ଏହାକୁ କାର୍ଯ୍ୟନ୍ୱିତ କରିବାପାଇଁ ଜାତୀୟ କୌଶଳ ବିକାଶ ନିଗମ (NSDC), କ୍ଷେତ୍ର କୌଶଳ ପରିଷଦ (SSCs) ମୂଲ୍ୟାଙ୍କନ ସଂସ୍ଥା ଏବଂ ପ୍ରଶିକ୍ଷଣ ଦେବା ସଂସ୍ଥା ସମୂହର ସ୍ଥାପନ କରାଯାଇଅଛି ।</td></tr>
<tr><td>ଯୋଜନା ସମ୍ପକରେ</td><td>● ଏହି ଯୋଜନା ମାଧ୍ୟମରେ ପାଖାପାଖି ୨୪ଲକ୍ଷ ଯୁବକ/ଯୁବତୀଙ୍କୁ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଏକବର୍ଷ ମଧ୍ୟରେ ସଫଳ ରୂପେ ବଜାର ନିୟନ୍ତ୍ରିତ କୌଶଳ ପ୍ରଶିକ୍ଷଣ ଏବଂ ପ୍ରମାଣୀକରଣ କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଏ ।<br>● ଏହି କୌଶଳ ପ୍ରମାଣୀକରଣ ଏବଂ ପୁରସ୍କାର ଯୋଜନାରେ ଭାରତୀୟ ଯୁବକଙ୍କୁ ସମର୍ଥ ଓ ସଂଗଠିତ କରି କୌଶଳ ପ୍ରଶିକ୍ଷଣ ପ୍ରଦାନ କରି ଏକ ରୋଜଗାରକ୍ଷମ ବ୍ୟକ୍ତି ଭାବେ ଗଢ଼ିବା ସହ ଜୀବିକା ନିର୍ବାହ କରିବାପାଇଁ ଲକ୍ଷ୍ୟ ରଖିଅଛି । ଏହା ଯୁବକ/ ଯୁବତୀମାନଙ୍କୁ ଉଚ୍ଚକୋଟୀର କୌଶଳ ପ୍ରଶିକ୍ଷଣ ଗ୍ରହଣ ପାଇଁ ସାମର୍ଥ୍ୟ ପ୍ରଦାନ କରି ଦେଶର ଉତ୍ପାଦନ ଶକ୍ତିବୃଦ୍ଧି କରିବାର ଲକ୍ଷ୍ୟ ରଖିଅଛି ।<br>● ଏହି ଯୋଜନାଟି ସରକାରୀ-ବେସରକାରୀ ଏବଂ ସରକାରୀ-ସରକାରୀ ଭାଗୀଦାରିତାରେ କାର୍ଯ୍ୟନ୍ୱିତ ହେବ ।<br>● ଏହି ଯୋଜନାରେ ଥିବା ଆର୍ଥିକ ପୁରସ୍କାର ରାଶି ସମ୍ପୂର୍ଣ୍ଣ ଭାବରେ କୌଶଳ ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପ୍ରଦାନ କରିବ ଏବଂ ଏହା ହିତାଧିକାରୀଙ୍କ ଜମାଖାତାଙ୍କୁ ବ୍ୟାଙ୍କ ଜରିଆରେ ପ୍ରଦାନ କରାଯିବ ।</td></tr>
<tr><td>ଯୋଜନାର ଲକ୍ଷ୍ୟ</td><td>● ଏହି ଯୋଜନାଟି ଯୁବସମାଜକୁ କୌଶଳ ବିକାଶ ପାଇଁ ଉତ୍ସାହିତ କରିଥାଏ । ଅନୁମୋଦିତ ପ୍ରଶିକ୍ଷଣ ଗୁଡିକ ସମ୍ପାଦନା ପରେ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଏ ।<br>● ଯୋଜନାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ:<br>- ଏହା ପ୍ରମାଣୀକରଣ ବ୍ୟବସ୍ଥାରେ ଆଦର୍ଶ ଅନୁରୂପ କରିବା ପାଇଁ ଉତ୍ସାହ ଦେବା ସହ ସମସ୍ତ କୌଶଳର ରେଜିଷ୍ଟ୍ରି କରିବାର ବ୍ୟବସ୍ଥା ଆରମ୍ଭ କରିଥାଏ ।<br>- ଏହା ଭାରତୀୟ ଯୁବସମାଜକୁ କୌଶଳ ତାଲିମ ପ୍ରଦାନ କରି ରୋଜଗାରକ୍ଷମ ଏବଂ ଜୀବିକା ନିର୍ବାହ ପାଇଁ ସଂଗଠିତ ଓ ସାମର୍ଥ୍ୟ ପ୍ରଦାନ କରିଥାଏ । ଏହି ଯୋଜନାଟି ଦେଶର ବିଦ୍ୟମାନ ଶ୍ରମଶକ୍ତିର ଉତ୍ପାଦନ ବୃଦ୍ଧି କରିବା ସହ ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷଣ ଓ ପ୍ରମାଣୀକରଣ କରିଥାଏ ।<br>- ଖବରକାଗଜରେ ବିଜ୍ଞାପନ ପ୍ରକାଶ ହେଲାପରେ ହିତାଧିକାରୀଙ୍କୁ ବିହିତ ଫର୍ମରେ WDC ଅଫିସରେ ଆବେଦନ କରିବାକୁ ପଡିଥାଏ ।<br>- ଯୁବକମାନଙ୍କୁ କୌଶଳ ପ୍ରଶିକ୍ଷଣ ପାଇଁ ପ୍ରୋତ୍ସାହନ ସହ କୌଶଳ ପ୍ରମାଣୀକରଣ ପାଇଁ ଆର୍ଥିକ ପୁରସ୍କାର ପ୍ରଦାନ କରି ରୋଜଗାର ଏବଂ ଉତ୍ପାଦନ ବୃଦ୍ଧି କରିବା ।<br>- କ୍ଷମତାପ୍ରାପ୍ତ ଅନୁଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୮୦୦୦ଟଙ୍କା ହିସାବରେ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥାଏ ।<br>- ଏହି ଯୋଜନାରେ ପାଖାପାଖି ୧୫୦୦କୋଟି ଟଙ୍କା ବ୍ୟୟରେ ୨୪ଲକ୍ଷ ଯୁବକଙ୍କୁ ସହାୟତା ପ୍ରଦାନ କରାଯାଏ ।</td></tr>
<tr><td>କେଉଁମାନେ ଯୋଗ୍ୟ ହୋଇପାରିବ ?</td><td>ଏହି ଯୋଜନାଟି ଯେକୌଣସି ଭାରତୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ଯିଏକି -<br>(କ) ଯୋଗ୍ୟ ପ୍ରଶିକ୍ଷଣ ଦାତାଙ୍କ ଠାରୁ ଯୋଗ୍ୟ କ୍ଷେତ୍ରରେ କୌଶଳ ବୃଦ୍ଧି ପାଇଁ ପ୍ରଶିକ୍ଷଣ ନେଇଥିବେ ।<br>(ଖ) ଯୋଜନା ଆରମ୍ଭ ହେବାର ଏକବର୍ଷ ମଧ୍ୟରେ ଅନୁମୋଦିତ ମୂଲ୍ୟ ନିର୍ଦ୍ଧାରଣ ସଂସ୍ଥା ପ୍ରମାଣିତ ହୋଇଥିବ ।<br>(ଗ) ଯୋଜନା କାର୍ଯ୍ୟକାରୀ ମଧ୍ୟରେ କେବଳ ଥରଟିଏ ପାଇଁ ଆର୍ଥିକ ପୁରସ୍କାର  ପାଇପାରିବେ ।<br>(ଘ) ଅନ୍ୟ କୌଣସି ମାନଦଣ୍ଡ ଯାହାକି କ୍ଷେତ୍ରୀୟ ପ୍ରଶିକ୍ଷଣ ସ୍ବୀକୃତ କରିଥାନ୍ତି ।</td></tr>
<tr><td>ଆର୍ଥିକ ପୁରସ୍କାର</td><td>ନିଯୁକ୍ତିଭିତ୍ତିକ ଭୂମିକାକୁ ଆଧାର କରି ଆର୍ଥୀକ ପୁରସ୍କାର ରାଶି ଗୋଟିଏ କ୍ଷେତ୍ରରେ ମଧ ଅଲଗା ଅଲଗା ହୋଇଥାଏ ।
<table>
<tr><td rowspan="2">NISQର ସ୍ତର</td><td colspan="2">କୌଶଳ ପ୍ରଶିକ୍ଷଣ ପାଇଁ</td><td colspan="2">ପୂର୍ବ ଅଧ୍ୟୟନର ଲବ୍ଧ ଜ୍ଞାନର ଚିହ୍ନଟ ପାଇଁ</td></tr>
<tr><td>ବିନିର୍ମାଣ,ପାଣି ମିସ୍ତ୍ରି କାମ, ନିର୍ମାଣ କ୍ଷେତ୍ର</td><td>ଅନ୍ୟକ୍ଷେତ୍ର</td><td>ବିନିର୍ମାଣ,ପାଣି ମିସ୍ତ୍ରି କାମ, ନିର୍ମାଣ କ୍ଷେତ୍ର</td><td>ଅନ୍ୟକ୍ଷେତ୍ର</td></tr>
<tr><td>ସ୍ତର ୧ ଏବଂ ୨</td><td>ଟ.୭,୫୦୦</td><td>ଟ.୫,୦୦୦</td><td rowspan="3">ଟ.୨୫୦୦</td><td rowspan="3">ଟ.୨୦୦୦</td></tr>
<tr><td>ସ୍ତର ୩ ଏବଂ ୪</td><td>ଟ.୧୦,୦୦୦</td><td>ଟ.୭,୫୦୦</td></tr>
<tr><td>ସ୍ତର ୫ ଏବଂ ୬</td><td>ଟ.୧୨,୫୦୦</td><td>ଟ.୧୦,୦୦୦</td></tr>
</table></td></tr>
<tr><td>ଅର୍ଥ ପ୍ରଦାନର ପ୍ରକ୍ରିୟା</td><td>● PMKVY ଦ୍ୱାରା ଆର୍ଥିକ ପ୍ରୋତ୍ସାହନ ରାଶିକୁ ପ୍ରଶିକ୍ଷାର୍ଥୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବରେ ପଠାଯାଇଥାଏ । ଏଥିପାଇଁ କୌଣସି ମଧ୍ୟସ୍ଥ ବ୍ୟକ୍ତିଙ୍କର ସାହାଯ୍ୟ ଲୋଡାଯାଇ ନଥାଏ ଏବଂ ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଏ । ପ୍ରତ୍ୟେକ ପ୍ରାର୍ଥୀଙ୍କର ଚିହ୍ନଟ ପାଇଁ ଆଧାର ନମ୍ବରକୁ ବ୍ୟବହାର କରାଯାଇଥାଏ ।</td></tr>
<tr><td>ପ୍ରାର୍ଥୀଙ୍କୁ ଏହି ଯୋଜନା ପାଇଁ ପ୍ରବର୍ତ୍ତାଇବା</td><td>● କ୍ୟାମ୍ପ ମାଧ୍ୟମରେ କୌଶଳମେଳା କରି ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ବାଛିବାର ସ୍ୱାଧୀନ ଅଧିକାର, ସମ୍ଭବ୍ୟ କାର୍ଯ୍ୟ ନିର୍ବାହର ରାସ୍ତା, ରୋଜଗାର ସୃଷ୍ଟି ପାଇଁ ବିଭିନ୍ନ ବିଷୟରେ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଇଥାଏ ।<br>● ଦୂର ଦୂରାନ୍ତକୁ ସଚେତନତା ପହଞ୍ଚାଇବା ପାଇଁ ଏବଂ କୌଶଳର ଜୀବନ୍ତ ପ୍ରଦର୍ଶନ ପାଇଁ କୌଶଳ ଯାତ୍ରା ଅନୁସନ୍ଧାନ କରାଯିବ ।<br>● NGO ଏବଂ ଗୋଷ୍ଠିଗତ ସଂସ୍ଥାମାନଙ୍କୁ କାର୍ଯ୍ୟକ୍ରମରେ ଅନ୍ତର୍ଭୂକ୍ତ କରି ଅଧିକ ଲୋକଙ୍କ ପାଖରେ ପହଞ୍ଚିବାପାଇଁ ଏବଂ କୌଶଳ ଗ୍ରହଣ କରିବା ପାଇଁ ଏକ ବାତାବରଣ ସୃଷ୍ଟି କରାଯାଏ ।<br>● ଏହା ଗଣମାଧ୍ୟମରେ ଏବଂ ସାମାଜିକ ମିଡ଼ିଆ ମାଧ୍ୟମରେ ବିଶେଷ ଏବଂ ଆଦର୍ଶ ଅନୁରୂପ ଯୋଗାଯୋଗ ପ୍ୟାକେଜ୍ କରାଯିବ ।</td></tr>
</table>

| | |
|---|---|
| ମାର୍ଗଦର୍ଶନ/ ପରାମର୍ଶ ସମର୍ଥନ | ● ପ୍ରଶିକ୍ଷଣ ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ସାହାର୍ଯ୍ୟ ଏବଂ ମାର୍ଗଦର୍ଶକ ପାଇଁ ଅଭିଜ୍ଞ ଏବଂ ବିଶ୍ୱସ୍ତ ଉପଦେଷ୍ଟା ଚୟନର ଦାୟିତ୍ୱ ପ୍ରଶିକ୍ଷଣଦାତାଙ୍କୁ ଦିଆଯିବ ।<br>● ଏହି ମାର୍ଗଦର୍ଶକ ଅଭିଜ୍ଞ ଏବଂ ବିଶ୍ୱସ୍ତ ଉପଦେଷ୍ଟା ତାଲିମ୍‌ପ୍ରାପ୍ତ ଯୁବକଙ୍କୁ ବୃତ୍ତି ପ୍ରଦର୍ଶନର ମାର୍ଗଦର୍ଶନ ଓ ପରାମର୍ଶ ଦେବେ ଯାହା ସେମାନଙ୍କ ନିୟୋଜନ (ଗ୍ରକିରୀ) ପାଇଁ ସାହାଯ୍ୟ କରିବ । |
| ଆବଶ୍ୟକୀୟ ଦସ୍ତାବିଜ୍/ କାଗଜପତ୍ର | ● ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ନାମ କୌଶଳ ମେଳା କିମ୍ବା ଗ୍ରାମପଞ୍ଚାୟତ ଠାରେ ନିମ୍ନଲିଖିତ ଦସ୍ତାବିଜ ପ୍ରଦାନ କରି ତାଲିକାଭୁକ୍ତ କରିପାରିବେ ।<br>୧. ପୂରଣ ହୋଇଥିବା ରେଜିଷ୍ଟ୍ରେସନ୍ ଫର୍ମ<br>୨. ବାସସ୍ଥାନ ସମ୍ବନ୍ଧୀୟ ପ୍ରମାଣପତ୍ର<br>୩. ଶିକ୍ଷାଗତ ପ୍ରମାଣପତ୍ର (ଜନ୍ମଦିନ ତାରିଖ ସହ)<br>୪. ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ୍ (ଆବଶ୍ୟକ ସ୍ଥଳେ)<br>୫. RPL ର ଅନ୍ୟାନ୍ୟ ପ୍ରମାଣ ପତ୍ର |
| ସୂଚନାର ଉତ୍ସ | http://www.nsdceindia.org/ |

| | |
|---|---|
| ଯୋଜନାର ନାମ | "ହୁନ୍ର ସେ ରୋଜଗାର ତକ୍ (ଏଚ୍.ଏସ୍.ଆର.ଟି) – କୌଶଳ ଠାରୁ ରୋଜଗାର ପର୍ଯ୍ୟନ୍ତ"। |
| ପ୍ରାୟୋଜକ | ● ଏଚ୍.ଏସ୍.ଆର.ଟି ଯୋଜନା ପର୍ଯ୍ୟଟନ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଅଛିଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା କାର୍ଯ୍ୟୋନ୍ୱିତ କରାଯାଉଅଛି ।<br>● ଆର୍ଥିକ ସହାୟତା-ଏହା ରାଜ୍ୟସରକାର /କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କର ପ୍ରସ୍ତାବିତ ବାର୍ଷିକ ଲକ୍ଷ୍ୟକୁ ଆଧାର କରି ପର୍ଯ୍ୟଟନ ମନ୍ତ୍ରଣାଳୟର ଯୋଜନା ମଧ୍ୟରୁ ସେବା ପ୍ରଦାନ କାରୀଙ୍କ ପାଇଁ ଦକ୍ଷତାବୃଦ୍ଧି ଯୋଜନା ଅନ୍ତର୍ଗତ ସ୍ୱପ୍ରେରଣା ଯୋଜନାରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାହେବ । |
| ଯୋଜନା ସମ୍ପର୍କରେ | ● ୨୦୦୯-୧୦ ମସିହାରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏଚ୍.ଏସ୍.ଆର.ଟିର ଶୁଭାରମ୍ଭ କରିଥିଲେ । ଏହା ଯୁବସମାଜ ମଧ୍ୟରେ ଆତିଥ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତିମୂଳକ କୌଶଳ ସୃଷ୍ଟି କରିବା ପାଇଁ ଆରମ୍ଭ ହୋଇଥିଲା ।<br>● ଯୋଜନାର ଉଦ୍ଦେଶ୍ୟଗୁଡିକ ହେଲା-<br>୧. କୌଶଳ ବ୍ୟବଧାନକୁ କମାଇବା ଯାହାକି ପର୍ଯ୍ୟଟନ କ୍ଷେତ୍ରରେ ବାଧା ଉପୁଯାଇଥାଏ ।<br>୨. ପର୍ଯ୍ୟଟନ ବୃଦ୍ଧି ସହ ଗରିବମାନଙ୍କୁ ଉପାର୍ଜନ ଓ ଆର୍ଥିକ ସୁବିଧା ଦେବାପାଇଁ କାର୍ଯ୍ୟକରିବା ।<br>● ଏହି କାର୍ଯ୍ୟକ୍ରମ ଏକଛତ୍ର ଯୋଜନା ଯେଉଁଥିରେ କି ପ୍ରଶିକ୍ଷଣ ବ୍ୟବସ୍ଥା ଓ ପର୍ଯ୍ୟଟନ କ୍ଷେତ୍ରରେ ବାଣିଜ୍ୟ କାରବାର ପାଇଁ ବ୍ୟବସ୍ଥା ଅଛି । ମୁଖ୍ୟତଃ ପର୍ଯ୍ୟଟନ କ୍ଷେତ୍ରରେ ବାଣିଜ୍ୟ ପାଇଁ ଚ଼ାରିଗୋଟି ଆତିଥ୍ୟ ବ୍ୟାପାର ଯଥା- ଖାଦ୍ୟା ଉତ୍ପାଦ, ଖାଦ୍ୟ ଓ ସୁସ୍ୱାଦୁ ପାନୀୟ ଦେବା, ଗୃହବ୍ୟବସ୍ଥା ଉପଯୋଗିତା ଏବଂ ପାଉଁରୁଟି ଓ ବିଭିନ୍ନ ପ୍ରକାର କେକ୍ ସମ୍ବନ୍ଧୀୟ ଇତ୍ୟାଦି । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ଯେଉଁମାନଙ୍କର ବୟସ ୧୮ବର୍ଷରୁ ୨୫ବର୍ଷ ହୋଇଥିବ ଏବଂ ସେମାନେ ଅଷ୍ଟମଶ୍ରେଣୀ ପାସ୍ କରିଥିବେ । |
| ପାଠ୍ୟକ୍ରମ ପ୍ରଦାନ | ଏହି ଯୋଜନାଦ୍ୱାରା ନିମ୍ନଲିଖିତ ଚ଼ାରିଗୋଟି ପାଠ୍ୟକ୍ରମ ପ୍ରଦାନ କରାଯାଇଥାଏ ।<br>● ୬ସପ୍ତାହ ବ୍ୟାପି ସଂପୂର୍ଣ୍ଣ କାର୍ଯ୍ୟ ଦିବସର ଖାଦ୍ୟ ଓ  ସୁସ୍ୱାଦୁ ପାନୀୟ ସେବା ଉପରେ ପାଠ୍ୟକ୍ରମ ।<br>● ୮ ସପ୍ତାହ ବ୍ୟାପି ସଂପୂର୍ଣ୍ଣ କାର୍ଯ୍ୟ ଦିବସ ଧରି ଖାଦ୍ୟ ଉତ୍ପାଦନ ଉପରେ ପାଠ୍ୟକ୍ରମ ।<br>● ୬ ସପ୍ତାହ ବ୍ୟାପି ସଂପୂର୍ଣ୍ଣ କାର୍ଯ୍ୟ ଦିବସ ଧରି ଗୃହବ୍ୟବସ୍ଥା ଉପ-ଯୋଗିତା ଉପରେ ପାଠ୍ୟକ୍ରମ ।<br>● ୮ ସପ୍ତାହ ବ୍ୟାପି ସଂପୂର୍ଣ୍ଣ କାର୍ଯ୍ୟ ଦିବସ ପାଉଁରୁଟି ଏବଂ ବିଭିନ୍ନ କେକ୍ ସମ୍ବନ୍ଧୀୟ ପାଠ୍ୟକ୍ରମ । |
| ଆବେଦନପାଇଁ ଆବଶ୍ୟକ ରାଶି | ଆବେଦନ ପାଇଁ କିମ୍ୱା ପାଠ୍ୟକ୍ରମ ପାଇଁ କୌଣସି ଶୁଳ୍କ ଦେବାର ଆବଶ୍ୟକତା ନାହିଁ । |
| ଯୋଜନାରେ କି କି ସୁବିଧା ରହିଛି ? | ● ବୃତ୍ତି: ୬ ସପ୍ତାହ ବ୍ୟାପି ପାଠ୍ୟକ୍ରମ ପାଇଁ, ଯେଉଁ ପ୍ରଶିକ୍ଷାର୍ଥୀ ନ୍ୟୁନତମ ୯୦ପ୍ରତିଶତ ଉପସ୍ଥିତ ରହିଥାନ୍ତି, ସେମାନଙ୍କୁ ୧୫୦୦ଟଙ୍କା ଦିଆଯାଇଥାଏ । ସେହିପରି ୮ସପ୍ତାହର ପାଠ୍ୟକ୍ରମ ପାଇଁ ୨୦୦୦ଟଙ୍କା ଦିଆଯାଇଥାଏ । ଏହି ବୃତ୍ତି ଚେକ୍ ଦ୍ୱାରା ପାଠ୍ୟକ୍ରମ ସମାପ୍ତି ପରେ ଦିଆଯାଇଥାଏ ।<br>● ପ୍ରମାଣୀକରଣ: ଯେଉଁ ପ୍ରଶିକ୍ଷାର୍ଥୀ ନୁନ୍ୟତମ ୯୦ ପ୍ରତିଶତ ଉପସ୍ଥିତ ରହିଥାନ୍ତି । ପାଠ୍ୟକ୍ରମ ସମାପ୍ତପରେ ଏକ ପରୀକ୍ଷାରେ ଉପନୀତ ହେବାକୁ ପଡିଥାଏ । ଉକ୍ତ ପରୀକ୍ଷାରେ ଉନ୍ନତ ପ୍ରଶିକ୍ଷାର୍ଥୀଙ୍କୁ ଉକ୍ତ ଅନୁଷ୍ଠାନ ଓ ରାଜ୍ୟସରକାର/କେନ୍ଦ୍ରସରକାର ମିଳିତ ଭାବରେ ପ୍ରମାଣପତ୍ର ପ୍ରଦାନ କରିଥାନ୍ତି । ଉକ୍ତ ଅନୁଷ୍ଠାନର ଅଧକ୍ଷ ନିଜ ଇଛା ଅନୁଯାୟୀ ବୃତ୍ତି ବା ପରୀକ୍ଷାରେ ଉପନୀତ ହେବାପାଇଁ ଆବଶ୍ୟକ ହେଉଥିବା ଉପସ୍ଥିତ ନୀତିକୁ ୧୦ ପ୍ରତିଶତ କୋହଳ କରିପାରନ୍ତି ଏବଂ ସେଥିପାଇଁ ଅଧକ୍ଷକୁ କୋହଳର କାରଣ ଲିଖିତ ଆକାରରେ ଦେବାକୁ ପଡିଥାଏ ।<br>● ନିଯୁକ୍ତି ପାଇଁ ସୁବିଧା କରାଇବା: ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କାର୍ଯ୍ୟାନ୍ୱିତ କରୁଥିବା ଅନୁଷ୍ଠାନ ଗୁଡିକ ପାସ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବାପାଇଁ ସଦ୍‌ଚେଷ୍ଟା କରନ୍ତି । କ୍ୟାମ୍ପସ ନିଯୁକ୍ତି ମାଧମରେ ମଧ ନିଯୁକ୍ତି ନେବାପାଇଁ ଚେଷ୍ଟା କରାଯାଇଥାଏ ।<br>● ବାହାର ପ୍ରାର୍ଥୀଙ୍କ ପାଇଁ ହଷ୍ଟେଲର ସୁବିଧା: କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ପ୍ରଶିକ୍ଷାର୍ଥୀଙ୍କୁ ନିଜ ହଷ୍ଟେଲରେ ମାଗଣାରେ ରଖିବାର ବ୍ୟବସ୍ଥା କରନ୍ତି ନଚେତ୍ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଭଡା ସୂତ୍ରରେ ପ୍ରଶିକ୍ଷାର୍ଥୀଙ୍କୁ ରହିବାର ସୁବିଧା କରାଇଥାଆନ୍ତି, ଯଦି କୌଣସି ବାହାର ପ୍ରଶିକ୍ଷାର୍ଥୀ ରହିବାର ସୁବିଧା ନିଜେ କରିଇଥାଆନ୍ତି । ସେ କାର୍ଯ୍ୟକାରୀ ସଂସ୍ଥାଠାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତିପୁରଣର ହକ୍‌ଦାର ହୋଇଥାଆନ୍ତି । ଏହା ଚେକ୍ ମାଧମରେ ପ୍ରଦାନ କରାଯାଇଥାଏ । |
| ପ୍ରଚ଼ାର ପ୍ରସାର | ଏହି କାର୍ଯ୍ରକ୍ରମର ପ୍ରଚ଼ାର ପ୍ରସାର ପାଇଁ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳମାନେ ଖବରକାଗଜରେ ବିଜ୍ଞାପନ ଦେଇଥାନ୍ତି । ଏତତ୍ ସହିତ ୱେବସାଇଟ୍‌ରେ ମଧ ଏହାକୁ ଉପସ୍ଥାପନ କରାଯାଇଥାଏ । କାର୍ଯ୍ୟକାରୀ କରୁଥିବା ଅନୁଷ୍ଠାନ ବର୍ଷକୁ ସର୍ବାଧିକ ୨ଥର ବିଜ୍ଞାପନ ଦେଇପାରନ୍ତି । ଏହି କାର୍ଯ୍ୟକ୍ରମ ପ୍ରଚ଼ାର ପାଇଁ କର୍ମଶାଳା/ପାରସ୍ପରିକ ଚର୍ଚ୍ଚା ମାଧମରେ ବାଣିଜ୍ୟ ସଂଗଠନ, ରାଜ୍ୟ ପର୍ଯ୍ୟଟନ ନିଗମ ଏବଂ ବ୍ୟାପାର ମଣ୍ଡଳକୁ ପ୍ରଚ଼ାର କରାଯାଏ । |
| ଅତିରିକ୍ତ ସୂଚନା | ସ୍ନାତକ, ଡିପ୍ଲୋମା କିମ୍ୱା ଅଧିକ ଶିକ୍ଷାଗତ ଯୋଗ୍ୟତା ବ୍ୟକ୍ତି ଏହି କାର୍ଯ୍ୟକ୍ରମ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ । |
| ସୂଚନାର ଉତ୍ସ | Htt://www.orissatourism.gov.in/cbspunarserozgartak training 2014-15 |

## APPLICATION FORM FOR HUNAR SE ROZGAR TAK

**Cook – 8 weeks** ☐

Passport size Photograph

1. NAME

2. PERMANENT ADDRESS

3. PRESENT ADDRESS

4. Contact Phone

5. E.mail: ______________________________

6. Date of Birth:

7. Age: years ☐ ☐

8. Gender: **Male** ☐ **Female** ☐

9. Category: **SC/ST/OBC/GEN**

10. Educational Qualifications
(to be supported by a certificate issued by the school attended)

| Course Title | Duration | School/ University | % Marks | Year of Passing |
|---|---|---|---|---|
| | | | | |
| | | | | |
| | | | | |
| | | | | |

11. Experience, if any:

| Organization | Post Held | Department | Date From | Date To | Total Duration D/M/Y |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

12. Certified that the above details are true and that if found incorrect my admission is likely to be cancelled.

Date : _____________

(Signature)

| | |
|---|---|
| ଯୋଜନାର ନାମ | ଉଦ୍ୟୋଗିକ କୌଶଳ ବିକାଶ କାର୍ଯ୍ୟକ୍ରମ(ଇ.ଏସ୍.ଡି.ପି) |
| ପ୍ରାୟୋଜକ | ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଅଛି । |
| ଯୋଜନା ସମ୍ପର୍କରେ | ● ଏହି ଯୋଜନାରେ ଭାବୀ ଉଦ୍ୟୋଗକାରୀ ଏବଂ କାର୍ଯ୍ୟରତ କର୍ମଚାରୀଙ୍କ କୌଶଳ ବୃଦ୍ଧି ପାଇଁ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । ତତ୍‌ସହିତ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗର ନୂତନ କର୍ମଚାରୀ ଏବଂ ଟେକ୍‌ନିସିଆନଙ୍କର କୌଶଳ ବୃଦ୍ଧିପାଇଁ ବିଭିନ୍ନ ପ୍ରକାରର ବୈଷୟିକ ଏବଂ କୌଶଳ ବିକାଶ ପ୍ରଶିକ୍ଷଣ ଦିଆଯାଇଥାଏ । ପ୍ରଶିକ୍ଷଣ ପ୍ରଦାନ ପରେ କୌଶଳ ବୃଦ୍ଧି ସହିତ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅତ୍ୟନ୍ତ ଉତ୍ତମ ଓ ଉଚ୍ଚକୋଟୀର ପ୍ରଯୁକ୍ତି ବିଦ୍ୟାର କୌଶଳ ପ୍ରଦାନ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।<br>● ନିୟମିତ ଭାବରେ ଉଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମ (EDPs) ଗୁଡ଼ିକର ଆୟୋଜନ କରାଯାଇ ଯୁବକମାନଙ୍କର ପ୍ରତିଭାର ପୋଷଣ କରାଯାଏ । ଏମ୍.ଏସ୍.ଇ (ସୂକ୍ଷ୍ମ, ଲଘୁ ଉଦ୍ୟମ) ପ୍ରତିଷ୍ଠା ପାଇଁ ଯୁବବର୍ଗଙ୍କୁ ବିଭିନ୍ନ ପ୍ରକାରର ଶିଳ୍ପଜନିତ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଜ୍ଞାନ ପ୍ରଦାନ କରାଯାଇଥାଏ । ସାଧାରଣତଃ ଏହି ଇ.ଡ଼ି.ପି (EDPs) ଗୁଡ଼ିକ ଆଇ.ଟି.ଆଇ., ପଲିଟେକ୍‌ନିକ୍ ଏବଂ ଅନ୍ୟ ବୈଷୟିକ ଅନୁଷ୍ଠାନ ମାନଙ୍କର ଦ୍ୱାରା ଆୟୋଜନ କରାଯାଏ । ଏହି ଅନୁଷ୍ଠାନମାନଙ୍କରେ ଥିବା କୌଶଳ, ପ୍ରଶିକ୍ଷାର୍ଥୀଙ୍କୁ ସ୍ୱରୋଜଗାରୀ ହେବାପାଇଁ ପ୍ରେରଣା ଯୋଗାଇଥାଏ ।<br>● ଏହି କାର୍ଯ୍ୟକ୍ରମଟି ଗ୍ରାମାଞ୍ଚଳ ଏବଂ କମ୍ ବିକଶିତ ଅଞ୍ଚଳରେ ମଧ୍ୟ କାର୍ଯ୍ୟକାରୀ ହୋଇଥାଏ, ତେଣୁ ଏହି କାର୍ଯ୍ୟକ୍ରମଗୁଡ଼ିକୁ "ଆଉଟ୍ ରିଚ ପ୍ରୋଗ୍ରାମ" ବୋଲି କୁହାଯାଇଥାଏ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ୧୮ ବର୍ଷ ବୟସ କିମ୍ବା ତଦୂର୍ଦ୍ଧ ବୟସର ଯେଉଁମାନେ ସାମାଜିକ ସୁରକ୍ଷାରୁ ବଞ୍ଚିତ ଗୋଷ୍ଠୀ ମୁଖ୍ୟତଃ ଓବିସି, ଏସ୍.ସି., ଏସ୍.ଟି, ସଂଖ୍ୟା ଲଘୁ ସଂମ୍ପ୍ରଦାୟ ଏବଂ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ । |
| ପାଠ୍ୟକ୍ରମ ବିଷୟ | ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୬୦ଗୋଟି ପ୍ରକାରର ବିଷୟ ପ୍ରଦାନ କରିଥାଏ । |
| ପ୍ରଶିକ୍ଷଣ ଫିସ୍ | ସାଧାରଣ ପ୍ରାର୍ଥୀଙ୍କ ପାଇଁ ୨୦୦ ଟଙ୍କା, ମହିଳା ଓ ଭିନ୍ନକ୍ଷମଙ୍କ ପାଇଁ ପ୍ରଶିକ୍ଷଣ ଫିସ୍‌ର ୫୦ ପ୍ରତିଶତ ଏବଂ ଏସ୍.ସି/ଏସ୍.ଟି (SC/ST) ଙ୍କ ପାଇଁ କୌଣସି ଫିସ୍ ଦେବାକୁ ପଡ଼ିନଥାଏ । |
| ଏହି ଯୋଜନାରେ କି କି ସୁବିଧା ମିଳିଥାଏ ? | ଇ.ଏସ୍.ଡ଼ି.ପି (ESDP) ର ସର୍ବମୋଟ ଲକ୍ଷର ୨୦ ପ୍ରତିଶତ କେବଳ ଦୁର୍ବଳ ଶ୍ରେଣୀ ବର୍ଗ (SC/ST / ମହିଳା/ଭିନ୍ନକ୍ଷମ)ଙ୍କ ପାଇଁ କାର୍ଯ୍ୟ କରିଥାଏ । ସୂକ୍ଷ୍ମ ଓ ଲଘୁ ଉଦ୍ୟୋଗ ଅନ୍ତର୍ଭୁକ୍ତ ପ୍ରମୋସନାଲ ପ୍ୟାକେଜ୍ ମାଧ୍ୟମରେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ମାସପିଛା ୫୦୦ଟଙ୍କା ହିସାବରେ ଭତ୍ତା ପ୍ରଦାନ କରାଯାଇଥାଏ । |
| ଅତିରିକ୍ତ ସୂଚନା | ଏଜେନ୍ସି: ଏହି କାର୍ଯ୍ୟକ୍ରମ ଗୁଡ଼ିକ ମନ୍ତ୍ରଣାଳୟର ଏମ୍.ଏସ୍.ଏମ୍.ଇ–ଡ଼ି.ଆଇ. (MSME-DI) ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଏ ।<br>ଅବଧି: ୬ ସପ୍ତାହ ।<br>ନ୍ୟୁନତମ ଲୋକଙ୍କ ସଂଖ୍ୟା: ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସର୍ବନିମ୍ନ ୨୦ ଜଣ ପ୍ରାର୍ଥୀ ଆବଶ୍ୟକ ।<br>ପ୍ରଶିକ୍ଷଣ ରାଶି: ୬୦,୦୦୦ ଟଙ୍କା ।<br>ବୟସ: ୧୮ ବର୍ଷ ଏବଂ ତଦୂର୍ଦ୍ଧ ।<br>ଯୋଗ୍ୟତା: ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ଦ୍ୱାରା ଧାର୍ଯ୍ୟ କରାଯାଏ । |
| ସୂଚନାର ଉତ୍ସ | http://dcorsme.gov.in/enterprise & skilldevelopment.htm/<br>http://msme.gov.in/writer Read Data/Document File/EDP.pdf. |

*PHOTO*

**Government of India**
**MSME- DEVELOPMENT INSTITUTE**
**INDUSTRIAL ESTATE, GOKUL ROAD, HUBLI- 580 030**

**6 WEEKS ENTREPRENEURSHIP & SKILL DEVELOPMENT PROGRAMME (ESDP)**

## REGISTRATION FORM

| | |
|---|---|
| Name of the Programme | : **Certificate Course on Milling** |
| Venue | : MSME-Development institute, Gokul Road, Hubli |
| Period | : From                To: |

## BIO-DATA

| | |
|---|---|
| 1. Name (Mr. /Mrs. / Kum.):<br><br>Father's / Husband's name: | |
| 2. * Date of Birth / Age: | |
| 3. a) Address for Correspondence:<br><br>b) Permanent address if different: | |
| 4. a) Phone no. with STD /Cell No.<br>b) e-mail ID if available: | |
| 5. * Category: (Please tick mark) | SC / ST / BC / Min. / PH / Gen. |
| 6. *a) Educational / Technical Qualifications:<br>b) Work experience if any: | |
| 7. Present status:<br>(Please tick mark) | Student / Unemployed / Employed /<br>House Wife / Business |
| 8. Project / business activity interested / planning: | |

* (copy of certificate for SC/ST/Min/PH Category should be enclosed)

* (copy of Date of Birth certificate should be enclosed)

(Programme Coordinator), MSMEDI, Hubli                Signature of the Candidate

| | |
|---|---|
| ଯୋଜନାର ନାମ | ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) |
| ପ୍ରାୟୋଜକ | ● ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ନିବଣ୍ଟନ ବ୍ୟବସ୍ଥା (ଖାଦ୍ୟ ଓ ସାଧାରଣ ନିବଣ୍ଟନ ବିଭାଗ) ଭାରତ ସରକାର ।<br>● ଏହା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଅଛି । |
| ଯୋଜନା ସମ୍ପର୍କରେ | ● ଡ଼ିସେମ୍ବର ୨୫ ତାରିଖ ୨୦୦୦ ମସିହାରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏହି ଅନ୍ତ୍ୟୋଦୟ ଅନ୍ନ ଯୋଜନା ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମଟି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଗରିବ ଲୋକମାନଙ୍କ ପାଇଁ ସରକାରୀ ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ଆଣିବା ବ୍ୟତୀତ ନାଗରିକ ମାନଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରି ଏକ କ୍ଷୁଧାମୁକ୍ତ ଭାରତ ସୃଷ୍ଟି କରିବାର ପ୍ରତିଶ୍ରୁତି ଦେଇଥାଏ ।<br>● ଅନ୍ତ୍ୟୋଦୟ ଅନ୍ନ ଯୋଜନା ପ୍ରମୁଖ ଭାବରେ ଦେଶର ପାଞ୍ଚ ଶତାଂଶ ଅତି ଗରିବ ଶ୍ରେଣୀର ଲୋକ ଯେଉଁମାନେ ଦିନକୁ ଦୁଇମୁଠା ଖାଇବାକୁ ପାଉନାହାନ୍ତି ସେମାନଙ୍କ ପାଇଁ ସଂରକ୍ଷିତ କରିଥାଏ । ଏହି ପାଞ୍ଚ ଶତାଂଶ ଲୋକ (ପାଞ୍ଚ କୋଟି ଲୋକ କିମ୍ବା ଏକ କୋଟି ପରିବାର) ଯେଉଁମାନେ ବିପିଏଲ୍ ଧାର୍ଯ୍ୟମୂଲ୍ୟରେ ମଧ ବର୍ଷସାରା ଖାଦ୍ୟ କ୍ରୟ ପାଇଁ ଅସମର୍ଥ ହୋଇଥାନ୍ତି ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରହିଅଛି । |
| ଯୋଜନାର ଉଦ୍ଦେଶ୍ୟ | ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାରୀ ବଣ୍ଟନ ବ୍ୟବସ୍ଥାରେ ଉନ୍ନତି ଆଣିବା ବ୍ୟତୀତ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ସମସ୍ତ ନାଗରିକଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରି ଏକ କ୍ଷୁଧାମୁକ୍ତ ଭାରତ ସୃଷ୍ଟି କରିବା ଏହି ଅନ୍ତ୍ୟୋଦୟ ଅନ୍ନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । |
| କେତେ ମୂଲ୍ୟ ଏବଂ ଅନୁପାତରେ ବିତରଣ କରାଯାଏ । | ଏହି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏକ କୋଟି ପରିବାରକୁ ଏବଂ ପ୍ରତ୍ୟେକ ପରିବାରକୁ ପ୍ରତ୍ୟେକ ମାସରେ ୨୫ କି.ଗ୍ରା. ହାରରେ ଖାଦ୍ୟଦ୍ରବ୍ୟ ଯୋଗାଇ ଦେବାପାଇଁ ବିଗ୍ଧର କରାଯାଇଥାଏ । ଏହି ଯୋଜନା ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଗହମ କିଲୋପିଛା ୨ ଟଙ୍କା ଓ ଚାଉଳ କିଲୋପିଛା ୩ ଟଙ୍କା ଦରରେ ଯୋଗାଇ ଦିଆଯାଇଥାଏ । ଏହି ଯୋଜନାର ହିତାଧିକାରୀଙ୍କର ଦାରିଦ୍ର୍ୟକୁ ଧାନରେ ରଖି ଭାରତ ସରକାର ସମସ୍ତ ରାଜ୍ୟ ସରକାର ମାନଙ୍କୁ ଖାଦ୍ୟ ଦର ଗହମ କିଲୋପିଛା ୨ଟଙ୍କା ଓ ଚାଉଳ କିଲୋପିଛା ୩ ଟଙ୍କାରେ ସୀମିତ ରଖିବାକୁ ପ୍ରସ୍ତାବ ଦିଆଯାଇଅଛି । |
| ହିତାଧିକାରୀଙ୍କ ଚିହ୍ନଟ | ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାର ମଧ୍ୟରୁ ହିତାଧିକାରୀଙ୍କର ଚିହ୍ନଟ କରାଯାଇଥାଏ । |
| ରାସନ କାର୍ଡ଼ର ଆବଣ୍ଟନ | ଅନ୍ତ୍ୟୋଦୟ ପରିବାରର ଚିହ୍ନଟ ପରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ରାସନ୍‌କାର୍ଡ଼ ଯଥା – “ଅନ୍ତ୍ୟୋଦୟ ରାସନ୍ କାର୍ଡ଼” କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ । ଏହି କାର୍ଡ଼ରେ ଆବଶ୍ୟକୀୟ ସୂଚନା ଯଥା- ଅନ୍ତ୍ୟୋଦୟ ପରିବାରର ମୂଲ୍ୟ ସଂଖ୍ୟା, ଖାଦ୍ୟର ପରିମାଣ ଉଲ୍ଲେଖ ଥାଏ । |
| ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଖାଦ୍ୟଦ୍ରବ୍ୟ | ● ରାସନ୍ କାର୍ଡ଼ ବଣ୍ଟନ ପରେ, ଧାର୍ଯ୍ୟ ଖାଦ୍ୟଦ୍ରବ୍ୟକୁ ସୁଲଭ ମୂଲ୍ୟରେ ଦୋକାନ ମାଧ୍ୟମରେ ସହାୟକ ଦରରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ।<br>● ଏହି ଯୋଜନାରେ କେନ୍ଦ୍ର ସରକାର ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ଖାଦ୍ୟଦ୍ରବ୍ୟ ନିୟୋଜନ କରି ଉପଯୋଗ ପ୍ରମାଣପତ୍ର ଗ୍ରହଣ କରିଥାଏ ଯାହା ଅନ୍ତ୍ୟୋଦୟ ପରିବାରମାନଙ୍କୁ ବଣ୍ଟନ କରାଯାଇଥିବା ସଠିକ୍ ଖାଦ୍ୟ ପହଞ୍ଚିବାର ସ୍ୱତନ୍ତ୍ର/ ହିସାବ ପ୍ରଦାନ କରିଥାଏ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ● ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ଲୋକ ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥାନ୍ତି ସେମାନେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବେ । ଏହି ବର୍ଗକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଚିହ୍ନଟ କରାଯାଇଥାଏ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● ଏହି ଯୋଜନାଟି ସଂପୂର୍ଣ୍ଣ ଭାବରେ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟ କରୁଅଛି । |
| ସୂଚନାର ଉତ୍ସ | http//fcp.bih.nic.in/documents/schemes/antyodayajona.pdf, http://www.zenithresearch.org.in/pdf/14_z1jbmer.vol-2-issue-feb<br>http://www.indianyojana.com/anajay-yojana/antyodaya-anna-yojana.htm |

| | |
|---|---|
| ଯୋଜନାର ନାମ | ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା (IGNOPS) |
| ପ୍ରାୟୋଜକ | ● ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର<br>● ପରିଚାଳିତ- ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶା ସରକାର |
| କାର୍ଯ୍ୟକ୍ରମ ବାବଦରେ | ● ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନ୍‌ସନ ଯୋଜନା (IGNOAPS) ରେ ୬୦ ବର୍ଷ ବୟସ କିମ୍ବା ତଦୁର୍ଦ୍ଧ ଭାରତୀୟ ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥାନ୍ତି ସେମାନେ ସାମିଲ ହୋଇଥାଆନ୍ତି । ଏହି ଯୋଜନାରେ ସାମିଲ ହେବାପାଇଁ କୌଣସି ଶୁଳ୍କ ଦେବାକୁ ପଡିନଥାଏ । ଏହି ପେନ୍‌ସନ୍ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏକ ଭାଗ ଯାହାକି ୧୯୯୫ ମସିହା ଅଗଷ୍ଟ ମାସରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା । |
| କାର୍ଯ୍ୟକ୍ରମର ଉଦ୍ଦେଶ୍ୟ | ● ଗରିବଏବଂ ବୃଦ୍ଧାଙ୍କୁ, ସାମାଜିକ/ ଆର୍ଥିକ ସହାୟତା ପ୍ରଦାନ କରିବା ସହ ରାଜ୍ୟ ନୀତିର ନିର୍ଦ୍ଦେଶାବଳୀ ନୀତି ଅଧିନରେ ଥିବା ଅନୁଚ୍ଛେଦ-୪୧ (Artcile-41) ର ଭାବକୁ ପୂର୍ଣ୍ଣ କରିଥାଏ । |
| କେଉଁମାନେ ଯୋଗ୍ୟ ହୋଇପାରିବେ ? | ● ୬୦ ବର୍ଷ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥାଆନ୍ତି ସେମାନେ IGNOAPS ଯୋଜନାରେ ଆବେଦନ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି ।<br>● ଆବେଦନକାରୀଙ୍କର ବୟସ (ପୁରୁଷ କିମ୍ବା ମହିଳା) ୬୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବା (ଏଥିରେ ୬୦-୭୯) ବର୍ଷ ବୟସ୍କ BPL କାର୍ଡଧାରୀ ବିଧବା କିମ୍ବା ବ୍ୟକ୍ତି ଯାହାଙ୍କର ବିବିଧ ଅସାମର୍ଥ୍ୟତା ଥାଏ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇନଥାନ୍ତି । |
| ପେନ୍‌ସନର ରାଶି | ● ୬୦-୭୯ ବର୍ଷ ବୟସ ମଧ୍ୟରେ ସମସ୍ତ IGNOAPS ହିତାଧିକାରୀ ମାନଙ୍କୁ ମାସକୁ ପେନ୍‌ସନ୍ ଆକାରରେ ୩୦୦ଟଙ୍କା( ୨୦୦ଟଙ୍କା କେନ୍ଦ୍ରସରକାର + ୧୦୦ ଟଙ୍କା ରାଜ୍ୟ ସରକାର) ପାଇଥାନ୍ତି ।<br>● ସେହିପରି ଯେଉଁମାନେ ୮୦ ବର୍ଷ ବା ତା'ଠୁ ଅଧିକ ବୟସରେ ହୋଇଥାନ୍ତି ସେମାନେ ମାସକୁ ୫୦୦ଟଙ୍କା ଲେଖାଏଁ ପେନ୍‌ସନ୍ କେନ୍ଦ୍ର ସରକାରଙ୍କ ଠାରୁ ପାଇଥାନ୍ତି । |
| ଅର୍ଥଯୋଗାଣର ଢ଼ାଞ୍ଚା | ● ହିତାଧିକାରୀ ମାସକୁ ୩୦୦ ଟଙ୍କା ହିସାବରେ ପେନ୍‌ସନ୍ ପାଇଥାନ୍ତି ଯେଉଁଥିରେ ରାଜ୍ୟ ସରକାର ପ୍ରତିମାସ ୧୦୦ଟଙ୍କା ହିସାବରେ ହିତାଧିକାରୀଙ୍କ ପାଇଁ ବହନ କରିଥାନ୍ତି ।<br>● ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ୫୦୦ଟଙ୍କା ଭତ୍ତା ଦିଆଯାଇଥାଏ ଯାହାକି ସଂପୂର୍ଣ୍ଣଭାବରେ କେନ୍ଦ୍ର ସରକାର ବହନ କରିଥାନ୍ତି । |
| ଆବଶ୍ୟକୀୟ ପଦ୍ଧତି | ● ଆବେଦନକାରୀ ଗ୍ରାମପଞ୍ଚାୟତ ଅଫିସ୍ କିମ୍ବା ବ୍ଲକ୍ ଅଫିସ୍‌ରେ ନିମ୍ନଲିଖିତ ଦସ୍ତାବିଜ/ କାଗଜପତ୍ର ସହ ଆବେଦନ କରିବେ ।<br>କ) ଆବେଦନ ପତ୍ର (IGNOPS ଦ୍ୱାରା ନିର୍ଦ୍ଧାରିତ) ।<br>ଖ) ବିପିଏଲ୍ (BPL) କାର୍ଡର ନକଲ ।<br>ଗ) ଭୋଟ୍ ପରିଚୟ ପତ୍ର ନକଲ ।<br>ଘ) ବୟସ ପ୍ରମାଣପତ୍ର ନକଲ ।<br>ଙ) ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ୍ । |
| ସୂଚନାର ଉତ୍ସ | http:www.odisha.gov.in/<br>http://nsap.nic.in/guidelines.html# |

# ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦରଖାସ୍ତ ଫର୍ମ

## ( ଅସହାୟ ବୃଦ୍ଧ ବୃଦ୍ଧା, ବିଧବା, କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ, ଭୂମିହୀନ/ କୃଷି ଶ୍ରମିକ ଓ ବିକଳାଙ୍ଗ କୃଷ୍ଠରୋଗୀଙ୍କ ପାଇଁ ଉଦ୍ଦିଷ୍ଟ )

୧. ଦରଖାସ୍ତକାରୀଙ୍କ ନାମ ଶ୍ରୀ/ଶ୍ରୀମତୀ ................................................................................

୨. ପିତା ବା ସ୍ୱାମୀଙ୍କ ନାମ:................................................................................

୩. ପୁରା ଠିକଣା : ଗ୍ରାମ ......................................ଡାକଘର.........................................
ଗ୍ରାମପଞ୍ଚାୟତ.....................................ସହର.......................ୱାର୍ଡ ନମ୍ବର..................

୪. ଦରଖାସ୍ତ ଦାଖଲ ଦିନ ଆବେଦନ କାରୀଙ୍କ ବୟସ :-

୫. ବୟସ ସଂପର୍କରେ ପ୍ରମାଣ:-

୬. ନିମ୍ନ ଲିଖିତ ମତେ ଆବେଦନକାରୀଙ୍କ ସଂପର୍କୀୟ ବ୍ୟକ୍ତିମାନଙ୍କ ବୟସ, ସେମାନଙ୍କ ନାମ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।:-

(କ) ପୁଅ -
(ଖ) ପିତା –
(ଗ) ମାତା -
(ଘ) ସ୍ୱାମୀ / ସ୍ତ୍ରୀ –
(ଙ) ପୁଅଙ୍କ ପୁଅ (ନାତି) –
(ଚ) ନିଯୁକ୍ତି ପ୍ରାପ୍ତ ଅବିବାହିତ କନ୍ୟା –
(ଛ) ଏକାନ୍ନ ବର୍ତ୍ତୀ ପରିବାରରେ ରୋଜଗାରକ୍ଷମ ଭାଇ –

୭. ଆବେଦନକାରୀ ନିମ୍ନୋକ୍ତ ବିବରଣୀ ଦେବେ –

ମୁଁ ..........................................ସତ୍ୟନିଷ୍ଠା ଭାବେ କହୁଛି ଯେ -

(କ) ଭରଣ ପୋଷଣ ନିମନ୍ତେ ସମସ୍ତ ସୂତ୍ରରୁ ମୋର ବାର୍ଷିକ ଆୟ ଟ୨୨୬୫-ରୁ ଅଧିକ ନୁହେଁ କିମ୍ବା ମୋତେ ସାହାଯ୍ୟ କରିବା ନିମନ୍ତେ କୌଣସି ବ୍ୟକ୍ତି ନାହାନ୍ତି । କେନ୍ଦ୍ର/ ରାଜ୍ୟ ସରକାର ବା ସରକାରୀ ସାହଯ୍ୟପ୍ରାପ୍ତ କୌଣସି ଅନୁଷ୍ଠାନରୁ ମୁଁ କୌଣସି ସାହାଯ୍ୟପାଇନାହିଁ ।

(ଖ) ମୁଁ ଓଡିଶାର ଜଣେ ଅଧିବାସୀ । ମୁଁ ଆବେଦନପତ୍ର ଦେବାର ଅବ୍ୟବହିତ ପୂର୍ବରୁ ଓଡିଶାରେ ଦୀର୍ଘ ୨୦ ବର୍ଷ ଧରି ବାସକରି ଆସୁଅଛି ।

(ଗ) ମୁଁ ଘୋଷଣା କରୁଅଛି ଯେ ଏହି ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିବା ସମସ୍ତ ତଥ୍ୟ ମୋ ଜାଣିବାରେ ସତ୍ୟ ଅଟେ ।

(ଘ) ମୁଁ କୌଣସି ଫୌଜଦାରୀ ଅପରାଧରେ ଦଣ୍ଡିତ ହୋଇନାହିଁ ।

(ଙ) ମୁଁ ଭିକ୍ଷାବୃତ୍ତି ଅବଲମ୍ବନ କରୁନାହିଁ ।

(ଚ) ମୁଁ ଜଣେ ଅସହାୟ ବୃଦ୍ଧ, ବୃଦ୍ଧା/ ବିଧବା/କ୍ଷୁଦ୍ରଚାଷୀ/ ନାମମାତ୍ର ଚାଷୀ/ ଭୂମିହୀନ କୃଷି ଶ୍ରମିକ/ ବିକଳାଙ୍ଗ କୁଷ୍ଠରୋଗୀ ଅଟେ । (କୁଷ୍ଠରୋଗୀଙ୍କ କ୍ଷେତ୍ରରେ ଡାକ୍ତର ସାର୍ଟିଫିକେଟ ଥିବା ଦରକାର )

ସ୍ଥାନ -

ତାରିଖ - ଆବେଦନକାରୀଙ୍କ ସାକ୍ଷର କିମ୍ବା ଟିପଚିହ୍ନ

୮.	ପ୍ରମାଣ ପତ୍ର –

(ଏ ପ୍ରମାଣପତ୍ର କୌଣସି ପାର୍ଲିଆମେଣ୍ଟ ସଦସ୍ୟ, ବିଧାନ ସଭା ସଦସ୍ୟ, ମୁନିସିପାଲିଟି କିମ୍ୱ ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ପଞ୍ଚାୟତ ସମିତିର ଚେୟାର ମ୍ୟାନ ଅଥବା ଜଣେ ସରକାରୀ ଗେଜେଟେଡ୍ ଅଫିସରଙ୍କ ଦସ୍ତଖତ ସହ ଦାଖଲ କରିବା ଆବଶ୍ୟକ )

ଆବେଦନକାରୀ ଶ୍ରୀ / ଶ୍ରୀମତୀ ...................ପିତା/ ସ୍ୱାମୀ...................ଙ୍କ ଗ୍ରାମ...................ପୋଷ୍ଟ.......................ଥାନା ..................ଜିଲ୍ଲା.................ଙ୍କୁ ଭଲଭାବେ ବିଗତ.............ବର୍ଷଧରୀ ଜାଣେ । ମୁଁ ଯେତେଦୂର ଜାଣେ ଆବେଦନକାରୀ ଦେଇଥିବା ତଥ୍ୟ ନିର୍ଭୁଲ ଅଟେ ।

ସେ ତାଙ୍କ ଶରୀରରେ ଥିବା ପ୍ରଦତ୍ତ ଚିହ୍ନ ଦ୍ୱାରା ଚିହ୍ନିତ

(୧)	ପ୍ରମାଣ ପତ୍ର ପ୍ରଦାନକାରୀଙ୍କ ସାକ୍ଷର

ତାରିଖ

(୨)	ପୂରାଠିକଣା

ଆବେଦନକାରୀଙ୍କ ସାକ୍ଷର ବା ଟିପଚିହ୍ନ

ଦ୍ରଷ୍ଟବ୍ୟ -ପୂର୍ଣ୍ଣ ବିବରଣୀ ସହ ଉକ୍ତ ଆବେଦନ ପତ୍ରର ତିନିକିତା ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ / ନିର୍ବାହ ଅଧିକାରୀ ମ୍ୟୁନିସିପାଲିଟି/ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ନିକଟକୁ ପଠାଯିବା ଆବଶ୍ୟକ ।

## ସଂପ୍ରସାରଣ ଅଧିକାରୀ / ନିର୍ବାହୀ ଅଧିକାରୀଙ୍କ ରୀପୋର୍ଟ

ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡିକର ଆବଶ୍ୟକୀୟ ଅନୁସନ୍ଧାନ କରିବାପରେ ମୁଁ ସତ୍ୟନିଷ୍ଠ ଭାବେ ଏଥିରେ ଘୋଷଣା କରୁଛି ଯେ,

(୧) ମୋର ଅନୁସନ୍ଧାନ ଅନୁଯାୟୀ ଆବେଦନକାରୀଙ୍କ ବୟସ ଠିକ୍ ନୁହେଁ / ଠିକ୍ ଅଟେ । ଆବେଦନକାରୀଙ୍କ ନାମ, ଭୋଟର ତାଲିକା, ଗ୍ରାମପଞ୍ଚାୟତ, ମ୍ୟୁନିସିପାଲିଟି/ ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ରହିଅଛି । ତଦନୁଯାୟୀ ଆବେଦନକାରୀଙ୍କ ବର୍ତ୍ତମାନ ବୟସ .......................ବର୍ଷ ଅଟେ ।

(୨) ଆବେଦନକାରୀ ତାଙ୍କ ଆବେଦନ ପତ୍ରରେ ଯେଉଁ ନାମ ଉଲ୍ଲେଖ କରିଛନ୍ତି ତାହା ଭୋଟର ତାଲିକାଗୁଡିକରେ ଉଲ୍ଲେଖ କରାଯାଇଥିବା ନାମ ସହିତ ମେଳ ହେଉନାହିଁ / ମେଳ ହେଉଅଛି । ଉପରୋକ୍ତ କୌଣସି ନଥି ପତ୍ରରେ ତାଙ୍କର ନାମ ମିଳୁ ନାହିଁ/ ମିଳୁଅଛି ।

(୩) ଆବେଦନକାରୀଙ୍କ ନାମ ଭୋଟର ତାଲିକାରେ ଠିକ୍ ଥାଇ ବୟସ ଭୁଲଥିବାରୁ/ ଭୋଟର ତାଲିକାରେ ନାମ ଆଦୌ ନଥିବାରୁ/ କୌଣସି ନଥିପତ୍ରରୁ ବୟସ ନିରୂପଣ କରିବା ସମ୍ଭବ ନହେଲେ ଡାକ୍ତର ସାର୍ଟିଫିକେଟ ଅନୁସାରେ ତାଙ୍କର ବର୍ତ୍ତମାନ ବୟସ............................ବର୍ଷ ଅଟେ ।

(୪) ଆବେଦନକାରୀଙ୍କ ତାଙ୍କର ସଂପର୍କୀୟ ........................ ଭରଣପୋଷଣ ନିମନ୍ତେ ସାହାଯ୍ୟ କରନ୍ତି ।

(୫) ଆବେଦନକାରୀଙ୍କ ଭରଣପୋଷଣ ନିମନ୍ତେ ତାଙ୍କର କୃଷି,ପଶୁସଂପଦ, ଶିଳ୍ପ, ବ୍ୟବସାୟ ଓ ବୃତ୍ତି ଇତ୍ୟାଦି ସମସ୍ତ ସୂତ୍ରରୁ ବାର୍ଷିକ ଟ ...................................ଆୟ କରନ୍ତି ।

(୬) ଅନୁସନ୍ଧାନରୁ ଜଣାଯାଏ ଯେ ଆବେଦନକାରୀ ଜଣେ ଅସହାୟ ବୃଦ୍ଧ/ ବୃଦ୍ଧା/ ବିଧବା/କ୍ଷୁଦ୍ରଚାଷୀ/ ନାମମାତ୍ର ଚାଷୀ/ ଭୂମିହୀନ କୃଷି ଶ୍ରମିକ/ ବିକଳାଙ୍ଗ କୁଷ୍ଠରୋଗୀ ଅଟନ୍ତି ।

(୭) ଆବେଦନ ପତ୍ରରେ ଦର୍ଶାଯାଇଥିବା ଅନ୍ୟାନ୍ୟ ବିବରଣୀ ଠିକ୍/ ନିମ୍ନୋକ୍ତ ପ୍ରକାରେ ଭୁଲ ଅଟେ ।

ଗୋଷ୍ଠି ସଂଗଠକ/ ଗୋଷ୍ଠି ସଂଗଠିକା
କଟକ ମହାନଗର ନିଗମ, କଟକ

ଆବେଦନକାରୀ ନାମରେ ହାଲ ବନ୍ଦୋବସ୍ତ ରେକର୍ଡରେ ଥିବା ଭୂସଂପତ୍ତିର ବିବରଣୀ

ରେଭେନ୍ୟୁ ଇନିସପେକ୍ଟର
(ମୋହର)

ଉପରୋକ୍ତ ବିବରଣୀ ସତ୍ୟ/ ସତ୍ୟ ନୁହେଁ । ଅତଏବ ସୁପାରିଶ କରାଗଲା / କରାଗଲା ନାହିଁ ।

ବସ୍ତି ଉନ୍ନୟନ ଅଧିକାରୀ
କଟକ ମହାନଗର ନିଗମ
(ମୋହର)

ମୁଁ ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ସମସ୍ତ ବିବରଣୀ ଯାଞ୍ଚ କରିଛି ଏବଂ ମୋ ମତରେ ଆବେଦନକାରୀ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଯୋଗ୍ୟ ଅଟନ୍ତି । ଆବେଦନ ପତ୍ର ନାମଞ୍ଜୁର, କାରଣ –

(୧)
(୨)
(୩)

ତାରିଖ ଉପଜିଲ୍ଲାପାଳ
(ପ୍ରଯୁଜ୍ୟ ହେଉ ନ ଥିବା ଅଂଶ ବାଦ ଦିଅନ୍ତୁ (ମୋହର)

# ଆବେଦନପତ୍ର ପ୍ରାପ୍ତି ସ୍ୱୀକାର

ଶ୍ରୀ/ଶ୍ରୀମତୀ........................................................................................................................................ଗ୍ରାମ/ସହର..........................................................................................................................................ଗ୍ରା.ପ.............................................................ବ୍ଲକ.........................................................................ଜିଲ୍ଲା...........................................................................................................ଙ୍କ ବାର୍ଦ୍ଧକ୍ୟ ଭତ୍ତା/ବିଧବା ଭତ୍ତା ଆବେଦନ ପତ୍ର ଅଦ୍ୟ ତା...............................................ରିଖରେ ପ୍ରାପ୍ତି ସ୍ୱୀକାର କରାଗଲା ।

ନିବ୍ରରହୀ ଅଧିକାରୀ

(ମୋହର)

ବ୍ଲକ ଉନ୍ନୟନ ଅଧିକାରୀ

(ମୋହର)

| | |
|---|---|
| ଯୋଜନାର ନାମ | ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ ଯୋଜନା (IGNWPS) |
| ପ୍ରାୟୋଜକ | • ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର<br>• ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର |
| ଯୋଜନା ସମ୍ପର୍କରେ | • ୨୦୦୯ ମସିହା ଫେବୃୟାରୀ ମାସରେ ଇନ୍ଦିରାଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନା ଆରମ୍ଭ କରାଯାଇଥିଲା । ଏହି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ୪୦-୭୯ ବର୍ଷ ବୟସ ମଧ୍ୟରେ ରହିଥିବା ବିଧବାମାନଙ୍କୁ ସାମିଲ କରାଯାଇଛି ।<br>• ଏହି ଯୋଜନାଟି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏକଭାଗ ଅଟେ ଯାହାକି ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା । |
| ଯୋଜନାର ଉଦ୍ଦେଶ୍ୟ | • ୪୦-୭୯ ବର୍ଷ ବୟସ ମଧ୍ୟରେ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାରର ସମସ୍ତ ବିଧବାଙ୍କୁ ଆର୍ଥିକ ସହାୟତା ଆକାରରେ ୩୦୦ ଟଙ୍କା ପ୍ରତି ମାସରେ ଭତ୍ତା / ପେନ୍‌ସନ୍ ପ୍ରଦାନ କରିବା । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | • ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବିଧବା ଯେଉଁମାନେ ୪୦-୭୯ ବର୍ଷ ବୟସ ମଧ୍ୟରେ ହୋଇଥାନ୍ତି ସେମାନେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇ ଥାଆନ୍ତି । |
| ପେନ୍‌ସନ୍‌ର ରାଶି | • ସମସ୍ତ  ହିତାଧିକାରୀ ମାସକୁ ୩୦୦ଟଙ୍କା ଭତ୍ତା/ ପେନ୍‌ସନ୍ ଆକାରରେ ପାଇଥାନ୍ତି । |
| ଅର୍ଥ ଯୋଗାଣର ଢ଼ାଞ୍ଚା | • IGNWPS ଭାରତ ସରକାରଙ୍କ ଦ୍ୱାରା ପୂର୍ଣ୍ଣ ପ୍ରାୟୋଜିତ କାର୍ଯ୍ୟକ୍ରମ ଯାହା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ । |
| ଆବଶ୍ୟକୀୟ ପଦ୍ଧତି / ବ୍ୟବସ୍ଥା | • ଆବେଦନକାରୀ ଗ୍ରାମପଞ୍ଚାୟତ ଅଫିସ୍ କିମ୍ବା ବ୍ଲକ୍ ଅଫିସ୍‌ରେ ନିମ୍ନଲିଖିତ ଦସ୍ତାବିଜ ବା କାଗଜପତ୍ର ସହ ଆବେଦନ କରିପାରିବେ ।<br>୧. ଆବେଦନ ଫର୍ମ (IGNWPS) ପାଇଁ ନିର୍ଦ୍ଧାରିତ ଫର୍ମ ।<br>୨. ବିପିଏଲ୍ (BPL) କାର୍ଡର ନକଲ ।<br>୩. ବୈଧବ୍ୟ ସାବ୍ୟସ୍ତ କରୁଥିବା ପ୍ରମାଣପତ୍ର ବା ଶପଥପତ୍ର (Affidavit) ।<br>୪. ବୟସ ପ୍ରମାଣପତ୍ରର ନକଲ ।<br>୫. ଭୋଟ ପରିଚୟ ପତ୍ରର ନକଲ ।<br>୬. ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ୍ । |
| ଅତିରିକ୍ତ ସୂଚନା | • ଏହା ଏକ ସାର୍ବଜନୀନ ଯୋଜନା ଏବଂ କୌଣସି ସ୍ତରରେ ସଂରକ୍ଷଣର ବ୍ୟବସ୍ଥା ନାହିଁ ।<br>• ବିଧବା ପୁନଃ ବିବାହ  କରିଥିଲେ କିମ୍ବା ଦାରିଦ୍ର୍ୟ ସୀମାରେଖାର ଉପରକୁ ରହିଥିଲେ, ଏହି ଯୋଜନାଟିକୁ ବନ୍ଦ କରି ଦିଆଯାଇଥାଏ ।<br>• ଗ୍ରାମ ପଞ୍ଚାୟତର ପ୍ରଧାନ (ସରପଞ୍ଚ),ବିଧବାଙ୍କର ଚିଠାକୁ ନିୟମିତ ଭାବରେ ସମୀକ୍ଷା କରନ୍ତି ଏବଂ ପୁନଃ ବିବାହ ହୋଇଥିଲେ ଲିଖିତ ବିବରଣୀ ପ୍ରଦାନ କରିନ୍ତି ।<br>• ଏହି ପେନ୍‌ସନ୍‌ର ରାଶି ହିତାଧିକାରୀଙ୍କର ଡାକଘରେ ରହିଥିବା ଖାତା କିମ୍ବା ପବ୍ଲିକ୍ ସେକ୍ଟର ବ୍ୟାଙ୍କରେ ରହିଥିବା ଖାତାରେ ଜମା ହୋଇଥାଏ ।<br>• ଏହି ଯୋଜନାରେ ହିତାଧିକାରୀଙ୍କ ଚିହ୍ନଟ ପାଇଁ ଗ୍ରାମ ପଞ୍ଚାୟତ /ମ୍ୟୁନିସିପାଲଟିର ବିଶେଷ ଭୂମିକା ରହିଅଛି ।<br>• ମହିଳାମାନେ ଉଭୟ ବାର୍ଦ୍ଧକ୍ୟ ଭତ୍ତା ଏବଂ ବିଧବା ଭତ୍ତା ପାଇଁ ଆବେଦନ କରିପାରିବେ ନାହିଁ । |
| ସୂଚନାର ଉତ୍ସ | http://wcdodisha.gov.in<br>http://.nsap.nic.in/ guidelines.html#<br>http://purbamedinipur.gov.in/DPRDO/Schemes/ IGNWPS/Pdf. |

# राष्ट्रीय सामाजिक सहायता कार्यक्रम (एनएसएपी) के लिए मॉडल आवेदन पत्र

पेंशन योजना : ☐ आईजीएनओएपीएस ☐ आईजीएनडब्ल्यूपीएस ☐ आईजीएनडीपीएस

फोटो

पेंशनभोगी का नाम : ____________________

पिता / माता नाम
अथवा
पति / पत्नी का नाम : ____________________

लिंग (पुरूष / महिला) : __________

जन्म तिथि ______/______/______
अथवा
(जन्म तिथि का प्रमाण) ____________________

श्रेणी : ____________________

(अजा / अजजा / अन्य पिछडा वर्ग / अल्प संख्यक / सामान्य)

पता : ____________________

गांव / स्थान : ____________________

ग्राम पंचायत/वार्ड : ____________________

उप जिला / ब्लॉक : ____________________

जिला : ____________________

राज्य : ______________________ पिन ______________________

आधार सं. : ______________________ राशन कार्ड सं.: ______________________

मतदाता फोटो पहचान पत्र (ईपीआईसी) सं. ______________________

बीपीएल विवरण : वर्ष ____________ स्थानः ____________ परिवार आईडी सं.: ____________

सदस्य आईडी सं : ____________

विकलांगता पेंशन के संबंध में – विकलांगता का प्रकार ______________________
(जैसा कि प्रमाण पत्र में दर्शाया गया है)

पेंशनभोगी के बैंक/डाकघर खाते का विवरणः ______________________
(यदि उपलब्ध है)

**आवेदक का हस्ताक्षर/अंगूठे का निशान**

**सत्यापन अधिकारी**
**का प्रति हस्ताक्षर** ____________

**नाम** ____________

**पदनाम** ____________

| | |
|---|---|
| ଯୋଜନାର ନାମ | ଜାତୀୟ ପରିବାର ସହାୟତା ଯୋଜନା (NFBS) |
| ପ୍ରାୟୋଜକ | ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତର ସରକାର ।<br>କାର୍ଯ୍ୟକାରୀ ବିଭାଗ: ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶାର ସରକାର । |
| ଯୋଜନା ସମ୍ପର୍କରେ | ● ୧୯୯୫ମସିହା ଅଗଷ୍ଟ ମାସରେ ଜାତୀୟ ପରିବାର ସହାୟତା ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାଟି ୧୯୯୫ ମସିହା ଅଗଷ୍ଟ ମାସରେ ଆରମ୍ଭ ହୋଇଥିବା ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏକ ଭାଗ ଅଟେ ।<br>● ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୂଖ୍ୟ ପୋଷକଙ୍କ ମୃତ୍ୟୁ ପରେ ଶୋକ ସନ୍ତପ୍ତ ପରିବାରକୁ ସାହାଯ୍ୟ କରିଥାଏ । |
| ଯୋଜନାର ଉଦ୍ଦେଶ୍ୟ | ● ଶୋକସନ୍ତପ ପରିବାରକୁ ମୋଟାମୋଟି ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଏହି ଯୋଜନାର ମୁଖ୍ୟଲକ୍ଷ ଅଟେ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ଏହି ଯୋଜନାରେ ନିମ୍ନଲିଖିତ ଯୋଜନା ପ୍ରଯୁଜ୍ୟ ହୋଇଥାଏ<br>୧. ଗୃହରେ ପରିବାରକୁ ପୋଷୁଥିବା ମୁଖ୍ୟ ବ୍ୟକ୍ତି ସେ ପୁରୁଷ କିମ୍ବା ମହିଳା ହୋଇଥାନ୍ତି ଯାହାଙ୍କର ପରିବାରର ସର୍ବମୋଟ ଆୟରେ ଅଧିକା ଅଂଶଦାନ ରହିଥାଏ ।<br>୨. ଏହା ମୁଖ୍ୟ କୁଟୁମ୍ବପାଳକଙ୍କ ମୃତ୍ୟୁ ୧୮ରୁ ୫୯ବର୍ଷ ବୟସ ମଧରେ ହୋଇଥିବା ଆବଶ୍ୟକ ।<br>୩. ଶୋକସନ୍ତପ୍ତ ପରିବାରଟି ଭାରତ ସରକାରଙ୍କର ନିର୍ଦ୍ଧାରିତ ଦାରିଦ୍ର୍ୟ ସୀମାରେଖା ତଳର ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇଥାନ୍ତି । |
| ଆର୍ଥିକ ସହାୟତା ରାଶି | ପରିବାରକୁ ପୋଷୁଥିବା ମୁଖ୍ୟ ବ୍ୟକ୍ତିଙ୍କ ମୃତ୍ୟୁପରେ ପରିବାରକୁ ଏହି ଯୋଜନା ଅନୁଯାୟୀ ୨୦,୦୦୦ ଟଙ୍କା ସହାୟତା ରାଶି ଆକାରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥାଏ । |
| ଅର୍ଥଯୋଗାଣର ଢ଼ାଞ୍ଚା | ଏନ୍.ଏଫ୍.ବି.ଏସ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ପ୍ରାୟୋଜିତ କାର୍ଯ୍ୟକ୍ରମ ଅଟେ ଏବଂ ଏହା ରାଜ୍ୟମାନଙ୍କରେ କାର୍ଯ୍ୟକାରୀ କରାଯାଇଥାଏ । |
| ଆବଶ୍ୟକୀୟ କାର୍ଯ୍ୟପଦ୍ଧତି | ନିମ୍ନଲିଖିତ ଦସ୍ତାବିଜ ସହିତ ଆବେଦନକାରୀ ଗ୍ରାମ ପଞ୍ଚାୟତ ବ୍ଲକ୍ ଅଫିସ/ମ୍ୟୁନିସି ପାଲଟି ଅଫିସରେ ଆବେଦନ କରି ପାରିବେ ।<br>କ. ଆବେଦନ ଫର୍ମ(ଏନ୍.ଏଫ୍.ବି.ଏସ୍ ଦ୍ୱାରା ନିର୍ଦ୍ଧାରିତ) ।<br>ଖ. ବିପିଏଲ୍ କାର୍ଡର ନକଲ ।<br>ଗ. ପରିବାରର ମୁଖ୍ୟଙ୍କ ମୃତ୍ୟୁ ପ୍ରମାଣପତ୍ର ।<br>ଘ. ବୟସ ପ୍ରମାଣପତ୍ର/ ପରିବାରକୁ ପୋଷୁଥିବା ମୁଖ୍ୟ ବ୍ୟକ୍ତିଙ୍କର ଶପଥପତ୍ରର ନକଲ ।<br>ଙ. ଭୋଟ ପରିଚୟ ପତ୍ରର ନକଲ ।<br>ଚ. ପାସପୋର୍ଟ ସାଇଜ୍‌ର ଫଟୋ । |
| ସୂଚନାର ଉତ୍ସ | http://www.wcdodisha.gov.in/<br>http://nsap.nic.in/gaideliness.html# |

# ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ
# ସହାୟତା ଦାବୀ ନିମନ୍ତେ ଦରଖାସ୍ତ ଫର୍ମ

ମୁଁ/ଆମେ ନିମ୍ନ ସ୍ୱାକ୍ଷରକାରୀ ସ୍ୱାଭାବିକ/ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କରିଥିବା ଶ୍ରୀ/ଶ୍ରୀମତୀ ............... ........................................................................................ଗ୍ରାମ/ସହର ............................... ଜିଲ୍ଲା.................................. ର ଆଶ୍ରିତ ଅଟୁ । ଏଣୁ ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ବ୍ୟକ୍ତି ମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ଅନୁଯାୟୀ ସହାୟତା ନିମନ୍ତେ ଦରଖାସ୍ତ କରୁଅଛୁ । ଏଥି ସହିତ ମୃତ ବ୍ୟକ୍ତିଙ୍କର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

(କ) ମୃତ ବ୍ୟକ୍ତିଙ୍କର ସଂପୂର୍ଣ୍ଣ ବିବରଣୀ :-

୧. ନାମ : ........................................................................................

୨. ପିତା/ସ୍ୱାମୀଙ୍କର ନାମ : ............................................................................

୩. ସଂପୂର୍ଣ୍ଣ ଠିକଣା : ........................................................................................

୪. ବୟସ : ........................................................................................

୫. ଧନ୍ଦା : ........................................................................................

(ଖ) ମୃତ୍ୟୁ ସଂପର୍କରେ ସଂପୂର୍ଣ୍ଣ ବିବରଣୀ :-

୧. ମୃତ୍ୟୁର ତାରିଖ : ........................................................................................

୨. ସ୍ୱାଭାବିକ/ ଦୁର୍ଘଟଣା ଜନିତ : ....................................................................

୩.(କ) ଦୁର୍ଘଟଣା ଜନିତ ହୋଇଥିଲେ ଦୁର୍ଘଟଣାର କାରଣ : ..................................................

(ଖ) ଦୁର୍ଘଟଣାର ସ୍ଥାନ ଓ ତାରିଖ : ........................................................................

୪. ସ୍ୱାଭାବିକ ମୃତ୍ୟୁ ଘଟିଥିଲେ ତାହାର କାରଣ : ..................................................

୫. ମୃତ୍ୟୁ ଘଟିଥିବା ସ୍ଥାନ :- ଗ୍ରାମ/ସହର, ଥାନା, ଗ୍ରାମପଞ୍ଚାୟତ/ପୌରାଞ୍ଚଳ/

ନଗରପାଳିକାର ନାମ : ........................................................................................

୬. ଦୁର୍ଘଟଣା ଘଟିଥିବା ସ୍ଥାନ :- ଗ୍ରାମ/ସହର, ଥାନା, ଗ୍ରାମପଞ୍ଚାୟତ/ପୌରାଞ୍ଚଳ/

ନଗରପାଳିକାର ନାମ : ........................................................................................

୭. ମୃତ ବ୍ୟକ୍ତିଙ୍କୁ ଚିକିତ୍ସା କରିଥିବା ଚିକିତ୍ସକଙ୍କ ନାମ ଏବଂ

ସଂପୃକ୍ତ ଡାକ୍ତରଖାନାର ସଂପୂର୍ଣ୍ଣ ଠିକଣା :.....................................................................

.....................................................................................................................

୮. ମୃତ୍ୟୁ ବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ ହୋଇଥିଲା କି ? ହଁ/ନାହିଁ .....................................................

(ଗ) ମୃତ ବ୍ୟକ୍ତିଙ୍କର ଆଶ୍ରୀତ ମାନଙ୍କର ସଂପୂର୍ଣ୍ଣ ବିବରଣୀ

| | ନାମ | ବୟସ | ମୃତ ବ୍ୟକ୍ତିଙ୍କ ସହିତ ସଂପର୍କ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |

(ଘ) ଅନ୍ୟକିଛି କ୍ଷତି ପୂରଣ ପାଇବାର ଥିଲେ ତାର ସମ୍ପୂର୍ଣ୍ଣ ବିବରଣୀ :-

.....................................................................................................................

.....................................................................................................................

ମୁଁ/ଆମ୍ଭେମାନେ ଏତଦ୍ଦ୍ବାରା ଘୋଷଣା କରୁଅଛୁ ଯେ ଆମ୍ଭେମାନେ ଭାରତ ସରକାରଙ୍କ ଦ୍ବାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଅନ୍ତର୍ଭୁକ୍ତ ଅଟୁ ।

ଦରଖାସ୍ତକାରୀଙ୍କ ସ୍ୱାକ୍ଷର/ଟିପଚିହ୍ନ

୧. ..........................................................

୨. ..........................................................

୩. ..........................................................

୪. ..........................................................

| | |
|---|---|
| ଯୋଜନାର ନାମ | ଅଟଳ ପେନ୍‌ସନ ଯୋଜନା(APY) |
| ଯୋଜନା ସମ୍ପର୍କରେ | ● ୨୦୧୫ ମସିହା ଜୁନ୍ ୧ ତାରିଖରୁ ଭାରତ ସରକାର ଅଟଳ ପେନ୍‌ସନ୍ ଯୋଜନା ଆରମ୍ଭ କରିଛନ୍ତି । ଏହା ସମସ୍ତ ଭାରତୀୟ ମୁଖ୍ୟତଃ ଗରିବ, ବିଶେଷ ଅଧିକାରରୁ ବଞ୍ଚିତ ଗୋଷ୍ଠୀ ଏବଂ ଅସଙ୍ଗଠିତ ଶ୍ରମିକଙ୍କ ନିମନ୍ତେ ସାର୍ବଜନୀନ ସାମାଜିକ ସୁରକ୍ଷା ପ୍ରଣାଳୀ ସୃଷ୍ଟି କରିବା ପାଇଁ ଉର୍ଦ୍ଦିଷ୍ଟ ।<br>● ଏ.ପି.ୱାଇ (APY) ଏକ ସୁନିଶ୍ଚିତ, ସ୍ୱେଚ୍ଛାକୃତ ଏବଂ ସାମୟିକ ଅବଦାନ ଆଧାରିତ ପେନ୍‌ସେନ୍ ଯୋଜନା ।<br>● ଏହା ପେନ୍‌ସନ୍ କୋଷ ନିୟନ୍ତ୍ରକ ଓ ବିକାଶ ସଂସ୍ଥା ଦ୍ୱାରା ପରିଚାଳିତ ଏବଂ ନିର୍ମାଣ ପ୍ରକଳ୍ପ ବିଷୟକ କଳା ଓ ବିଜ୍ଞାନ ଅନୁଷ୍ଠାନ ଦ୍ୱାରା କାର୍ଯ୍ୟରତ । |
| ଯୋଜନାର ଉଦ୍ଦେଶ୍ୟ | ● ଏହା ଅସଙ୍ଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କର ଦୀର୍ଘଜୀବନ ପାଇଁ ଥିବା ବିପଦକୁ ଦେଖିବା ସହ ତାଙ୍କୁ ଅବସର ନିମନ୍ତେ ସଞ୍ଚୟ କରିବା ପାଇଁ ଉତ୍ସାହିତ କରିଥାଏ । ଏହା ସମସ୍ତ ଭାରତୀୟ ବିଶେଷ କରି ଗରିବ ଏବଂ ବିଶେଷ ଅଧିକାରରୁ ବଞ୍ଚିତ ଗୋଷ୍ଠୀଙ୍କ ପାଇଁ ଥିବା ସାର୍ବଜନୀନ ସୁରକ୍ଷା ପ୍ରଣାଳୀରେ ଅନ୍ତର୍ଗତ ବୀମା ଓ ପେନ୍‌ସନ୍ କ୍ଷେତ୍ର ପାଇଁ ଯୋଜନା ହୋଇଅଛି । |
| କେଉଁମାନେ ଯୋଗ୍ୟ ବିବେଚିତ ହୋଇ ଥାଆନ୍ତି ? | ● ଅଟଳ ପେନ୍‌ସନ୍ ଯୋଜନାଟି ସମସ୍ତ ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ । ପରନ୍ତୁ, ସେମାନେ କୌଣସି ଆୟ କର ଦେଉନଥିବେ କିମ୍ବା କୌଣସି ବୈଧାନିକ ସମାଜ ସୁରକ୍ଷା ପ୍ରଣାଳୀର ସମସ୍ୟା ହୋଇନଥିବେ ।<br>● ସର୍ବନିମ୍ନ ୧୮ ବର୍ଷ ଏବଂ ସର୍ବାଧିକ ୪୦ବର୍ଷ ବୟସ ମଧ୍ୟରେ ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । |
| ଏପିୱାଇ (APY) ଯୋଜନାର ଲାଭ | ● କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ୍ ରାଶି ସୁନିଶ୍ଚିତ କରାଇ ଥାଆନ୍ତି । ଏପିୱାଇ (APY) ଯୋଜନାର ପ୍ରତ୍ୟେକ ଗ୍ରାହକ କେନ୍ଦ୍ରସରକାରଙ୍କ ଦ୍ୱାରା ସୁନିଶ୍ଚିତ ହୋଇଥିବା ସର୍ବନିମ୍ନ ପେନ୍‌ସନ୍ ରାଶି ୧୦୦୦ ଟଙ୍କା ପ୍ରତିମାସ କିମ୍ବା ୨୦୦୦ ଟଙ୍କା ପ୍ରତିମାସ କିମ୍ବା ୩୦୦୦ ଟଙ୍କା ପ୍ରତିମାସ କିମ୍ବା ୪୦୦୦ ଟଙ୍କା ପ୍ରତିମାସ କିମ୍ବା ୫୦୦୦ ଟଙ୍କା ପ୍ରତିମାସ, ଷାଠିଏ ବର୍ଷ ବୟସ ପରେ ବଞ୍ଚିଥିବା ପର୍ଯ୍ୟନ୍ତ ଗ୍ରହଣ କରିଥାନ୍ତି ।<br>● କେନ୍ଦ୍ର ସରକାରଙ୍କ ଦ୍ୱାରା ସୁନିଶ୍ଚିତ ପେନ୍‌ସନ୍ ରାଶି ବ୍ୟକ୍ତିଙ୍କ ସ୍ୱାମୀ ବା ସ୍ତ୍ରୀଙ୍କୁ ଗ୍ରାହକଙ୍କର ମୃତ୍ୟୁପରେ ତାଙ୍କର ସ୍ୱାମୀ କିମ୍ବା ସ୍ତ୍ରୀ ମଧ ସେହି ସମାନ ପେନ୍‌ସନ୍ ରାଶି ପାଇବାର ହକ୍‌ଦାର ହୋଇଥାନ୍ତି ଏବଂ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ପାଇଥାନ୍ତି ।<br>● ଗ୍ରାହକଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ପେନ୍‌ସନ୍ ଧନରାଶି ଫେରସ୍ତ- ଗ୍ରାହକ ଓ ତାଙ୍କ ସ୍ୱାମୀ ବା ସ୍ତ୍ରୀଙ୍କର ମୃତ୍ୟୁ ପରେ, ଗ୍ରାହକଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ପେନ୍‌ସନ୍ ଧନରାଶି ଫେରାଇ ଦିଆଯାଇଥାଏ । ଏହା ସହିତ ଗ୍ରାହକଙ୍କୁ ୬୦ବର୍ଷ ବୟସ ହେବା ପର୍ଯ୍ୟନ୍ତ ଜମା ହୋଇଥିବା ପେନ୍‌ସନ୍ ଟଙ୍କାକୁ ତାଙ୍କ ମନୋନୀତ ବ୍ୟକ୍ତି ଫେରି ପାଇଯାଇଥାନ୍ତି । |
| ତାଲିକାଭୁକ୍ତି ସଂସ୍ଥା | ● ଏହି ଯୋଜନାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ବ୍ୟକ୍ତି ସମୂହ(POP ଏବଂ Aggregators, BCs) ଅଣବ୍ୟାଙ୍କ ସମୂହ, ସୂକ୍ଷ୍ମ ବୀମା ଏଜେଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଏଜେଣ୍ଟଙ୍କୁ କାର୍ଯ୍ୟରେ ନିଯୁକ୍ତି କରିଥାଆନ୍ତି । |
| APY ପାଇଁ ରାଶିର ବ୍ୟବସ୍ଥା | ଏହା ଭାରତ ସରକାରଙ୍କର ଯୋଜନା ଯାହାକି ପେନ୍‌ସନ୍ କୋଷ ନିୟନ୍ତ୍ରଣ ଓ ବିକାଶ ପ୍ରାଧୀକରୀଙ୍କ ପ୍ରଶାସନ ଅନ୍ତର୍ଭୁକ୍ତ ହୋଇଥାଏ ।<br>● ସରକାରୀ ଦାନ-<br>୧. ଗ୍ରାହକମାନଙ୍କୁ ସ୍ଥାୟୀ ପେନ୍‌ସନ୍ ସୁନିଶ୍ଚିତ କରାଯାଏ ।<br>୨. ଯୋଗ୍ୟ ଗ୍ରାହକଙ୍କୁ ସର୍ବମୋଟ ଅଂଶଦାନର ୫୦ପ୍ରତିଶତ ଅର୍ଥଦାନ କିମ୍ବା ବାର୍ଷିକ ୧୦୦୦ଟଙ୍କା ଯେକୌଣସିଟି କମ୍ ହୋଇଥବ ତାହା ପ୍ରଦାନ କରାଯାଏ ।<br>୩. APY ରେ ହେଉଥିବା ବିକ୍ରି ବର୍ଦ୍ଧକ ବିଜ୍ଞାପନ ଓ ବିକାଶ କାର୍ଯ୍ୟ ପାଇଁ ପ୍ରତିପୂରଣ ବ୍ୟବସ୍ଥା ରହିଛି । ତତ୍ ସହିତ APY ରେ ସାମିଲ ହେବାପାଇଁ ଲୋକଙ୍କୁ ଉତ୍ସାହିତ କରି ଅଂଶଦାନ ସଂଗ୍ରହ କରୁଥିବା ସଂସ୍ଥାକୁ ପ୍ରୋତ୍ସାହନ ଦିଆଯାଏ । |
| ଆବଶ୍ୟକୀୟ ପ୍ରକ୍ରିୟା | ନିମ୍ନଲିଖିତ ଦସ୍ତାବିଜ ସହ ଆବେଦନକାରୀ ନିଜ ଖାତା ରହିଥିବା ବ୍ୟାଙ୍କ ମାନଙ୍କରେ ଆବେଦନ କରିପାରିବେ ।<br>କ) ଆବେଦନ ପର୍ମ<br>ଖ) ବୟସ ପ୍ରମାଣପତ୍ର ନକଲ<br>ଗ) ପାନ କାର୍ଡ (PAN) ର ନକଲ<br>ଘ) ଆଧାରକାର୍ଡ /ଭୋଟ ପରିଚୟ ପତ୍ରର ନକଲ<br>ଙ) ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ |
| ସୂଚନାର ଉତ୍ସ | http://www.jansuraksha.gov.in/ h/es/apy/English/rules.pdf<br>http://apscro.nsdl.co,in/ nsdl/scheme-details/ apy.brochure.pdf |

# ଅଟଳ ପେନସନ ଯୋଜନା (ଏପିୱାଇ) – ଗ୍ରାହକ ପଞ୍ଜିକରଣ ପତ୍ର

(ପେନସନ କୋଷ ନିୟନ୍ତ୍ରକ ଓ ବିକାଶ ସଂସ୍ଥା ଦ୍ୱାରା ପରିଚାଳିତ)

ପ୍ରାପ୍ତେଷୁ,
ଶ୍ରୀଯୁକ୍ତ ଶାଖା ପରିଚାଳକ
........................................ ବ୍ୟାଙ୍କ
........................................ ଶାଖା

ପ୍ରିୟ ମହାଶୟ / ମହାଶୟା,

ମୁଁ ଏତଦ୍ୱାରା ଜାତୀୟ ପେନସନ ପ୍ରଣାଳୀ (ଏନ୍.ପି.ଏସ୍) ଅଧିନସ୍ଥ ଅଟଳ ପେନସନ ଯୋଜନାରେ ନିମ୍ନଲିଖିତ ବୀବରଣୀ ଅନୁଯାୟୀ ମୋର ଏକ ଖାତା ଖୋଲିବାକୁ ଅନୁରୋଧ କରୁଅଛି।

(*ଚିହ୍ନିତ ସ୍ଥାନ ସବୁକୁ ପୂରଣ କରିବା ବାଧ୍ୟତାମୂଳକ)

**(ଦୟାକରି ଦରଖାସ୍ତ ଇଂରାଜୀ କ୍ୟାପିଟାଲ ଅକ୍ଷରରେ ପୂରଣ କରନ୍ତୁ)**

**୧. ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା**

*ବ୍ୟାଙ୍କର ଖାତା ନମ୍ବର.: ☐☐☐☐☐☐☐☐☐☐☐☐☐☐☐☐

*ବ୍ୟାଙ୍କର ନାମ: ________ *ବ୍ୟାଙ୍କର ଶାଖା: ________

**୨. ବ୍ୟକ୍ତିଗତ ବିବରଣୀ**

ଆବେଦନକାରୀଙ୍କ ନାମ ଶ୍ରୀ ☐ ଶ୍ରୀମତୀ ☐ କୁମାରୀ ☐

ସମ୍ପୂର୍ଣ୍ଣ ନାମ: ________

ଜନ୍ମ ତାରିଖ*: ଦିନ ☐☐ ମାସ ☐☐ ବର୍ଷ ☐☐☐☐ ବୟସ: ☐

ମୋବାଇଲ ନମ୍ବର: ☐☐☐☐☐☐☐☐☐☐☐

ଆଧାର ନମ୍ବର: ☐☐☐☐☐☐☐☐☐☐☐☐

ଇ-ମେଲ ଆଇଡ଼ି: ________

ବିବାହିତ କି: ହଁ ☐ ନାଁ ☐ (ଯଦି ବିବାହିତ ସ୍ୱାମୀ/ସ୍ତ୍ରୀଙ୍କ ନାମ ନିଶ୍ଚିତ ରୂପେ ପୂରଣ କରନ୍ତୁ)

ସ୍ୱାମୀ/ସ୍ତ୍ରୀଙ୍କ ନାମ: ________ ଆଧାର ନମ୍ବର: ________

ମନୋନୀତ ବ୍ୟକ୍ତିଙ୍କ ନାମ*: ________ ଆଧାର ନମ୍ବର: ________

ଗ୍ରାହକଙ୍କର ମନୋନୀତ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ: ________

ମନୋନୀତ ବ୍ୟକ୍ତି ନାବାଳକ/ନାବାଳିକା ହୋଇଥିଲେ ଅତିରିକ୍ତ ବୀବରଣୀ

ଜନ୍ମ ତାରିଖ: ଦିନ ☐☐ ମାସ ☐☐ ମସିହା ☐☐☐☐

ଅଭିଭାବକଙ୍କର ନାମ*: ________

ଅନ୍ୟ ବୈଧାନିକ ସାମାଜିକ ନିରାପତ୍ତା ଯୋଜନାର ଉପଭୋକ୍ତା କି ? ହଁ ☐ ନାଁ ☐

ଆୟକର ଦାତା କି ? ହଁ ☐ ନାଁ ☐

୩. ପେନସନର ବିବରଣୀ

ପେନସନ ରାଶି (✓ କରନ୍ତୁ)* ୧୦୦୦ ☐ ୨୦୦୦ ☐ ୩୦୦୦ ☐ ୪୦୦୦ ☐ ୫୦୦୦ ☐

ମାସିକ ଦେୟ
(ବ୍ୟାଙ୍କ ପୂରଣ କରିବ)

ମୁଁ ଏତଦ୍‌ଦ୍ୱାରା ବ୍ୟାଙ୍କକୁ କ୍ଷମତା ପ୍ରଦାନ କରୁଅଛି ଯେ ମୋର ୬୦ ବର୍ଷ ପୂରଣ ହେବାଯାଏ, ମୋର ବୟସ ଏବଂ ମନୋନୀତ ପେନସନ ରାଶି ପାଇଁ ପ୍ରଯୁଜ୍ୟ ମାସିକ ପ୍ରିମିଅମ୍ ରାଶି, ମୋର ଉପରୋକ୍ତ ବ୍ୟାଙ୍କ ଖାତାରୁ କାଢ଼ି ଅଟଳ ପେନସନ ଯୋଜନାକୁ ପ୍ରଦାନ କରିବେ। ଯଦି ଏହି ନେଣ ଦେଣରେ ବିଳମ୍ବ ହୁଏ କିମ୍ବା ଯଥେଷ୍ଟ ଅର୍ଥ ମୋ ଖାତାରେ ନ ଥିବା ହେତୁ ଆଦୌ ଜମା ନହୁଏ, ତାହାଲେ ମୁଁ ବ୍ୟାଙ୍କକୁ ଦାୟୀ କରିବି ନାହିଁ। ମୁଁ ମଧ୍ୟ ଜରିମାନା ସହିତ ଅତିରିକ୍ତ ରାଶି ଜମା କରିବା ପାଇଁ ଚୁକ୍ତିବଦ୍ଧ ହେଉଅଛି।

ସମସ୍ତ ଉପଭୋକ୍ତାଙ୍କ ଦ୍ୱାରା ଘୋଷଣା ଓ କ୍ଷମତା ପତ୍ର ପ୍ରଦାନ।
ମୁଁ ଅଟଳ ପେନସନ ଯୋଜନାର ନିର୍ଦ୍ଧାରିତ ଯୋଗ୍ୟତାର ମାପକାଠିରେ ସହାୟତା ପାଇବା ପାଇଁ ଯୋଗ୍ୟ ଅଟେ ଏବଂ ମୁଁ ଏହି ଯୋଜନାର ନିତି ଓ ସର୍ତ୍ତକୁ ପଢ଼ିଛି ଓ ବୁଝିଛି। ମୁଁ ତାହା ସହିତ ସହମତି ଅଛି ଏବଂ ଘୋଷଣା କରୁଅଛି ଯେ ଏଠାରେ ଦିଆଯାଇଥିବା ସମସ୍ତ ତଥ୍ୟ ମୋର ଶ୍ରେଷ୍ଠ ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ସତ୍ୟ ଏବଂ ସଠିକ ଅଟେ। ମୁଁ ବଚନବଦ୍ଧ ହେଉଛି ଯେ ଭବିଷ୍ୟତରେ ମୋର ପ୍ରଦତ୍ତ ବିବରଣୀରେ କୌଣସି ପରିବର୍ତ୍ତନ ହେଲେ ତାହା ତୁରନ୍ତ ବ୍ୟାଙ୍କକୁ ଜଣାଇବି। ପୁନଶ୍ଚ ଏନ୍‌ପିଏସ୍ ଅଧିନରେ ମୋର ବର୍ତ୍ତମାନ କୌଣସି ଖାତା ନାହିଁ। ମୁଁ ବୁଝିଛି ଯେ କୌଣସି ଭୁଲ ବା ମିଛ ତଥ୍ୟ ବା ନଥିପତ୍ର ଦାଖଲ ପାଇଁ ମୁଁ ସଂପୂର୍ଣ୍ଣ ରୂପେ ଦାୟୀ ରହିବି। 'ଏପିୱାଇ'ର ନିୟମାବଳୀକୁ ମୁଁ ପଢ଼ିଛି / ମୋତେ ବୁଝାଇ ଦିଆଯାଇଛି, ଏବଂ ମୋର ତାହା ଭଲଭାବରେ ହୃଦବୋଧ ହୋଇଛି।
"ପି.ଏଫ୍.ଆଇ.ଡି.ଏ"/ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି ଯୋଜନାର ସେବା ବ୍ୟବସ୍ଥାର ସର୍ତ୍ତାବଳୀ ଓ ନିୟମ ସହିତ ବାଧ୍ୟ ରହିବାକୁ ମୁଁ ସହମତି ପ୍ରଦାନ କରୁଛି।

ତାରିଖ:

ସ୍ଥାନ:

ଗ୍ରାହକଙ୍କର ସ୍ୱାକ୍ଷର / ଟିପଚିହ୍ନ*
(ପୁରୁଷ ହୋଇଥିଲେ ବାମ ବୃଦ୍ଧାଙ୍ଗୁଳି,
ସ୍ତ୍ରୀ ହୋଇଥିଲେ ଦକ୍ଷିଣ ବୃଦ୍ଧାଙ୍ଗୁଳି)

## ପ୍ରାପ୍ତି ସ୍ୱିକାର:- ଅଟଳ ପେନସନ ଯୋଜନା ପାଇଁ ଗ୍ରାହକ ପଞ୍ଜିକରଣ।

(ବ୍ୟାଙ୍କ ଦ୍ୱାରା ପୂରଣ ହେବ)

**ଗ୍ରାହକଙ୍କର ନାମ:**

**ପିଆରଏଏନ୍ ନମ୍ବର:**

**ନିଶ୍ଚିତ ପେନସନ ରାଶି:** ☐ ଦେୟର ଅବଧି: ମାସିକ

**ଏପିୱାଇ ଅଧିନସ୍ଥ ମାସିକ ଦେୟ ରାଶି:** ଟ.

| | | |
|---|---|---|
| ବ୍ୟାଙ୍କର ନାମ: | | |
| ଶାଖାର ନମ୍ବର: | | |
| ଗ୍ରହଣ କରିଥିବା ଅଧିକାରୀଙ୍କ ନାମ: | | |
| ଆବେଦନ ଗ୍ରହଣ କରିଥିବା ତାରିଖ: | | ବ୍ୟାଙ୍କର ମୋହର ଓ ସ୍ୱାକ୍ଷର |

| | |
|---|---|
| ଯୋଜନାର ନାମ | ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (PMJDY) |
| ଯୋଜନା ସମ୍ପର୍କରେ | ● ୨୮ ଅଗଷ୍ଟ ୨୦୧୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ କରି "ଜନଧନ ଯୋଜନା" (PMJDY) ପ୍ରଚଳନ କରାଯାଇଥିଲା ।<br>● ଏହି ଯୋଜନାଟି ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତି ଯୋଜନା ଯାହା ମାଧ୍ୟମରେ ଲୋକମାନଙ୍କୁ ଅର୍ଥ ସମ୍ବନ୍ଧୀୟ ସେବା ଯେପରିକି ବ୍ୟାଙ୍କ ସେବା, ସଞ୍ଚୟ ଏବଂ ଜମା ଖାତା, ଟଙ୍କା ପ୍ରେରଣ, ଉଧାର, ବୀମା, ପେନ୍‌ସନ୍ ଇତ୍ୟାଦି ସୁବିଧାରେ ଯୋଗାଇ ଦିଆଯାଇ ପାରିବ ।<br>● ଏହି ଯୋଜନା ମାଧ୍ୟମରେ ଯେକୌଣସି ବ୍ୟାଙ୍କ କିମ୍ବା ବିଜନେସ କରସ୍‌ପୋଣ୍ଡେଣ୍ଟ (Bank Mitr) ଆଉଟ୍‌ଲେଟ୍ ମାନଙ୍କରେ ଶୂନ୍ୟ ଜମା ରାଶିରେ ଖାତା ଖୋଲାଯାଇ ପାରିବ । ମାତ୍ର ଯେଉଁ ଖାତାଧାରୀ ଚେକ୍‌ବହି ପାଇବାକୁ ଇଚ୍ଛୁକ ଥିବେ ତେବେ ବ୍ୟାଙ୍କର ନିର୍ଣ୍ଣାୟକ ନୀତି ଅନୁଯାୟୀ ନ୍ୟୁନତମ ଦେୟ ପୈଠ କରିବାକୁ ପଡିବ । |
| ଯୋଜନାର ଉଦ୍ଦେଶ୍ୟ | ● ଦୁର୍ବଳଶ୍ରେଣୀ ଏବଂ ସ୍ୱଳ୍ପ ରୋଜଗାର ବର୍ଗମାନଙ୍କୁ ଆର୍ଥିକ ସେବା ଯେପରିକି ମୌଳିକ ସଞ୍ଚୟ ବ୍ୟାଙ୍କ ଖାତା, ଦରକାରୀ ମୁତାବକ ଋଣ,ଟଙ୍କା ପ୍ରେରଣରେ ସୁବିଧା, ବୀମା ଏବଂ ପେନ୍‌ସନ ଇତ୍ୟାଦି ଯୋଗାଇ ଦେବା PMJDY ର ଉଦ୍ଦେଶ୍ୟ ଅଟେ । ଏହି ସୁବିଧାଟି କେବଳ ପ୍ରଯୁକ୍ତି ବିଦ୍ୟାଦ୍ୱାରା ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହୋଇପାରିଛି । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ● ଭାରତର ସମସ୍ତ ନାଗରିକ ଏହି PMJDY ଯୋଜନା ମାଧ୍ୟମରେ ଉପକୃତ ହୋଇ ପାରିବେ ଏବଂ ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଯୋଗ୍ୟ ହୋଇପାରିବେ ।<br>● ଏତତ୍ ବ୍ୟତୀତ ଅପ୍ରାପ୍ତ ବୟସ୍କ ଯାହାର ବୟସ ୧୦ବର୍ଷ କିମ୍ବା ଅଧିକ ହୋଇଥିବ ସେ ମଧ୍ୟ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇପାରିବ । |
| PMJDYର ସୁବିଧା ସୁଯୋଗ | ● PMJDY ଯୋଜନାର ସ୍ୱତନ୍ତ୍ର ସୁବିଧା ନିମ୍ନରେ ପ୍ରଦାନ କରାଯାଗଲା ।<br>୧. ସଞ୍ଚୟ ଉପରେ ସୁଧର ସୁବିଧା ।<br>୨. ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆକସ୍ମିକ ଦୁର୍ଘଟଣା ଜନିତ ବୀମାର ସହାୟତା ।<br>୩. ଦେୟମୁକ୍ତ ବ୍ୟାଙ୍କ ଖାତା ଖୋଲିବାର ସୁବିଧା ଏବଂ ନ୍ୟୁନତମ ମୂଲ୍ୟ ପୈଠ କରିବାର ଆବଶ୍ୟକତା ନାହିଁ ।<br>୪. ୩୦୦୦୦ ଟଙ୍କା ପର୍ଯ୍ୟନ୍ତ ଜୀବନ ବୀମାର ସୁବିଧା ।<br>୫. ଭାରତ ମଧ୍ୟରେ ସହଜରେ ଟଙ୍କା ପ୍ରେରଣ ।<br>୬. ହିତାଧିକାରୀ ସରକାରୀ ଯୋଜନା ଅନ୍ତର୍ଗତ ପାଉଥିବା ସୁବିଧା ଗୁଡିକୁ ସିଧାସଳଖ ଖାତାରେ ପ୍ରେରଣର ସୁବିଧା ପାଇପାରିବେ ।<br>୭. ବ୍ୟାଙ୍କରେ ୬ ମାସର ସନ୍ତୋଷଜନକ କାର୍ଯ୍ୟ ସମ୍ପାଦନ କଲାପରେ ନିଜର ଜମାକାରୀ ରାଶିଠାରୁ ଅଧିକ ଅର୍ଥ ଉଠାଣ/ ଓଭରଡ୍ରାଫ୍ଟର ଅନୁମତି ମିଳିପାରିବ ।<br>୮. ପେନ୍‌ସନ୍ ଏବଂ ବୀମାର ସୁବିଧା । |
| PMJDY ର ଅର୍ଥଯୋଗାଣ | ● PMJDY ହେଉଛି ଭାରତ ସରକାରଙ୍କର ଆର୍ଥିକ ସହାୟତା ଯୋଜନା । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ● PMJDY ମାଧ୍ୟମରେ ବ୍ୟାଙ୍କରେ ଖାତା ଖୋଲିବାକୁ ହେଲେ ନିମ୍ନଲିଖିତ କାଗଜପତ୍ର ଗୁଡିକର ଆବଶ୍ୟକତା ଥାଏ ।<br>୧. ଯଦି ଆଧାର କାର୍ଡ ରହିଥାଏ ତେବେ ଅନ୍ୟ କୌଣସି ଦସ୍ତାବିଜ ବା କାଗଜପତ୍ରର ଆବଶ୍ୟକତା ପଡିନଥାଏ । ଯଦି ଠିକଣା ପରିବର୍ତ୍ତନ କରାଯାଇଥାଏ ତେବେ ବର୍ତ୍ତମାନ ଠିକଣାର ସ୍ୱପ୍ରମାଣନ ଯଥେଷ୍ଟ ।<br>୨. ଯଦି ଆଧାର କାର୍ଡ ନଥାଏ ତେବେ ନିମ୍ନଲିଖିତ ଯେକୌଣସି ପରିଚୟ ପତ୍ରର ଆବଶ୍ୟକତା ରହିଥାଏ । ଯଥା-ପାନ୍‌କାର୍ଡ, ଭୋଟ ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ କିମ୍ବା ଏନ୍.ଆର.ଇ.ଜି.ଏ କାର୍ଡ ।<br>୩. ଯଦି କୌଣସି ବ୍ୟକ୍ତିଙ୍କ ନିକଟରେ ଉପରଲିଖିତ କୌଣସି ଦସ୍ତାବିଜ ନଥାଏ ତେବେ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଶ୍ରେଣୀ ଭୁକ୍ତ ତାଲିକା ଅନୁଯାୟୀ ନିମ୍ନିଲିଖିତ ଯେକୌଣସି ଦସ୍ତାବିଜ/କାଗଜପତ୍ର ସାହାଯ୍ୟରେ ନିବେଦନ କରିହେବ । ଯଥା- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଫଟୋ ପରିଚୟପତ୍ର/ ବୈଧାନିକ ପ୍ରାଧୀକାରୀଙ୍କ ଦ୍ୱାରା ଅନୁମୋଦିତ ଫଟୋ ପରିଚୟପତ୍ର କିମ୍ବା ଜନସାଧାରଣ ଅଞ୍ଚଳର କାର୍ଯ୍ୟ ଭାରପ୍ରାପ୍ତ ଅଧିକାରୀ, ନିର୍ଦ୍ଧାରିତ ପ୍ରାପ୍ତ ଅଧିକାରୀ ବା ଜନସାଧାରଣ ଆର୍ଥିକ ଅନୁଷ୍ଠାନ ଗୁଡିକ ଅନୁମୋଦିତ ଫଟୋ ପରିଚୟ ପତ୍ର ଦ୍ୱାରା ଖାତା ଖୋଲାଯାଇ ପାରିବ ।<br>୪. ଗେଜେଟ୍ ଅଫିସରଙ୍କ ଦ୍ୱାରା ଫଟୋଗ୍ରାଫ ସମର୍ଥନ ହୋଇଥବା ଚିଠି । |
| ଅତିରିକ୍ତ ସୂଚନା | ୧. ଆକସ୍ମିକ ଦୁର୍ଘଟଣା ବୀମା ସହାୟତା ପାଇଁ "ରୁପେ" ଡେବିଟ୍ କାର୍ଡଟି ୪୫ଦିନ ଭିତରେ ଥରେ ବ୍ୟବହାର କରାଯିବା ଆବଶ୍ୟକ ।<br>୨. ୫୦୦୦ ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ କେବଳ ଗୋଟିଏ ପରିବାରର ଗୋଟିଏ ଖାତା ପାଇଁ ପ୍ରଯୁଜ୍ୟ । ଏ କ୍ଷେତ୍ରରେ ମହିଳାମାନଙ୍କୁ ବେଶୀ ଅଗ୍ରାଧୀକାର ଦିଆଯାଇଅଛି ।<br>୩. ୧୦ବର୍ଷରୁ ଉର୍ଦ୍ଧ୍ୱ ବୟସର ଯେକୌଣସି ବ୍ୟକ୍ତି ବେସିକ୍ ସେଭିଙ୍ଗ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ (BSBDA) ମାଧ୍ୟମରେ ଖାତା ଖୋଲିପାରିବେ ।<br>୪. PMJDY ଅନ୍ତର୍ଗତ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବା ପାଇଁ କୌଣସି ମୂଲ୍ୟ ଦେବାର ଆବଶ୍ୟକତା ନାହିଁ । |
| ସୂଚନାର ଉତ୍ସ | Htt://pmjdy.gov.in / files/E-documents/pmjdy-brochure.eng<br>https://www.pnbindia.in.new/upload/en/faqs-jan-dhan-yojana.als |

always with U

Odisha Gramya Bank
(A Govt. of India Undertaking)

Photograph

**PRADHAN MANTRI JAN DHAN YOJANA UNDER FINANCIAL INCLUSION**
**BASIC SAVINGS BANK DEPOSIT ACCOUNT OPENING CUM OVER DRAFT APPLICATION FOR INDIVIDUALS**

Date: ____________

Name of the Branch:-________________ Village/Town:-______________ District:- ______________State:- ____________

**Fist Applicant/Sole Applicant:-**

FULL NAME, In CAPITAL letters (First, Middle and Last Name):Mr./Mrs./Ms.______________________________

Father's/Husband's name in CAPITAL letters: Mr.______________________ Date of Birth:_ _/_ _/_ _ _ _ Gender: M/F
Occupation: Agri/Service/Housewife/Business/Others-______________________________
Tel No.____________________ Mobile No:____________________ Email ID:- ____________________

**Second Applicant/Joint Applicant:-**

FULL NAME, in CAPITAL letters (First, Middle and Last Name):Mr./Mrs./Ms.______________________________
Father's/Husband's name in CAPITAL letters: Mr.______________________ Date of Birth:_ _/_ _/_ _ _ _ Gender: M/F
Occupation :Agri/Service/Housewife/Business/Others-______________________________

Tel No.____________________ Mobile No:____________________ Email ID:- ____________________

Operating instructions:-______________________________

Present Address: ______________________________________________ PIN __________

Permanent Address:______________________________________________ PIN__________

| Other Facilities Required (Please Tick (✓) mark in the appropriate box) | | | | | | | |
|---|---|---|---|---|---|---|---|
| **S. No** | **Particulars** | **Yes** | **No** | **S. No** | **Particulars** | **Yes** | **No** |
| 1 | Passbook | | | 4 | Rupay Card/Debit Card | | |
| 2 | Statement of A/c through Email/Post | | | 5 | Internet Banking Facility | | |
| 3 | Cheque Book | | | 6 | Mobile Banking Facility | | |
| 7 | Linking of Aadhar No._/_/_/_/_/_/_/_/_/_/_/_/ | | | | | | |
| | Voter ID No. if available _/_/_/_/_/_/_/_/_/_/_/_/ | | | | | | |

**Nomination:**

| Deposit | | | Nominee | | | | |
|---|---|---|---|---|---|---|---|
| Nature of Deposit | Distinguishing No | Additional Details | Name of Nominee | Address of Nominee | Relationship with Depositor | Age | If nominee is a minor, his/her DOB |
| | | | | | | | |

Since the nominee is a minor on this date, I/We appoint Mr./Mrs./Ms______________________________
Address ______________________________________________ Age__________
to receive the amount of deposit on behalf of the nominee in the event of my/our/minor(s) death.

I/We agree to abide by the terms and conditions of Saving Bank Account of Odisha Gramya Bank.

Above Particulars Verified 1.______________________ 2.______________________
Signature(s)of the applicants(s)

**Name and Signature of the Business Correspondent (BC)**

______________________________________________

**APPLICATION FOR OVERDRAFT FACILITY**

I also request you to sanction me an Overdraft Limit of Rs.______________ (Rs.______________________)
for meeting my emergency family needs. I shall abide by the terms and conditions stipulated by the Bank in this regards. My Gross Annual Income is Rs.________ from all sources. MY main source of income is ____________.

(Signature of the applicant).

**FOR OFFICE USE ONLY**

Branch:____________________________________________________Branch Code _____________________________ Scheme Code:SB006

Name/s of the A/c Holder(s):-________________________________________________________________________________________

| A/C No. | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|

Customer ID No.:

| | | | | | | | | | |
|---|---|---|---|---|---|---|---|---|---|

Annual Income from various sources as declared by the applicant(s) Rs._________________________________________________
Overdraft Limit Sanctioned Rs.___________________(Rs.____________________________________________________________________)
Rate of intt._________% above Base Rate minimum ____________________%with monthly rests
Period :12 months
Documents: 1- D P Note, 2- Letter of Continuing Security to be signed by the borrower.

Recommended

Sanctioned

**In Charge**
**Saving Bank Deptt.**

**Chief/Senior/Branch Manager**

**KYC IDENTIFICATION DOCUMENTS/PAPERS TO BE SUBMITTED BY APPLICANT (S)**
(Any one document from each of the following two lists subject to Bank's satisfaction)

| S.No | List-I (Latest/recent documents showing identity proof) | Tick Mark | S.No | List-II (Latest/recent documents showing identity proof) | Tick Mark |
|---|---|---|---|---|---|
| 1 | Driving License with photograph | | 1 | Driving License with photograph | |
| 2 | MNREGA Job Card | | 2 | Telephone Bill, Electricity Bill, Ration Card | |
| 3 | Voter's Identity Cad | | 3 | Bank Account Statement (with address) MNREGA Job Card | |
| 4 | PAN Card, Government ID Card | | 4 | Any documentary evidence in support of Residential Address to the Bank | |
| 5 | Aadhar Card | | 5 | Aadhar Card, Voter Card | |
| 6 | Any other document as per RBI Guidelines | | 6 | In case of married women address proof of the groom is acceptable. | |

**Details of documents for identification submitted by the applicant:**

In case the KYC documents as mentioned above are not available then introduction from an existing account holder (at least six months old satisfactorily conducted and KYC complaint account) needs to be obtained.

| | |
|---|---|
| Name: | Account No. |
| Address: | Date of Opening of A/c. |
| | Customer ID. |
| Email: | Branch Name. |
| Mobile No. | Type of A/c-SB/CA/CC/OD: |

It is certified that Mr./Mrs./Ms.________________________________________________________________________ is known to me/us personally since last _______ months/years and confirm the occupation, photograph and address in the application form for opening of account are correct to the best of my/our knowledge and belief.

(Signature of the Introducer)

| | |
|---|---|
| ଯୋଜନାର ନାମ | ସୁକନ୍ୟା ସମୃଦ୍ଧି ଯୋଜନା (SSY) |
| ପ୍ରାୟୋଜକ | ଆର୍ଥିକ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର |
| ଯୋଜନା ସମ୍ପର୍କରେ | ● ଭାରତ ସରକାରଙ୍କ ଦ୍ୱାରା ଜାନୁୟାରୀ ୨୦୧୫ ମସିହାରେ ସୁକନ୍ୟା ସମୃଦ୍ଧି ଯୋଜନାଟିକୁ ଆରମ୍ଭ କରାଯାଇଥିଲା । ଏହା "ବାଳିକା ସମୃଦ୍ଧି ଯୋଜନା" ନାମରେ ମଧ ନାମିତ ।<br>● ଏସ.ଏସ୍.ୱାଇ (SSY) ଖାତା ଭାରତବର୍ଷରେ ବାଳିକାମାନଙ୍କର ଉନ୍ନତ ଭବିଷ୍ୟତ ଗଢ଼ିବା ପାଇଁ ସୁନିଶ୍ଚିତ କରିଥାଏ । ଏହି ଯୋଜନାଟି ବାଳିକାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ଏବଂ ଦୁଶ୍ଚିନ୍ତା ମୁକ୍ତ ବିବାହ ବ୍ୟୟ ପରି କାର୍ଯ୍ୟକ୍ରମ ପାଇଁ ଉର୍ଦ୍ଧିଷ୍ଟ । ୨୦୧୫-୧୬ ମସିହାରେ ଏସ୍.ଏସ୍.ୱାଇ ଯୋଜନାର ବାର୍ଷିକ ଚକ୍ରବର୍ତ୍ତୀ ସୁଧ ୯.୨ ଶତକଡା ଧାର୍ଯ୍ୟ କରିଯିବା ସହିତ ବାଳିକାମାନଙ୍କ ପାଇଁ କର ଅବ୍ୟାହତି ଏବଂ ସୁରକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । |
| ଯୋଜନାର ଉଦ୍ଦେଶ୍ୟ | ● ବାଳିକାମାନଙ୍କର ଉଚ୍ଚଶିକ୍ଷା ଏବଂ ବିବାହ ନିମନ୍ତେ SSY ଏକ ଦୀର୍ଘକାଳୀନ ଅର୍ଥ ବିନିଯୋଗ ଯୋଜନାଅଟେ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ଭାରତ ବର୍ଷରେ ୧୦ ବର୍ଷ ବୟସ ସୀମା ତଳେ ଥିବା ପ୍ରତ୍ୟେକ ବାଳିକାମାନଙ୍କର ଏହି ଯୋଜନା ଅନୁଯାୟୀ ଖାତା ଖୋଲାଯାଇପାରିବ ।<br>● ଯେହେତୁ ଏହି ଯୋଜନାଟି ଚଳିତ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଛି ତେଣୁ ୧ବର୍ଷ ଅନୁଗ୍ରହ ସମୟ ଖାତା ଖୋଲିବା ପାଇଁ ଦିଆଯାଇଛି । ଅର୍ଥାତ୍ ଯେଉଁ ବାଳିକାମାନଙ୍କର ଜନ୍ମ ୨ ଅକ୍ଟୋବର ୨୦୦୩ ମସିହାରୁ ୧ ଡିସେମ୍ବର ୨୦୦୪ ମସିହା ମଧ୍ୟରେ ହୋଇଥିବ ସେମାନେ ମଧ ୧ ଡିସେମ୍ବର ୨୦୧୫ ତାରିଖ ସୁଦ୍ଧା ଖାତା ଖୋଲି ପାରିବେ । |
| SSY ଯୋଜନାର ସୁବିଧାସୁଯୋଗ | ସୁକନ୍ୟା ସମୃଦ୍ଧି ଯୋଜନା ଖାତାର ସୁବିଧା-<br>● ବାଳିକାମାନଙ୍କର ସୁରକ୍ଷା ତଥା କର ସମ୍ବନ୍ଧୀୟ ଲାଭ SSY ଯୋଜନା ମାଧ୍ୟମରେ ଜମା କରାଯାଇଥିବା ରାଶି ପାଇଁ ଆୟକର ବିଭାଗ-୮୦ସି ଅନୁଯାୟୀ ସମ୍ପୂର୍ଣ୍ଣ ରୂପେ କର ବିଯୁକ୍ତ ପାଇଁ ଯୋଗ୍ୟ ଅଟେ । ଏପରିକି, ବିର୍ଦ୍ଧିତ ସୁଧରାଶି ଜମାରାଶି ପରିଣତ ଅବସ୍ଥାରେ ପହଞ୍ଚିବା ପରେ ଏବଂ ହିତାଧିକାରୀ ସମ୍ପୂର୍ଣ୍ଣ ଜମା ରାଶି ପାଇବାପରେ ଓ ଖାତା ବନ୍ଦ କରିବା ପରେ ମଧ ଏହା ସଂପୂର୍ଣ୍ଣ ଭାବରେ କର ଛାଡପ୍ରାପ୍ତ ।<br>● ଭାରତରେ ଯେକୌଣସି ସ୍ଥାନକୁ ଖାତା ସ୍ଥାନାନ୍ତର କରିହେବ ।<br>● ଖାତାରେ ସର୍ବନିମ୍ନ ଜମା କରିବା ରାଶିର ମୂଲ୍ୟ ସମ୍ପୂର୍ଣ୍ଣ କମ୍ ଯଥା ବାର୍ଷିକ ୧୦୦୦ ଟଙ୍କା ।<br>● ୧୦ ବର୍ଷ ପରେ ବାଳିକାଟି ଉକ୍ତ ଖାତାର ଆର୍ଥିକ କାର୍ଯ୍ୟ ସମ୍ପାଦନ କରିପାରିବେ ।<br>● ଖାତାଟି ପରିଣତ ଅବସ୍ଥାରେ ପହଞ୍ଚିବା ପରେ ଖାତା ସମ୍ବନ୍ଧୀୟ ସୂଚନା ପାଇ ପାରିବେ ।<br>● ଲକ୍-ଇନ୍ ପିରିୟଡ ମଧ୍ୟରେ ଅର୍ଥ ବିନିଯୋଗ ଏବଂ<br>● SSY ଖାତାର ଅନ୍ୟ ଏକ ସୁବିଧା ହେଉଛି ଏହାର ଅତି ସହଜ ଆର୍ଥିକ କାର୍ଯ୍ୟ ସମ୍ପାଦନ । |
| SSY ଯୋଜନାର ତ୍ରୁଟି | ● ସୁଧର ମୂଲ୍ୟ ନିରୂପଣ ନ ହେବା ।<br>● ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ବ୍ୟାଙ୍କ ଖାତାରୁ ଜମାରାଶି ଉଠାଇବାର ଅନୁମତି ନ ଥିବା ।<br>● ଉଚ୍ଚ ମାତ୍ରାରେ ତଥା ୨୧ ବର୍ଷ ସମୟ କାଳର ଲକ୍-ଇନ୍-ପିରିୟଡ୍ ।<br>● ଅନ୍‌ଲାଇନ୍ ଟ୍ରାନ୍ସଫରର ସୁବିଧା ନଥିବା । |
| SSY ଯୋଜନାର ଅର୍ଥବ୍ୟବସ୍ଥା | ● SSY ଭାରତ ସରକାରଙ୍କର ଦ୍ୱାରା ପ୍ରାୟୋଜିତ ଯୋଜନା । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ସୁକନ୍ୟା ସମୃଦ୍ଧି ଯୋଜନା (SSY) ଅନ୍ତର୍ଗତ ଖାତା ଖୋଲିବା ପାଇଁ ନିମ୍ନ ଲିଖିତ ଦସ୍ତାବିଜ / କାଗଜପତ୍ର ଗୁଡ଼ିକର ଆବଶ୍ୟକତା ରହିଥାଏ ।<br>୧. କନ୍ୟା ସନ୍ତାନଙ୍କର ଜନ୍ମ ପ୍ରମାଣପତ୍ର ।<br>୨. କନ୍ୟାସନ୍ତାନଙ୍କର ପିତାମାତା କିମ୍ବା ବିଧିବଦ୍ଧ ଅଭିଭାବକଙ୍କ ଠିକଣାର ପ୍ରମାଣପତ୍ର ।<br>୩. କନ୍ୟାସନ୍ତାନଙ୍କର ପିତାମାତା କିମ୍ବା ବିଧିବଦ୍ଧ ଅଭିଭାବକଙ୍କର ପରିଚୟ ପ୍ରମାଣପତ୍ର ।<br>୪. ଯଦି କନ୍ୟା ସନ୍ତାନଙ୍କର ଜନ୍ମ ପ୍ରମାଣପତ୍ର ନଥାଏ, ତେବେ ପିତାମାତା କିମ୍ବା ବିଧିବଦ୍ଧ ଅଭିଭାବକ ନିମ୍ନଲିଖିତ ବିକଳ୍ପ ଦସ୍ତାବିଜ ପ୍ରଦାନ କରିପାରିବେ ।<br>କ. ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଯାଞ୍ଚ କରାଯାଇଥିବା ପ୍ରମାଣପତ୍ର ଯାହା ଉକ୍ତ କନ୍ୟା ସନ୍ତାନଙ୍କର ଜନ୍ମତାରିଖ ପ୍ରମାଣିତ କରୁଥିବ ।<br>ଖ. ଚିକିତ୍ସାଳୟ ଦ୍ୱାରା ଯୋଗାଇ ଦିଆଯାଇଥିବା ପ୍ରମାଣପତ୍ର ଯାହା କନ୍ୟାସନ୍ତାନଙ୍କର ଜନ୍ମ ତାରିଖ ପ୍ରମାଣିତ କରୁଥିବ ।<br>ଗ. କନ୍ୟା ସନ୍ତାନଙ୍କର ପାସପୋର୍ଟ ।<br>ଘ. କନ୍ୟା ସନ୍ତାନଙ୍କର ପାନ୍ କାର୍ଡ ।<br>ଙ. କନ୍ୟା ସନ୍ତାନଙ୍କର ଆଧାର କାର୍ଡ ।<br>ଯଦି କନ୍ୟାସନ୍ତାନଙ୍କର ଜନ୍ମ ପଞ୍ଜିକରଣ ପ୍ରମାଣପତ୍ର ନଥାଏ ତେବେ ପିତାମାତା କିମ୍ବା ବିଧିବଦ୍ଧ ଅଭିଭାବକ ଉପରୋକ୍ତ ଯେକୌଣସି ୨ ଗୋଟି ଦସ୍ତାବିଜ ନିଶ୍ଚିତ ଭାବେ ପ୍ରଦାନ କରିବାକୁ ହେବ । |
| ଅତିରିକ୍ତ ସୂଚନା | ● ସୁକନ୍ୟା ସମୃଦ୍ଧି ଯୋଜନାରେ ଆବେଦନ କରିବା ପାଇଁ ଶେଷ ତାରିଖ / ସମୟସୀମା ନିର୍ଦ୍ଧାରିତ ହୋଇନାହିଁ ।<br>● ଏହି ଯୋଜନା ମଧ୍ୟରେ ଆଂଶିକ ଭାବରେ ଟଙ୍କା ଉଠାଇବାର ଅନୁମତି ରହିଛି, ଯାହା ଜମା ହୋଇଥିବା ରାଶିର ସର୍ବାଧିକ ୫୦ଭାଗ ମଧ୍ୟରେ ହୋଇଥିବ । ବଳକା ରାଶି କନ୍ୟା ସନ୍ତାନଙ୍କର ୧୮ବର୍ଷ ବୟସ ହେବାପରେ ଉଚ୍ଚଶିକ୍ଷା କିମ୍ବା ବିବାହ କାର୍ଯ୍ୟରେ ଲାଗି ପାରିବ ।<br>● କନ୍ୟା ସନ୍ତାନଙ୍କର ପିତାମାତା କିମ୍ବା ବିଧିବଦ୍ଧ ଅଭିଭାବକ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦୦ ଟଙ୍କା ବା ତଦୁର୍ଦ୍ଧ ରାଶି ଜମାକରି ଡାକଘରେ କିମ୍ବା RBI ତାଲିକା ଅନ୍ତର୍ଭୁକ୍ତ ଯେ କୌଣସି ବ୍ୟାଙ୍କରେ ଖାତା ଖୋଲି ପାରିବେ ।<br>● ପ୍ରତି କନ୍ୟାସନ୍ତାନଙ୍କ ପାଇଁ କେବଳ ଗୋଟିଏ ମାତ୍ର ଖାତା ଖୋଲାଯାଇ ପାରିବ । ଅର୍ଥାତ୍ ଜଣେ କନ୍ୟାସନ୍ତାନଙ୍କର ଡାକଘରେ ବା ବ୍ୟାଙ୍କରେ ଏକରୁ ଅଧିକ ଖାତା ଖୋଲା ଯାଇ ନଥିବା ଆବଶ୍ୟକ । ପ୍ରତ୍ୟେକ ପିତାମତାଙ୍କର ସର୍ବାଧିକ ୨ ଗୋଟି କନ୍ୟାସନ୍ତାନ ଏହି ଯୋଜନାର ପରିସରଭୁକ୍ତ ହୋଇ ପାରିବେ ।<br>● ଏହି ଯୋଜନା ଅନୁଯାୟୀ ଖାତାଟି କନ୍ୟାସନ୍ତାନଙ୍କର ନାମରେ ହିଁ ଖୋଲାଯିବ ଏବଂ ସଂପୃକ୍ତ କନ୍ୟାସନ୍ତାନଙ୍କର ପିତାମାତା ଏବଂ ବିଧିବଦ୍ଧ ଅଭିଭାବକଙ୍କୁ ଆର୍ଥିକ କାର୍ଯ୍ୟ ସମ୍ପାଦନ ପାଇଁ କ୍ଷମତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହାଛଡା ଏହି ଯୋଜନା ଦ୍ୱାରା ଜମା ହୋଇଥିବା ରାଶି, ଆୟକର ବିଭାଗ ୮୦ସି. ଅନୁଯାୟୀ ଶୁଳ୍କ ସମ୍ବନ୍ଧୀୟ ସୁବିଧା ପାଇପରିବେ । |
| ସୂଚନାର ଉତ୍ସ | Http://www.sukanyasamridhiaccountyojana.in / http://www.indiapost.gov.in/dop/pdf%5(circular5%SC sukanya-samridhi - sb-order-2.pdf |

| | |
|---|---|
| ଯୋଜନାର ନାମ | ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (PMJJBY) |
| ପ୍ରାୟୋଜକ | • ଅର୍ଥ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର |
| ଯୋଜନା ସମ୍ପର୍କରେ | • ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଜୀବନ ବୀମା ଯୋଜନା ଅଟେ ଯାହାକି ୨୦୧୫ ମସିହା ମଇ ୯ ତାରିଖରେ ଆରମ୍ଭ କରାଯାଇଥିଲା ।<br>• ସାଧାରଣତଃ ଏହା ଏକ ସମୟକାଳ ବା TERM ଜୀବନ ବୀମା ପଲିସି ଯାହାକି ପ୍ରତିବର୍ଷ ନବୀକରଣ କରାଯାଇଥାଏ କିମ୍ବା ଦୀର୍ଘ ସମୟ ପାଇଁ ନବୀକରଣ ହୋଇଥାଏ । କୌଣସି କାରଣରୁ ବୀମାଧାରୀଙ୍କ ମୃତ୍ୟୁ ହୋଇଗଲେ ଏହା ତାଙ୍କୁ ଜୀବନ ବୀମା ପ୍ରଦାନ କରିଥାଏ ।<br>• ଏହି ଯୋଜନାରେ ବାର୍ଷିକ ପ୍ରମିୟମ ରାଶି ୩୩୦ ଟଙ୍କା (ସେବାକର ବ୍ୟତୀତ) ଅଟୋ ଡ଼େବିଟ୍ ବା ଆପେ ଆପେ ବ୍ୟାଙ୍କ ଖାତାରୁ ଉଠା ଯାଇଥାଏ ।<br>• ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖୋଲାଯାଇଥିବା ବ୍ୟାଙ୍କ ଖାତା ସହିତ ଏହି ଯୋଜନାକୁ ସଂଯୋଗ କରାଯାଇଥାଏ । ପ୍ରାରମ୍ଭରେ ବ୍ୟାଙ୍କଖାତା ଗୁଡିକ "ଶୂନ୍ୟ ଜମା" ଖାତା ଅନୁସାରେ ଖୋଲଯାଇଥାଏ ।<br>• ଭାରତୀୟ ଜୀବନ ବୀମା ନିଗମ (LIC) ଏହି ଯୋଜନାଟି କାର୍ଯ୍ୟକାରୀ କରିଥାଏ । ମାତ୍ର ଅନ୍ୟ ଜୀବନ ବୀମା କମ୍ପାନିମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସହିତ ସଂଯୋଗ କରି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ । |
| ଯୋଜନାର ଉପକାର | • କୌଣସି କାରଣରୁ ବୀମାଧାରୀଙ୍କ ମୃତ୍ୟୁ ହୋଇଗଲେ, ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | • ୧୯ ବର୍ଷରୁ ୫୦ ବର୍ଷ ବୟସ ମଧ୍ୟରେ ଯେକୌଣସି ବ୍ୟକ୍ତି ଯାହାଙ୍କର ବ୍ୟାଙ୍କ ଖାତା ରହିଥାଏ । ସେହି ବ୍ୟକ୍ତି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପାଇ ପାରିବେ ।<br>• କେବଳ ଗୋଟିଏ ସଞ୍ଚୟ ବ୍ୟାଙ୍କ ଖାତା ମାଧମରେ ଯେ କୌଣସି ବ୍ୟକ୍ତି ଏହି ଯୋଜନାରେ ଯୋଗ ଦେବାପାଇଁ ସମର୍ଥ ହୋଇପାରିବେ । ଏହି ବ୍ୟାଙ୍କ ଖାତାପାଇଁ ଆଧାର କାର୍ଡଟି ପ୍ରମୁଖ କେ.ୱାଇ.ସି ପତ୍ର ହୋଇଥାଏ । |
| ଏହି ଯୋଜନାରେ କିପରି ଜଣେ ତାଲିକାଭୁକ୍ତ ହୋଇପାରିବେ ? | • ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଯୋଜନାଟି ୨୦୧୫ ମସିହା ଜୁନ୍ ୧ ତାରିଖଠାରୁ ୨୦୧୬ ମସିହା ମଇ ୩୧ ତାରିଖ ପର୍ଯ୍ୟନ୍ତ ଆରମ୍ଭ କରାଯାଇଅଛି । ଗ୍ରାହକଙ୍କୁ ୨୦୧୫ ମସିହା ମଇ ୩୧ ତାରିଖ କିମ୍ବା ତା ପୂର୍ବରୁ ଏହି ଯୋଜନାରେ ତାଲିକାଭୁକ୍ତ କରିବା ସହ ପ୍ରିମିୟମ ରାଶିର ଅଟୋ ଡ଼େବିଟ୍ ବା ଆପେଆପେ ଉଠାଣର ସ୍ୱୀକୃତି ପ୍ରଦାନ କରିବାକୁ ହେବ । ଏଥି ସହିତ ଏହାର ତାରିଖ ୨୦୧୫ ମସିହା ଅଗଷ୍ଟ ୩୧ ତାରିଖକୁ ବୃଦ୍ଧି କରା ଯାଇପାରେ ।<br>• ଉପରୋକ୍ତ ସମୟସୀମା ପରେ ଯଦି କେହି ତାଲିକାଭୁକ୍ତ ହେବାକୁ ଚାହୁଁଥାନ୍ତି ତେବେ ତାଙ୍କୁ ଏକ ସ୍ୱପ୍ରମାଣପତ୍ର ଦେବାକୁ ପଡିଥାଏ ।<br>• ଯଦି କୌଣସି ବ୍ୟକ୍ତି ପ୍ରଥମବର୍ଷ ପରେ ମଧ ଏହାକୁ ଚାଲୁ ରଖିବାକୁ ଚାହୁଁଥାନ୍ତି ତେବେ ସେହିବର୍ଷ ମଇ ୩୧ ତାରିଖ ସୁଦ୍ଧା ବ୍ୟାଙ୍କ ଖାତାରେ ଅ ।ପେ ଆପେ ଉଠାଣ ବା ଅଟୋ ଡ଼େବିଟ୍ ପାଇଁ ସମ୍ମତି ପ୍ରକାଶ କରିବାକୁ ପଡିବ । ଯଦି କେହି ତାଙ୍କର ପଲିସିକୁ ନବୀକରଣ କରିବାକୁ ଚାହୁଁଥାନ୍ତି ତେବେ ତାଙ୍କୁ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବାର ସ୍ୱପ୍ରମାଣପତ୍ର ସହିତ ବର୍ଷକର ପ୍ରିମିୟମ ମୂଲ୍ୟ ପୈଠ କରିବାକୁ ପଡିଥାଏ । |
| ବ୍ୟାଙ୍କର ଭୂମିକା | ପ୍ରତିବର୍ଷ ପ୍ରିମିୟମ ଉଠାଇବା ଏବଂ ମାଷ୍ଟର ପଲିସିଧାରକ ହେବା ସହିତ ବ୍ୟାଙ୍କମାନଙ୍କୁ ନିମ୍ନଲିଖିତ ଭୂମିକା ପ୍ରଦର୍ଶନ କରିବାକୁ ପଡିଥାଏ ।<br>କ. ଉଠାଯାଇଥିବା ପ୍ରମିୟମ ରାଶିକୁ ବୀମା କମ୍ପାନୀକୁ ପ୍ରେରଣ ବ୍ୟାଙ୍କମାନଙ୍କର ପ୍ରମୁଖ ଦାୟୀତ୍ୱ ହୋଇଥାଏ ।<br>ଖ. ତାଲିକାଭୁକ୍ତ ହେବା ଫର୍ମ ପ୍ରଦାନ ।<br>ଗ. ଆପେ ଆପେ ଉଠାଣ ବା ଅଟେ ଡ଼େବିଟ୍‌ର ପ୍ରାଧିକରଣ ।<br>ଘ. ସ୍ୱୀକୃତି ତଥା ଘୋଷଣା ପତ୍ର ପ୍ରଦାନ କରିବା । ସେମାନେ ଏହାକୁ ସଂଗ୍ରହ କରି ବୀମାରାଶିର ଦାବି ପର୍ଯନ୍ତ ଦାୟୀତ୍ୱରେ ରଖିବେ ।<br>ଙ. ବୀମା ସଂସ୍ଥାର ଆବଶ୍ୟକତା ଅନୁଯାୟୀ ସ୍ୱୀକୃତି ତଥା ଘୋଷଣା ପତ୍ରକୁ ବୀମାକାରୀ ସଂସ୍ଥାକୁ ପ୍ରଦାନ କରିବେ । |
| ଆବଶ୍ୟକୀୟ ଦସ୍ତାବିଜ୍/ କାଗଜପତ୍ର | ପି. ଏମ୍.ଜେ.ଜେ.ବି.ୱାଇ (PMJJBY) ପାଇଁ ଆବଶ୍ୟକୀୟ ଦସ୍ତାବିଜ/କାଗଜପତ୍ର ଗୁଡିକ ହେଲା-<br>୧. ଆବେଦନ ଫର୍ମ<br>୨. ସ୍ୱୀକୃତି ତଥା ଘୋଷଣା ପତ୍ର<br>୩. ବୟସ ପ୍ରମାଣପତ୍ର<br>୪. ଆଧାର କାର୍ଡର ନକଲ<br>୫. ପାସ୍‌ପୋର୍ଟ ସାଇଜ୍‌ର ଫଟୋଗ୍ରାଫ୍ (ଆବଶ୍ୟକ ସ୍ଥଳେ) |
| ଅତିରିକ୍ତ ସୂଚନା | • କୌଣସି ବ୍ୟକ୍ତିଙ୍କର ଏକାଧିକ ସଞ୍ଚୟ ଖାତା, ଗୋଟିଏ ବ୍ୟାଙ୍କ କିମ୍ବା ଏକାଧିକ ବ୍ୟାଙ୍କରେ ଥିଲେ, ସେ କେବଳ ଗୋଟିଏ ସଞ୍ଚୟ ଖାତା ମାଧମରେ ପି.ଏମ୍.ଜେ.ଜେ.ବି.ୱାଇ (PMJJBY) ଯୋଜନାରେ ତାଲିକାଭୁକ୍ତ ହେବା ପାଇଁ ଯୋଗ୍ୟ ହୋଇପାରିବେ ।<br>• ୫୦ବର୍ଷ ହେବା ପୂର୍ବରୁ ଯଦି କୌଣସି ବ୍ୟକ୍ତି ଏହି ପଲିସି ଧାରଣ କରିଥାନ୍ତି, ତେବେ ୫୫ବର୍ଷ ହେବା ପର୍ଯ୍ୟନ୍ତ ଜୀବନ ବୀମା କଭରକୁ ଉପଭୋଗ କରିପାରିବେ । ଏହି ବୀମାର ଲାଭ ଉଠାଇବା ପାଇଁ ତାଙ୍କୁ ପ୍ରିମିୟମର ରାଶି ଅପରିବର୍ତ୍ତନୀୟ ଭାବରେ ପୈଠ କରିବାକୁ ପଡିଥାଏ ।<br>• ଏହି ପଲିସି ଅଧିନରେ ମାଚ୍ୟୁରିଟି ବେନିଫିଟ୍ କିମ୍ବା ସରେଣ୍ଡର ବେନିଫିଟ୍ ପରିଶୋଧ କରାଯାଇ ନଥାଏ ।<br>• ପଲିସି ଧାରକ ୫୫ବର୍ଷ ବୟସରେ ପହଞ୍ଚିଲେ,ଏହି ପଲିସିର ପରିସମାପ୍ତି ଘଟିଥାଏ । କିନ୍ତୁ ଏହି ପଲିସିକୁ ଚାଲୁ ରଖିବାପାଇଁ ପଲିସି ଧାରକଙ୍କୁ ପ୍ରତିବର୍ଷ ନବୀକରଣ କରିବାକୁ ପଡିଥାଏ ।<br>• ପଲିସିକୁ ଚାଲୁ ରଖିବା ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମାରାଶି ଯଦି ବ୍ୟାଙ୍କ ଖାତାରେ ନଥାଏ ଏବଂ ସେଥିପାଇଁ ଖାତାଧାରକ ଉକ୍ତ ବ୍ୟାଙ୍କରେ ଥିବା ଖାତାଟିକୁ ବନ୍ଦ କରିଥାନ୍ତି, ତେବେ ବୀମା ପଲିସି ମଧ ବନ୍ଦ ହୋଇଥାଏ ।<br>• ସବିଶେଷ ତଥ୍ୟପାଇଁ ଜାତୀୟ ଦେୟମୁକ୍ତ ନମ୍ବର: ୧୮୦୦୧୧୦୦୦୧/ ୧୮୦୦୧୮୦୧୧୧୧ ସହିତ ଯୋଗାଯୋଗ କରିପାରିବେ । |
| ସୂଚନାର ଉତ୍ସ | http://www.hdfcbank.com/htdocs/common/other/pmjjby-insurance/ indee.html<br>http://www.indiapost.gov.in/pdf/janasuraksha% 20scheme/ rules%20 pmjjby.pdf<br>http://www.janasuraksha.gov.in/forms-pmjjby.aspx<br>http://www.mapsofindia.com/my-india/pradhan-mantri-jeevanjyoti-bima-yojana-ensuring-your-future |

# ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା

## ସ୍ୱୀକୃତି ତଥା ଘୋଷଣା ପତ୍ର

ତାଲିକାଭୁକ୍ତ କରିବା ପାଇଁ ଅନୁମୋଦିତ ସମୟସୀମା ମଧ୍ୟରେ, ଯୋଜନାରେ ଯୋଗଦାନ କରୁଥିବା ସଭ୍ୟଙ୍କ ଦ୍ୱାରା ପୂରଣ କରାଯିବ।

ଅଫିସ ବ୍ୟବହାର ପାଇଁ

| | | | |
|---|---|---|---|
| ଏଜେଣ୍ଟ / ବ୍ୟାଙ୍କ ମିତ୍ରଙ୍କ ନାମ | | ଏଜେନ୍ସି / ବ୍ୟାଙ୍କ ମିତ୍ରଙ୍କର କୋଡ ନଂ.: | |
| ଏଜେଣ୍ଟ / ବ୍ୟାଙ୍କ ମିତ୍ରଙ୍କର ବ୍ୟାଙ୍କ ଖାତାର ବିବରଣୀ | | | |
| ଏଜେଣ୍ଟ / ବ୍ୟାଙ୍କ ମିତ୍ରଙ୍କର ସ୍ୱାକ୍ଷର | | | |

ମୁଁ ଏତଦ୍ୱାରା ଭାରତୀୟ ଜୀବନ ବୀମା ନିଗମର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଯାହା ମାଷ୍ଟର ପଲିସି ନଂ...................... (ଛପା ହେବ) ମାଧ୍ୟମରେ ଆପଣଙ୍କ ବ୍ୟାଙ୍କ ଦ୍ୱାରା ପରିଚାଳିତ ର ସଭ୍ୟ ହେବା ପାଇଁ ସ୍ୱୀକୃତି ପ୍ରଦାନ କରୁଅଛି।

ମୁଁ ଏତଦ୍ୱାରା ଆପଣଙ୍କ ଶାଖାରେ ଥିବା ମୋର ସଞ୍ଚୟ ଖାତାରୁ ଟ ୩୩୦/- ସମେତ ଦେୟ ସେବାକର ସହ ଉଠାଣ କରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ପଲିସିର ପ୍ରିମିଅମ୍ ରୂପେ ଜମା କରିବାକୁ ଆପଣଙ୍କୁ କ୍ଷମତା ପ୍ରଦାନ କରୁଅଛି। ପୁନଶ୍ଚ, ଅନ୍ୟାଦେଶ ପର୍ଯ୍ୟନ୍ତ ଭବିଷ୍ୟତରେ ପ୍ରତ୍ୟେକ ବର୍ଷ ୨୫ ମେ ଓ ୧ ଜୁନ ମଧ୍ୟରେ ଟ ୩୩୦/- ସହ ଦେୟ ସେବାକର ବା ଅନ୍ୟ କୌଣସି ସ୍ଥିରିକୃତ ରାଶି ଯାହା ମୋତେ ତୁରନ୍ତ ଅବଗତ କରାଯିବ, ଉକ୍ତ ଜୀବନ ବୀମା ପଲିସିର ନବୀକରଣ ପାଇଁ ମୋ ସଞ୍ଚୟ ଖାତାରୁ କାଟି ବାର୍ଷିକ ପ୍ରିମିଅମ୍ ଭାବରେ ଜମା କରିବାକୁ ମୁଁ ଆପଣଙ୍କୁ କ୍ଷମତା ପ୍ରଦାନ କରୁଅଛି।

ମୁଁ ଏହି ଯୋଜନାରେ ପ୍ରିମିଅମ୍ ଦେୟ ପାଇଁ ଅନ୍ୟ କୌଣସି ବ୍ୟାଙ୍କକୁ କ୍ଷମତା ପ୍ରଦାନ କରିନାହିଁ। ମୁଁ ଅବଗତ ଅଛିଯେ ମୋର ମୃତ୍ୟୁ ଜନିତ ବୀମାରାଶି ଦୁଇ ଲକ୍ଷ ଟଙ୍କାରେ ସିମୀତ।

ମୁଁ ଏହି ଯୋଜନାର ନିୟମାବଳୀ ପଢ଼ିଛି ଏବଂ ବୁଝିଛି ଏବଂ ଏତଦ୍ୱାରା ଏହି ଯୋଜନାର ସଭ୍ୟ ହେବା ପାଇଁ ସ୍ୱୀକୃତି ପ୍ରଦାନ କରୁଅଛି।

ଭାରତୀୟ ଜୀବନ ବୀମା ନିଗମକୁ ତାଙ୍କର ଗ୍ରୁପ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ମୋର ନିମ୍ନଲିଖିତ ବ୍ୟକ୍ତିଗତ ବିବରଣୀ ପ୍ରଦାନ କରିବାକୁ ମୁଁ ଆପଣଙ୍କୁ କ୍ଷମତା ଦେଉଅଛି।

**ବ୍ୟାଙ୍କ / କେ.ୱାଇ.ସି ରେକର୍ଡ଼ଭୁକ୍ତ ଦରଖାସ୍ତକାରୀଙ୍କ ସବିଶେଷ ବିବରଣୀ:**

| | | | |
|---|---|---|---|
| ବ୍ୟାଙ୍କରେ ରେକର୍ଡ଼ଭୁକ୍ତ ହୋଇଥିବା ଜମାଖାତାଧାରୀଙ୍କ ନାମ | | | |
| ସଞ୍ଚୟ ଜମା ଖାତା ନଂ | | ଆଧାର ନମ୍ବର (ଯଦି ଥାଏ) | |
| ଇ-ମେଲ୍ ଆଇ.ଡ଼ି | | ମୋବାଇଲ ନମ୍ବର | |
| ମନୋନୀତ ବ୍ୟକ୍ତିଙ୍କ ନାମ, ଠିକଣା ଏବଂ ସଂପର୍କ (ଯଦି ଥାଏ) | | ଅଭିଭାବକଙ୍କ ନାମ ଏବଂ ଠିକଣା (ଯଦି ମନୋନୀତ ବ୍ୟକ୍ତି ନାବାଳକ / ନାବାଳିକା ହୋଇଥାନ୍ତି | |
| ଜନ୍ମ ତାରିଖ | | ଠିକଣା | |

ଏହି ଯୋଜନାରେ ମୁଁ ଉପରୋକ୍ତ ବ୍ୟକ୍ତିଙ୍କୁ ମନୋନୀତ କରୁଅଛି।

ମନୋନୀତ ବ୍ୟକ୍ତି ନାବାଳକ / ନାବାଳିକା ହୋଇଥିବାରୁ ଉପରଲିଖିତ ବ୍ୟକ୍ତିଙ୍କୁ ତାଙ୍କର ଅଭିଭାବକ ନିଯୁକ୍ତ କରାଗଲା,

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଉପରୋକ୍ତ ବିବରଣୀ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଉପରେ ଆଧାରିତ ଏବଂ ମୁଁ ସ୍ୱୀକାର ଏବଂ ସମ୍ମତି ପ୍ରଦାନ କରୁଅଛି ଯେ ଉପରୋକ୍ତ ଯୋଜନାରେ ମୋର ସାମିଲ ହେବା ଉପରଲିଖିତ ତଥ୍ୟ ଉପରେ ଆଧାରିତ ଏବଂ ଉକ୍ତ ପ୍ରଦତ୍ତ ତଥ୍ୟ ଯଦି ଅସତ୍ୟ ବୋଲି ପ୍ରମାଣିତ ହୁଏ ତାହେଲେ ମୋର ସଭ୍ୟପଦ ରଦ୍ଦ ରୂପେ ଗଣ୍ୟ ହେବ।

ତାରିଖ:................................

ସ୍ୱାକ୍ଷର.......................................................

ଠିକଣା:.......................................................

**ଦସ୍ତଖତ ଯାଞ୍ଚ କରାଗଲା**

(ଶାଖା ଅଧିକାରୀ)

(ବ୍ୟାଙ୍କର ଶାଖା ନାମ ଓ କୋଡ୍ ନମ୍ବର ଥାଇ ରବର ଷ୍ଟାମ୍ପ)

## ପ୍ରାପ୍ତି ସ୍ୱିକାର ପତ୍ର ତଥା ବୀମାର ପ୍ରମାଣ ପତ୍ର

ଆମ୍ଭେ ଏତଦ୍ୱାରା ଶ୍ରୀ / ଶ୍ରୀମତୀ .......................................... ସଞ୍ଚୟ ଖାତା ନଂ............................. ଆଧାର ନମ୍ବର ............................ଙ୍କ ଠାରୁ, ଭାରତୀୟ ଜୀବନ ବୀମା ନିଗମର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ମାଷ୍ଟର ବୀମା ପଲିସି ନମ୍ବର............................. ଅଧିନରେ, ଯୋଗଦାନ ପାଇଁ ସ୍ୱିକୃତୀ ଓ ସ୍ଥିରିକୃତ ସଞ୍ଚୟ ଖାତାରୁ ଆପେ ଆପେ ଉଠାଣ ପାଇଁ କ୍ଷମତା ପ୍ରଦାନ ପ୍ରାପ୍ତି ସ୍ୱୀକାର କରୁଅଛୁ। ଏହା ପ୍ରଦତ୍ତ ତଥ୍ୟର ନିର୍ଭୁଲତା ଓ ସଠିକତା, ଏବଂ ଆବଶ୍ୟକୀୟ ଅର୍ଥ ପ୍ରାପ୍ତି ଉପରେ ନିର୍ଭର କରୁଅଛି।

.......................................................

**କ୍ଷମତାପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ସ୍ୱାକ୍ଷର ଓ ସିଲ**

<table>
<tr><td>ଯୋଜନାର ନାମ</td><td>ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMSBY)</td></tr>
<tr><td>ପ୍ରାୟୋଜକ</td><td>ଅର୍ଥ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର</td></tr>
<tr><td>ଯୋଜନା ସମ୍ପର୍କରେ</td><td>
<ul>
<li>୨୦୧୫ ମସିହା ମଇ ୯ ତାରିଖରେ ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଆରମ୍ଭ କରାଯାଇଅଛି । ଏହା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଦୁର୍ଘଟଣା ବୀମା ଯୋଜନା ଅଟେ ।</li>
<li>ଏହି ଯୋଜନାର ଅବଧି ଏକବର୍ଷ ଅଟେ । ଯାହାର ନବୀକରଣ ପ୍ରତ୍ୟେକ ବର୍ଷ କରାଯାଇଥାଏ । ଦୁର୍ଘଟଣା ବୀମା ଯୋଜନା ଅନ୍ତର୍ଗତ ଦୁର୍ଘଟଣା ଜନିତ ମୃତ୍ୟୁ କିମ୍ବା ଅସାମର୍ଥ୍ୟ ସ୍ଥିତିରେ ଏହି ବୀମା ଅନ୍ତର୍ଗତ ସୁବିଧା ମିଳିଥାଏ ।</li>
<li>ଏହି ଯୋଜନାପାଇଁ ସେବାକର ବ୍ୟତୀତ ସମୁଦାୟ ୧୨ ଟଙ୍କା ବାର୍ଷିକ ବୀମାର କିସ୍ତି ଦେବାକୁ ପଡିଥାଏ । ଏହାର ଗୋଟିଏ କିସ୍ତିରେ ଅଟୋ ଡେବିଟ୍ ବା ଆପେଆପେ ଖାତାରୁ କଟିଯିବାର ସୁବିଧା ରହିଥାଏ । ଏହି ଯୋଜନାଟି କାର୍ଯ୍ୟକାରୀ ହେଉଥିବା ସମୟରେ ପ୍ରତିବର୍ଷ ଅଟୋ ଡେବିଟର ସୁବିଧା କରାଇବା ପାଇଁ ସଦସ୍ୟମାନେ କେବଳ ଥରେମାତ୍ର ମତ ପ୍ରଦାନ କରିଥାନ୍ତି ।</li>
<li>ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅନ୍ତର୍ଗତ ଖୋଲାଯାଇଥିବା ବ୍ୟାଙ୍କ ଖାତାରେ ଏହି ଯୋଜନାକୁ ସଂଲଗ୍ନ କରାଯାଇଅଛି । ଏହି ବ୍ୟାଙ୍କଖାତାଗୁଡିକ ଶୂନ୍ୟ ଜମା ଖାତା ହୋଇଥାଏ ।</li>
<li>ଏହି ଯୋଜନାଟି ପବ୍ଲିକ୍ ସେକ୍ଟର ଜେନେରାଲ ଇନସୁରାନ୍ସ କମ୍ପାନୀ ଗୁଡିକ ଏବଂ ଅନ୍ୟାନ୍ୟ ସାଧାରଣ ବୀମା କମ୍ପାନୀମାନଙ୍କ ଦ୍ୱାରା ଦିଆଯାଇଥାଏ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଇଚ୍ଛୁକ କମ୍ପାନୀମାନେ ଆବଶ୍ୟକ ଅନୁମୋଦନ ସହିତ ବ୍ୟାଙ୍କମାନଙ୍କ ସହିତ ସଂଯୋଗ ହୋଇଥାଆନ୍ତି ।</li>
</ul>
</td></tr>
<tr><td>ଯୋଜନାର ଲାଭ</td><td>
<ul>
<li>ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସଂପୂର୍ଣ୍ଣ ଅସାମର୍ଥ୍ୟ ହୋଇଥିଲେ ୨ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ଆଂଶିକ ସ୍ଥାୟୀ ଅସାମର୍ଥ୍ୟ ହୋଇଥିଲେ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ଦିଆଯାଇଥାଏ । ଦୁଇଟି ଯାକ ଆଖି, ହାତ ବା ପାଦର ବ୍ୟବହାରକୁ ହରାଇବାକୁ ପୂର୍ଣ୍ଣ ଆସାମର୍ଥ୍ୟ କୁହାଯାଏ । ସେହପରି ଗୋଟିଏ ଆଖି, ହାତ ବା ପାଦର ବ୍ୟବହାର ହରାଇବାକୁ ଆଂଶିକ ସ୍ଥାୟୀ ଅସାମର୍ଥ୍ୟ କୁହାଯାଏ ।</li>
<li>ଯୋଜନାର ସୁବିଧା /ଲାଭ ଗୁଡିକ ନିମ୍ନ ଟେବୁଲରେ ଦର୍ଶାଯାଇଛି</li>
</ul>
<table>
<tr><th></th><th>ଲାଭଗୁଡିକ</th><th>ବୀମାରାଶି</th></tr>
<tr><td>କ</td><td>ମୃତ୍ୟୁ</td><td>୨ଲକ୍ଷ ଟଙ୍କା</td></tr>
<tr><td>ଖ.</td><td>ସଂପୂର୍ଣ୍ଣ ଏବଂ ଅନାଦେୟ ଭାବରେ ଦୁଇଟିଯାକ ଆଖି ହରାଇବା କିମ୍ବା ଦୁଇଟି ଯାକ ହାତ ହରାଇବା କିମ୍ବା ପାଦ ହରାଇବା କିମ୍ବା ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇବା ଏବଂ ଉଭୟ ହାତ ଓ ପାଦ ହରାଇବା</td><td>୨ଲକ୍ଷ ଟଙ୍କା</td></tr>
<tr><td>ଗ.</td><td>ସଂପୂର୍ଣ୍ଣ ଏବଂ ଅନାଦେୟ ଭାବରେ ଗୋଟିଏ ଆଖିର ଦୃଷ୍ଟିଶକ୍ତି କିମ୍ବା ଗୋଟିଏ ହାତ କିମ୍ବା ପାଦ ହରାଇବା</td><td>୧ଲକ୍ଷ ଟଙ୍କା</td></tr>
</table>
</td></tr>
<tr><td>କେଉଁମାନେ ଯୋଗ୍ୟହୋଇ ପାରିବେ ?</td><td>
<ul>
<li>ସମସ୍ତ ସଂଚୟ ବ୍ୟାଙ୍କ ଖାତାଧିକାରୀ ଯେଉଁମାନଙ୍କର ବୟସ ୧୮ବର୍ଷ (ପୂର୍ଣ୍ଣହୋଇଥିବ) ଠାରୁ ୭୦ ବର୍ଷ (ଜନ୍ମଦିନ ନିକଟରେ ହେଉଥିବ) ମଧରେ ହୋଇଥାଏ ଏବଂ ତାଙ୍କର ବ୍ୟାଙ୍କଖାତା ଅଂଶ ଗ୍ରହଣ କରୁଥିବା ବ୍ୟାଙ୍କରେ ରହିଥାଏ ସେମାନଙ୍କର ଏହି ଯୋଜନା ଅନୁଯାୟୀ ଯୋଗ ଦେବାର ଅଧିକାର ରହିଥାଏ ।</li>
<li>ହିତାଧିକାରୀ କେବଳ ଗୋଟିଏ ସଂଚୟ ବ୍ୟାଙ୍କ ଖାତାରେ ଏହି ଯୋଜନାରେ ସାମିଲ ହେବାପାଇଁ ସମର୍ଥ ହୋଇଥାଆନ୍ତି । ବ୍ୟାଙ୍କ ଖାତାପାଇଁ ଆଧାରକାର୍ଡ ପ୍ରଧାନ କେୱାଇସି (KYC) ହୋଇଥାଏ ।</li>
</ul>
</td></tr>
<tr><td>ତାଲିକା ଭୁକ୍ତ ପ୍ରଣାଳୀ/ ସମୟ</td><td>
<ul>
<li>ଏହି ଯୋଜନା ଅବଧିରେଏକବର୍ଷ ମଧରେ ଜୁନ୍ ୧ ତାରିଖରୁ ମଇ ୩୧ ତାରିଖ ମଧରେ ହୋଇଥାଏ । ଏଥିପାଇଁ ନିର୍ଦ୍ଦିଷ୍ଟ ସଞ୍ଚୟ ବ୍ୟାଙ୍କ ଖାତାରୁ “ଅଟୋ ଡେବିଟ” ମାଧମରେ ଜମାଦେବା ପାଇଁ ନିର୍ଦ୍ଧାରିତ ଫର୍ମରେ ଉଲ୍ଲେଖକରି ପ୍ରତିବର୍ଷ ମଇ ୩୧ ମଧରେ ଦିଆଯିବ । ପ୍ରଥମ ବର୍ଷରେ ଏହାର ସମୟସୀମା ୨୦୧୫ ମସିହା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି ।</li>
<li>ଏହି ଯୋଜନା କାର୍ଯ୍ୟକାରୀ ହେଲାପରେ,ଏହି ଯୋଜନାରେ ଯୋଗଦେବା ସମୟସୀମା ଭାରତ ସରକାରଙ୍କ ଦ୍ୱାରା ଅଧିକ ୩ମାସ ପର୍ଯ୍ୟନ୍ତ ଅର୍ଥାତ୍ ୨୦୧୫ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି । ଏହି ସମୟସୀମା ପରେ ଯୋଗଦେବାକୁ ହେଲେ ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ବାର୍ଷିକ ପ୍ରିମିୟମ ରାଶି ପୈଠ କରିବାକୁ ପଡିଥାଏ ।</li>
<li>ଯଦି, ଆବେଦନକାରୀ ଯୋଜନାଟିକୁ ଗ୍ଚାଲୁ ରଖିବାକୁ ଚାହାନ୍ତି, ତେବେ ସେ ଅନିର୍ଦ୍ଦିଷ୍ଟ/ ଦୀର୍ଘକାଳ ପାଇଁ ବାଛିବାର ସ୍ୱାଧୀକାର/ଅଟୋଡେ଼ବିଟ୍ ପାଇଁ ଆବେଦନ କରିପାରିବେ । ଆବେଦନକାରୀ ତାଙ୍କର ପୁରୁଣା ଅଭିଜ୍ଞତାକୁ ଆଧାର କରି ଏହା କରିପାରିନ୍ତି ।</li>
<li>ଯେଉଁ ବ୍ୟକ୍ତିମାନେ ଏହି ଯୋଜନାକୁ କିଛି ସମୟ ପାଇଁ ଛାଡିଦେଇଥାଆନ୍ତି ଭବିଷ୍ୟତରେ ସେମାନେ ପୁଣିଥରେ ଉପରୋକ୍ତ ପ୍ରକ୍ରିୟା ମାଧମରେ ଯୋଗଦେଇ ପାରିବେ । ନୂଆ ହିତାଧିକାରୀ ଏବଂ ଯୋଗ୍ୟ ବ୍ୟକ୍ତି ଯିଏ ଆଗରୁ ଏହି ଯୋଜନାରେ ଯୋଗଦେଇ ନାହାନ୍ତି । ଭବିଷ୍ୟତରେ ଯୋଜନା ଚାଲୁ ରହିଥିବା ସମୟରେ ଯୋଗଦେଇ ପାରନ୍ତି ।</li>
</ul>
</td></tr>
<tr><td>ବୀମାପତ୍ରରୁ ପାଉଥିବା ସୁବିଧାର ସମାପ୍ତି</td><td>
ନିମ୍ନଲିଖିତ କ୍ଷେତ୍ରରେ ବୀମା କଭରର ସମାପ୍ତି ହୋଇଥାଏ ଏବଂ କୌଣସି ଲାଭ ଗ୍ରାହକଙ୍କୁ ଦିଆଯାଇନଥାଏ ।<br>
କ) ୭୦ ବର୍ଷ ବୟସରେ ପ୍ରଦାର୍ପଣ ପରେ କିମ୍ବା ଜନ୍ମଦିନ ନିକଟରେ ହୋଇଥିଲେ ।<br>
ଖ) ପରବର୍ତ୍ତୀ ବର୍ଷରେ ନବୀକରଣ ସମୟରେ ଯଦି ବ୍ୟାଙ୍କ ଖାତାରେ ଅନ୍ତର୍ଭୁକ୍ତ/ଯଥେଷ୍ଟ ଜମାରାଶି ନଥାଇ ବ୍ୟାଙ୍କ ଖାତା ବନ୍ଦ ହୋଇଯାଇଥାଏ ।<br>
ଗ) ଯଦି ଗ୍ରାହକ ଏକାଧିକ ବ୍ୟାଙ୍କ ଖାତାରେ ଅନ୍ତଭୁର୍କ୍ତ ହେଉ ଥାଆନ୍ତି ଏବଂ ଜାଣିଶୁଣି ପ୍ରିମିୟମର ରାଶି ପୈଠ କରୁଥାନ୍ତି, ସେହି କ୍ଷେତ୍ରରେ କେବଳ ଗୋଟିଏ ବୀମା କଭର ହୋଇ ପାରିବ । ତତ୍ ସହିତ ପ୍ରିମିୟମ ରାଶିକୁ ମଧ ବାଜ୍ୟାପ୍ତି କରାଯାଏ ।<br>
ଘ) କୌଣସି ବୈଷୟିକ କାରଣ ଯୋଗୁଁ ଯଥା ଜମା ତାରିଖ ଦିନ ବ୍ୟାଙ୍କ ଖାତାରେ ଯଥେଷ୍ଟ ଜମା ନଥିବା କିମ୍ବା କୌଣସି ପ୍ରଶାସନିକ କାରଣ ଯୋଗୁଁ ବୀମା କଭର ବନ୍ଦ ହୋଇଯାଇଥାଏ, ଏହାକୁ ପୂର୍ଣ୍ଣ ବାର୍ଷିକ ପ୍ରିମିୟମ/କିସ୍ତି ଦେଇ ପୁନଃସ୍ଥାପନ କରାଯାଇଥାଏ । ମାତ୍ର ଏହାର ସର୍ତ୍ତାବଳୀ ଭବିଷ୍ୟତରେ ଜଣାଇ ଦିଆଯିବ । ଏହି ସମୟ ମଧରେ ବୀମା କଭରକୁ ନିଲମ୍ବନ କରାଯାଏ ଏବଂ ବୀମା କମ୍ପାନୀର ଇଛା ଅନୁଯାୟୀ ବୀମା କଭରର ପୁନଃସ୍ଥାପନା ହୋଇଥାଏ ।
</td></tr>
</table>

| | |
|---|---|
| ଆବଶ୍ୟକୀୟ ଦସ୍ତାବିଜ୍/ କାଗଜପତ୍ର | ପିଏମ୍ଏସ୍ବି ଓ୍ୱାଇ/PMSBY ପାଇଁ ନିମ୍ନଲିଖିତ ଦସ୍ତାବିଜ ଆବଶ୍ୟକ ହୋଇଥାଏ ।<br>୧. ଆବେଦନ ପତ୍ର<br>୨. ସ୍ୱୀକୃତି ତଥା ଘୋଷଣା ପତ୍ର<br>୩. ବୟସ ପ୍ରମାଣପତ୍ରର ନକଲ<br>୪. ଆଧାର କାର୍ଡର ନକଲ<br>୫. ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍ (ଆବଶ୍ୟକ ସ୍ଥଳେ) |
| ଅତିରିକ୍ତ ସୂଚନା | ● ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସଂଶ୍ଳିଷ୍ଟ ବ୍ୟାଙ୍କମାନେ ପ୍ରତିବର୍ଷ ମଇ ମାସରେ ପ୍ରିମିୟମ୍ର କିସ୍ତି ଉଠାଇ ଥାଆନ୍ତି ଏବଂ ସେହି ମାସରେ ବୀମା କମ୍ପାନୀକୁ ଦେୟ ରାଶି ପଠାଇ ଥାଆନ୍ତି ।<br>● ୨୦୧୫ ମସିହା ଜୁନ୍ ୧ ତାରିଖରେଏହି ଯୋଜନାର ଆରମ୍ଭ ହୋଇଥିଲା । ପରବର୍ତ୍ତୀ ବର୍ଷରେ ପ୍ରତ୍ୟେକ ବର୍ଷ ୧ଜୁନ୍ରେ ବାର୍ଷିକ ନବୀକରଣ ହୋଇଥାଏ ।<br>● ଆବଶ୍ୟକସ୍ଥଳେ,ଭବିଷ୍ୟତରେ ନୂତନ ନବୀକରଣର ତାରିଖ ଆରମ୍ଭ କରିବା ଆଗରୁ ଏହି ଯୋଜନାଟିକୁ ବନ୍ଦ କରାଯାଇପାରେ । |
| ସୂଚନାର ଉତ୍ସ | http://www.indiapost.gov.in/pdf/junasuraksha% 20 scheme/rules% 20 pmsby.pdf<br>http://wikipedia.org/wiki/pradhan-mantri-suraksha-bima-yojana<br>http://www.hdfcbank.com/htdocs/common/pmsby/index.htm |

(**PMSBY** ର ଲୋଗୋ)

# ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

## ସ୍ୱୀକୃତି - ତଥା - ଘୋଷଣା ପତ୍ର

(ତାଲିକାଭୁକ୍ତ ହେବା ପାଇଁ ଅନୁମୋଦିତ ସମୟସୀମା ମଧ୍ୟରେ, ଯୋଜନାରେ ଯୋଗଦାନ କରୁଥିବା ସଭ୍ୟଙ୍କ ଦ୍ୱାରା ପୂରଣ କରାଯିବ।)

ଏଜେନ୍‌ସି / ବ୍ୟାଙ୍କ ମିତ୍ରଙ୍କ କୋଡ୍ :.......................................................

ସଞ୍ଚୟ ବ୍ୟାଙ୍କ ଖାତା ନମ୍ବର : .......................................................

ଯୋଜନାରେ ଅନ୍ତର୍ଭୁକ୍ତ ତାରିଖ : ୧ ଜୁନ୍ / ଜୁଲାଇ / ଅଗଷ୍ଟ / ସେପ୍ଟେମ୍ବର ୨୦୧୫

| | |
|---|---|
| ୧. ପୁରା ନାମ : | ୫.ମୋବାଇଲ ନମ୍ବର / ଯୋଗାଯୋଗ ନମ୍ବର |
| ୨. ଠିକଣା : | ୬. ଆଧାର ନମ୍ବର (ଯଦି ଥାଏ) |
| ୩. ଜନ୍ମ ତାରିଖ (କେଓ୍ୱାଇସି ଦଲିଲରେ ପ୍ରଦତ୍ତ) | ୭. କୌଣସି ଅକ୍ଷମତା ଅଛିକି, ଯଦି ଥାଏ ତାର ସବିଶେଷ ବିବରଣୀ |
| ୪. ଇ ମେଲ୍ ଆଇ ଡି | ୮. ମନୋନୀତ ବ୍ୟକ୍ତିଙ୍କର ନାମ ଓ ଠିକଣା, ଯଦି ଥାଏ ଏବଂ ତାଙ୍କ ସହିତ ସମ୍ପର୍କ |
| ୯. ଯଦି ମନୋନୀତ ବ୍ୟକ୍ତି ନାବାଳକ / ନାବାଳିକା, ତାଙ୍କ ଅଭିଭାବକଙ୍କର ନାମ ଏବଂ ଠିକଣା | |

ମାଷ୍ଟର ପଲିସିଧାରକ ରୂପେ ................ବ୍ୟାଙ୍କ ଦ୍ୱାରା ପରିଚାଳିତ ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମିଲ ହେବା ପାଇଁ ମୁଁ ଏତଦ୍ୱାରା ମୋର ସ୍ୱିକୃତୀ ପ୍ରଦାନ କରୁଅଛି।

ଆପଣଙ୍କ ଶାଖାରେ ଥିବା ମୋର ସଞ୍ଚୟ ବ୍ୟାଙ୍କ ଖାତାରୁ ଟ ୧୨/- ସମେତ ସେବାକର (ଯଦି ଲାଗୁ ହୋଇଥାଏ) ୩୧ ମେ ୨୦୧୫ ତାରିଖରେ ବା ତା ପୂର୍ବରୁ ଓ ପ୍ରତ୍ୟେକ ପରବର୍ତ୍ତୀ ବର୍ଷ (ଅନ୍ୟାଦେଶ ପର୍ଯ୍ୟନ୍ତ) ସେହି ତାରିଖରୁ ଉଠାଣ କରିବାକୁ ମୁଁ ଆପଣଙ୍କୁ କ୍ଷମତା ପ୍ରଦାନ କରୁଅଛି। ଯଦି ପରବର୍ତ୍ତୀ କାଳରେ ଏହି ରାଶିର ପରିବର୍ତ୍ତନ ହୁଏ ତାହେଲେ ମତେ ଜଣାଇ ଆପଣ ଉଠାଣ କରିବାକୁ ମୁଁ କ୍ଷମତା ପ୍ରଦାନ କରୁଅଛି।

ମୋର ମୃତ୍ୟୁ ହେଲେ, ଉକ୍ତ ଯୋଜନାର ସୁବିଧା, ଉପର ବର୍ଣ୍ଣିତ ମୋର ମନୋନୀତ ବ୍ୟକ୍ତିଙ୍କୁ ପ୍ରଦାନ କରିବାକୁ ମୁଁ ମନୋନୟନ କରୁଅଛି। ମୋର ମୃତ୍ୟୁ କାଳରେ, ଯଦି ମନୋନୀତ ବ୍ୟକ୍ତି ଅଠର ବର୍ଷର ହୋଇ ନ ଥାନ୍ତି, ମୁଁ ଏତଦ୍ୱାରା ତାଙ୍କର ଉପର ବର୍ଣ୍ଣିତ ନ୍ୟାୟିକ ଅଭିଭାବକଙ୍କୁ ଏହି ଯୋଜନାର ସୁବିଧା ଗ୍ରହଣ କରିବାକୁ ନିଯୁକ୍ତ କରୁଅଛି।

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅନ୍ତର୍ଗତ ଅନ୍ୟ କୌଣସି ସଞ୍ଚୟ ବ୍ୟାଙ୍କ ଖାତା ଜରିଆରେ ମୁଁ ଏହି ବୀମା ସୁରକ୍ଷା ପ୍ରାପ୍ତି କରିନାହିଁ। ଯଦି ଏହା କେବେ ଥିବାର ଜଣାଯାଏ ତାହେଲେ ପ୍ରଦତ୍ତ ପ୍ରିମିୟମ ବାଜ୍ୟାପ୍ତ ହେବ ଏବଂ କୌଣସି ବୀମା ରାଶି ଦାବୀ ଗ୍ରହଣୀୟ ହେବନାହିଁ।

ଏହି ବୀମା ସୁରକ୍ଷା ମୁଁ ତାଲିକାଭୁକ୍ତ ହେବାର ତାରିଖର ପରବର୍ତ୍ତୀ ମାସର ପ୍ରଥମ ଦିନରୁ ପ୍ରାପ୍ତ ହେବାର ସମ୍ମତି ପ୍ରଦାନ କରୁଛି। ମାଷ୍ଟର ପଲିସିର ଆରମ୍ଭ ହେବାର ପରବର୍ତ୍ତୀ କାଳରେ ମୁଁ ଏହି ଯୋଜନାରେ ସାମିଲ ହେଲେ ମଧ୍ୟ ପୂର୍ଣ୍ଣ ପ୍ରିମିୟମ ପ୍ରଦାନ କରିବାକୁ ସ୍ୱିକୃତୀ ପ୍ରଦାନ କରୁଅଛି।

ଯେ ପର୍ଯ୍ୟନ୍ତ ମୋର ସମସ୍ତ ଦେୟ ପ୍ରିମିୟମ ଜମା କରାଯାଉଅଛି ଓ ବାର୍ଷିକ ନବୀକରଣ ତାରିଖରେ ମୋର ସତୁରି ବର୍ଷ ବୟସ ପୂର୍ଣ୍ଣ ନ ହୋଇଛି ମୁଁ ଏହି ଯୋଜନାର ସଭ୍ୟ ରହିବାର ସମ୍ମତି ଦେଉଛି। ଉପର ବର୍ଣ୍ଣିତ ଯୋଜନାର ନିୟମାବଳୀ ଓ ସର୍ତ୍ତକୁ ମାନିବାକୁ ମୁଁ ରାଜି ହେଉଅଛି।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଯୋଗଦାନ ପାଇଁ ଆବଶ୍ୟକ ମୋର ବ୍ୟକ୍ତିଗତ ବିବରଣୀ ......................................... (ବୀମା କମ୍ପାନୀର ନାମ ଛପା ହେବ)ଙ୍କୁ ପ୍ରଦାନ ପାଇଁ ମୁଁ ଆପଣଙ୍କୁ ମୋର ସମ୍ମତି ପ୍ରଦାନ କରୁଅଛି।

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଉପରୋକ୍ତ ସମସ୍ତ ବିବରଣୀ ସମ୍ପୂର୍ଣ୍ଣ ରୂପେ ସତ୍ୟ ଅଟେ ଏବଂ ମୁଁ ସମ୍ମତି ଏବଂ ଘୋଷଣା କରୁଅଛି ଯେ ଉପରୋକ୍ତ ସମସ୍ତ ବିବରଣୀ ଉପରେ ଆଧାର କରି ଏହି ଯୋଜନାରେ ମୋତେ ସାମିଲ କରାଯାଇଛି ଏବଂ ଏହା ଭିତରୁ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ ଏହି ଯୋଜନାରୁ ମୋର ସଭ୍ୟପଦ ରଦ୍ଦ ବିବେଚିତ ହେବ।

ତାରିଖ:......................

ଖାତାଧାରୀ ସ୍ୱାକ୍ଷର ପ୍ରମାଣିତ
(ବ୍ୟାଙ୍କ ଅଧିକାରୀ)

ଖାତାଧାରୀଙ୍କ ସ୍ୱାକ୍ଷର

## ପ୍ରାପ୍ତି ସ୍ୱିକାର ପତ୍ର ତଥା ବୀମାର ପ୍ରମାଣ ପତ୍ର

ଆମ୍ଭେ ଏତଦ୍ୱାରା ଶ୍ରୀ / ଶ୍ରୀମତୀ ........................................................ ସଞ୍ଚୟ ଖାତା ନମ୍ବର:.......................................... ର ଧାରକ, ଆଧାର ନମ୍ବର:................................................ ଙ୍କ ଠାରୁ ...................................................... (ବୀମା କମ୍ପାନୀର ନାମ) ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ମାଷ୍ଟର ବୀମା ପଲିସି ନମ୍ବର:............................................... ଅଧିନରେ ଯୋଗଦାନ ପାଇଁ ସ୍ୱୀକୃତି ଓ ସ୍ୱିକୃତ ସଞ୍ଚୟ ଖାତାରୁ ଆପେ ଆପେ ଉଠାଣ ପାଇଁ କ୍ଷମତା ପ୍ରଦାନ ପ୍ରାପ୍ତିର ସ୍ୱିକାର କରୁଅଛୁ। ଏହା ପ୍ରଦତ୍ତ ତଥ୍ୟର ନିର୍ଭୁଲତା ଓ ସଠିକତା ଏବଂ ଆବଶ୍ୟକୀୟ ଅର୍ଥ (ପ୍ରିମିୟମ) ପ୍ରାପ୍ତି ଉପରେ ନିର୍ଭର କରୁଅଛି।

କ୍ଷମତାପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ
ସ୍ୱାକ୍ଷର ଓ ସିଲ୍

| | |
|---|---|
| ଯୋଜନାର ନାମ | ଜନନୀ ସୁରକ୍ଷା ଯୋଜନା (JSY) |
| ପ୍ରାୟୋଜକ | ● ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ।<br>● ପରିଚାଳିତ- ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶାଳୟ (ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡିଶା ସରକାର) |
| ଯୋଜନା ସମ୍ପର୍କରେ | ● ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପୂର୍ବରୁ ପ୍ରଚଳିତ କାର୍ଯ୍ୟକ୍ରମ "ଜାତୀୟ ମାତୃତ୍ୱ" ଯୋଜନାର ଆଂଶିକ ପରିବର୍ତ୍ତନ କରାଯାଇ ଏପ୍ରିଲ ମାସ ୨୦୦୫ ମସିହାଠାରୁ ଜନନୀ ସୁରକ୍ଷା ଯୋଜନାଟି କାର୍ଯ୍ୟକାରୀ କରାଯାଇଥିଲା । NMBS ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଗର୍ଭବତୀ ମହିଳାମାନଙ୍କୁ ଉତ୍ତମ ଆହାର ଯୋଗାଇଦେବାର ବ୍ୟବସ୍ଥା ରହିଥିବା ସ୍ଥଳେ ଜନନୀ ସୁରକ୍ଷା ଯୋଜନା ଦ୍ୱାରା ଗର୍ଭ ସମୟରେ, ଡାକ୍ତରଖାନାରେ ପ୍ରସବ ସମୟରେ ଏବଂ ଗର୍ଭ ପରବର୍ତ୍ତୀ ଅବସ୍ଥାରେ ଯତ୍ନ ପାଇଁ ଆଶାକର୍ମୀଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ଯୋଜନା ଦ୍ୱାରା ଉପକୃତ ହେବାପାଇଁ ଆଶାକର୍ମୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯିବା ଆବଶ୍ୟକ ।<br>● ଜନନୀ ସୁରକ୍ଷା ଯୋଜନା (JSY) ଟି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଦ୍ୱାରା ପ୍ରଚଳିତ "ନିରାପଦ ମାତୃତ୍ୱ" କାର୍ଯ୍ୟକ୍ରମ ଅଟେ । ଗରିବ ଶ୍ରେଣୀର ଗର୍ଭବତୀ ମହିଳା ମାନଙ୍କ ମଧ୍ୟରେ ମାତୃ ମୃତ୍ୟୁହାର ଏବଂ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ତଥା ଚିକିତ୍ସାଳୟରେ ନିରାପଦ ପ୍ରସବ କରାଇବା ଏହି ଯୋଜନାର ଉଦ୍ଦେଶ୍ୟ ଅଟେ ।<br>● ଏହି ଜନନୀ ସୁରକ୍ଷା ଯୋଜନାଟି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ସଂଖ୍ୟା ବୃଦ୍ଧି କରିବା ସହ ମାତୃ- ମୃତ୍ୟୁ ହାର (ଗଗଜ) ଏବଂ ନବଜାତ ଶିଶୁ ମୃତ୍ୟୁହାର (IMR) କୁ ହ୍ରାସକରିବାରେ ସଫଳ ହୋଇ ପାରିଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଦ୍ୱାରା ୩ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇସାରିଛନ୍ତି । |
| ଯୋଜନାର ଉଦ୍ଦେଶ୍ୟ | ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ସଂଖ୍ୟା ବଢ଼ାଇବା ସହିତ ମାତୃ ମୃତ୍ୟୁହାର (MMR) ଏବଂ ଶିଶୁ ମୃତ୍ୟୁହାର (IMR) କୁ ହ୍ରାସ କରିବା ଏହି ଜନନୀ ସୁରକ୍ଷା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଦାରିଦ୍ର୍ୟ ସୀମାରେଖାତଳେ ବସବାସ କରୁଥିବା ସମସ୍ତ ଗର୍ଭବତୀ ମହିଳା ।<br>● ପ୍ରତ୍ୟେକ HIV ସଂକ୍ରମିତ ଗର୍ଭବତୀ ମହିଳା, ଯୌନକର୍ମୀ, ରୂପାନ୍ତରକାମୀ କିମ୍ବା ନିଶାସେବନକାରୀ ବ୍ୟକ୍ତିଙ୍କ ପତ୍ନୀ ଯିଏକି ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ମହିଳା ଏହି ଯୋଜନା ଅନୁଯାୟୀ ଯୋଗ୍ୟ ହୋଇପାରିବେ । |
| ଆର୍ଥିକ ସୁବିଧା | ● ଏହି ଯୋଜନା ଦ୍ୱାରା ଗର୍ଭବତୀ ମହିଳା ଏବଂ ଆଶାକର୍ମୀ ଉପକୃତ ହୋଇପାରିବେ । ବିପିଏଲ ହିତାଧିକାରୀ ସରକାରୀ କିମ୍ବା ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ପ୍ରସବ କରାଇଲେ ନିମ୍ନଲିଖିତ ଆର୍ଥିକ ସହାୟତା ପାଇ ପାରିବେ ।<br>୧. ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାଙ୍କ ପାଇଁ ୧୪୦୦ ଟଙ୍କା<br>୨. ସହରାଞ୍ଚଳରେ ବାସକରୁଥିବା ମହିଳାଙ୍କ ପାଇଁ ୧୦୦୦ ଟଙ୍କା<br>୩. ଘରେ ପ୍ରସବ କରାଇଥିବା ମହିଳାଙ୍କ ପାଇଁ ୫୦୦ ଟଙ୍କା<br>● ଆଶାକର୍ମୀଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ / ରାଶି ସରକାରୀ ଏବଂ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ପ୍ରସବ କରାଇବା ପାଇଁ ପ୍ରୋତ୍ସାହିତ କରି ପ୍ରସବ କରାଇଲେ ୬୦୦ ଟଙ୍କା ଆର୍ଥାକ ସହାୟତା ପ୍ରତି ପ୍ରସବ ନିମନ୍ତେ ମିଳିଥାଏ । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ଜନନୀ ସୁରକ୍ଷା ଯୋଜନା ଅନ୍ତର୍ଗତ ସୁବିଧା ପାଇବା ପାଇଁ ନିମ୍ନଲିଖିତ ଦସ୍ତାବିଜ ବା କାଗଜପତ୍ରର ଆବଶ୍ୟକ ।<br>୧. ବିପିଏଲ କାର୍ଡ/ ଅନ୍ତୋଦୟ ଅନ୍ନଯୋଜନା କାର୍ଡ ।<br>୨. ଏମ୍.ସି.ଏଚ୍ ଏବଂ ଜେ.ଏସ୍.ୱାଇ କାର୍ଡ ।<br>୩. ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ପ୍ରମାଣପତ୍ର (ଆବଶ୍ୟକସ୍ଥଳେ) ।<br>୪. ବୟସ ପ୍ରମାଣପତ୍ର । |
| ଅର୍ଥଯୋଗାଣ ର ଢ଼ାଞ୍ଚା | ଜନନୀ ସୁରକ୍ଷା ଯୋଜନାଟି ସମ୍ପୂର୍ଣ୍ଣରୂପେ କେନ୍ଦ୍ର ସରକାରଙ୍କ ସହାୟତା ଯୋଜନା ଅଟେ । |
| ଅତିରିକ୍ତ ସୂଚନା | ● ଏହିଯୋଜନା ଅନ୍ତର୍ଗତ ସୁବିଧା ସୁଯୋଗ ପାଇବାପାଇଁ ଇଚ୍ଛୁକ ଥିବା ମା'ମାନେ ANM ଙ୍କ ଦ୍ୱାରା ନିଜର MCH ଏବଂ JSY ପତ୍ରକୁ ବାଧ୍ୟତାମୂଳକ ଭାବେ ଆବେଦନ ପାଇଁ ଦେବାକୁ ପଡିବ । ବ୍ଲକ୍ ସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର / ସେହି ଅଞ୍ଚଳର ଡାକ୍ତରଖାନା/ ସବ୍‌ଡିଭିଜନ (ଉପଖଣ୍ଡ)/ ମ୍ୟୁନିସିପାଲ(ପୌରାଞ୍ଚଳ) /ଜିଲ୍ଲା/ ରାଜ୍ୟ ସ୍ତରୀୟ ଚିକିତ୍ସାଳୟ/ ମେଡିକାଲ କଲେଜ ଏବଂ ସ୍ୱୀକୃତି ପ୍ରାପ୍ତ ବେସରକାରୀ ଚିକିତ୍ସାଳୟ ଇତ୍ୟାଦିରେ ପ୍ରସବ କରାଇବାକୁ ହେଲେ ଆଶା କିମ୍ବା ଏ.ଏନ୍.ଏମ୍ କିମ୍ବା ମେଡିକାଲ ଅଫିସର/ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ରେଫରାଲ କାଗଜର ଆବଶ୍ୟକତା ରହିଥାଏ ।<br>● ଯେଉଁ ମହିଳାମାନେ ଗ୍ରାମାଞ୍ଚଳରେ ବାସ କରୁଥିଲେ ମଧ ସହରାଞ୍ଚଳର ସରକାରୀ କିମ୍ବା ବେସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ଚିକିତ୍ସାଗୁଡିକ ଯଥା ପ୍ରସବ କରାଇବାର ସୁବିଧା ପାଇପାରୁଥିବେ ସେମାନେ ପ୍ରସବ ପାଇଁ ୧୪୦୦ ଟଙ୍କା ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇପାରିବେ ।<br>● ପ୍ରକୃତ ବିପିଏଲ୍ ବର୍ଗ ଏବଂ SC/ST ପ୍ରମାଣପତ୍ର ଥିବା ମହିଳାମାନେ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟ (ବେସରକାରୀ ଏବଂ ପି.ଏସ୍.ୟୁ) ରେ ପ୍ରସବ କରାଇବା ପାଇଁ ଯୋଗ୍ୟ ହୋଇପାରିବେ । ଏହାର ଅନ୍ୟ କୌଣସି ପ୍ରତିକଳ୍ପ ବ୍ୟବସ୍ଥା ଗ୍ରହଣୀୟ ନୁହେଁ ।<br>● ଗର୍ଭବତୀ ମହିଳାମାନଙ୍କୁ ୭ ଦିନ ମଧ୍ୟରେ ଗୋଟିଏ କିସ୍ତି ଦ୍ୱାରା ଅର୍ଥପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।<br>● ହିତାଧିକାରୀଙ୍କୁ ଅର୍ଥ ବିତରଣ କରିବା ପାଇଁ ଜନନୀ ସୁରକ୍ଷା ରେଫରାଲ କାର୍ଡଏକମାତ୍ର ଦସ୍ତାବିଜ ଅଟେ ।<br>● ଗର୍ଭବତୀ ମହିଳାଙ୍କ ବୟସ ନିରୂପଣ କରିବାପାଇଁ କ୍ଷମତାପୂର୍ଣ୍ଣ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଜନ୍ମ ପ୍ରମାଣପତ୍ର, ଭୋଟ୍ ପରିଚୟପତ୍ର, ବିଦ୍ୟାଳୟ ଛାଡିବା ସମୟରେ ପ୍ରମାଣପତ୍ର କିମ୍ବା ଇସି (EC) ରେଜିଷ୍ଟର ଇତ୍ୟାଦିକୁ ପ୍ରଦାନ କରିପାରିବେ ।<br>● ଗରିବଶ୍ରେଣୀ ମହିଳା ଯାହାଙ୍କୁ ବିପିଏଲ କାର୍ଡ ଯୋଗାଇ ଦିଆଯାଇ ନଥିବ, ସେ କ୍ଷେତ୍ରରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡଟିକୁ ଗ୍ରହଣ କରାଯାଇ ପାରିବ ଏବଂ JSY ଯୋଜନା ଅନୁଯାୟୀ ଘରେପ୍ରସବ ହୋଇଥିଲେ ମଧ ଏହି ଯୋଜନା ମାଧ୍ୟମରେ ଉପକୃତ ହୋଇ ପାରିବେ ।<br>● ଏହି ଯୋଜନା ମାଧ୍ୟମରେ କେବଳ ୨ଗୋଟି ଜୀବନ୍ତ ଜନ୍ମ ନିମନ୍ତେ ଅର୍ଥ ପ୍ରଦାନର ବ୍ୟବସ୍ଥା ରହିଛି ।<br>● ଯଦି ଚିକିତ୍ସାଳୟଯିବା ସମୟରେ ମହିଳାଙ୍କର ପ୍ରସବ ହୋଇଥାଏ ତେବେ ଏହାକୁ ଆନୁଷ୍ଠାନିକ ପ୍ରସବ ଆକାରରେ ନିଆଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମା ଓ ଶିଶୁକୁ ପ୍ରସବ ପରର ଯତ୍ନ ପାଇଁ ଚିକିତ୍ସାଳୟରେ ଭର୍ତ୍ତୀ କରାଇବାକୁ ପଡିବ । ନଚେତ୍, ଏହି ପ୍ରକାର ଅବସ୍ଥାକୁ ଗୃହ ପ୍ରସବ ଆକାରରେ ଗ୍ରହଣ କରାଯାଇ JSY ର ସୁବିଧା ପ୍ରଦାନ କରାଯିବ । |
| ସୂଚନାର ଉତ୍ସ | http://www.nrhmorissa.gov.in/wrioteraddata/upload/guideline%20for% 20-jsy.pdf<br>http://nrhm.gov.in/nrhm-components/rmnch-a/maternal-health/janani-sureksha-yojana/ background.html |

# JANANI SURAKSHA YOJANA CARD

**(To be filled by ANM/GNM during registration and Antenatal checkup of the pregnant woman)**

Please use **CAPITAL** letters.

Date of filling the Application: ______/______/2010

Name of the Sub Center : ________________________________________

Name of the PHC : ________________________________________

***PART I***

1. Applicant's (Pregnant Women) Name: ____________________________________
2. Husband's Name : ________________________________________________
3. Full Address : ____________________________________________________

   ____________________________________________________

   (Please Use Tick Mark) Rural / Urban/ Slums/ TE/ Char/ Hill/
4. Possesses a BPL Card: **YES / NO (Please Tick),**

   if Yes BPL Card No.___________ (Enclose a Photocopy)

   if No. any other certification (Enclose a Photocopy)
5. Date & Registration of Pregnant Woman. No. of the Antenatal Register of SC/PHC/CHC:
   Date: ______________________ Registration No.:________________________________

   a. Age: ___________ b.LMP: _______________ c.EDD: _________________

   d. Order of pregnancy Para:_____________ Gravida:____________________

| **Date of Registration & 1st ANC** | **Pallor (Present/ Absent)** | **Height (cm.) & weight (kg.)** | **BP** | **Hb %** | **Urine for Sugar / Albumin** | **ABO and Rh grouping** | **Mamoni Booklet (Y/N)** | **Any Complication in early pregnancy / Remarks** |
|---|---|---|---|---|---|---|---|---|
| __/__/___ | | | | | | | | |

| **Date** | **Pallor** | **Weight (kg.)** | **BP** | **Ut fundal height** | **FHS** | **Lie/ presentation** | **Hb %** | **Urine for Sugar / Albumin** | **Any complications/ Referral** |
|---|---|---|---|---|---|---|---|---|---|
| 2nd ANC __/__/___ | | | | | | | | | |
| 3rd Visit __/__/___ | | | | | | | | | |
| 4th ANC __/__/___ | | | | | | | | | |
| Mamoni Incentive | 1st Instalment of A/c Payee Cheque of **Rs. 500.00** during 2nd ANC **[Y/N]**<br>2nd Instalment of A/c Payee Cheque of **Rs. 500.00** during 3rd **ANC** along with voucher for **referral transport. [Y/N]** | | | | | | | | |
| T.T/ IFA | 1st Dose(2nd ANC) :Date _______________ 2nd dose (after 4-6 week) Date ________________<br>Booster dose Date: __________ , IFA Tablets : 100 /200 tablets (2nd ANC).( Please Tick ) | | | | | | | | |

6. Decision taken for delivery at (Name of the Health Inst.):_________________________________
   (Motivate for institutional Delivery)

**Signature & Name of Applicant** | **Signature & Name of ANM/GNM** | **Signature & Name of ASHA**

***Part II***

# Delivery Record

***( To be fill up by SN/ANM/MO conducting delivery )***

1. Who accompanied the beneficiary to the Health Center? ASHA / Link Worker (Please Tick)

   Name of the ASHA/Link Worker who accompanied:______________________________

   Village & Sub Center of ASHA/ Link Worker:__________________________________

2. Was the above accredited worker (ASHA/ Link Worker) present with the beneficiary at the time of Delivery and stayed with the beneficiary? : **YES / NO.** (Please tick)

3. Place of delivery. Name of the Health Institution:________________________________

4. Date and Registration No. of the Delivery Register :______________________________

5. Date of Delivery :______________. 6. Normal / Assisted / Caesarean (Please Tick)

7. Outcome: Live / Still Birth (Please Tick).

8. Choose to undergo voluntarily sterilization (PPS) just after delivery? **YES/NO** (Please Tick)

   If yes, has the mother received compensation in the health center? **YES / NO** (Please Tick)

9. Mode of transportation of the Applicant to the Health Center from home:______________________

   (No. & type of the Vehicle)

10. Any amount paid to the Applicant for transportation? **YES / NO** (Please Tick)

    If Yes, Amount paid (Rs.___________________________________)

11. Who paid the amount ?: Name & Designation____________________________________

12. Amount paid by A/c Payee Cheque to the mother as incentive under JSY Scheme and date

    Rs.__________________________ Issue Date of Cheque: _______________________

    **(Under no circumstances JSY incentive be handed over to the ASHA or any other person other than the beneficiary)**

13. Amount paid by A/c Payee Cheque to ASHA/Link Worker and date.

    Rs.__________________________ Date of Payment: _______________________

    If Delayed, reasons____________________________________________________

14. If delivered in a Health Institution whether Mamata Kit provided to mother as per guideline, [Y / N]

15.

| **Date of Post Natal Check Up** **(To be Conducted by ANM and ASHA during Home visit)** | **Date** | **General Condition** | **FEVER** | **Bleeding / LOCHIA** | **Complication, if any** | **Referral** |
|---|---|---|---|---|---|---|
| 1st Visit(within 48 Hours ) | | | | | | |
| 2nd Visit(within 10 days) | | | | | | |
| 3rd Visit(within 6 weeks) | | | | | | |

16. Status of new born baby : Weight ____________ Kg. (Within first 2 days after delivery)
    Condition of the Cord ____________
    ( Be kept dry and nothing should be applied on the cord stump)
    Feeding (Breast feeding starting time after delivery__________(in hours)
    Jaundice:- Present / Absent (Please Tick)

| **Signature & Name of Applicant** | **Signature & Name of ASHA/Link Worker** | **Signature & Name of Medical Officer,i/c** |
|---|---|---|

..........................................................................................................................................

**Disbursement of JSY incentives**

| | | | |
|---|---|---|---|
| **For Accounts** | Checked with delivery register and found correct<br><br>PHC Accountant/ BAM (Seal) | Passed for payment of Rs.<br>____________________<br><br>MO, i/c Institution (Seal) | Received the payment by A/c payee cheque No.__________ Dated____________<br><br>JSY Beneficiary |

| | |
|---|---|
| ଯୋଜନାର ନାମ | ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ (JSSK) |
| ପ୍ରାୟୋଜକ | ● ସ୍ୱାସ୍ଥ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ।<br>● ପରିଚାଳିତ : ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ) |
| ଯୋଜନା ସମ୍ପର୍କରେ | ● ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ଦ୍ୱାରା ୧ ଜୁନ୍ ୨୦୧୧ ମସିହାରେ "ଜନନୀ ଶିଶୁ ସୁରକ୍ଷା ଯୋଜନା (JSSK) ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ-ଏକ ବାସ୍ତବତା" ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା ।<br>● ଜନସାଧାରଣ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକରେ ଗର୍ଭବତୀ ମହିଳା ପ୍ରସବ କରାଇଲେ ପ୍ରସବ ଜନିତ ଖର୍ଚ୍ଚ ସହିତ ଅସ୍ତ୍ରୋପଚାର ଦ୍ୱାରା ପ୍ରସବରେ ଖର୍ଚ୍ଚ ମଧ JSSK ଯୋଜନା ଅନ୍ତର୍ଭୁକ୍ତ ଏବଂ ଏହାଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ପାଇବା ସହିତ ଦେୟମୁକ୍ତ ପ୍ରସବ କରାଇ ପାରିବେ ।<br>● ଜନସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପ୍ରସବ କରାଇଲେ JSSK ଯୋଜନାନୁଯାୟୀ ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯିବା ନିର୍ଦ୍ଧାରିତ ହୋଇଅଛି । ଏହି ଯୋଜନା ଅନୁଯାୟୀ ଗର୍ଭବତୀ ମହିଳା ମାଗଣାରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘରୁ ଏବଂ ଘର ଠାରୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାତାୟତରେ ସୁବିଧା ପାଇବେ । ଏହା ଛଡା ଜଟିଳ ପରିସ୍ଥିତି ଯୋଗୁଁ ମହିଳାଙ୍କୁ ଯଦି କୌଣସି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଏ ତେବେ ପ୍ରସବର ୪୮ ଘଣ୍ଟାପରେ ଘରେ ପହଞ୍ଚାଇବାର ବନ୍ଦୋବସ୍ତ ମଧ କରାଯାଇଅଛି ।<br>● ଏତତ୍ ବ୍ୟତୀତ ମାଗଣା ଔଷଧ ଏବଂ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ, ମାଗଣା ରୋଗନିର୍ଣ୍ଣୟ ସମ୍ବନ୍ଧୀୟ ସହାୟତା ; ଆବଶ୍ୟକ ସ୍ଥଳେ ମାଗଣା ରକ୍ତ, ସାଧାରଣ ପ୍ରସବ ପାଇଁ ୩ ଦିନ ଏବଂ ଅସ୍ତ୍ରୋପଚାର ଜନିତ ପ୍ରସବ ପାଇଁ ୭ ଦିନ ରହିବା ଏବଂ ଖାଦ୍ୟ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।<br>● ଠିକ୍ ସେହିପରି ରୋଗାଗ୍ରସ୍ତ ନବଜାତ ଶିଶୁମାନଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୦ଦିନ ରହିବା ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ସେମାନେ ମାଗଣା ଚିକିତ୍ସା ସହିତ, ଅନ୍ୟ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା /ରେଫରାଲ ହୋଇଥିବା ସମୟରେ ମାଗଣା ଯାତାୟତର ସୁବିଧା ଉଠାଇ ପାରିବେ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ● ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ପ୍ରତ୍ୟେକ ଗର୍ଭବତୀ ମହିଳା ଯେଉଁମାନେ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ କରାଇଥିବେ ବା ଗର୍ଭବତୀ HIV ସଂକ୍ରମିତ ମହିଳା, ଯୌନକର୍ମୀ, ଏମ୍.ଏସ୍.ଏମ୍ ଏବଂ ଆଇ.ଡି.ୟୁ ଙ୍କର ପତି ବା ପତ୍ନୀ । |
| JSSK ଯୋଜନା ଦ୍ୱାରା ମିଳୁଥିବା ସୁବିଧା ସୁଯୋଗ | JSSK ଯୋଜନା ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ନିମ୍ନଲିଖିତ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ।<br>● ମାଗଣାରେ ପ୍ରସବ : ସାଧାରଣ ଏବଂ ଅସ୍ତ୍ରୋପଚାର ଦ୍ୱାରା<br>● ମାଗଣା ଔଷଧ ଏବଂ ଅନ୍ୟ ବ୍ୟବହୃତ ସାମଗ୍ରୀ ।<br>● ମାଗଣା ଏବଂ ଆବଶ୍ୟକୀୟ ଚିକିତ୍ସା ଓ ପରୀକ୍ଷା (ଯଥା-ରକ୍ତ ପରୀକ୍ଷା, ମୂତ୍ରପରୀକ୍ଷା ଏବଂ ଅଲଟ୍ରା ସୋନୋଗ୍ରାଫି ଇତ୍ୟାଦି) ।<br>● ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବା ସମୟରେ ମାଗଣା ପୁଷ୍ଟିକର ଖାଦ୍ୟ ଯୋଗାଣ(ସାଧାରଣ ପ୍ରସବ ପାଇଁ ୩ ଦିନ ଏବଂ ଅସ୍ତ୍ରୋପଚର ପ୍ରସବ ପାଇଁ ୭ ଦିନ) ।<br>● ମାଗଣା ରକ୍ତ ଯୋଗାଣ ।<br>● ମାଗଣା ଯାତାୟତ ବ୍ୟବସ୍ଥା-ଘରଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ।<br>● ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫରାଲ କରାଗଲେ ତାହାପାଇଁ ମାଗଣା ଯାତାୟତ ବ୍ୟବସ୍ଥା ।<br>● ୪୮ ଘଣ୍ଟା ବ୍ୟବଧାନ ପରେ ମାଗଣାରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଘର ପର୍ଯ୍ୟନ୍ତ ପହଞ୍ଚାଇବା ବ୍ୟବସ୍ଥା ।<br>● ସମସ୍ତ ପ୍ରକାର ବ୍ୟବହାରିକ ମୂଲ୍ୟ/use fee ରୁ ଅବ୍ୟାହତି ।<br><br>JSSK ଯୋଜନା ଅନୁଯାୟୀ ରୋଗାଗ୍ରସ୍ତ ନବଜାତ ଶିଶୁମାନଙ୍କ ପାଇଁ ନିମ୍ନଲିଖିତ ସୁବିଧା ସୁଯୋଗ ପ୍ରଦାନ କରାଯାଇଥାଏ । -<br>● ମାଗଣା ଏବଂ ବିନା ଖର୍ଚ୍ଚରେ ଚିକିତ୍ସା<br>● ମାଗଣା ଔଷଧ ଏବଂ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ।<br>● ମାଗଣା ରକ୍ତ ଯୋଗାଣ ।<br>● ମାଗଣାରେ ରୋଗ ନିରୂପଣ ।<br>● ଘରଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ମାଗଣା ଯାତାୟତ ସୁବିଧା ।<br>● ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସମୟରେ ଯାତାୟତ ବ୍ୟବସ୍ଥା ସୁବିଧାରେ କରାଇ ଦିଆଯାଇଥାଏ ।<br>● ୪୮ ଘଣ୍ଟା ବ୍ୟବଧାନ ପରେ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଘର ପର୍ଯ୍ୟନ୍ତ ମାଗଣାରେ ଯାତାୟତ ସୁବିଧା ।<br>● ସମସ୍ତ ପ୍ରକାର ବ୍ୟବହାରିକ ମୂଲ୍ୟରୁ ଅବ୍ୟାହତି । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ● JSSK ର ସୁବିଧା ଉଠାଇବା ପାଇଁ କୌଣସି ଦସ୍ତାବିଜର ଆବଶ୍ୟକତା ନାହିଁ ।<br>● କେବଳ ଆଶା ବା ଏ.ଏନ୍.ଏମ୍ କିମ୍ବା ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା କରାଯାଇଥିବା ପଞ୍ଜିକରଣ ଆବଶ୍ୟକ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● ଜନନୀ ସୁରକ୍ଷା ଯୋଜନାଟି ସଂପୂର୍ଣ୍ଣ ଭାବରେ କେନ୍ଦ୍ରୀୟ ସହାୟତା ଯୋଜନା ଅଟେ । |
| ଅତିରିକ୍ତ ସୂଚନା | ● ଯଦି ହିତାଧିକାରୀଙ୍କ କୌଣସି ପ୍ରକାର ଅଭିଯୋଗ ରହିଥାଏ ତେବେ ନିଜର ନାମ ଟେଲିଫୋନ ନମ୍ବର ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରକାଶ ଥିବା ଅଭିଯୋଗ ପ୍ରତିକାର ଅଧିକାରୀଙ୍କୁ ଜଣାଇ ପାରିବେ । |
| ସୂଚନାର ଉତ୍ସ | http://www.nrhm.gov.in/ images/nrhm-in-state.html<br>http://nrhm.govt.in/images/pdf/programme/maternal-health/gaidelines/guidelines-for-jssk.pdf |

| | |
|---|---|
| ଯୋଜନାର ନାମ | ଇନ୍ଦିରାଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା (IGMSY) |
| ପ୍ରାୟୋଜକ | ● ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର ।<br>ପରିଚାଳିତ : ରାଜ୍ୟ ଆଇ.ସି.ଡି.ଏସ୍ /ICDS ସେଲ୍, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ।<br>ଆଜିସୁଦ୍ଧା ଏହି ଯୋଜନାଟି କେବଳ ୨ଗୋଟି ଜିଲ୍ଲା ଯଥା ସୁନ୍ଦରଗଡ ଏବଂ ବରଗଡ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଅଛି । |
| ଯୋଜନା ସମ୍ପର୍କରେ | ● ଇନ୍ଦିରାଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନାଟି ଏକ ସର୍ତ୍ତମୂଳକ ସୁବିଧା (CMB) ଯୋଜନା ଯାହାକୁ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଜୁନ୍ ୨୦୧୦ ମସିହାରୁ ଆରମ୍ଭ କରାଯାଇଛି ।<br>● ଗର୍ଭବତୀ ଏବଂ ସନ୍ତ୍ୟପାନ କରାଉଥିବା ମହିଳାମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିର ଉନ୍ନତି କରିବା ତଥା ଏକ ସମର୍ଥକାରୀ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ । ଏହି ଯୋଜନାଟି ସମନ୍ୱିତ ଶିଶୁ ବିକାଶ ଯୋଜନା ସାହାଯ୍ୟରେ କାର୍ଯ୍ୟକାରୀ କରାଯାଉଛି ।<br>● ଏହି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ସିଧାସଳଖ ଭାବରେ ଗର୍ଭବତୀ ଏବଂ ସନ୍ତ୍ୟପାନ କରାଉଥିବା ମହିଳାମାନଙ୍କୁ ପ୍ରଦାନ କରାଯାଇଥାଏ ଯାହାଦ୍ୱାରା ସେମାନଙ୍କର ନିର୍ଦ୍ଦିଷ୍ଟ ଅବସ୍ଥାରେ ସୁଧାର ଆଣିବାରେ ଏହା ସହାୟକ ହୋଇଥାଏ । |
| ଯୋଜନାର ଉଦ୍ଦେଶ୍ୟ | ସ୍ୱଳ୍ପ ସମୟ ପାଇଁ ଅର୍ଥ ରୋଜଗାର ଯୋଗାଇବା ସହିତ ଦୀର୍ଘକାଳ ପାଇଁ ବ୍ୟବହାରିକ ଏବଂ ମନୋବୃତ୍ତିର ପରିବର୍ତ୍ତନ ଆଣିବାରେ ସାହାଯ୍ୟ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ଅଟେ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମହିଳା ଏବଂ ନବଜାତ ଶିଶୁଙ୍କର ସ୍ୱାସ୍ଥ୍ୟଗତ ଏବଂ ପୁଷ୍ଟିଗତ ଅବସ୍ଥାରେ ଉନ୍ନତି କରିବା ସହିତ<br>୧. ଗର୍ଭ ସମୟରେ, ପ୍ରସବ ସମୟରେ ଏବଂ ସ୍ତନ୍ୟପାନ ସମୟରେ ଉପଯୁକ୍ତ କାର୍ଯ୍ୟପଦ୍ଧତି, ଯତ୍ନ ଓ ସେବା ପାଇଁ ପ୍ରୋତ୍ସାହିତ କରିବା ।<br>୨. ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା' ମାନଙ୍କୁ ଇନ୍‌ଫାଣ୍ଟ ଆଣ୍ଡ ଚାଇଲଡ୍ ଫିଡିଂ (IYCF) ପ୍ରକ୍ରିୟା ଅନୁଯାୟୀ ୬ମାସ କେବଳ ସ୍ତନ୍ୟପାନ କରାଇବା ପାଇଁ ଉତ୍ସାହିତ କରିବା ।<br>୩. ଗର୍ଭବତୀ ଏବଂ ଯତ୍ନ ନେଉଥିବା ମା' ମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିଗତ ଅବସ୍ଥାର ଉନ୍ନତି ଏବଂ ଏକ ଉତ୍ତମ ସମର୍ଥକାରୀ ପରିବେଶ ଯୋଗାଇବା ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା । |
| କେଉଁମାନେ ଯୋଗ୍ୟ ହୋଇପାରିବେ ? | ● ୧୯ବର୍ଷ ବା ତଦୁର୍ଦ୍ଧ ବୟସର ଗର୍ଭବତୀ ମହିଳା ଏବଂ ପ୍ରଥମ ୨ଗୋଟି ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ମହିଳାମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ।<br>● ସମସ୍ତ ସରକାରୀ PSUs (କେନ୍ଦ୍ର ଓ ରାଜ୍ୟ) କର୍ମଚାରୀଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଅଛି ଯେହେତୁ ସେମାନେ ମାତୃତ୍ୱ ଜନିତ ଛୁଟି (Maternity leave) ଅନ୍ତର୍ଗତ ଯୋଜନା ଅନୁଯାୟୀ ବେତନ ପାଇବା ପାଇଁ ଯୋଗ୍ୟ ବିବେଚିତ । |
| ଏହି ଯୋଜନାର ସୁବିଧା ସୁଯୋଗ | ● ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା' ଏବଂ ଅଙ୍ଗନୱାଡି କର୍ମୀ (AWW) / AWHs ଏହି ଯୋଜନାରେ ଉପକୃତ ହୋଇପାରିବେ ।<br>● ଏହି ଯୋଜନା ଅନ୍ତର୍ଭୁକ୍ତ ହିତାଧିକାରୀ ଯଥା ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ଦ୍ୱିତୀୟ ତ୍ରୈମାସିକ ସମୟଠାରୁ ଶିଶୁ ୬ମାସ ବୟସ ହେବା ପର୍ଯ୍ୟନ୍ତ ୩ ଗୋଟି କିସ୍ତି ମାଧ୍ୟମରେ ୪୦୦୦ ଟଙ୍କା ଆର୍ଥିକ ସହାୟତା ପାଇପାରିବେ । ଏହାଦ୍ୱାରା ଗର୍ଭ ଏବଂ ସ୍ତନ୍ୟପାନ ସମୟରେ ମା ଏବଂ ଶିଶୁର ସ୍ୱାସ୍ଥ୍ୟଗତ ଅବସ୍ଥାର କ୍ଷତିପୂରଣ କରିହେବ ।<br>● ଏହି ଯୋଜନା ଅନୁଯାୟୀ ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟକ ଯଥାକ୍ରମେ ୨୦୦ ଟଙ୍କା ଏବଂ ୧୦୦ ଟଙ୍କା ପ୍ରତି ଗର୍ଭବତୀ ଏବଂ ସନ୍ତ୍ୟପାନ କରାଉଥିବା ମହିଳା ପିଛା ଆର୍ଥିକ ପ୍ରୋତ୍ସାହନ ପାଇଥାନ୍ତି । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ● ଅଙ୍ଗନବାଡି କର୍ମୀ ଏବଂ ଅଙ୍ଗନବାଡି ହେଲପରଙ୍କ ଦ୍ୱାରା ଗର୍ଭବତୀ ମହିଳାମାନଙ୍କର ପଞ୍ଜିକରଣ ।<br>● ପ୍ରତିଷେଧନ ଏବଂ ବୃଦ୍ଧି ପର୍ଯ୍ୟାଲୋଚନାର ବିବରଣୀ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● IGMSY_ସଂପୂର୍ଣ୍ଣ ରୂପେ କେନ୍ଦ୍ରିୟ ପ୍ରାୟୋଜିତ ଯୋଜନା, ଯାହା ମାଧ୍ୟମରେ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସହାୟକ ଅନୁଦାନ ପ୍ରଦାନ କରାଯାଇଥାଏ । |
| ଅତିରିକ୍ତ ସୂଚନା | ● ମହିଳାମାନେ ଯେପରି ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ବାଧ୍ୟତାମୂଳକ ଭାବେ କାର୍ଯ୍ୟକୁ ନଯିବେ ଏବଂ ତତ୍ ସହିତ ନିଜର ପାରିଶ୍ରମିକ ନ ହରାଇବେ ସେଥିପାଇଁ ଆଂଶିକ କ୍ଷତିପୂରଣ ପ୍ରଦାନ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଯାହାଦ୍ୱାରା ପ୍ରସବ ପୂର୍ବରୁ ଏବଂ ପ୍ରସବ ପରେ ମହିଳାମାନେ ଯଥେଷ୍ଟ ବିଶ୍ରାମ ନେଇପାରିବେ । |
| ସୂଚନାର ଉତ୍ସ | http://wcd.nic.in/sites/default/files/igmsy.impgurideline.apr11-pdf.<br>http://wcd.nic.in/sites/edefault/files/igmsyscheme.pdf |

| | |
|---|---|
| ଯୋଜନାର ନାମ | ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY) |
| ପ୍ରାୟୋଜକ | ● ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ, ଭାରତ ସରକାର ।<br>● ପରିଗ୍ରଳିତ : ଶ୍ରମ ନିର୍ଦ୍ଦେଶାଳୟ, ଓଡ଼ିଶା ।<br>● ଭାରତ ସରକାର ଏବଂ ରାଜ୍ୟ ସରକାର ମିଳିତ ଭାବରେ ତାଲିକା ଭୁକ୍ତ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇଥାନ୍ତି । |
| ଯୋଜନା ସମ୍ପର୍କରେ | ● ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜାନାଟି ୧ ଏପ୍ରିଲ ୨୦୦୮ ମସିହାଠାରୁ କାର୍ଯ୍ୟକାରୀ କରାଯାଉଛି ଯାହାର ଲକ୍ଷ୍ୟ ହେଉଛି ସାମାଜିକ ସୁରକ୍ଷା ପ୍ରଦାନ ଏବଂ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ପ୍ରଦାନ । ଅସଙ୍ଗଠିତ ଅଞ୍ଚଳରେ କାର୍ଯ୍ୟକରୁଥିବ ସମୟରେ ଘଟୁଥିବା ବିପଦର ସମ୍ମୁଖୀନ ଯଥା- ଅସାମର୍ଥ୍ୟ, ଆକସ୍ମିକ ଆଘାତ, ମାତୃତ୍ୱ, ବୃଦ୍ଧାବସ୍ଥା ଇତ୍ୟାଦି ଏବଂ ଏହି ଅଞ୍ଚଳ ଗୁଡିକରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଥିବାରୁ ଅସଙ୍ଗଠିତ ୱାର୍କରସ ସୋସିଆଲ ଆକ୍ଟ (୨୦୦୮) ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ସାମାଜିକ ନିରାପତ୍ତା ନିମନ୍ତେ ସୁପାରିଶ କରାଯାଇଅଛି । କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଅନେକ ଗୁଡ଼ିଏ ଯୋଜନା ଅସଙ୍ଗଠିତ ଅଞ୍ଚଳର ଶ୍ରମିକ ଏବଂ ହିତାଧିକାରୀଙ୍କ ସାମାଜିକ ନିରାପତ୍ତା ଯୋଗାଇ ଦେବାପାଇଁ ପ୍ରଚଳନ କରାଯାଇଛି ।<br>● RSBY ଏହି ଯୋଜନା ଗୁଡ଼ିକ ମଧ୍ୟରୁ ଅନ୍ୟତମ । ପ୍ରାରମ୍ଭିକ ପର୍ଯ୍ୟାୟରେ କେବଳ ବିପିଏଲ ପରିବାର ବର୍ଗଙ୍କ ପାଇଁ ଏହି ଯୋଜନାଟିର ପରିକଳ୍ପନା କରାଯାଇଥିଲା । ମାତ୍ର ନିକଟରେ ଏହାର ପରିବର୍ତ୍ତନ କରାଯାଇ ପ୍ରତ୍ୟେକ ଅସଙ୍ଗଠିତ ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟକାରୀ ହେଲା । ତତ୍ ସହିତ ରାସ୍ତା କଡର ବିକ୍ରେତା,ବିଡି ତିଆରିରେ ଲିପ୍ତ ଶ୍ରମିକ, ଗୃହକାର୍ଯ୍ୟ କରୁଥିବା ଶ୍ରମିକ, ପ୍ରାସାଦ ଏବଂ କୋଠାଘର ନିର୍ମାଣ କରୁଥିବା ଶ୍ରମିକ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଗ ଅର୍ଥାତ୍ NGNREGS କାର୍ଯ୍ୟକ୍ରମ ଅନ୍ତର୍ଗତ ୧୫ ଦିନରୁ ଅଧିକ ଦିନଧରି କାର୍ଯ୍ୟରତ ଶ୍ରମିକମାନଙ୍କୁ ଏହି ଯୋଜନା ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଅଛି ।<br>● ଏହି ଯୋଜନା ଅନ୍ତର୍ଗତ ଯୋଗାଯାଉଥିବା ସେବା ବିତରଣ ରୀତି ଯଥା- ଗୃହିଦା ଅନୁଯାୟୀ ଅର୍ଥଯୋଗାଣ ବ୍ୟବସ୍ଥା, ସ୍ୱୀକୃତିପ୍ରାପ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ବାଛିବାର ସ୍ୱାଧୀନତା ଏବଂ ଦେୟମୁକ୍ତ ସେବା ପ୍ରଦାନକାରୀ ସଂସ୍ଥାକୁ ପୂର୍ବଧାର୍ଯ୍ୟ ମୂଲ୍ୟର କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା ରହିଛି । ଯାହାକି ଭାରତ ସରକାରଙ୍କ ଦ୍ୱାରା ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଣାଳୀର ଏକ ବଳିଷ୍ଠ ସ୍ତମ୍ଭ ହୋଇପାରିଛି । |
| ଏହି ଯୋଜନାର ଉଦ୍ଦେଶ୍ୟ | ● ଅସଙ୍ଗଠିତ ଅଞ୍ଚଳରେ କାର୍ଯ୍ୟକରୁଥିବା ତାଲିକାଭୁକ୍ତ ହିତାଧିକାରୀଙ୍କୁ RSBY ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହିତ ଜରୁରୀକାଳିନ ପରିସ୍ଥିତିରେ ଉପୁଜୁଥିବା ଆର୍ଥୀକ ଆଘାତ ଠାରୁ ସୁରକ୍ଷା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏଥି ସହିତ ଉକ୍ତ ଜନସଂଖ୍ୟାଙ୍କର ସ୍ୱାସ୍ଥ୍ୟ ସମସ୍ୟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯିବା ସମୟରେ ଅଳ୍ପ ପରିମାଣର ହେଉଥିବା ଖର୍ଚ୍ଚ ମଧ୍ୟ ଏହି ଯୋଜନା ଦ୍ୱାରା ବହନ କରାଯାଇଥାଏ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ବିପିଏଲ ପରିବାରବର୍ଗ ଏବଂ ଅସଙ୍ଗଠିତ ଅଞ୍ଚଳର ଶ୍ରମିକ ଓ ତାଙ୍କର ପରିବାର ସଦସ୍ୟ (ପରିବାର ମୁଖ୍ୟଙ୍କ ସମେତ ୫ଜଣ ସଦସ୍ୟ) ଏହି RSBY ଯୋଜନା ପାଇଁ ଯୋଗ୍ୟ ହୋଇପାରିବେ । |
| ଏହି ଯୋଜନା ଦ୍ୱାରା ମିଳୁଥିବା ସୁବିଧା ସୁଯୋଗ | ● ହିତାଧିକାରୀ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ, RSBY ଯୋଜନା ଅନୁଯାୟୀ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ବହନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାନ୍ତି ।<br>● ଏହି ଯୋଜନା ଅନୁଯାୟୀ ବିଭିନ୍ନ ପ୍ରକାର ଚିକିତ୍ସା ପାଇଁ ଚିକିତ୍ସାଳୟ ଗୁଡିକରେ ସରକାର ଏକ ପ୍ୟାକେଜ୍ ରେଟ୍ ଧାର୍ଯ୍ୟ କରିଛନ୍ତି । ଯେଉଁଥିରେ କି ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଗୁଡିକୁ ପ୍ରଥମ ଦିନରୁ ହିଁ ପ୍ରଦାନ କରାଯାଏ ଏବଂ ଏହି ଯୋଜନାର କୌଣସି ବୟସସୀମା ନାହିଁ ।<br>● ପରିବାରର ୫ଜଣ ସଦସ୍ୟ ଯଥା- ପରିବାର ମୁଖ୍ୟ, ପତି ବା ପତ୍ନୀ ଏବଂ ପରିବାରର ନିର୍ଭର କରୁଥିବା ଅନ୍ୟ ୩ଜଣ ସଦସ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ।<br>● ହିତାଧିକାରୀଙ୍କୁ ମାତ୍ର କେବଳ ପଞ୍ଜିକରଣର ମୂଲ୍ୟ ୩୦ଟଙ୍କା ଦେବାକୁ ପଡିଥାଏ । ସେହି ସମୟରେ କେନ୍ଦ୍ର ଏବଂ ରାଜ୍ୟ ସରକାର ବୀମା ଚୁକ୍ତି ଅନୁଯାୟୀ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବୀମାର କିସ୍ତି ଦେଇଥାନ୍ତି । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ● ବିପିଏଲ (BPL) କାର୍ଡ<br>● ପରିଚୟ ପତ୍ର/ ନିଯୁକ୍ତି କାର୍ଡ(ଶ୍ରମିକଙ୍କ ସ୍ଥଳେ) |
| ଆବଶ୍ୟକୀୟ ପଦ୍ଧତି | ● RSBY ଯୋଜନାରେ ପଞ୍ଜିକରଣ ନିମନ୍ତେ ନିମ୍ନଲିଖିତ ପଦ୍ଧତିକୁ ଅନୁସରଣ କରିବା ଆବଶ୍ୟକ ।<br>● ପୂର୍ବ ନିର୍ଦ୍ଧାରିତ ଡାଟା ଫର୍ମାଟରେ ଯୋଗ୍ୟ ବିପିଏଲ ପରିବାରର ଏକ ଇଲେକ୍ଟ୍ରୋନିକ ଚିଠା ବୀମାକାରୀ ସଂସ୍ଥାକୁ ପ୍ରଦାନ କରାଯାଇଥାଏ ।<br>● ଜିଲ୍ଲାସ୍ତରୀୟ ଅଫିସରଙ୍କ ସାହାଯ୍ୟରେ ବୀମାକାରୀସଂସ୍ଥା ପ୍ରତ୍ୟେକ ଗ୍ରାମର ତାରିଖସହ ନାମ ପଞ୍ଜିକରଣ ସୂଚୀ ପ୍ରସ୍ତୁତ କରିବେ ।<br>● ନାମ ପଞ୍ଜିକରଣ ହେବା ପୂର୍ବରୁ ପଞ୍ଜିକରଣ ତାଲିକାର ସୂଚୀ ଏବଂ ବିପିଏଲ ତାଲିକାଟିକୁ ଗ୍ରାମର ଏନ୍‌ରୋଲମେଣ୍ଟ ସ୍ଥାନ ଏବଂ ବିଶିଷ୍ଟ ସ୍ଥାନମାନଙ୍କରେ ଲଗାଇ ଦିଆଯାଇଥାଏ । ଏଥି ସହିତ ଗ୍ରାମରେ ହେବାକୁ ଯାଉଥିବା ତାଲିକା ପଞ୍ଜିକରଣ ସ୍ଥାନ ଏବଂ ତାରିଖଟିକୁ ଆଗରୁ ଲୋକମାନଙ୍କୁ ଜଣାଇ ଦିଆଯାଇଥାଏ ।<br>● ଭ୍ରାମ୍ୟମାଣ ନାମଲେଖା ସ୍ଥାନଗୁଡିକର ମଧ୍ୟ ସ୍ଥାନୀୟ କେନ୍ଦ୍ର ଗୁଡିକ ମାନଙ୍କରେ ବ୍ୟବସ୍ଥା କରାଯାଇଥାଏ ।<br>● ବ୍ୟକ୍ତି ନିଜ ନାମ ପଞ୍ଜିକରଣ କରିବାପାଇଁ ୩୦ ଟଙ୍କା ଦେଇ ନାମଲେଖା ସ୍ଥାନରେ ନାମ ପଞ୍ଜିକୃତ କରିବାପରେ ସ୍ମାର୍ଟକାର୍ଡ ଯୋଗାଇ ଦେବାର ବ୍ୟବସ୍ଥା ରହିଅଛି ।<br>● ସେବା ପାଇବା ନିମନ୍ତେ :<br>୧. ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାମାତ୍ରେ କାର୍ଯ୍ୟନିର୍ବାହ ପଦ୍ଧତି ଆରମ୍ଭ କରାଯାଇଥାଏ । ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସହାୟତା ଡେସ୍କ ନିକଟକୁ ଯାଇ ହିତାଧିକାରୀ ନିଜର ଚିହ୍ନଟ ପାଇଁ ପୂର୍ବରୁ ପ୍ରଦାନ କରିଥିବା ପରିଚୟପତ୍ର ଏବଂ ଟିପଚିହ୍ନ ଯାଞ୍ଚକରାଇବା ଆବଶ୍ୟକ ।<br>୨. ଯଦି ରୋଗ ନିରୂପଣ ପରେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହେବାକୁ ପଡେ, ତେବେ ସହାୟତା ଡେସ୍କରେ ଥିବା ସହାୟତା କର୍ମୀ ଏହି ସେବାଟି ପୂର୍ବ ନିର୍ଦ୍ଧାରିତ ପ୍ୟାକେଜ ଅନ୍ତର୍ଗତ କି ନାହିଁ ତାହା ଯାଞ୍ଚ କରାଇବେ ।<br>୩. ଯଦି ଏହି ପଦ୍ଧତିଟି ତାଲିକାଭୁକ୍ତ ହୋଇଥାଏ ତେବେ ଆବଶ୍ୟକ ହେଉଥିବା ପ୍ୟାକେଜ୍‌ଟି RSBY ଦ୍ୱାରା ଦିଆଯାଇଥିବା ପ୍ୟାକେଜ୍ ମଧ୍ୟରୁ ଚିହ୍ନଟ କରାଯାଇଥାଏ । ତେବେ ସହାୟତା ଡେସ୍କରେ ଥିବା ସହାୟତା କର୍ମୀ ବୀମା ଯୋଗାଣକାରୀ ସଂସ୍ଥା ସହିତ ଉକ୍ତ ପଦ୍ଧତି ଅନୁସାରେ ଯୋଗାଇ ଦିଆଯାଉଥିବା ବୀମାର ମୂଲ୍ୟ ବିଷୟରେ ଯାଞ୍ଚ କରିବେ । |

| | |
|---|---|
| | ୪. ସ୍ମାର୍ଟକାର୍ଡରେ ରହିଥିବା ପୂର୍ବ ନିର୍ଦ୍ଧାରିତ ରାଶିରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଖର୍ଚ୍ଚ ହୋଇଥିବା ରାଶିକୁ ବିଯୋଗ କରାଯିବ । ଏହି ପ୍ରକ୍ରିୟା ଅନୁଯାୟୀ କାର୍ଡଟିକୁ ସ୍ୱାଇପ୍ କରି ଖର୍ଚ୍ଚ ହୋଇଥିବା ଟଙ୍କା ହିତାଧିକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଛାଡିବା ପୂର୍ବରୁ ଦେବାକୁ ହେବ ।<br>୫. ଚିକିତ୍ସାଳୟରୁ ଯିବା ସମୟରେ ହିତାଧିକାରୀଙ୍କୁ ଯାତାୟତ ଖର୍ଚ୍ଚ ବାବଦକୁ ୧୦୦ ଟଙ୍କା ଦିଆଯାଇଥାଏ ।<br>୬. ଯାତାୟତ ବାବଦକୁ ବୀମା ରାଶି ୩୦୦୦୦ଟଙ୍କା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବାରୁ ବାର୍ଷିକ ଏହି ବାବଦକୁ ଯେପରି ୧୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ ନହେବ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ । ଏହି ଯାତାୟତ ନିମନ୍ତେ ଆର୍ଥିକ ସହାୟତା ପାଇଁ କୌଣସି ପ୍ରମାଣପତ୍ରର ଆବଶ୍ୟକତା ନଥାଏ ।<br>୭. ରୋଗୀଙ୍କୁ ସେବା ଯୋଗାଇ ଦେବାପରେ ଏହା ସମ୍ବନ୍ଧୀୟ ଏକ ଇଲେକ୍ଟ୍ରୋନିକ୍ ରିପୋର୍ଟ ଚିକିତ୍ସାଳୟ ବୀମା ଯୋଗାଣକାରୀ ସଂସ୍ଥା/ ତୃତୀୟ ପକ୍ଷ ପ୍ରଶାସକ (TPA) ଙ୍କୁ ପଠାଇବା ଆବଶ୍ୟକ । ବୀମା ଯୋଗାଣକାରୀ ସଂସ୍ଥା/ (TPA) ଚିକିତ୍ସାଳୟ ଦ୍ୱାରା ପଠାଯାଇଥିବା ରିପୋର୍ଟ ଏବଂ ତଥ୍ୟ ପାଇବା ପରେ ବୀମା ଯୋଗାଣକାରୀ ସଂସ୍ଥା ଓ ଚିକିତ୍ସାଳୟ ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅର୍ଥ ପ୍ରଦାନ କରିବେ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● RSBY ଏକ କେନ୍ଦ୍ରସରକାରଙ୍କର ପ୍ରାୟୋଜିତ ଯୋଜନା ଅଟେ । ଏହି ଯୋଜନା ଅନୁଯାୟୀ ଅର୍ଥର ଅଧିକାଂଶ ଅଂଶ କେନ୍ଦ୍ରସରକାର ପ୍ରଦାନ କରିଥାନ୍ତି । ଯଥା-୭୫ ଭାଗ ଆର୍ଥିକ ସହାୟତା କେନ୍ଦ୍ର ସରକାର ଦେଉଥିବା ବେଳେ ୨୫ ଭାଗ ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରିଥାନ୍ତି (ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଓ ଜମ୍ମୁକାଶ୍ମୀର ପାଇଁ ଆର୍ଥିକ ସହାୟତା ଯଥାକ୍ରମେ ୯୦ଭାଗ ଏବଂ ୧୦ଭାଗ ଅଟେ) । |
| ଅତିରିକ୍ତ ସୂଚନା | ● ହିତାଧିକାରୀଙ୍କୁ ନିଜ ନାମ ପଞ୍ଜିକରଣ ସମୟରେ ଥରେ ମାତ୍ର ୩୦ ଟଙ୍କା ଦେୟପ୍ରଦାନ କରିବାକୁ ପଡିଥାଏ । ଏହାଛଡା କେନ୍ଦ୍ର ସରକାର ସ୍ମାର୍ଟ କାର୍ଡର ମୂଲ୍ୟ ବାବଦକୁ ସମସ୍ତ ଖର୍ଚ୍ଚ ଅର୍ଥାତ୍ ୧୦୦ ଭାଗ ଖର୍ଚ୍ଚ ବହନ କରିଥାନ୍ତି । ଏବେ ସୁଦ୍ଧା ସ୍ମାର୍ଟ କାର୍ଡ ତିଆରି ମୂଲ୍ୟ ଜାତୀୟ ସ୍ତରରେ ୬୦ଟଙ୍କା ରହିଛି । ହିତାଧିକାରୀଙ୍କ ଦ୍ୱାରା ଦିଆଯାଉଥିବା ୩୦ ଟଙ୍କାର ଆର୍ଥିକ ଅଂଶଦାନ ରାଜ୍ୟ ନୋଡାଲ କାର୍ଯ୍ୟାଳୟ ଦ୍ୱାରା ପ୍ରଶାସନିକ ବ୍ୟୟ ପାଇଁ ବ୍ୟବହୃତ ହୋଇଥାଏ । ପରବର୍ତ୍ତୀ ବର୍ଷଠାରୁ ପଲିସି ନବୀକରଣ ପାଇଁ ବୀମା କିସ୍ତିରୁ ୩୦ ଟଙ୍କା ପଲିସି ନବୀକରଣ ବାବଦକୁ କାଟି ଦିଆଯାଉଥାଏ । |
| ସୂଚନାର ଉତ୍ସ | http://www.rsby.gov.in/ documents.aspx? id=2<br>http://www.rsby.gov.in |

| | |
|---|---|
| ଯୋଜନା ନାମ | ଆଣ୍ଟି ରେଟ୍ରୋଭାଇରାଲ ଥେରାପି (ART) |
| ପ୍ରାୟୋଜକ | ● ଜାତୀୟ ଏଡସ ନିୟନ୍ତ୍ରଣ ସଂଗଠନ (NACO) ବର୍ତ୍ତମାନ ଏଡ୍ସ ନିୟନ୍ତ୍ରଣ ବିଭାଗ (DAC) ଭାରତ ସରକାର ଭାବେ କାର୍ଯ୍ୟରତ ।<br>● ଏହା ଭାରତ ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପ୍ରାୟୋଜିତ କାର୍ଯ୍ୟକ୍ରମ  ଏବଂ ନାକୋ ଓ ଏଡ୍ସ ନିୟନ୍ତ୍ରଣ ବିଭାଗ ଦ୍ୱାରା ପରିଚାଳିତ । |
| ଯୋଜନା ସମ୍ପର୍କରେ | ● HIV ସଂକ୍ରମିତ ବ୍ୟକ୍ତିଙ୍କର ଜୀବନର ମାନର ବୃଦ୍ଧି ତଥା ଦୀର୍ଘକାଳୀନ କରିବା ହେତୁ ART ସେବା ଏପ୍ରିଲ ମାସ ୨୦୦୪ ମସିହାରେ ପ୍ରଥମେ ଆରମ୍ଭ କରାଯାଇଥିଲା । ନାକୋ ଦ୍ୱାରା ସ୍ଥାପିତ ART କେନ୍ଦ୍ରମାନଙ୍କରେ ନାକୋ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ART ପ୍ରଭାବସୀମା ଠାରୁ କମ୍  CD-4/ସି.ଡି-୪ ଗଣନା ଥିବା HIV ସଂକ୍ରମିତ ବ୍ୟକ୍ତି ମାନଙ୍କୁ ARV ଔଷଧ ପ୍ରଦାନ କରାଯାଇଥାଏ । ଭାରତରେ ବର୍ତ୍ତମାନ ସୁଦ୍ଧା ୭,୬୮,୦୦୦ରୁ ଉର୍ଦ୍ଧ୍ୱ HIV ସଂକ୍ରମିତ ବ୍ୟକ୍ତି ୧୨୫୧ଟି ART ଏବଂ ଲିଙ୍କ୍ ART କେନ୍ଦ୍ରରେ ମାଗଣା ART ଔଷଧ ପାଇପାରୁଛନ୍ତି । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ପ୍ରତ୍ୟେକ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ଯେଉଁମାନଙ୍କର CD-4/ସି.ଡି-୪ ଗଣନା ୩୫୦ ଠାରୁ କମ୍ଥିବ । |
| ARTର ଉପକାରିତା | ● ପ୍ରତ୍ୟେକ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତି ଯେଉଁମାନଙ୍କର CD-4/ସି.ଡି-୪ ଗଣନା ୩୫୦ ଠାରୁ କମ୍ଥିବ ସେମାନଙ୍କୁ ମାଗଣା ART ଔଷଧ ଯୋଗାଇ<br>ଦିଆଯାଇଥାଏ ।<br>● ୬ ମାସକୁ ଥରେ ପ୍ରତ୍ୟେକ ଏଚ୍.ଆଇ,ଭି, ସଂକ୍ରମିତ ବ୍ୟକ୍ତିଙ୍କର ମାଗଣା CD-4/ସି.ଡି-୪ ଗଣନା ପରୀକ୍ଷା କରାଯାଇଥାଏ । |
| ଆବଶ୍ୟକୀୟ ପଦ୍ଧତି | ● ଯେଉଁ ବ୍ୟକ୍ତି ସମନ୍ୱିତ ପରାମର୍ଶ  ଓ ପରୀକ୍ଷା କେନ୍ଦ୍ରରେ ନିଜର ରକ୍ତ ପରୀକ୍ଷା କରାଇଥିବେ ଏବଂ ଏଚ୍.ଆଇ.ଭି ସଂକ୍ରମିତ ହୋଇଥିବେ ସେମାନଙ୍କୁ ART କେନ୍ଦ୍ରକୁ ନାମ ପଞ୍ଜିକରଣ ପାଇଁ ପଠାଯାଇଥାଏ ।<br>● ନାମ ପଞ୍ଜିକରଣ କରିବା ପରେ ART କେନ୍ଦ୍ରରେ  ସଂପୃକ୍ତ ବ୍ୟକ୍ତିଙ୍କର CD-4/ସି.ଡି-୪ ଗଣନା ପରୀକ୍ଷା କରାଯାଏ ।<br>● ଯଦି ସେହି ବ୍ୟକ୍ତିଙ୍କର CD-4/ସି.ଡି-୪ ଗଣନା ୩୫୦ରୁ କମ୍ ରହିଥାଏ ତେବେ ଉକ୍ତ କେନ୍ଦ୍ରର ମେଡିକାଲ ଅଫିସର ବା ଡାକ୍ତର ଅ ାବଶ୍ୟକୀୟ ପରୀକ୍ଷା କରାଇ ART ଆରମ୍ଭ କରାଇଥାନ୍ତି । |
| ଆବଶ୍ୟକୀୟ ଦସ୍ତାବିଜ ବା କାଗଜପତ୍ର | ● ଏଚ୍.ଆଇ.ଭି. ପରୀକ୍ଷା ରିପୋର୍ଟ /ଆଇ.ସି.ଟି.ସି ପରୀକ୍ଷା ଫଳାଫଳ ।<br>● ଏ.ଆର.ଟି ପଞ୍ଜିକରଣ କାର୍ଡ ଏବଂ<br>● CD-4/ସି.ଡି-୪ ଗଣନା ପରୀକ୍ଷା ରିପୋର୍ଟ । |
| ସୂଚନାର ଉତ୍ସ | http://www.naco.gov.in/upload/policies%20and%20guidelines/anti retroviral1% 20therapy%20 guideslines%20 for %20 hiv-infected% adults% 20 and % 20 adolescents.idf |

| | |
|---|---|
| ଯୋଜନାର ନାମ | ସର୍ବଶିକ୍ଷା ଅଭିଯାନ (SSA) |
| ପ୍ରାୟୋଜକ | ● ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍.ଏଚ୍.ଆର.ଡି), ଗଣ ଶିକ୍ଷା ଓ ସାକ୍ଷରତା ବିଭାଗ, ଭାରତ ସରକାର ।<br>● କାର୍ଯ୍ୟକାରିତା- ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | ● ସର୍ବଶିକ୍ଷା ଅଭିଯାନ(ଏସ୍.ଏସ୍.ଏ),ଭାରତ ସରକାରଙ୍କର ଏକ ବ୍ୟାପକ ଏବଂ ସମନ୍ୱିତ ପ୍ରଧାନ କାର୍ଯ୍ୟକ୍ରମ ଯାହାକି ସମଗ୍ର ଦେଶକୁ ଏକ ମିଶନ ମାଧ୍ୟମରେ ସାର୍ବଜନୀନ ପ୍ରାଥମିକ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଅଛି ।<br>● ଏସ୍.ଏସ୍.ଏ/SSA ୨୦୦୧-୨୦୦୨ ମସିହାରେ, ରାଜ୍ୟ ସରକାର ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନର ଭାଗୀଦାରୀତାରେ ଆରମ୍ଭ କରାଯାଇଥିଲା । ୬ରୁ ୧୪ ବର୍ଷ ମଧ୍ୟରେ ଥିବା ସମସ୍ତ ଶିଶୁଙ୍କୁ ୨୦୧୦ ମସିହା ସୁଦ୍ଧା ଆବଶ୍ୟକ ଏବଂ ପ୍ରଯୁଜ୍ୟ ପ୍ରାଥମିକ ଶିକ୍ଷା ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟ ଅଟେ ।<br>● ଏହା ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ସାର୍ବଜନୀନ କରିବା ପାଇଁ ଏକ ଉଦ୍ୟମ । ଯାହାକି ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନର ନିତୀ, ପ୍ରକ୍ରିୟା ସମ୍ବଳିତ ଏବଂ ପ୍ରସଙ୍ଗମୂଳକ ଯୋଜନା ଓ ବିକେନ୍ଦ୍ରୀକରଣ ହୋଇଥାଏ ।<br>● ଏହି ଯୋଜନାଟି ଲିଙ୍ଗଗତ ଓ ସାମାଜିକ ସ୍ତରରେ ଥିବା ଦୂରତାକୁ ସଂଯୋଗ କରିବା ସହ ସମୟସୀମା ମଧ୍ୟରେ କାର୍ଯ୍ୟ କରିବାର ଉଦ୍ଦେଶ୍ୟ ରଖିଥାଏ । ଏକ ପକ୍ଷରେ ଏସ୍.ଏସ୍.ଏ କାର୍ଯ୍ୟକ୍ରମ ନିଜସ୍ୱ ଲକ୍ଷ୍ୟ, ନିତୀ ନିୟମ ଓ ପ୍ରକ୍ରିୟା ରଖି ଥାଏ ଅନ୍ୟପକ୍ଷରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଯାହାକି ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ (ଡି.ପି.ଇ.ପି.) ଲୋକ ଜୁମ୍ବିସ୍,ଏବଂ ଅପରେସନାଲ ବ୍ଲାକ୍‌ଆଦି କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିଥାଏ । |
| ଏସ୍.ଏସ୍.ଏର ଲକ୍ଷ୍ୟ ଓ ଉଦ୍ଦେଶ୍ୟ | ● ୨୦୧୦ ମସିହା ସୁଦ୍ଧା, ୬ରୁ ୧୪ ବର୍ଷ ବୟସର ଶିଶୁଙ୍କୁ ଦରକାରୀ ଓ ପ୍ରଯୁଜ୍ୟ ପ୍ରାଥମିକ ଶିକ୍ଷା ପ୍ରଦାନ ସର୍ବଶିକ୍ଷା ଅଭିଯାନର ମୂଳଲକ୍ଷ୍ୟ । ଏଥିସହିତ ସାମାଜିକ, ଆଞ୍ଚଳିକ ଏବଂ ଲିଙ୍ଗଗତ ମଧ୍ୟରେ ରହିଥିବା ଦୂରତାର ସଂଯୋଜକତା କରିବା ସହ ଗୋଷ୍ଠୀସମୂହର ବିଦ୍ୟାଳୟ ପରିଚାଳନା ବର୍ଗଙ୍କ ସହିତ ସକ୍ରିୟ ଅଂଶଗ୍ରହଣ କରିବା ଏହି ଯୋଜନାର ଅନ୍ୟତମ ଉଦ୍ଦେଶ୍ୟ ।<br>ସର୍ବଶିକ୍ଷା ଅଭିଯାନର ମୂଳଲକ୍ଷ୍ୟ ଗୁଡିକ ହେଲା-<br>୧. ୨୦୦୩ ମସିହା ସୁଦ୍ଧା ସମସ୍ତ ଶିଶୁଙ୍କୁ ବିଦ୍ୟାଳୟ, ସୁନିଶ୍ଚିତ ଶିକ୍ଷାକେନ୍ଦ୍ର, ଏକାନ୍ତରୀକ ବିଦ୍ୟାଳୟ, "ବ୍ୟାକ୍ ଟୁ ସ୍କୁଲ" କ୍ୟାମ୍ପ ମାଧ୍ୟମରେ ଆଣିବା ।<br>୨. ୨୦୦୭ ମସିହା ସୁଦ୍ଧା ସମସ୍ତ ଶିଶୁ ପାଞ୍ଚ ବର୍ଷର ପ୍ରାଥମିକ ଶିକ୍ଷା ସମାପ୍ତ କରିବେ ।<br>୩. ୨୦୧୦ ମସିହା ସୁଦ୍ଧା ସମସ୍ତ ଶିଶୁ ଆଠ ବର୍ଷର ଗଣ ଶିକ୍ଷା ସମାପ୍ତ କରିବେ ।<br>୪. ଜୀବନ ପାଇଁ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ପ୍ରାଥମିକ ଶିକ୍ଷାର ସନ୍ତୋଷମୂଳକ ଗୁଣବତ୍ତା କେନ୍ଦ୍ରିତ ହୋଇଥାଏ ।<br>୫. ପ୍ରାଥମିକ ସ୍ତରରେ ୨୦୦୭ ମସିହା ମଧ୍ୟରେ ଏବଂ ମୌଳିକ ଶିକ୍ଷା ସ୍ତରରେ ୨୦୧୦ ମସିହା ମଧ୍ୟରେ ସମସ୍ତ ଲିଙ୍ଗଗତ ଓ ସାମାଜିକ ବର୍ଗଙ୍କ ମଧ୍ୟରେ ଥିବା ଦୂରତାକୁ ସଂଯୋଗ କରାହେବ ।<br>୬. ୨୦୧୦ ମସିହା ସୁଦ୍ଧା ସାର୍ବଜନୀନ ଧାରଣ । |
| ଏସ୍.ଏସ୍.ଏର ମୁଖ୍ୟ ବୈଶିଷ୍ଟ୍ୟ | ● ଏକ ମିଶନ୍ ମାଧ୍ୟମରେ ଗୋଷ୍ଠୀ ସମୂହଙ୍କର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ସମସ୍ତ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସର୍ବଶିକ୍ଷା ଅଭିଯାନର ମୂଳ ଲକ୍ଷ୍ୟ ଅଟେ ।<br>● ସାର୍ବଜନୀନ ପ୍ରାଥମିକ ଶିକ୍ଷାପାଇଁ ସ୍ପଷ୍ଟ ସମୟ ସୀମାଥିବା ଏକ କାର୍ଯ୍ୟକ୍ରମ ।<br>● ସମଗ୍ର ଦେଶପାଇଁ ଆବଶ୍ୟକ ହେଉଥିବା ଗୁଣାତ୍ମକ ପ୍ରାଥମିକ ଶିକ୍ଷାର ଉତ୍ତର ।<br>● ପ୍ରାଥମିକ ଶିକ୍ଷା ମାଧ୍ୟମରେ ସାମାଜିକ ନ୍ୟାୟ ସୃଷ୍ଟି କରିବା ପାଇଁ ଏକ ସୁଯୋଗ ।<br>● ପ୍ରାଥମିକ ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ଅନୁଷ୍ଠାନ ଯଥା-ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ବସ୍ତି ସ୍ତରର ଶିକ୍ଷା କମିଟି, ଅଭିଭାବକ ଓ ଶିକ୍ଷକ ସଂଗଠନ, ମାତୃ ଶିକ୍ଷକ ସଂଗଠନ, ସ୍ୱୟଂଶାସିତ ଆଦିବାସୀ ପରିଷଦ ଏବଂ ଅନ୍ୟାନ୍ୟ ତୃଣମୂଳସ୍ତରରେ ସାମିଲ ପାଇଁ ଚେଷ୍ଟା କରିବା ।<br>● ସର୍ବଭାରତୀୟ ସ୍ତରରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାପାଇଁ ଏକ ରାଜନୈତିକ ଇଚ୍ଛାଶକ୍ତିର ଅଭିବ୍ୟକ୍ତି ।<br>● ପ୍ରାଥମିକ ଶିକ୍ଷାପାଇଁ ନିଜ ଦୃଷ୍ଟିକୋଣ ବିକାଶ କରିବା ଦିଗରେ ରଜ୍ୟମାନଙ୍କ ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ । |
| ଏସ୍.ଏସ୍‌ଏ ର ମୌଳିକ ଲକ୍ଷଣ ସମୂହ | ଏସ୍.ଏସ୍.ଏ ର ମୂଳ ଲକ୍ଷଣ ଗୁଡିକ ହେଲା-<br>● ରାଜ୍ୟମାନଙ୍କରେ ଆନୁଷ୍ଠାନିକ ସଂଶୋଧନ ଆଣିବା<br>● ରାଜ୍ୟଗୁଡିକର ସହଭାଗିତା ମାଧ୍ୟମରେ ପୋଷଣୀୟ ଆର୍ଥିକ ସହାୟତା(ଆଇ.ଏକ୍ସ (IX) ପ୍ଲାନ-୮୫:୧୫ ଏକ୍ସ (X) ପ୍ଲାନ ୭୫:୨୫ ଏକ୍ସ (X) ପ୍ଲାନ ପରେ ୫୦:୫୦)<br>● ଫଳପ୍ରଦ ବିକେନ୍ଦ୍ରୀକରଣ ଦ୍ୱାରା ବିଦ୍ୟାଳୟ ଆଧାରିତ ମଧ୍ୟକ୍ଷେପର ଗୋଷ୍ଠୀସମୂହଙ୍କର ସ୍ୱତ୍ୱାଧିକାର ।<br>● କାର୍ଯ୍ୟ ସମ୍ପାଦନାର ସମସ୍ତ ଦୃଷ୍ଟିକୋଣକୁ ସଂପୂର୍ଣ୍ଣ ସ୍ୱଚ୍ଛତା ସହ ଗୋଷ୍ଠୀ ସମୂହ ଦ୍ୱାରା ନିୟମିତ ପର୍ଯ୍ୟବେକ୍ଷଣ କରିବା ।<br>● ଗୋଷ୍ଠୀ ସମୂହ ଦ୍ୱାରା ଯୋଜନା କରିବା ପ୍ରକ୍ରିୟାରେ ବସତିକୁ ଏହି ଯୋଜନାର ପରିମାପକ ଆକାରରେ ନିଆ ଯାଇଥାଏ ।<br>● ଲିଙ୍ଗଗତ ବିଷୟକୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ପନ୍ଥା ଆକାରରେ ନିଆଯାଇଛି ।<br>● ଅନୁସୂଚିତ ଜାତି / ଜନଜାତି, ଧାର୍ମିକ ଏବଂ ଭାଷାଗତ ସଂଖ୍ୟାଲଘୁ ସଂପ୍ରଦାୟର ଶିଶୁଙ୍କର ଶିକ୍ଷା ସମ୍ବନ୍ଧୀୟ ଯୋଗଦାନ ଉପରେ ଲକ୍ଷ ।<br>● ଶିକ୍ଷାକୁ ପ୍ରାସଙ୍ଗିକ କରିବା ଏବଂ ଗୁଣାତ୍ମକ ମାନ ଉପରେ ଲକ୍ଷ ପ୍ରଦାନ କରିବା ।<br>● ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣଙ୍କୁ ଚିହ୍ନଟ କରିବା ଏବଂ ଶିକ୍ଷକ ମାନଙ୍କର ମାନବ ସମ୍ବଳ ବିକାଶର ଆବଶ୍ୟକତା ଉପରେ ଲକ୍ଷ୍ୟ ରଖିବା ।<br>● ସମସ୍ତ ସରକାରୀ ଓ ବେସରକାରୀ ନିୟୋଜନକୁ ଆପେକ୍ଷ କରି ଜିଲ୍ଲା ପ୍ରାଥମିକ ଶିକ୍ଷା ଯୋଜନା ପ୍ରସ୍ତୁତି କରିବା । |

| | |
|---|---|
| ଏସ୍.ଏସ୍.ଏ କାର୍ଯ୍ୟକ୍ରମର ପରିସର | ଏସ୍.ଏସ୍.ଏ ମାଧ୍ୟମରେ ହେଉଥିବା ମୁଖ୍ୟ କାର୍ଯ୍ୟକ୍ରମଗୁଡିକ ହେଲା-<br>● ବିଦ୍ୟାଳୟ ଛାଡିଥିବା ଶିଶୁଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା (ଶିକ୍ଷା ସୁନିଶ୍ଚିତ ଯୋଜନା ଏବଂ ବିକଳ୍ପ ଏବଂ ଅଭିନବ ଶିକ୍ଷା)<br>● ଶିକ୍ଷାର ମାନବୃଦ୍ଧି<br>● ସ୍ୱତନ୍ତ୍ର ଲକ୍ଷ ଗୋଷ୍ଠୀ<br>● ଗବେଷଣା ଓ ମୂଲ୍ୟ ନିର୍ଦ୍ଧାରଣ<br>● ପରିଚାଳନାର ଢ଼ାଞ୍ଚା ଏବଂ ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି<br>● ଗୋଷ୍ଠୀ ସମବେତ କରିବା<br>● ବେସାମରିକ କାର୍ଯ୍ୟ<br>● ପର୍ଯ୍ୟାଲୋଚନା ଏବଂ ଏମ୍.ଆଇ.ଏସ୍ (MIS)<br>● ଆର୍ଥିକ ପରିଚାଳନା ଏବଂ ସଂଗ୍ରହଣ |
| କେଉଁମାନେ ଯୋଗ୍ୟ ବିବେଚିତ ହୋଇଥାନ୍ତି ? | ୬-୧୪ ବର୍ଷ ବୟସ ମଧ୍ୟରେ ଥିବା ଶିଶୁ । |
| ଏସ୍.ଏସ୍.ଏ ର ଉପକାର | ● ୧୪ ବର୍ଷରୁ କମ୍ ଶିଶୁଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ।<br>● ଶିକ୍ଷକଙ୍କ ପାଇଁ ଅନୁଦାନ, ବିଦ୍ୟାଳୟ ରକ୍ଷଣାବେକ୍ଷଣା ପାଇଁ ଅନୁଦାନ, ମାଗଣା ପାଠ୍ୟ ପୁସ୍ତକ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପୋଷାକ ପ୍ରଦାନ ।<br>● ଶିକ୍ଷାଗତ ଅଧିକାର ଆଇନ (ଆର.ଟି.ଇ)/RTE ଅଧିନରେ କେତେକ ରାଜ୍ୟ ଗୁଡ଼ିକରେ HIV ଆକ୍ରାନ୍ତ ଶିଶୁଙ୍କୁ ମଧ୍ୟ ବେସରକାରୀ ବିଦ ୍ୟାଳୟରେ ଭର୍ତ୍ତି ପାଇଁ କିଛି ସ୍ଥାନ ସଂରକ୍ଷିତ କରାଯାଇଅଛି । |
| ଅର୍ଥ ଯୋଗାଣର ଢ଼ାଞ୍ଚା | ● ୨୦୧୨-୧୩ ପରଠାରୁ କେନ୍ଦ୍ରସରକାର ରାଜ୍ୟସରକାର/କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅର୍ଥଯୋଗାଣର ଦର ୫୦:୫୦ ଅନୁପାତରେ ଦିଆଯାଉଅଛି । ୮ ଗୋଟି ଉତ୍ତର ପୂର୍ବ ରାଜ୍ୟ ମାନଙ୍କର ଏହି ଅର୍ଥଯୋଗାଣ ଢ଼ାଞ୍ଚାର ହାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୯୦:୧୦ ଅନୁପାତରେ ରହିଅଛି । |
| ଅତିରିକ୍ତ ସୂଚନା | ● ଏସ୍.ଏସ୍.ଏ ଯୋଜନା ତିଆରି କରିବା ସମୟରେ "ଦି ବଟମ୍ ଅପ୍", ବା "ତଳୁ ଉପରକୁ ଯିବା" ପ୍ରକ୍ରିୟା ଗ୍ରହଣ କରାଯାଇଅଛି । ଏହି ଯୋଜନା ଗୋଷ୍ଠୀ ସମୂହର ଆବଶ୍ୟକତା ଏବଂ ଶିକ୍ଷାର୍ଥୀଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ଯତ୍ନବାନ ହୋଇଥାଏ ।<br>● ଏସ୍.ଏସ୍.ଏ ଯୋଜନା ପ୍ରଣୟନରେ ଆଞ୍ଚଳିକ ଲୋକ ଏବଂ ଷ୍ଟେକ୍ ହୋଲଡର (ତୃତୀୟ ବ୍ୟକ୍ତିଙ୍କୁ) ସାମିଲ କରିବାପାଇଁ ଗୁରୁତ୍ୱ ପ୍ରଦାନ କରିଥାଏ । |
| ସୂଚନାର ଉତ୍ସବ | http://www.ssa.nic.in/planning/planappr.pdf/at-dowdnload/file<br>http://ssakarnataka.gov.in/pdfs/abouus/ssa-framswork<br>http://ssa.nic.in |

| | |
|---|---|
| ଯୋଜନାର ନାମ | ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆର.ଏମ୍.ଏସ୍.ଏ/RMSA) |
| ପ୍ରାୟୋଜକ | ● ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ (MHRD), ଗଣ ଶିକ୍ଷା ଓ ସାକ୍ଷରତା ବିଭାଗ, ଭାରତ ସରକାର ।<br>● ପରିଚାଳିତ : ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | ● ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ୨୦୦୮-୨୦୦୯ ମସିହାରେ ଆରମ୍ଭ ହୋଇଥିଲା । ଏହି ଯୋଜନାଟି ମାଧ୍ୟମିକ ସ୍ତରରେ ଶିକ୍ଷାକୁ ସାର୍ବଜନୀନ କରାଇବା ସହିତ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି କରିଥାଏ ।<br>● ୧୪-୧୮ ବର୍ଷ ବୟସର ଯୁବକ/ ଯୁବତୀଙ୍କୁ ଉତ୍ତମ ମାନର ଶିକ୍ଷା ସୁବିଧା ଯୋଗାଇବା, ଶିକ୍ଷା ପାଇବା ପାଇଁ ସୁଯୋଗ, ସୁବିଧା ଯୋଗାଇବା ସହିତ ଶିକ୍ଷାକୁ ବ୍ୟୟ ସାପେକ୍ଷ କରିବାର କଳ୍ପନା କରାଯାଇଥିଲା । ଏହି କଳ୍ପନାକୁ ଆଧାର କରି ନିମ୍ନଲିଖିତ ବିଷୟ ଗୁଡିକ ହାସଲ କରିବାର ଚେଷ୍ଟା କରାଯାଇଥିଲା ।<br>କ) ବସତିଠାରୁ ଯଥାର୍ଥ ଦୂରତାରେ ଯଥା ପ୍ରତି ୫ କିଲୋମିଟର ମଧ୍ୟରେ ଏକ ପ୍ରାଥମିକ ବିଦ୍ୟାଳୟ ଏବଂ ୭-୧୦ କିଲୋମିଟର ମଧ୍ୟରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବିଧା ଯୋଗାଇ ଦିଆଯାଇଥାଏ ।<br>ଖ) ୨୦୧୭ ମସିହା ସୁଦ୍ଧା ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବାକୁ ସୁନିଶ୍ଚିତ କରାଇଥାଏ (GER of 100%) ।<br>ଗ) ୨୦୨୦ ମସିହା ସୁଦ୍ଧା ଶିକ୍ଷାକୁ ସାର୍ବଜନୀନ କରିବା ।<br>ଘ) ଶିକ୍ଷା କ୍ଷେତ୍ରରେ ରହିଥିବା ପଛୁଆବର୍ଗର ଅଳ୍ପସଂଖ୍ୟାକ ଗୋଷ୍ଠୀ (EBM) ତଥା ମୁଖ୍ୟ ସ୍ରୋତ ଧାରରେ ଥିବା ବର୍ଗ ଯଥା - ଏସ୍‌ସି (SC),ଏସ୍‌ଟି (ST), ଓବିସି (OBC) ସହିତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଆର୍ଥିକ ସ୍ତରରେ ଦୁର୍ବଳ ଶ୍ରେଣୀ, ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗ, ବାଳିକା ଏବଂ ଭିନ୍ନକ୍ଷମ ଶିଶୁଙ୍କୁ ମାଧ୍ୟମିକ ଶିକ୍ଷା ଉପଲବ୍ଧ କରାଇଥାଏ । |
| RMSA ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ | ● ମାଧ୍ୟମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଥିବା ଆହ୍ୱାନର ପୂର୍ତ୍ତି ପାଇଁ, ମାଧ୍ୟମିକ ଶିକ୍ଷାରେ ଏକ ଦୃଷ୍ଟାନ୍ତ ମୂଳକ ଢ଼ାଞ୍ଚାଗତ ପରିବର୍ତ୍ତନର ଆବଶ୍ୟକତା ରହିଅଛି । ଏହାର ପଥପ୍ରଦର୍ଶକ ନିୟମାବଳୀ ଗୁଡିକ ହେଲା- ଶିକ୍ଷାର ସାର୍ବଜନୀନ ଉପଲବ୍ଧ କରାଇବା, ସମାନତା ଓ ସାମାଜିକ ନ୍ୟାୟ ପ୍ରଯୁଜ୍ୟତା ଓ ବିକାଶ, ପାଠ୍ୟକ୍ରମ ତଥା ଢ଼ାଞ୍ଚା ସମ୍ବନ୍ଧୀୟ ଦିଗ ପ୍ରତି ଧ୍ୟାନ ଦେବା ।<br>● ଉପରୋକ୍ତ ଲକ୍ଷଗୁଡିକ ନିମ୍ନଲିଖିତ ଉଦ୍ଦେଶ୍ୟରେ ଅନୁବାଦିତ ହୋଇଅଛି ।<br>୧. ସରକାରୀ/ ସ୍ଥାନୀୟ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସ୍ୱରୂପ ଏକ ବିହିତ ମାନଦଣ୍ଡ ଦ୍ୱାରା ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଭୌତିକ ସୁବିଧା, କର୍ମଚାରୀ ଏବଂ ଯୋଗାଣ ଆଦିକୁ ସୁନିଶ୍ଚିତ କରାଯାଏ । ଏଥିସହିତ ଅନ୍ୟ ବିଦ୍ୟାଳୟ ଗୁଡିକ ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରାଯାଇଅଛି ।<br>୨. ସମସ୍ତ ଯୁବକ/ ଯୁବତୀଙ୍କର ମାଧ୍ୟମିକ ଶିକ୍ଷା ପ୍ରାପ୍ତିକୁ ସହଜସାଧ କରିବା ପାଇଁ ନିୟମାନୁସାରେ ଏବଂ ସ୍ଥାନୀୟ ପରିସ୍ଥିତିକୁ ଧ୍ୟାନରେ ରଖାଯାଇଥାଏ (ଯେପରିକି ପ୍ରତି ୫ କି.ମି. ମଧ୍ୟରେ ମାଧ୍ୟମିକ ବିଦ୍ୟାଳୟ ଏବଂ ୭-୧୦ କମି.ମି. ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଏବଂ ନିରାପଦ ଗମନାଗମନର ସୁବିଧା/ ରହିବାର ସୁବିଧା କରାଯାଏ । ମୁକ୍ତ ବିଦ୍ୟାଳୟର ବ୍ୟବସ୍ଥା ମଧ୍ୟ କରାଯାଏ । ମାତ୍ର, ପାହାଡିଆ ଏବଂ ଦୁର୍ଗମ ଅଞ୍ଚଳ ପାଇଁ ଏହି ନିୟମକୁ କୋହଳ କରାଯାଇଥାଏ । ଆବଶ୍ୟକତା ଅନୁଯାୟୀ ଆବାସିକ ବିଦ୍ୟାଳୟ ତିଆରି କରାଯାଇପାରେ ।<br>୩. ଲିଙ୍ଗଭେଦ, ସାମାଜିକ, ଅର୍ଥନୈତିକ, ଆସାମର୍ଥ୍ୟ ଏବଂ ଅନ୍ୟ ପ୍ରତିବନ୍ଧକ ଯୋଗୁଁ କୌଣସି ଶିଶୁ ସନ୍ତୋଷମୂଳକ ଏବଂ ଗୁଣାତ୍ମକ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ନହେବା ସୁନିଶ୍ଚିତ କରିବା ।<br>୪. ମାଧ୍ୟମିକ ଶିକ୍ଷାର ମାନବୃଦ୍ଧି କରାଇ ଏକ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଶକ୍ତିକୁ ବିକାଶ କରିବା<br>୫. ମାଧ୍ୟମିକ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଉଚ୍ଚକୋଟୀର ଶିକ୍ଷାଗ୍ରହଣ କରିବାକୁ ସୁନିଶ୍ଚିତ କରିବା<br>୬. ଉପରୋକ୍ତ ଉଦ୍ଦେଶ୍ୟଗୁଡିକର ସଫଳତା ଏକ ସାଧାରଣ ବିଦ୍ୟାଳୟ ପ୍ରଣାଳୀ ଆଡକୁ ଅଗ୍ରଗତିକୁ ଦର୍ଶାଇଥାଏ । |
| ଆରଏମ୍ଏସ୍ଏ ର ନୀତି ସମୂହ | ● ବସତିର ୫ କି.ମି. ମଧ୍ୟରେ ପହଞ୍ଚାଇବାର ମୂଳ ଉଦ୍ଦେଶ୍ୟ ରଖି ନିମ୍ନ ଲିଖିତ ଯୋଜନାଗୁଡିକୁ ଅନୁସରଣ କରାଯାଇଥାଏ ।<br>କ) ପୂର୍ବ ବିଦ୍ୟମାନ ମାଧ୍ୟମିକ ବିଦ୍ୟାଳୟକୁ ସଶକ୍ତ କରିବା ସହ ଆବଶ୍ୟକ ସଂଖ୍ୟାର ବିଷୟ ମୁତାବକ ଶିକ୍ଷକଙ୍କ ନିଯୁକ୍ତି କରିବା<br>ଖ) ପୂର୍ବ ବିଦ୍ୟାମାନ ମାଧ୍ୟମିକ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ସହିତ ଆବଶ୍ୟକ ସଂଖ୍ୟକ ବିଷୟ ମୁତାବକ ଶିକ୍ଷକଙ୍କର ମୁତୟନ କରାଯାଏ । ଏହା ଆବଶ୍ୟକତା ଅନୁଯାୟୀ ବସତି ସ୍ତରରେ ହେଉଥିବା "ମାଇକ୍ରୋ ପ୍ଲାନିଙ୍ଗ" ମାଧ୍ୟମରେ କରାଯାଏ ।<br>ଗ) ବସତିମୂଳକ "ମାଇକ୍ରୋ ପ୍ଲାନିଙ୍ଗ" ଆଧାରରେ ବିଦ୍ୟମାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଭୌତିକ ସୁବିଧା ଏବଂ ଶିକ୍ଷକ ଯୋଗାଇ ବିଦ୍ୟାଳୟକୁ ଉଚ୍ଚଶ୍ରେଣୀଭୁକ୍ତ କରାଯାଏ । ଏଥିପାଇଁ ଆଶ୍ରମ ବିଦ୍ୟାଳୟ ଗୁଡିକୁ ଅଗ୍ରାଧିକାର ଦିଆଯାଇଥାଏ ।<br>ଘ) ମାଇକ୍ରୋପ୍ଲାନିଙ୍ଗ ଆଧାରରେ ଆବଶ୍ୟକ ମୁତାବକ ନୂଆ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଥାଏ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ● ୧୪ରୁ ୧୮ବର୍ଷ ବୟସ ଏବଂ ନବମ ଓ ଦଶମ ଶ୍ରେଣୀ ମଧ୍ୟରେ ଥିବା ସମସ୍ତ ଛାତ୍ରଛାତ୍ରୀ ଏହାପାଇଁ ଯୋଗ୍ୟ ହୋଇପାରିବେ । |
| ଆରଏମ୍ଏସ୍ଏ ର ସୁବିଧା | ● ୫ କିଲୋମିଟର ମଧ୍ୟରେ ବିଦ୍ୟାଳୟର ଅବସ୍ଥିତି ।<br>● ବିଷୟ ମୁତବାକ ଶିକ୍ଷକଙ୍କ ନିଯୁକ୍ତି ।<br>● ଅତିରିକ୍ତ ଶ୍ରେଣୀଗୃହ ଏବଂ ଗଠନ ।<br>● SC,ST,OBC ଏବଂ ଅଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ରହିବା ଏବଂ ଖାଦ୍ୟ ବ୍ୟବସ୍ଥା ।<br>● ଛାତ୍ରାବାସ/ ଆବାସିକ ବିଦ୍ୟାଳୟ, ଅର୍ଥ ସହାୟତା, ବିଦ୍ୟାଳୟ ପୋଷାକ, ବହି, ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଇତ୍ୟାଦିର ସୁବିଧା ।<br>● ନବମ ଶ୍ରେଣୀର ଗ୍ରାମାଞ୍ଚଳର ବାଳିକା ମାନଙ୍କ ପାଇଁ ନିରାପଦ ଗମନାଗମନ ପାଇଁ ସହାୟତା ଯଥା- ସାଇକେଲ/ ହ୍ୱିଲ ଚେୟାର (ଅସାମର୍ଥ୍ୟ ଛାତ୍ରୀଙ୍କ ପାଇଁ) ର ସୁବିଧା ।<br>● ବାଳିକାଙ୍କ ପାଇଁ ରାଜ୍ୟ ଗମନାଗମନ /ପାସ୍‌ର ସୁବିଧା ।<br>● ମହିଳା ଶିକ୍ଷକଙ୍କର ନିଯୁକ୍ତି ।<br>● ଦୁରାନ୍ତ /ପାହାଡିଆ ଅଞ୍ଚଳରେ ଥିବା ଶିକ୍ଷକଙ୍କ ପାଇଁ ଆବାସିକ ବାସଗୃହର ସୁବିଧା ।<br>● ଏସ୍.ଏସ୍.ଏ (SSA) ଛାତ୍ରଛାତ୍ରୀମାନଙ୍କୁ ଆର.ଏମ୍.ଏସ୍.ଏ (RMSA) ସହିତ ସଂଯୋଗ କରିବା । |

| | |
|---|---|
| ଅର୍ଥଯୋଗାଣର ଢ଼ାଞ୍ଚା | ● କେନ୍ଦ୍ର ଓ ରାଜ୍ୟସରକାର / କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ ପାଇଁ ଅର୍ଥ ଯୋଗାଣର ପରିମାଣ ୭୫:୨୫ ଭାଗ ଅଟେ । ସେହିପରି ଉତ୍ତରପୂର୍ବ ରାଜ୍ୟ ସମୂହ ପାଇଁ ଏହି ଅର୍ଥ ଯୋଗାଣର ପରିମାଣ ୯୦:୧୦ ଭାଗ ଅଟେ । |
| ଅତିରିକ୍ତ ସୂଚନା | ● ବାଳିକାମାନଙ୍କ ପାଇଁ ଶିକ୍ଷା, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ମୁଖ୍ୟ କେନ୍ଦ୍ରବିନ୍ଦୁ ଅଟେ । ଲିଙ୍ଗଗତ ବିଷୟକୁ ଆର.ଏମ୍.ଏସ୍.ଏ ଆଧାର ପରିସରକୁ ଆଣିବା ତଥା ମୁଖ୍ୟ ସ୍ରୋତରେ ସାମିଲ କରିବାପାଇଁ ଚେଷ୍ଟା କରାଯାଇଅଛି । ସାଧାରଣତଃ SC/ST ଏବଂ ଶିକ୍ଷାଗତ ସଂଖ୍ୟାଲଘୁ ପଛୁଆବର୍ଗଙ୍କ ପାଇଁ ରାଜ୍ୟ ସରକାର ବସତି/ ଗ୍ରାମାଞ୍ଚଳ/ ସହରାଞ୍ଚଳ ବସ୍ତି ସ୍ତରରେ ଗୋଷ୍ଠୀଗତ ସଂଗଠିତ ହୋଇ କାର୍ଯ୍ୟକରିବେ<br>● ବିତରଣ ହେଉଥିବା ବିଦ୍ୟାଳୟ ପୋଷାକ, ବୃତ୍ତି, ଶିକ୍ଷାଗତ ଜିନିଷ ଯଥା- ବହି ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ଇତ୍ୟାଦିକୁ ଲିଙ୍ଗ କେନ୍ଦ୍ରୀଭୂତ କରି ନିର୍ଣ୍ଣୟ ହୋଇଥାଏ ।<br>● ବିଦ୍ୟାଳୟକୁ ଯିବାପାଇଁ ଗ୍ଲଲିଗ୍ଲଲି ପୂରଣ କରୁଥିବା ଦୂରତାକୁ ହ୍ରାସ କରିବାପାଇଁ ରାଜ୍ୟସରକାର ଗମନାଗମନର ସୁବିଧା ବାଳିକାମାନଙ୍କୁ ଯୋଗାଇଦେବା ଉଚିତ୍ । ଏହି ସୁବିଧାଗୁଡିକ ନିମ୍ନଲିଖିତ ମାଧମରେ ମଧ ପ୍ରଦାନ କରାଯାଇପାରିବ ।<br>କ) ନବମଶ୍ରେଣୀରେ ନାମ ଲେଖାଉଥିବା ଗ୍ରାମୀଣ ବାଳିକାମାନଙ୍କୁ ମହିଳା ସାଇକେଲ/ ହ୍ୱିଲ ଚେୟାର(ଅସାମର୍ଥ୍ୟ ଛାତ୍ରୀଙ୍କ ସ୍ଥଳେ) ଯୋଗାଇ ଦିଆଯାଇପାରେ ।<br>ଖ) ଗ୍ରାମାଞ୍ଚଳର ବାଳିକାମାନଙ୍କୁ ନିକଟତମ ଉଚ୍ଚମାଧମିକ ବିଦ୍ୟାଳୟକୁ ଯାତାୟତ ପାଇଁ ରାଜ୍ୟ ପରିବହନ/ପାସ୍ ସୁବିଧା ମଧ ଉପଲବ୍ଧ କରାଯାଇପାରେ ।<br>ଗ) ବିଦ୍ୟାଳୟକୁ ଯିବା ଆସିବା କରିବା ସମୟରେ ବାଳିକାଙ୍କୁ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରାଇବା ।<br>● ଯେହେତୁ ଏହି ସମୟରେ ବାଳିକାମାନେ କିଶୋରୀ ଅବସ୍ଥାରେ ପହଞ୍ଚଥାନ୍ତି,ମହିଳା ଶିକ୍ଷକଙ୍କର ନିଯୁକ୍ତି ଏବଂ ଉପସ୍ଥିତି ସୁନିଶ୍ଚିତ କରାଯାଏ ।<br>● ଆର.ଏମ୍,ଏସ୍.ଏ (RMSA) ଦୂର /ପାହାଡିଆ ଅଞ୍ଚଳରେ ଶିକ୍ଷକଙ୍କ ପାଇଁ ଆବାସିକ ଗୃହନିର୍ମାଣ ପାଇଁ କଳ୍ପନା କରାଯାଇଛି । ଏଥିରେ ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯାଏ ।<br>● ମହିଳା ଶିକ୍ଷକଙ୍କୁ ଗ୍ରାମାଞ୍ଚଳରେ ମୁତୟନ ପାଇଁ ଆକୃଷ୍ଟ କରିବା ନିମନ୍ତେ ଗ୍ରାମାଞ୍ଚଳ ନିର୍ଦ୍ଦିଷ୍ଟ ଭତ୍ତା ପ୍ରଦାନର ଆବଶ୍ୟକତାକୁ RMSA ଉପଲବ୍ଧ କରିଥାଏ । ମହିଳାମାନଙ୍କ ମଧରେ ନିମ୍ନ ସାକ୍ଷରତା ଥିବା ଜିଲ୍ଲାମାନଙ୍କରେ ଗ୍ରାମାଞ୍ଚଳ ଭତ୍ତା ବାବଦକୁ ୩୦୦ ଟଙ୍କା ପ୍ରତିମାସ ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ପ୍ରସ୍ତାବ ଦିଆଯାଇଅଛି ।<br>● ନିକଟରେ ଭାରତ ସରକାର ଏକ ଯୋଜନା ଆରମ୍ଭ କରିଛନ୍ତି ଯାହାଦ୍ୱାରା ୧୦୦ ସିଟ୍ ବିଶିଷ୍ଟ ଗୋଟିଏ ଲେଖାଏଁ ବାଳିକା ଛାତ୍ରୀବାସ ପ୍ରତ୍ୟେକ ଶିକ୍ଷାକ୍ଷେତ୍ରରେ ପଛୁଆଶ୍ରେଣୀ ତଥା ୩୫୦୦ ଗୋଟି ବ୍ଲକ୍‌ରେ ପ୍ରତିଷ୍ଠା କରାଯିବ ।<br>● ଏସ୍.ସି (SC),ଏସ୍.ଟି (ST), ଓବିସି (OBC) ବର୍ଗରେ ଶିକ୍ଷାକ୍ଷେତ୍ରରେ ପଛୁଆଥିବା ଅଳ୍ପ ସଂଖ୍ୟକ ଶିଶୁଙ୍କର ଶିକ୍ଷାଗତ ଦକ୍ଷତା ବୃଦ୍ଧି, ରଷ୍ଟ୍ରୀୟ ମାଧମିକ ଶିକ୍ଷା ଅଭିଯାନର ସ୍ୱତନ୍ତ୍ର ଲକ୍ଷ୍ୟ ଅଟେ । |
| ସୂଚନାର ଉତ୍ସ | http://rmsaindia.Org/images/files/website.defail-contents /guidelines/ rmsa/framework%20for % 20Implementation% 20 of % 20 RMSA. Pdf<br>http://mhrd.gov.in/rashtriya-madhyamik-shiksha-abhiyan. |

| | |
|---|---|
| ଯୋଜନାର ନାମ | ସ୍ୱଧାର ଆଶ୍ରୟ ଗୃହ (SSH) |
| ପ୍ରୟୋଜକ | ● ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରଣାଳୟ, ଭାରତ ସରକାର ଏହି ଯୋଜନାଟିକୁ ୨୦୦୨ ମସିହା ପରଠାରୁ ଭାରତର ପ୍ରତ୍ୟେକ ଜିଲ୍ଲାରେ କାର୍ଯ୍ୟକାରୀ କରିବାପାଇଁ ପୃଷ୍ଠପୋଷକତା କରିଛନ୍ତି ।<br>● ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | ଏକ ଉତ୍ତମ ପରିବେଶ ତଥା କଷ୍ଟ ସାଧ୍ୟ ପରିସ୍ଥିତିରେ କାର୍ଯ୍ୟ ସମ୍ପାଦନ ପାଇଁ ସାହାସ ଯୋଗାଇବା ଏହି ଯୋଜନାର ଆଧାର ଅଟେ । ଯାହା ସାହାର୍ଯ୍ୟରେ ନିଷ୍ପିଡ଼ିତ ମହିଳା ଏକ ମର୍ଯ୍ୟାଦାପୂର୍ଣ୍ଣ ଓ ଦୋଶମୁକ୍ତି ଜୀବନ ନିର୍ବାହ କରିପାରିବେ । ସେହିପରି, ନିଷ୍ପିଡ଼ିତ ମହିଳା ମାନଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ ତତ୍‌ସହିତ ଅର୍ଥନୈତିକ ଓ ସାମାଜିକ ନିରାପତ୍ତା ଯୋଗାଇଦେବା ଏହି ଯୋଜନା ମାଧମରେ କଳ୍ପନା କରାଯାଇଅଛି । ଏହା ସହିତ ସେପରି ମହିଳାମାନଙ୍କୁ ବିଶିଷ୍ଟ ଯତ୍ନ ଯୋଗାଇବା ସହ ସେମାନେ ଯେପରି କୌଣସି ପରିସ୍ଥିତିରେ ଏକୁଟିଆ ଏବଂ ପରିତ୍ୟକ୍ତ ଅନୁଭବ ନ କରନ୍ତି ଏବଂ ଶୋଷଣ ଓ ଦୁଃଖର ବଶବର୍ତ୍ତୀ ନ ହୁଅନ୍ତି ତାହା ଉପରେ ଏହି ଯୋଜନା ମାଧମରେ ଗୁରୁତ୍ୱ ପ୍ରଦାନ କରାଯାଇଛି । |
| ଯୋଜନାର ଉଦ୍ଦେଶ୍ୟ | ଏହି ଯୋଜନା ମାଧମରେ ୩୦ ଜଣ ମହିଳା ରହିବାର ବ୍ୟବସ୍ଥା ସଂପନ୍ନ ସ୍ୱଧାର ଆଶ୍ରୟଗୃହ ନିମ୍ନଲିଖିତ ଉଦ୍ଦେଶ୍ୟରେ ତିଆରି କରାଯିବ ।<br>● ମାନସିକ ଅଶାନ୍ତଗ୍ରସ୍ତ ଏବଂ ସାମାଜିକ ଓ ଆର୍ଥୀକ ସମର୍ଥନ ନ ଥିବା ମହିଳାମାନଙ୍କୁ ପ୍ରାଥମିକ ଆବଶ୍ୟକତା ଯଥା- ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଚିକିତ୍ସା ଉପଚାର ଏବଂ ଯତ୍ନ ଯୋଗାଇବା ଏହି ଯୋଜନା ଅନ୍ତର୍ଭୁକ୍ତ ।<br>● ଦୁର୍ଭାଗ୍ୟଜନକ ପରିସ୍ଥିତି ତଥା ଆବେଗ ସମ୍ବନ୍ଧୀୟ ପରିସ୍ଥିତିର ସଫଳ ମୁକାବିଲା ତଥା ପୁର୍ନପ୍ରାପ୍ତି ପାଇଁ ସାମର୍ଥ୍ୟ ଯୋଗାଇବା ।<br>● ପରିବାରରେ ପୁର୍ନବ୍ୟବସ୍ଥିତ କରାଇବା ପାଇଁ ଆଇନ୍ ସମ୍ବନ୍ଧୀୟ ସହାୟତା ଏବଂ ପଥ ପ୍ରଦର୍ଶନ ପ୍ରଦାନ କରିବା ସହିତ ଉଚିତ୍ ପଦକ୍ଷେପ ଯୋଗାଇ ଦେବା ।<br>● ସ୍ୱଳ୍ପ ଖର୍ଚ୍ଚରେ ଏବଂ ଆବେଗପୂର୍ଣ୍ଣ ଭାବରେ ଥଇଥାନ କରାଇବା ପାଇଁ ସହଯୋଗ କରିବା ।<br>● ମାନସିକ ଅଶାନ୍ତଗ୍ରସ୍ତ ମହିଳାମାନଙ୍କର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାପାଇଁ ସହାୟକ ହେବା ।<br>● ନୂତନଭାବେ ମର୍ଯ୍ୟାଦାପୂର୍ଣ୍ଣ ଏବଂ ଦୋଷମୁକ୍ତି ଜୀବନ ଆରମ୍ଭ କରିବାପାଇଁ ସମର୍ଥ କରାଇବା । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ଏହି ଯୋଜନା ଅନୁଯାୟୀ ୧୮ବର୍ଷରୁ ଉର୍ଦ୍ଧ୍ୱ ନିମ୍ନଲିଖିତ ମହିଳାମାନେ ସୁବିଧା ସୁଯୋଗ ପାଇ ପାରିବେ ।<br>● ସାମାଜିକ ଏବଂ ଆର୍ଥୀକ ନିରାପତ୍ତା ବିହୀନ ଏବଂ ପଳାତକ ମହିଳା ।<br>● ଉଦ୍ଧାର ହୋଇଥିବା ଚାଲାଣ ଯୁବତୀ, ମହିଳା କିମ୍ବା ବେଶ୍ୟାଳୟ ବା ଅନ୍ୟାନ୍ୟ ସ୍ଥାନରୁ ଖସି ପଳାଇ ଆସିଥିବା ତଥା ଶୋଷଣର ଶିକାର ହୋଇଥିବା ମହିଳା ।<br>● ସାମାଜିକ ଓ ଆର୍ଥୀକ ନିରାପତ୍ତା ବିହିନ ଏଚ୍.ଆଇ.ଭି/ଏଡ୍‌ସ୍ ଦ୍ୱାରା ପ୍ରଭାବିତ ମହିଳା ।<br>● ପ୍ରାକୃତିକ ବିପତ୍ତି/ ବିପର୍ଯ୍ୟୟରୁ ବର୍ତ୍ତୀ ଯାଇଥିବା ମହିଳା ଯେଉଁମାନେ ବାସଶୂନ୍ୟ ଏବଂ ସାମାଜିକ / ଆର୍ଥୀକ ନିରାପତ୍ତା ବିହୀନ ମହିଳା ।<br>● ମହିଳା କଏଦୀ ଯେଉଁମାନେ କାରାଗାରରୁ ମୁକ୍ତ ହୋଇଥିବେ ଏବଂ ପରିବାର ବିହୀନ ତଥା ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ଶୂନ୍ୟ ହୋଇଥିବେ ।<br>● ଘରୋଇ ହିଂସାର ଶିକାର ହୋଇଥିବା ମହିଳା, ପାରିବାରିକ ଉତ୍ତେଜନା ଏବଂ ମତାନ୍ତର, ଜୀବନ ନିର୍ବାହର ଉପାୟ ନଥାଇ ପରିବାର ଛାଡ଼ିଥିବା ମହିଳା, ଶୋଷଣ ଶିକାର ହୋଇଥିବା ସୁରକ୍ଷା ବିହୀନ ମହିଳା କିମ୍ବା ବିବାହ ବିବାଦଜନିତ ମାଲିମକଦମାର ସମ୍ମୁଖୀନ ମହିଳା ଏ ଯୋଜନା ଅନୁଯାୟୀ ଯୋଗ୍ୟ ହୋଇପାରିବେ । |
| ଏହି ଯୋଜନା ଅନୁଯାୟୀ ଦିଆଯାଉଥିବା ସୁବିଧା | ● ଉପରୋକ୍ତ ବର୍ଗର ମହିଳା ଏବଂ ସେମାନଙ୍କର ଅପ୍ରାପ୍ତ ବୟସ୍କ ଶିଶୁଙ୍କ ପାଇଁ ମାଗଣାରେ ଖାଦ୍ୟ, ବସ୍ତ୍ର, ବାସଗୃହ, ଚିକିତ୍ସା ଉପଚାର ଇତ୍ୟାଦିର ବ୍ୟବସ୍ଥା ।<br>● ଆର୍ଥିକ ଥଇଥାନ ପାଇଁ ଧନ୍ଦାଭିତ୍ତିକ ଏବଂ କୌଶଳବୃଦ୍ଧି ତାଲିମ ଯୋଗାଇବା ।<br>● ପରାମର୍ଶ, ସଚେତନତା ଏବଂ ବ୍ୟବହାରିକ ତାଲିମ ।<br>● ଆର୍ଥିକ ସହାୟତା ଏବଂ ପଥ ପ୍ରଦର୍ଶନ ।<br>● ଟେଲିଫୋନ୍ ମାଧମରେ ପରାମର୍ଶ । |
| ପରିଚାଳକ ସଂସ୍ଥା | ନିମ୍ନଲିଖିତ ଯେକୌଣସି ଅନୁଷ୍ଠାନ ଉପରୋକ୍ତ ଯୋଜନାର ସାହାର୍ଯ୍ୟ ନେଇ ପାରିବେ ।<br>● ରଜ୍ୟସରକଙ୍କର କୌଣସି ସଂସ୍ଥା କିମ୍ବା ରାଜ୍ୟସରକାରଙ୍କ ଦ୍ୱାରା ଗଠିତ ମହିଳା ବିକାଶ ନିଗମ ସମୂହ ।<br>● କେନ୍ଦ୍ର ଓ ରାଜ୍ୟ ସ୍ୱୟଂଶାସିତ ସଂସ୍ଥା ।<br>● ପୌରପାଳିକା ।<br>● କ୍ୟାଣ୍ଟନମେଣ୍ଟ ବୋର୍ଡ ।<br>● ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସମବାୟ ଅନୁଷ୍ଠାନ ।<br>● ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ସମାଜ କଲ୍ୟାଣ ବିଭାଗ, ରାଜ୍ୟ ସରକାର ।<br>● ଆଇନ ପଞ୍ଜିକୃତ କାର୍ଯ୍ୟରତ ପବ୍ଲିକ୍ ଟ୍ରଷ୍ଟ ।<br>● ସାମାଜିକ ସଂଗଠନ ଯେପରିକି ବେସରକାରୀ ସଂସ୍ଥା/ସମାଜ କଲ୍ୟାଣ ସଂସ୍ଥା/ମହିଳା ଶିକ୍ଷା ସଂସ୍ଥା ଯାହା ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ୧୮୬୦ ଏବଂ ରାଜ୍ୟର ଅନ୍ୟାନ୍ୟ ପ୍ରଯୁଜ୍ୟ ଆକ୍ଟ ଅନୁଯାୟୀ ପଞ୍ଜିକୃତ ହୋଇଥିବ । |
| ଅର୍ଥଯୋଗାଣର ଢ଼ାଞ୍ଚା | କେନ୍ଦ୍ର ସରକାର (ମହିଳା ଓ ଶିଶୁ ବିଭାଗ ମନ୍ତ୍ରଣାଳୟ) ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ ସଂସ୍ଥାକୁ ସଂପୂର୍ଣ୍ଣ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି । |

| | |
|---|---|
| ଅତିରିକ୍ତ ସୂଚନା | ● ଘରୋଇ ହିଂସାର ଶିକାର ହୋଇଥିବା ମହିଳା ସ୍ୱଧାର ଆଶ୍ରୟ ଗୃହରେ ୧ ବର୍ଷ ପର୍ଯ୍ୟନ୍ତ ରହିପାରିବେ । ଅନ୍ୟ ବର୍ଗଙ୍କ ନିମନ୍ତେ ସର୍ବାଧିକ ୩ବର୍ଷ ସମୟ ପର୍ଯ୍ୟନ୍ତ ରହିବାର ବ୍ୟବସ୍ଥା ରହିଛି । ବୃଦ୍ଧାବୟସ୍କା ମହିଳା ବା ୫୫ ବର୍ଷ ବୟସରୁ ଅଧିକ ବୟସର ମହିଳମାନଙ୍କୁ ସର୍ବାଧିକ ୫ ବର୍ଷ ପର୍ଯ୍ୟନ୍ତ ଆବାସ ଯୋଗାଇଦେବାର ବ୍ୟବସ୍ଥା ରହିଛି । ଏହାପରେ ସେମାନଙ୍କୁ ବୃଦ୍ଧାଶ୍ରମ କିମ୍ବା ସେହି ସଦୃଶ ଅନୁଷ୍ଠାନକୁ ସ୍ଥାନାନ୍ତରଣର ବ୍ୟବସ୍ଥା କରାଯାଇଛି ।<br>● ସ୍ୱଧାର ଆଶ୍ରୟ ଗୃହ ମହିଳାମାନଙ୍କ ସହିତ ଆସିଥିବା ଶିଶୁମାନଙ୍କର ରହିବା ସୁବିଧା ଯୋଗଇଥାଏ । ୧୮ବର୍ଷ ବୟସ ପର୍ଯ୍ୟନ୍ତ ବାଳିକା ଏବଂ ୮ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ସ୍ୱଧାର ଆଶ୍ରୟ ଗୃହରେ ତାଙ୍କ ମା' ମାନଙ୍କ ସହିତ ରହିବାପାଇଁ ଅନୁମତି ଦିଆ ଯାଇଥାଏ । (୮ବର୍ଷରୁ ଅଧିକ ବୟସର ବାଳକମାନଙ୍କୁ ଜେ.ଜେ.ଆକ୍ଟ/ଆଇ.ସି.ପି.ଏସ୍ (JJ Act/ICPS) ଯୋଜନା ଅନ୍ତର୍ଗତ ଶିଶୁ ଗୃହକୁ ସ୍ଥାନାନ୍ତରଣ କରିବାର ବ୍ୟବସ୍ଥା ମଧ କରାଯାଇଅଛି । |
| ସୂଚନାର ଉତ୍ସ | http://www.wcdodisha.gov.in.<br>http://www.wed.nic:in/<br>http://wed.nic.in/sites/difault/files/guidelines7815-2pdt |

| | |
|---|---|
| ଯୋଜନାର ନାମ | ସ୍ୱଳ୍ପ ସମୟ ପାଇଁ ରହିବା ଗୃହ (SHORT STAY HOME) |
| ପ୍ରାୟୋଜକ | ● ୧୯୬୯ ମସିହାରେ ମହିଳା ଓ ଶିଶୁ ବିକାଶ ବିଭାଗ, ଭାରତ ସରକାର ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | ● ମହିଳାମାନଙ୍କ ଉପରେ ହେଉଥିବା ଶୋଷଣ ଏବଂ ତାର ପ୍ରତିରୋଧ, ଜୀବନରକ୍ଷା ଏବଂ ଥଇଥାନର ଆବଶ୍ୟକତାକୁ ଅନୁଭବ କରି ୧୯୬୯ ମସିହାରେ ସମାଜ କଲ୍ୟାଣ ବିଭାଗ ଦ୍ୱାରା "ସ୍ୱଳ୍ପ ସମୟ ପାଇଁ ରହିବା ଗୃହ" ବା Short Stay Home ପ୍ରଥମ କରି ସାମାଜିକ ପ୍ରତିରକ୍ଷା କାର୍ଯ୍ୟକ୍ରମ ହିସାବରେ ଆରମ୍ଭ କରାଯାଇଥିଲା । ପାରିବାରିକ ମତାନ୍ତର ଯୋଗୁଁ ବାସଶୂନ୍ୟ ହୋଇଯାଇଥିବା ମହିଳା, ଅପରାଧୀ, ମାନସିକ ଗ୍ରପଗ୍ରସ୍ତ/ଉତ୍ତେଜନା ଗ୍ରସ୍ତ, ସାମାଜିକ ବାଛନ୍ଦ, ବଳପୂର୍ବକ ବେଶ୍ୟାବୃତ୍ତିର ଶିକାର କିମ୍ବା ବିପଦର ସମ୍ମୁଖୀନ ହୋଇଥିବା ମହିଳା ଏବଂ ବାଳିକା ମାନଙ୍କୁ ଅସ୍ଥାୟୀଭାବରେ ବାସସ୍ଥାନ, ଭରଣପୋଷଣ ଏବଂ ଥଇଥାନର ବ୍ୟବସ୍ଥା ପ୍ରଦାନ କରିବା ଏହି ଯୋଜନାର ଅନ୍ୟତମ କାର୍ଯ୍ୟକ୍ରମ । |
| ଏହି ଯୋଜନାର ଉଦ୍ଦେଶ୍ୟ | ● ଯେଉଁ ମହିଳାମାନେ ସମାଜଦ୍ୱାରା ନିଷ୍ପୀଡ଼ିତ ହୋଇଥାନ୍ତି ସେମାନଙ୍କୁ ସାହାର୍ଯ୍ୟ କରିବା ତଥା ସ୍ୱଳ୍ପ ସମୟ ପାଇଁ ରହିବାର ସୁବିଧା ଯୋଗାଇଦେବା ସହିତ ସେମାନଙ୍କର ସୁରକ୍ଷା ଏବଂ ନିରାପତ୍ତାକୁ ଆଶ୍ୱାସନା ଦେବା ଏହି ଯୋଜନାର ଉଦ୍ଦେଶ୍ୟ ଅଟେ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ଏହି ଯୋଜନାଟିକୁ ନିମ୍ନଲିଖିତ ବର୍ଗର ମହିଳା ଏବଂ ବାଳିକାମାନେ ବ୍ୟବହାର କରିପାରିବେ ।<br>(୧) ଇଚ୍ଛା ବିରୁଦ୍ଧରେ ମହିଳା ଓ ବାଳିକାମାନଙ୍କୁ ବ୍ୟବସାୟିକ ଭାବରେ ବେଶ୍ୟାବୃତ୍ତି ପାଇଁ ବଳପୂର୍ବକ ଗ୍ରପ ପକାଇବା ।<br>(୨) ପାରିବାରିକ ମତାନ୍ତର କିମ୍ବା ବୈବାହିକ ମତାନ୍ତର ଯୋଗୁଁ ଗୃହତ୍ୟାଗ କରିଥିବା ମହିଳା / ବାଳିକା ।<br>(୩) ଯୌନ ଆକ୍ରମଣ ବା ଶୋଷଣର ଶିକାର ହୋଇଥିବା ମହିଳା ଏବଂ ବାଳିକା ଯେଉଁମାନେ ପରିବାର ଦ୍ୱାରା ଗ୍ରହଣ କରାଯାଉନଥିବେ ।<br>(୪) ୧୫ ରୁ ୩୫ବର୍ଷ ବୟସ ମଧରେ ଥିବା ମହିଳା ।<br>(୫) ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି,ସଂଖ୍ୟାଲଘୁ ଗୋଷ୍ଠୀ ଏବଂ ଅସାମର୍ଥ୍ୟ ମହିଳା ।<br>(୬) ଅଦାଲତରେ ମକଦ୍ଦମା ଏବଂ ଆଇନ ସମ୍ବନ୍ଧୀୟ ମତାମତ ପାଇଁ ସହରକୁ ଆସୁଥିବା ମହିଳାମାନଙ୍କୁ "ସ୍ୱଳ୍ପ ସମୟ ରହିବା ଗୃହ" ବା "ସର୍ଟ୍ ଷ୍ଟେ ହୋମ୍"ରେ ଅସ୍ଥାୟୀ ଭାବରେ ରହିବାର ଅନୁମତି ରହିଅଛି ।<br>(୭) ମା' ମାନଙ୍କ ସାଙ୍ଗରେ ଆସିଥିବା ଶିଶୁ କିମ୍ବା "ସ୍ୱଳ୍ପ ସମୟ ରହିବା ଗୃହ"/ ସର୍ଟ୍ ଷ୍ଟେ ହୋମ୍‌ରେ ଜନ୍ମିତ ଶିଶୁ ୭ ବର୍ଷ ବୟସ ପର୍ଯ୍ୟନ୍ତ ରହି ପାରିବେ । |
| ଏହି ଯୋଜନା ଅନୁଯାୟୀ ଦିଆ ଯାଇଥିବା ସୁବିଧା | ● ଅସ୍ଥାୟୀ ରୂପେ ବାସସ୍ଥାନ ସୁବିଧା, ଭରଣପୋଷଣ ଏବଂ ଥଇଥାନ ସେବା ।<br>● ମା' ମାନଙ୍କ ସାଙ୍ଗରେ ଆସିଥିବା ଶିଶୁ କିମ୍ବା ସର୍ଟ ଷ୍ଟେ ହୋମ୍‌ରେ ଜନ୍ମିତ ଶିଶୁଙ୍କୁ ୭ ବର୍ଷ ବୟସ ପର୍ଯ୍ୟନ୍ତ "ସର୍ଟ ଷ୍ଟେ ହୋମ୍ ବା ସ୍ୱଳ୍ପ ସମୟ ରହିବା ଗୃହ"ରେ ରହିବାର ଅନୁମତି ଦିଆଯାଇଥାଏ । ତାହାପରେ ସଂପୃକ୍ତ ଶିଶୁଟିକୁ ଶିଶୁ ଅନୁଷ୍ଠାନ / ଶିଶୁ ଗୃହକୁ ଯତ୍ନ ଏବଂ ପାଳନ ପୋଷଣ ପାଇଁ ସ୍ଥାନାନ୍ତରଣ କରିଦିଆଯାଇଥାଏ ।<br>● ଏକା ସମୟରେ ହାରାହାରି ୩୦ ଜଣ ସ୍ଥାୟୀ ଅଧିବାସୀ ଏହି ଗୃହରେ ରହିପାରିବେ । ଏହି ଗୃହରେ ସର୍ବନିମ୍ନ ୨୦ଜଣ ଏବଂ ସର୍ବାଧିକ ୪୦ ଜଣ ନିବାସୀ ରହିବାପାଇଁ ସୁବିଧା ରହିଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଘଟଣାରୁ ଦୂରରେ ରହିବା ପାଇଁ ମନୋଯୋଗ ଏବଂ ଉପଗ୍ରରର ଉଦ୍ୟମ ଜାରି ରଖିବା ଆବଶ୍ୟକ । ସେଥିପାଇଁ ଗୃହର ଅଧିବାସୀଙ୍କ ସଂଖ୍ୟା ନିୟନ୍ତ୍ରିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● କେନ୍ଦ୍ର ସରକାର (ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ) ଏହି ଯୋଜନା ପାଇଁ ସମସ୍ତ ସହାୟକ ଅନୁଦାନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମାଧମରେ କାର୍ଯ୍ୟକାରୀ ସଂସ୍ଥାକୁ ପ୍ରଦାନ କରିଥାନ୍ତି । |
| ସୂଚନାର ଉତ୍ସ | http://www.wedodisha.gov.in/<br>http://cswb.gov.in/index.2.asp?langid=1 &slid=792&sublinked=554 |

| | |
|---|---|
| ଯୋଜନାର ନାମ | ଉଜ୍ଜ୍ୱଳା (ଯୌନ ଶୋଷଣ ଏବଂ ବ୍ୟବସାୟିକୀକରଣ ଏବଂ ଚାଲାଣର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ଚାଲାଣର ପ୍ରତିରୋଧ, ଉଦ୍ଧାର, ଥଇଥାନ ଏବଂ ପୁନର୍ବାର ଏକାଠି କରିବା ପାଇଁ ଏକ ବ୍ୟାପକ ଯୋଜନା ଅଟେ)। |
| ପ୍ରାୟୋଜକ | • ମହିଳା ଓ ଶିଶୁ ବିକାଶ ବିଭାଗ, ଭାରତ ସରକାର ୨୦୦୭ ମସିହା ପରଠାରୁ ଏହି ଯୋଜନାକୁ ପ୍ରାୟୋଜିତ କରୁଛନ୍ତି ।<br>• ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | • ମହିଳା ଏବଂ ଶିଶୁମାନଙ୍କର ଯୌନ ଶୋଷଣ ତଥା ବ୍ୟବସାୟିକୀକରଣ ଏକ ସଂଗଠିତ ଅପରାଧ ଯାହା ମୌଳିକ ମାନବ ଅଧିକାରକୁ ଉଲଂଘନ କରିଥାଏ । ଭାରତର ଉତ୍ପତିସ୍ଥଳ, ଗନ୍ତବ୍ୟସ୍ଥଳ ଏବଂ ଗମନ ସମୟରେ ଉଭୟ ସୀମା ମଧ୍ୟରେ ତଥା ସୀମା ବାହାରେ ଚାଲାଣ ଦେଖିବାକୁ ମିଳିଥାଏ । ଅସଂଖ୍ୟ ଜଟିଳତା ଏବଂ ଭିନ୍ନତା ଜଡ଼ିତ ଥିବା ଏହା ଏକ କଷ୍ଟକର ବିଷୟ ଅଟେ । ଏହି ଚାଲାଣର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟତା, ମହିଳା ମାନଙ୍କର ନିମ୍ନ ସାମାଜିକ ସ୍ତର ଏବଂ ସୁରକ୍ଷା ପ୍ରଦାନକାରୀ ପରିବେଶର ଅଭାବ ।<br>• ଏହି ଉପରଲିଖିତ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରି ମନ୍ତ୍ରଣାଳୟ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା 'ଉଜ୍ଜ୍ୱଳା'ର ବ୍ୟବସ୍ଥା କରାଇଛନ୍ତି । ତା' ସହିତ ପ୍ରାଥମିକ ସ୍ତରରେ ଏହି ଯୋଜନାଟି ଏକ ପକ୍ଷରେ ଚାଲାଣର ପ୍ରତିରୋଧ ଏବଂ ଅନ୍ୟପକ୍ଷରେ ନିକ୍ଷେପିତ ମହିଳା ମାନଙ୍କର ଉଦ୍ଧାର ଏବଂ ଥଇଥାନ କଳ୍ପନା କରି ଏହି ଯୋଜନାଟି କାର୍ଯ୍ୟକାରି କରାଯାଇଥିଲା । |
| ଯୋଜନାର ଉଦ୍ଦେଶ୍ୟ | • ଯୌନ ଶୋଷଣ ଏବଂ ତାର ବ୍ୟବସାୟିକୀକରଣ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁମାନଙ୍କର ହୋଇଥିବା ଚାଲାଣକୁ ସାମାଜିକ ସମବେତ, ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ମାଧ୍ୟମରେ ପ୍ରତିରୋଧ କରିବା ।<br>• ନିଷ୍ପୀଡ଼ିତ ମହିଳାମାନଙ୍କୁ ଶୋଷଣ ହେଉଥିବା ସ୍ଥାନରୁ ଉଦ୍ଧାର କରି ସୁରକ୍ଷା ପ୍ରଦାନକାରୀ ସ୍ଥାନକୁ ସ୍ଥାନାନ୍ତରିତ କରିବାର ସୁବିଧା କରାଇବା ।<br>• ନିଷ୍ପୀଡ଼ିତ ମହିଳାମାନଙ୍କୁ ତତ୍‌କ୍ଷଣାତ୍ ଏବଂ ଦୀର୍ଘକାଳୀନ ଥଇଥାନ ସୁବିଧା ଯୋଗାଇବା ସହିତ ମୌଳିକ ଆବଶ୍ୟକତା ଯଥା – ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ ଚିକିତ୍ସା ତତ୍‌ସହିତ ପରାମର୍ଶ, ଆଇନ ସମ୍ବନ୍ଧୀୟ ସହାୟତା, ପଥପ୍ରଦର୍ଶନ ଏବଂ ଧନ୍ଦାମୂଳକ ତାଲିମ ଯୋଗାଇଦେବା ।<br>• ବୃହତ୍ ଉଦ୍ଦେଶ୍ୟ ହେଉଛି ନିକ୍ଷେପିତ ମହିଳାମାନଙ୍କୁ ତାଙ୍କ ପରିବାର ଏବଂ ସମାଜ ସହିତ ପୁନର୍ମିଳନର ସୁଯୋଗ ଯୋଗାଇଦେବା ।<br>• ଦେଶ ସୀମା ବାହାରେ ଥିବା ଶୋଷଣର ଶିକାର ହୋଇଥିବା ମହିଳାମାନଙ୍କର ମନରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ସାହାଯ୍ୟ ଏବଂ ସୁବିଧା ଯୋଗାଇଦେବା । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | • ବ୍ୟବସାୟିକୀକରଣ ଏବଂ ଯୌନ ଶୋଷଣ ପାଇଁ ବିପଦ ସଙ୍କୁଳ ପରିସ୍ଥିତିରେ ରହିଥିବା ମହିଳା ଓ ଶିଶୁ ।<br>• ବ୍ୟବସାୟିକୀକରଣ ପାଇଁ ଯୌନଶୋଷଣର ଶିକାର ହୋଇଥିବା ମହିଳା ଓ ଶିଶୁ ।<br>• ବିପଦଶଙ୍କୁଳ ମହିଳା ଓ ଶିଶୁ ଯେଉଁମାନେ ଯୌନ ଶୋଷଣ ତଥା ବ୍ୟବସାୟୀକରଣ ହେବାର ସମ୍ଭାବନା ଥାଏ । |
| ଯୋଜନାର ଉପାଦାନ | • ନିବାରଣ<br>• ଉଦ୍ଧାର<br>• ଥଇଥାନ<br>• ପୁନର୍ମିଳନ<br>• ସ୍ୱଦେଶ ପ୍ରତ୍ୟାବର୍ତ୍ତନ |
| କାର୍ଯ୍ୟକାରୀ କରୁଥିବା ସଂସ୍ଥା | ନିମ୍ନଲିଖିତ ଯେ କୌଣସି ସଂଗଠନ ଏହି ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ସଂସ୍ଥା ହୋଇପାରିବେ ।<br>• ରାଜ୍ୟସରକାରଙ୍କ ସମାଜ କଲ୍ୟାଣ ବିଭାଗ/ମହିଳା ଶିଶୁ କଲ୍ୟାଣ ବିଭାଗ ।<br>• ମହିଳା ବିକାଶ ନିଗମ<br>• ମହିଳା ବିକାଶ କେନ୍ଦ୍ର<br>• ସହରାଞ୍ଚଳ ସ୍ଥାନୀୟ କେନ୍ଦ୍ର<br>• ବିଖ୍ୟାତ ଏବଂ ପଞ୍ଜିକୃତ ଜନସାଧାରଣ ସଂସ୍ଥା, ବେସରକାରୀ ସଂଗଠନ/ଟ୍ରଷ୍ଟ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଯେଉଁମାନଙ୍କର ଚାଲାଣ, ସାମାଜିକ ପ୍ରତିବାଦ ଯଥା- ମହିଳା ଓ ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା, ଆଇନ ଅନୁଯାୟୀ ଦ୍ୱନ୍ଦରେ ଥିବା ଶିଶୁ ଇତ୍ୟାଦି ବିଷୟ ଉପରେ ଯଥେଷ୍ଟ କାର୍ଯ୍ୟ ସମ୍ବନ୍ଧୀୟ ଅଭିଜ୍ଞତା ଥିବା ସଂସ୍ଥା । |
| ଅର୍ଥଯୋଗାଣାର ଢ଼ାଞ୍ଚା | • କାର୍ଯ୍ୟକାରୀ ସଂସ୍ଥା କୌଣସି ଗୋଟିଏ କିମ୍ବା ତାଠୁ ଅଧିକା ଅଂଶ ପାଇଁ ଏହି ଯୋଜନା ଅନୁଯାୟୀ ଉଲ୍ଲେଖିତ କାର୍ଯ୍ୟକ୍ରମ ପାଇଁ ଆର୍ଥୀକ ସହାୟତା ମାଗି ପାରିବେ । |
| ଅତିରିକ୍ତ ସୂଚନା | • ଯେକୌଣସି ଉପାଦାନ ପାଇଁ ଆବେଦନ କରିବା ସମୟରେ କାର୍ଯ୍ୟକାରୀ ସଂସ୍ଥା ନିର୍ଦ୍ଦିଷ୍ଟ ଉପାଦାନ ଏବଂ ପ୍ରକଳ୍ପର ସ୍ଥାନ ବାଛିବାର ଯଥେଷ୍ଟ କାରଣ ଦର୍ଶାଇବାକୁ ପଡ଼ିବ ।<br>• କାର୍ଯ୍ୟକାରୀ ସଂସ୍ଥା ତାଙ୍କର କାର୍ଯ୍ୟକ୍ରମ ନିମନ୍ତେ ମଞ୍ଜୁରିପାପ୍ତ ଅର୍ଥ (୧୦ ପ୍ରତିଶତ ପର୍ଯ୍ୟନ୍ତ) ଉପାଦାନ ମଧ୍ୟରେ ରହିଥିବା ଆବଶ୍ୟକ । |
| ସୂଚନାର ଉତ୍ସ | http://www.wedodisha.gov.in/<br>http://www.wed.nic.in/ |

| | |
|---|---|
| ଯୋଜନାର ନାମ | ଗ୍ଲାଣ ନିରୋଧ |
| ପ୍ରାୟୋଜକ | ● ଗୃହ ବ୍ୟାପାର ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର ।<br>● ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | ● ଯୌନ ଶୋଷଣର ବ୍ୟବସାୟିକୀକରଣ ପାଇଁ ହେଉଥିବା ମହିଳା ଓ ଶିଶୁ ମାନଙ୍କର ଗ୍ଲାଣ ସାଂପ୍ରତିକ ବର୍ଷରେ ଏକ ଚିନ୍ତାର ବିଷୟ ହୋଇଅଛି । ବ୍ୟବସାୟିକ ଭିତ୍ତିରେ ମହିଳା ଓ ଶିଶୁମାନଙ୍କର ଯୌନ ଶୋଷଣ ବିଭିନ୍ନ ପ୍ରକାରର ହୋଇଥାଏ । ତନ୍ମଧ୍ୟରୁ, ବେଶ୍ୟାଳୟ / ଗୃହରେ ବେଶ୍ୟାବୃତ୍ତି, ଯୌନ ପର୍ଯ୍ୟଟନ, ବିତ୍ତ ବିନୋଦନ ଶିଳ୍ପ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡ଼ିଆ ମାଧମରେ ହେଉଥିବା କାମ ପ୍ରକ୍ରିୟାର ପ୍ରତ୍ୟେକ୍ଷ ଚିତ୍ରଣ ଆଦି ଅନ୍ତର୍ଭୂକ୍ତ । କେତେକାଂଶରେ ପୀଡ଼ିତାଙ୍କୁ ଅନ୍ୟ ରାଜ୍ୟକୁ ଛଳନା କରି ଘରୋଇ କାର୍ଯ୍ୟ କରାଇବାପାଇଁ, ଗରିବ ପରିବାର ମୁଖ୍ୟଙ୍କୁ ଟଙ୍କାଦେଇ ବାଳିକାଙ୍କୁ ବିବାହ କରି, ନକଲି ବିବାହ କରି, ପ୍ରେମ ନିବେଦନ କରି ବିବାହ ପାଇଁ ପ୍ରତିଶ୍ରୁତି ଦେଇ, ବ୍ୟବସାୟ/ ଶିଳ୍ପ ସଂସ୍ଥାରେ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ପଠାଯାଇଥାଏ । ସେହିପରି ଅନ୍ୟ ପରିସ୍ଥିତିରେ ରାଜ୍ୟ ଭିତରେ ମଧ ଗ୍ଲାଣ କରାଯାଇଥାଏ ।<br>● ସରକାରଙ୍କ ଗ୍ଲାଣ ନିରୋଧ ନୀତି ବିଭିନ୍ନ ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରିଥାଏ । ଯଥା-ଗ୍ଲାଣର ପ୍ରତିରୋଧ, ଗୁପ୍ତ ସୂଚନା ପ୍ରଦାନ, ଉଦ୍ଧାର କରିବା, ଥଇଥାନ, ଆର୍ଥିକ ସଶକ୍ତିକରଣ, ସ୍ୱାସ୍ଥ୍ୟର ଯତ୍ନ, ଶିକ୍ଷା, ଗୃହ ସମ୍ବନ୍ଧୀୟ, ନିୟମ ସଂସ୍କାର କାର୍ଯ୍ୟ ଏବଂ ଗ୍ଲାଣ ଜନିତ ଅସୁବିଧାକୁ ସାମ୍ନା କରିବାପାଇଁ ସଂଗୃହୀତ ପାଣ୍ଠି ସଂଗ୍ରହ କରିବା ଇତ୍ୟାଦି । |
| IAHTU ର ଉଦ୍ଦେଶ୍ୟ | ସମନ୍ୱିତ ମାନବ ଗ୍ଲାଣ ନିରୋଧ ଶାଖା (IAHTU) ର ଉଦ୍ଦେଶ୍ୟ ହେଲା-<br>● ମାନବ ଗ୍ଲାଣର ଅପରାଧର ଗୁରୁତ୍ୱକୁ ସୁନିଶ୍ଚିତ କରାଇବା ।<br>● ଏକ ବହୁବିଧ ଶୃଙ୍ଖଳାମୂଳକ ପଦକ୍ଷେପ ସହିତ ପୋଲିସ୍, ଓକିଲ, ବେସରକାରୀ ସଂଗଠନ, ବେସାମରିକ ସମାଜ ଏବଂ ବାର୍ତ୍ତାବାହକ ସଂସ୍ଥା ବା ମିଡ଼ିଆ ମାନଙ୍କର ମିଳିତ ସହଯୋଗ ଏବଂ ପରିବର୍ତ୍ତନରେ ସହଯୋଗ ।<br>● ପୋଲିସ ଏବଂ ଅନ୍ୟାନ୍ୟ ସରକାରୀ ସଂସ୍ଥା ବିଭାଗ ସମୂହ ଯଥା ମହିଳା ଓ ଶିଶୁ ବିଭାଗ, ଶ୍ରମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ମଧରେ ଅର୍ନ୍ତବିଭାଗୀୟ ସହଯୋଗ ଆଣିବା ।<br>● ସରକାରୀ ସଂସ୍ଥା ଏବଂ ବେସାମରିକ ସମାଜ ମଧରେ ସହଯୋଗ ଆଣିବା ।<br>● ମାନବ ଗ୍ଲାଣ ନିରୋଧର ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ବେସାମରିକ ସମାଜ ଭାଗୀଦାରୀ ମାନଙ୍କ ମଧରେ ସାମାଜିକ ସମ୍ପର୍କକୁ ସୁଦୃଢ଼ କରାଇବା ।<br>● ଏହା ନିଷ୍ପୀଡ଼ିତ ବ୍ୟକ୍ତି କେନ୍ଦ୍ରୀକ ଉପାୟ ସୁନିଶ୍ଚିତ କରାଇଥାଏ ଯାହାକି ପୀଡ଼ିତାଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହିତ ପରବର୍ତ୍ତୀ ନିଷ୍ପୀଡ଼ନ/ ପୁନର୍ବାର ନିଷ୍ପୀଡ଼ନରୁ ପ୍ରତିରୋଧ କରାଇଥାଏ ।<br>● ପୀଡ଼ିତାଙ୍କ ବିଷୟରେ କାର୍ଯ୍ୟକଳାବେଳକୁ ଲିଙ୍ଗଗତ ଏବଂ ଶିଶୁ ଅଧିକାରର ସ୍ପର୍ଶକାତରତାର ଉପାୟ ଗୁଡ଼ିକୁ ସୁନିଶ୍ଚିତ କରାଯାଏ ।<br>● ଗ୍ଲାଣ ଅପରାଧ ବିଷୟରେ କାର୍ଯ୍ୟ କଳାବେଳକୁ ଏହାକୁ ଏକ "ସଂଗଠିତ ଅପରାଧ"ର ପରିପ୍ରେକ୍ଷୀରେ ଦେଖିବାକୁ ସୁନିଶ୍ଚିତ କରିବା । |
| ଅର୍ଥ ଯୋଗାଣର ଢ଼ାଞ୍ଚା | ଗୃହ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର IAHTU ମାନଙ୍କୁ ଅର୍ଥ ଯୋଗାଇ ଥାଆନ୍ତି । ଏହି IAHTU ପ୍ରତିବର୍ଷ ଏକ ଲକ୍ଷ ଟଙ୍କା ଲେଖାଏଁ ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଥିବା ଟଙ୍କା ମହିଳା ଓ ଶିଶୁ ବିକାଶ ବିଭାଗରୁ ପାଇଥାଆନ୍ତି । |
| ଅତିରିକ୍ତ ସୂଚନା | ● ଗ୍ଲାଣ ପ୍ରତିରୋଧ ପାଇଁ ୧୨ଗୋଟି IAHTU ଗଠନ କରାଯାଇଅଛି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର (କମିଶନରେଟ ପୋଲିସ ଭୁବନେଶ୍ୱର-କଟକ), IG (ଅପରାଧ ଶାଖା) କଟକ, IG (ରାଉଲକେଲା), DIG ସମ୍ବଲପୁର, DIG ବ୍ରହ୍ମପୁର, DIG ବାଲେଶ୍ୱର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଡି.ଆଇ.ଜି. ଅଫ୍ ପୋଲିସ୍, ସି.ଆର୍. କଟକ, ଡି.ଆଇ.ଜି ଅଫ୍ ପୋଲିସ୍, ତାଳଚେର, ଡି.ଆଇ.ଜି. ଅଫ୍ ପୋଲିସ୍, ଏସ୍.ଡବ୍ଲୁ.ଆର, କୋରାପୁଟ, ଆଇ.ଜି.ଅଫ୍ ପୋଲିସ୍ ରେଲୱେ / ଏସ୍.ଆର.ପି, କଟକ, ସୁନ୍ଦରଗଡ଼ ଜିଲ୍ଲା ଓ କନ୍ଧମାଳ ଜିଲ୍ଲା ।<br>● ଯେହେତୁ କାର୍ଯ୍ୟ ପ୍ରଣାଳୀର କିଛି ଉପାଦାନ ଜିଲ୍ଲା ସ୍ତରରେ ପାଳନ କରାଯାଏ, ଜିଲ୍ଲା ସ୍ତରରେ ମଧ କମିଟି ଗଠନପାଇଁ ସରକାର ନିର୍ଣ୍ଣୟ ନେଇଛନ୍ତି । ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି କମିଟି ବିଭିନ୍ନ କାର୍ଯ୍ୟକ୍ରମ ଯଥା ପ୍ରତିରୋଧ, ଉଦ୍ଧାର କାର୍ଯ୍ୟ ଓ ପୀଡ଼ିତାଙ୍କୁ ଥଇଥାନ କରାଇଥାଆନ୍ତି । ସରକାର ମଧ ସମସ୍ତ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ମାନଙ୍କୁ ଏହାର ସଫଳ ପ୍ରତିକାରରେ ସାମିଲ ହେବାପାଇଁ ଆଦେଶ ଦେଇଛନ୍ତି । |
| ସୂଚନାର ଉତ୍ସ | http://www.wedodisha.gov.in/ |

| | |
|---|---|
| ଯୋଜନାର ନାମ | ମହିଳାମାନଙ୍କୁ ପ୍ରଶିକ୍ଷଣ ଏବଂ ନିୟୋଜନ କାର୍ଯ୍ୟକ୍ରମ ପାଇଁ ସହାୟତା: ଷ୍ଟେପ୍ (STEP) |
| ପ୍ରାୟୋଜକ | • ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏହି ଯୋଜନାଟିକୁ "କେନ୍ଦ୍ର ବ୍ୟବସ୍ଥା ଯୋଜନା" ବା ସେଣ୍ଟ୍ରାଲ ସେକ୍ଟର ସ୍କିମ୍ ହିସାବରେ ୧୯୮୬-୮୭ ମସିହାଠାରୁ ପ୍ରାୟୋଜିତ କରୁଛନ୍ତି। |
| ଯୋଜନା ସମ୍ପର୍କରେ | • STEP ଯୋଜନା ଲକ୍ଷ୍ୟ ଅନୁଯାୟୀ ମହିଳାମାନଙ୍କୁ କୌଶଳ ପ୍ରଦାନ କରାଯାଇଥାଏ ଯାହାକି ସେମାନଙ୍କୁ ରୋଜଗାରକ୍ଷମ କରିବା ସହିତ ସେମାନଙ୍କର କାର୍ଯ୍ୟ କରିବାର ସାମର୍ଥ୍ୟକୁ ବଢ଼ାଇଥାଏ ଏବଂ ମହିଳାଙ୍କୁ ସ୍ୱରୋଜଗାରୀ/ଉଦ୍ୟୋଗୀ କରାଇଥାଏ।<br>• ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏହି STEP କାର୍ଯ୍ୟକ୍ରମ ମାଧ୍ୟମରେ ଗରିବ ଶ୍ରେଣୀର ମହିଳା ଯେଉଁ ମାନେ କୌଶଳ ପ୍ରଶିକ୍ଷଣର ସୁବିଧା ପାଇପାରନ୍ତି ନାହିଁ, ସେମାନଙ୍କର ବୃତ୍ତିଗତ ଆଶା ପୂରଣ କରିବା ପାଇଁ ସାହାର୍ଯ୍ୟ କରିଥାନ୍ତି। ଏହି ଯୋଜନାଟି ୧୯୮୬-୮୭ ମସିହାଠାରୁ ଶତକଡ଼ା ୧୦୦ ପ୍ରତିଶତ କେନ୍ଦ୍ରୀୟ ଯୋଜନା ବ୍ୟବସ୍ଥା ଅଧିନରେ କାର୍ଯ୍ୟ କରୁଅଛି । ଅନୌପଚାରିକ କ୍ଷେତ୍ରରେ କାର୍ଯ୍ୟରତ ଗରିବ ଓ ଗୁରୁତ୍ୱ ନଥିବା ମହିଳାଙ୍କୁ ପାରମ୍ପରିକ ବ୍ୟାପାର ପାଇଁ ପ୍ରଶିକ୍ଷଣ ଦିଆଯାଇଥାଏ। STEP କାର୍ଯ୍ୟକ୍ରମ ମହିଳାମାନଙ୍କୁ ପ୍ରଶିକ୍ଷିତ କରାଇ କୌଶଳକୁ ଉଚ୍ଚଶ୍ରେଣୀଭୁକ୍ତ ଏବଂ ନିୟୋଜିତ କରିବାପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିବାକୁ ଲକ୍ଷ ରଖିଥାଏ। |
| ଯୋଜନାର ଉଦ୍ଦେଶ୍ୟ | • ମହିଳାମାନଙ୍କୁ କୌଶଳ ପ୍ରଦାନ କରି ରୋଜଗାରକ୍ଷମ କରାଇବା।<br>• ମହିଳାମାନଙ୍କୁ ସ୍ୱରୋଜଗାରୀ ଏବଂ ଉଦ୍ୟୋଗୀ କରିବା ପାଇଁ କୌଶଳ ତଥା ସାମର୍ଥ୍ୟ ପ୍ରଦାନ କରିବା। |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | • ଦେଶର ୧୬ବର୍ଷ କିମ୍ବା ତଦୁର୍ଦ୍ଧ ମହିଳାମାନଙ୍କୁ ସୁବିଧା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। |
| ହିତାଧିକାରୀଙ୍କ ସଂଖ୍ୟା | • ଗୋଟିଏ ପ୍ରକଳ୍ପରେ ହିତାଧିକାରୀଙ୍କ ସଂଖ୍ୟା ୨୦୦ରୁ ଅଧିକ ହୋଇ ନ ଥାଏ।<br>• ପରିଚାଳନା କରିପାରିବାର କ୍ଷମତାକୁ ଦେଖି ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟାକୁ ବିଭିନ୍ନ ଦଳ ବା ବ୍ୟାଚ୍‌କରି ପ୍ରଶିକ୍ଷଣ ଦିଆଯାଇଥାଏ ଅନୁଷ୍ଠାନର ପ୍ରଶିକ୍ଷଣ ଦେବାର କ୍ଷମତା ଏବଂ ଆଧାରକୁ ଦେଖି ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ଗ୍ରୁପ୍ କରି ପ୍ରଶିକ୍ଷଣ ଦିଆଯାଇଥାଏ। |
| ଅନ୍ତର୍ଭୁକ୍ତ ବ୍ୟାପାର/ ଧନ୍ଦା ସମୂହ | • କୃଷି<br>• ଉଦ୍ୟାନ କୃଷି<br>• ଖାଦ୍ୟ ପ୍ରକ୍ରିୟାକରଣ<br>• ହସ୍ତତନ୍ତ<br>• ଟେଲରିଂ, ଷ୍ଟିଚିଂ, ଏମ୍ବ୍ରୋଡ଼ୋରୀ, ଜରଦୋସି ଇତ୍ୟାଦି।<br>• ହସ୍ତଶିଳ୍ପ<br>• କମ୍ପୁଟର ଏବଂ ଆଇଟି (IT) ସଂଯୁକ୍ତ ସେବା, ସ୍ପୋକନ୍ ଇଂଲିସ୍ / ଇଂରାଜୀ କହିବା ଶିକ୍ଷା ପରି କାର୍ଯ୍ୟସ୍ଥଳ ପାଇଁ କୌଶଳ ଶିକ୍ଷା।<br>• ରତ୍ନ ଓ ଅଳଙ୍କାର।<br>• ଭ୍ରମଣ ଓ ପର୍ଯ୍ୟଟନ।<br>• ଆତିଥ୍ୟ ପରାୟଣତା। |
| କାର୍ଯ୍ୟକ୍ରମର ଅବଧି | • ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପର ଅବଧି ସର୍ବାଧିକ ୧୮ମାସ ହୋଇଥାଏ। ଏହା ମଧ୍ୟରେ ପ୍ରଶିକ୍ଷଣ ପରବର୍ତ୍ତୀ କାର୍ଯ୍ୟକ୍ରମର ମୂଲ୍ୟ ନିର୍ଦ୍ଧାରଣ ସମୟକୁ ଗୋଟିଏ ପାର୍ଶ୍ୱରେ ରଖାଯାଇଥାଏ।<br>• ପ୍ରଶିକ୍ଷଣ ପାଠ୍ୟକ୍ରମ / ପୁସ୍ତକ ସ୍ୱଳ୍ପ ସମୟପାଇଁ ହୋଇଥାଏ ଏବଂ ୩ ମାସ ଅବଧିର ହୋଇଥାଏ। ବିଶେଷ କ୍ଷେତ୍ରରେ ଏହି ପାଠ୍ୟକ୍ରମ ସର୍ବାଧିକ ୬ମାସ ସମୟ ସୀମା ପାଇଁ ହୋଇଥାଏ।<br>• ୨ମାସରୁ କମ୍ ବ୍ୟବଧାନର ପାଠ୍ୟକ୍ରମ ମଧ ବିଶେଷ କ୍ଷେତ୍ରରେ ପ୍ରଦାନ କରାଯାଇଥାଏ ଯେଉଁଥିପାଇଁ ଆବେଦନକାରୀ ସଂସ୍ଥାକୁ ଯଥାର୍ଥତା ଦର୍ଶାଇବାକୁ ପଡ଼ିଥାଏ। |
| କାର୍ଯ୍ୟକାରୀ ସଂସ୍ଥା | • ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ, ୧୮୬୦ କିମ୍ବା ଇଣ୍ଡିଆନ୍ ଟ୍ରଷ୍ଟ ଆକ୍ଟ (୧୮୮୨) (ଲାଭ ବ୍ୟତୀତ) କିମ୍ବା ଅନ୍ୟ ବୈଧାନିକ ଭାବେ ଅନୁମୋଦିତ ଆଇନ୍ ଦ୍ୱାରା ପଞ୍ଜିକୃତ ହୋଇଥିବା ସଂସ୍ଥା ବା ସଂଗଠନ।<br>• STEP କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ପ୍ରୋତ୍ସାହନ ଦେବାପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ବେସରକାରୀ ସଂଗଠନ ଗୁଡ଼ିକ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ କିମ୍ବା ଇଣ୍ଡିଆନ୍ ଟ୍ରଷ୍ଟ ଆକ୍ଟରେ ପଞ୍ଜିକୃତ ହୋଇଥାନ୍ତି।<br>• ସମବାୟ ସମିତି।<br>ସଂସ୍ଥାଟି ସର୍ବନିମ୍ନ ୩ ବର୍ଷ ବିଦ୍ୟମାନ ହେବା ସହିତ ରୋଜଗାର ଏବଂ ଉଦ୍ୟୋଗୀ କୌଶଳ ପ୍ରଦାନ ପୂର୍ବକ ସର୍ବନିମ୍ନ ୩ବର୍ଷର କାର୍ଯ୍ୟକ୍ରମ କରିଥିବା ଆବଶ୍ୟକ। |
| ଅର୍ଥଯୋଗାଣର ଢ଼ାଞ୍ଚା | • ଏହି ଯୋଜନା ଅନୁଯାୟୀ ସମସ୍ତ ଅନୁଦାନକୁ ସିଧାସଳଖ ଅନୁଷ୍ଠାନ/ସଂସ୍ଥା ଏବଂ ବେସରକାରୀ ସଂସ୍ଥାକୁ ଦିଆଯାଏ। ଏହା ରାଜ୍ୟସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଦିଆଯାଇ ନଥାଏ।<br>• STEP କାର୍ଯ୍ୟକ୍ରମ ଅଧିନରେ, ଭାରତ ସରକାର ଆର୍ଥୀକ ସହାୟତା ସ୍ୱରୂପ ପ୍ରକଳ୍ପ ମୂଲ୍ୟର ସର୍ବାଧିକ ୯୦ ପ୍ରତିଶତ ଅନୁଦାନ ରାଶି ମଞ୍ଜୁର କରି ପାରନ୍ତି। ବଳକା ଶତକଡ଼ା ୧୦ ଭାଗ କାର୍ଯ୍ୟକରୁଥିବା ସଂସ୍ଥା ନିଜ ସମ୍ବଳରୁ ବହନ କରିଥାନ୍ତି। |
| ଅତିରିକ୍ତ ସୂଚନା | • ଦ୍ୱାଦଶ ଯୋଜନାରେ ନିଜସ୍ୱ କିମ୍ବା ମଞ୍ଜୁରୀଭିତ୍ତିକ ରୋଜଗାର ଏବଂ କୌଶଳ ବିକାଶ ଉପରେ ଗୁରୁତ୍ୱ ଦେବା ସହ STEP ଗାଇଡ୍‌ଲାଇନ୍‌କୁ ୨୦୧୪ ମସିହାରେ ସଂଶୋଧନ କରିବା ଏବଂ ନୂତନ ଧନ୍ଦାକୁ ଅନ୍ତର୍ଭୁକ୍ତ କରିବା ପାଇଁ କଳ୍ପନା କରାଯାଇଅଛି।<br>• କୌଣସି କ୍ଷେତ୍ରରେ ନିୟୋଜନ ଏବଂ ଉଦ୍ୟୋଗକାରୀ ସମ୍ପର୍କିତ କୌଶଳ ପ୍ରଦାନପାଇଁ STEP ଯୋଜନା ଅଧିନରେ ସହାୟତା ଉପଲବ୍ଧ କରାଯାଏ। |
| ସୂଚନାର ଉତ୍ସ | http://www.wedodisha.gov.in/<br>http:/wed.nic.in/sites/default/files/REVISEDSTEPGUIDELINES2014-1.Pdf. |

| | |
|---|---|
| ଯୋଜନାର ନାମ | ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (ICPS) – ସଂଶୋଧିତ |
| ପ୍ରଯୋଜକ | ● ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର ।<br>ପରିଚ୍ଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଏବଂ ବିଭିନ୍ନ ସରକାରୀ ବିଭାଗ ବେସାମରିକ ସଂସ୍ଥା ବା ସଂଗଠନ ଯଥା ଅଧ୍ୟୟନ ସଂସ୍ଥା, କର୍ପୋରେଟ୍, ଗୋଷ୍ଠୀ ପରିବାର ଏବଂ ଶିଶୁ ବିଭାଗର ଭାଗୀଦାରିତାର ପରିଚ୍ଳିତ ହେଉଅଛି । |
| ଯୋଜନା ସମ୍ପର୍କରେ | ● ଭାରତ ସରକାରଙ୍କର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (ICPS) କାର୍ଯ୍ୟକାରୀ କରାଯାଉଅଛି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତରେ ସମ୍ବେଦନଶୀଳ ଶିଶୁ ଏବଂ କଷ୍ଟସାଧ ପରିସ୍ଥିତିରେ ସମ୍ମୁଖୀନ ହୋଇଥିବା ୪୦ ଭାଗ ଶିଶୁଙ୍କୁ ଏହି କେନ୍ଦ୍ରସରକାରଙ୍କ ପ୍ରାୟୋଜିତ ଯୋଜନା ଅନୁଯାୟୀ ସାମାଜିକ ନିରାପତ୍ତା ଯୋଗାଇଦେବା ।<br>● ଏହି ଯୋଜନାଟି ୨୦୦୯ ମସିହାଠାରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ କରାଯାଇଅଛି । ଏହି ଯୋଜନା ମାଧ୍ୟମରେ ଶିଶୁ ଅଧିକାର ଉଲଂଘନର ପ୍ରତିରୋଧ, ସୁରକ୍ଷା ପ୍ରଦାନ ଦିଗରେ ଭିତ୍ତି ସଂସ୍କରଣାର ବର୍ଦ୍ଧିତକରଣ, କିଶୋର ନ୍ୟାୟ (ଶିଶୁ ଯତ୍ନ ଏବଂ ସୁରକ୍ଷା) ନିୟମ ୨୦୦୦ ଅନୁଯାୟୀ ଆର୍ଥିକ ସହାୟତା, ଉତ୍ତମ ଗୁଣାତ୍ମକ ସୁରକ୍ଷା ସେବା ପ୍ରଦାନ, ଶିଶୁ ସୁରକ୍ଷା ନିମନ୍ତେ ଅଧିକ ଅର୍ଥ ବିନିଯୋଗ ଏବଂ ଶିଶୁ ଅଧିକାରର ନିରବଚ୍ଛିନ୍ନ ସୁରକ୍ଷା ପ୍ରଦାନ କରିବା ଅନ୍ତର୍ଭୁକ୍ତ ।<br>● କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅଧୀନରେ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଏକ ଦକ୍ଷ ଓ ଫଳପ୍ରଦ ପ୍ରଣାଳୀ ସୃଷ୍ଟି କରିବାର ପ୍ରକ୍ରିୟାକୁ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପ୍ରବୋଧ ମାତ୍ରାରେ ଅଂଶଦାନ କରିଥାଏ ।<br>● ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ ପାଇଁ ସୁରକ୍ଷାର ପ୍ରଧାନ ନିୟମାନୁଯାୟୀ ICPS ଏହାର ଉଦ୍ଦେଶ୍ୟ ପୂରଣ ସଫଳ ହେବା ସହ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଥିବା ଶିଶୁ ଏବଂ ବିପଦସଂକୁଳ ପରିସ୍ଥିତି ଯଥା ଅପବ୍ୟବହାର, ଅବହେଳା, ଶୋଷଣ, ପରିତ୍ୟକ୍ତା ଅବସ୍ଥାରେ ଥିବା ଶିଶୁ, ପରିବାରଠାରୁ ବିଚ୍ଛେଦ ହୋଇଥିବା ଶିଶୁଙ୍କର ଅବସ୍ଥାର ଉନ୍ନତି କରିବାରେ ସକ୍ଷମ ହୋଇ ପାରିଛି । |
| ଯୋଜନାର ଉଦ୍ଦେଶ୍ୟ | ଏହି ଯୋଜନାଟିର ନିମ୍ନଲିଖିତ ଉଦ୍ଦେଶ୍ୟ ରହିଛି ।<br>(୧) ଅତ୍ୟାବଶ୍ୟକୀୟ ସେବାର ଆନୁଷ୍ଠାନିକୀକରଣ, ଜରୁରୀକାଳୀନ ଗଠନ ପ୍ରଣାଳୀକୁ ଶକ୍ତିଶାଳୀ କରିବା ସହିତ, ଆନୁଷ୍ଠାନିକ ସ୍ତରରେ ଯତ୍ନ, ପରିବାର ତଥା ଗୋଷ୍ଠୀ ସ୍ତରରେ ଯତ୍ନ, ପରାମର୍ଶ ଏବଂ ଜାତୀୟ, ଆଞ୍ଚଳିକ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ସମର୍ଥନ ସେବା ଯୋଗାଇଦେବା ଏହାର ଉଦ୍ଦେଶ୍ୟ ।<br>(୨) ସମସ୍ତ କର୍ମକର୍ତ୍ତା ଯଥା - ପ୍ରଶାସକ ଏବଂ ସେବାପ୍ରଦାନକାରୀ,ସମଜାତୀୟ (Allied) ସଦସ୍ୟ, ପୋଲିସ୍, ନ୍ୟାୟପାଳିକା ଏବଂ ରାଜ୍ୟ ସରକାରଙ୍କର ସମ୍ପୃକ୍ତ ଦାୟିତ୍ୱ ବିଭାଗ ଇତ୍ୟାଦିର ଦାୟୀତ୍ୱ ରହିବା ସହିତ କ୍ଷମତା ବୃଦ୍ଧି ଏହା ଉଦ୍ଦେଶ୍ୟ ଅଟେ ।<br>(୩) ଶିଶୁ ସୁରକ୍ଷା ସେବା, MIS ଏବଂ ଟ୍ରାକିଂ ପଦ୍ଧତିର ତଥ୍ୟ ମୂଳଭିତ୍ତି ଏବଂ ଜ୍ଞାନର ମୂଳଭିତ୍ତି ନିର୍ମାଣ କରି ଫଳପ୍ରଦ ଶିଶୁ ସୁରକ୍ଷା ସେବାର କାର୍ଯ୍ୟକାରୀ ଏବଂ ପର୍ଯ୍ୟାଲୋଚନା କରିବା ।<br>(୪) ଗବେଷଣା ଏବଂ ଲିଖିତ ପ୍ରମାଣ ପରିଚ୍ଳନା କରିବା ।<br>(୫) ପରିବାର ଏବଂ ଗୋଷ୍ଠୀ ମଧ୍ୟରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବିପଦପୂର୍ଣ୍ଣ ପରିସ୍ଥିତି ଯଥା - ଅପବ୍ୟବହାରର ଶିକାର ଶିଶୁ, ଦୁର୍ବଳ ଶିଶୁ ଇତ୍ୟାଦିର ଶିକାର ହେଉଥିବା ଶିଶୁମାନଙ୍କପାଇଁ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ।<br>(୬) ସମସ୍ତ ସ୍ତରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ମିଳିତ ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା ଏବଂ ଉପଯୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ।<br>(୭) ଜନସାଧାରଣଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଓ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଶିଶୁ ସୁରକ୍ଷା ସେବା, ଯୋଜନା ଏବଂ ଗଠନ ପ୍ରଣାଳୀ, ଶିଶୁ ଅଧିକାର, ବିପଦପୂର୍ଣ୍ଣ ସ୍ଥିତିରେ ରହିଥିବା ଶିଶୁ ଓ ପରିବାରବର୍ଗଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନାଗୁଡ଼ିକ ବିଷୟରେ ସମ୍ୟକ୍ ଧାରଣା ଦେବା । |
| ICPS ର ପଥଦର୍ଶୀ ନୀତି | ● ଶିଶୁ ସୁରକ୍ଷା ଏକ ପରିବାରର ପ୍ରାଥମିକ ଦାୟିତ୍ୱ । ଠିକ୍ ସେହିପରି ଗୋଷ୍ଠୀ, ସରକାର ଏବଂ ବେସାମରିକ ସମାଜ ମାନଙ୍କର ସହାୟତା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।<br>● ସ୍ନେହଶୀଳ ଏବଂ ଯତ୍ନଶୀଳ ପରିବାର ଏକ ଶିଶୁପାଇଁ ଉତ୍ତମ ସ୍ଥାନ ଅଟେ ।<br>● ଗୋପନୀୟତା ଏବଂ ବିଶ୍ୱାସନୀୟତା ।<br>● ବାଛନ୍ଦ ଏବଂ ଭେଦଭାବ ଶୂନ୍ୟ ।<br>● ବିପଦସଙ୍କୁଳ ପରିସ୍ଥିତିର ନିବାରଣ ଓ ହ୍ରାସ । କେନ୍ଦ୍ରସରକାରଙ୍କ ଶିଶୁ ସୁରକ୍ଷା ପରିଣାମ ।<br>● ଶିଶୁ ମାନଙ୍କର ଆନୁଷ୍ଠନିକୀକରଣ – ଶେଷ ଆଶ୍ରୟସ୍ଥଳ ।<br>● ଶିଶୁକେନ୍ଦ୍ରିତ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ।<br>● ବୈଷୟିକ ଉତ୍କର୍ଷ ଏବଂ ଆଚରଣ ବିଧି ।<br>● ନମନୀୟ କାର୍ଯ୍ୟକ୍ରମ – ସ୍ଥାନୀୟ ବ୍ୟକ୍ତିଗତ ଆବଶ୍ୟକତାର ଉତ୍ତର ଦେବା ।<br>● ଉତ୍ତମ ଶାସନ ନୀତି, ଦାୟିତ୍ୱାଧୀନତା ଏବଂ କର୍ତ୍ତବ୍ୟ । |
| ICPS ର ପବେଶ ମାର୍ଗ | ● ପ୍ରତିରୋଧ ।<br>● ପରିବାର ଆଧାରିତ ଯତ୍ନକୁ ପ୍ରୋତ୍ସାହିତ କରିବା ।<br>● ଅର୍ଥଯୋଗାଣ ।<br>● ସମନ୍ୱିତ ସେବା ବ୍ୟବସ୍ଥା – ସେବା ପରିସର ।<br>● ନିରବଚ୍ଛିନ୍ନ ସେବା-ପ୍ରତ୍ୟେକ ଶିଶୁପାଇଁ ଯଥାସମ୍ଭବ ଯତ୍ନ ।<br>● ଗୋଷ୍ଠୀ ଭିତ୍ତିକ ସେବା ବିତରଣ ।<br>● ବିକେନ୍ଦ୍ରୀକରଣ ଏବଂ ସ୍ଥାନୀୟ ଆବଶ୍ୟକତା ପୂରଣରେ ନମନୀୟତା ।<br>● ଭାଗିଦାରୀତା ନିର୍ମାଣ ଏବଂ ଗୋଷ୍ଠୀ ସଶକ୍ତିକରଣ ।<br>● ଗୁଣାତ୍ମକ ଯତ୍ନ, ସୁରକ୍ଷା ଏବଂ ଯତ୍ନର ମାନଦଣ୍ଡରେ ବୃଦ୍ଧି ।<br>● କ୍ଷମତା ବୃଦ୍ଧି ଏବଂ<br>● ପର୍ଯ୍ୟାଲୋଚନା ଏବଂ ମୂଲ୍ୟନିର୍ଦ୍ଧାରଣ । |

| | |
|---|---|
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | (୧) ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁଯାୟୀ ଦ୍ୱନ୍ଦର ଶିକାର ହୋଇଥିବା ଶିଶୁ ଏବଂ ଆଇନ ଅନୁଯାୟୀ କୌଣସି ଘଟଣାର ଶିକାର କିମ୍ବା ସାକ୍ଷୀ ହୋଇଥିବା ଶିଶୁମାନେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବେ ।<br>(୨) ICPS ର ଯୋଜନା ମଧ ବିପଦସଙ୍କୁଳ ଶିଶୁମାନଙ୍କୁ ପ୍ରତିରୋଧ, ବୈଧାନିକ ଯତ୍ନ ଏବଂ ଥଇଥାନ ସେବା ପ୍ରଦାନ କରିଥାଏ । ତତ୍ ସହିତ ସମ୍ଭାବ୍ୟତା ଦୁର୍ବଳ ଶ୍ରେଣୀ ପରିବାର ଏବଂ ବିପଦସଙ୍କୁଳ ଶିଶୁ, ଅତ୍ୟଧିକ ଦାରିଦ୍ର୍ୟ ସୀମାରେଖାରେ ବସବାସ କରୁଥିବା ପରିବାର, ଅନୁସୂଚୀତ ଜାତି, ଅନସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ, ପକ୍ଷପାତିତାର ଶିକାର ହୋଇଥିବା ପରିବାର, ସଂଖ୍ୟାଲଘୁ ଗୋଷ୍ଠୀ, HIV/AIDS ସଂକ୍ରମିତ ଏବଂ ପ୍ରଭାବିତ ଶିଶୁ, ଅନାଥ, ନିଶାସକ୍ତ ବ୍ୟକ୍ତିଙ୍କ ଶିଶୁ, ଶିଶୁ ଭିକ୍ଷୁକ, ଗ୍ଲାଣ ବା ଯୌନଶୋଷଣର ଶିକାର ହୋଇଥିବା ଶିଶୁ, ରାଜପଥରେ ବୁଲୁଥିବା ଶିଶୁ ଏବଂ ଶିଶୁ ଶ୍ରମିକ ଏହାର ଅନ୍ତର୍ଭୁକ୍ତ ହୋଇପାରିବେ । |
| ଅର୍ଥଯୋଗାଣର ଢ଼ାଞ୍ଚା | ● ICPS ଏକ କେନ୍ଦ୍ର ସରକାରଙ୍କର ପ୍ରାୟୋଜିତ କାର୍ଯ୍ୟକ୍ରମ ଯାହାକି ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । ଏହାର ପ୍ରଧାନ ଅଂଶ କେନ୍ଦ୍ରସରକାରଙ୍କର ଆର୍ଥୀକ ସହାୟତାରେ କାର୍ଯ୍ୟକାରୀ କରାଯାଉଛି ।<br>● ଏହି ଯୋଜନାଟି କେନ୍ଦ୍ର ଏବଂ ରାଜ୍ୟ/ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ମୂଲ୍ୟ ଅଂଶଦାନ ମାଧମରେ ୯୦:୧୦/୧୦ ଅନୁପାତରେ ଉତ୍ତରପୂର୍ବ ରାଜ୍ୟ, ଜମ୍ମୁକାଶ୍ମୀର, ହିମାଳଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହେବ । ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ୨୫:୨୫ ଅନୁପାତ, ୩୫:୬୫ ଅନୁପାତ, ୭୫:୧୫/୧୦ ଅନୁପାତ, ୯୦:୧୦ ଅନୁପାତରେ କିଛି କାର୍ଯ୍ୟକ୍ରମ ପାଇଁ ଆର୍ଥୀକ ସହାୟତା ର ସୁବିଧା ରହିଥିବା ସ୍ଥଳେ CPSU ଏବଂ CARA ପାଇଁ ଶତକଡ଼ା ୧୦୦ଭାଗ କେନ୍ଦ୍ର ସହାୟତା ଯୋଗାଇ ଦିଆ ଯାଇଥାଏ । |
| ଯତ୍ନ ଏବଂ ଥଇଥାନ ସେବା | ବେସରକାରୀ ସଂସ୍ଥା 'ମଦର' ମାଧମରେ ଜରୁରୀକାଳିନ ସେବା :<br>ବିପଦସଙ୍କୁଳ ପରିସ୍ଥିତିରେ ଥିବା ଶିଶୁ କିମ୍ବା ବିପଦରେ ପଡ଼ିଥିବା ଶିଶୁଙ୍କ ତରଫରୁ ପ୍ରାପ୍ତବୟସ୍କ ବ୍ୟକ୍ତି ନିଃଶୁଳ୍କ ନମ୍ବର ୧୦୯୮କୁ ଡ଼ାଏଲ୍ କରି ଏହି ସେବାର ସାହାର୍ଯ୍ୟ ଲୋଡ଼ି ପାରିବେ ।<br>● ସହରାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳରେ ସାହାଯ୍ୟ ଲୋଡୁଥିବା ଶିଶୁମାନଙ୍କ ପାଇଁ ସ୍ଥାନୀୟ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ଆଶ୍ରୟସ୍ଥଳ ଯୋଗାଇ ଦେବା ।<br>● ପରିବାର ଭିତ୍ତିକ ଅଣଅନୁଷ୍ଠାନ ସେବା, ଲାଳନପାଳନ, ବୃଦ୍ଧି ଓ ବିକାଶ ପାଇଁ ଯତ୍ନ, ପୋଷ୍ୟସନ୍ତାନ ଗ୍ରହଣ, ପରବର୍ତ୍ତୀ ପର୍ଯ୍ୟାୟ ଯତ୍ନ ଇତ୍ୟାଦି ଯୋଗାଇବା ।<br>ପ୍ରଦିଶେଧକ ପ୍ରୋତ୍ସାହନ : ଶିଶୁଟି ତାର ପରିବାର ସହିତ ରହିବା ତଥା ଶିକ୍ଷା ଗ୍ରଲୁ ରଖିବା ପାଇଁ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ରହିଛି । ଏହାଦ୍ୱାରା ଶିଶୁମାନେ ଯେପରି ନିରାଶ୍ରୟ ଏବଂ ବିପଦପୂର୍ଣ୍ଣ ଅନୁଭବ ନ କରନ୍ତି ବା ପଳାୟନ ନ କରନ୍ତି, ଏବଂ ଇଛା ବିରୁଦ୍ଧରେ ଜବରଦସ୍ତି ଶିଶୁ ବିବାହ, ଇଛା ବିରୁଦ୍ଧରେ ଶିଶୁ ଶ୍ରମିକ ଇତ୍ୟାଦିର ପ୍ରତିରୋଧ କରିବା ଏହାର ଉଦ୍ୟମ ଅଟେ ।<br>ଥଇଥାନ ନିମନ୍ତେ ପ୍ରୋତ୍ସାହନ : ଅନୁଷ୍ଠାନ ମଧରେ ଶିଶୁଙ୍କୁ ପୁନଃପ୍ରତିଷ୍ଠା କରିବା ନିମନ୍ତେ ପ୍ରୋତ୍ସାହନ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି । ବ୍ୟକ୍ତିଗତ ଭାବରେ ଯତ୍ନ ଏବଂ ଯୋଜନା ମାଧମରେ ଅନୁଷ୍ଠାନ ମଧ CWC/JJB ନିକଟସ୍ଥ ଯାଇ ପାରିବେ ଏବଂ ଉପଯୁକ୍ତ ମକଦ୍ଦମା ତଥା ପେ ାତ୍ସାହନ ପାଣ୍ଠି ଦ୍ୱାରା ଥଇଥାନ ପାଇଁ DCPU ଙ୍କ ନିକଟରେ ସୁପାରିଶ୍ କରିପାରିବେ ।<br>ପ୍ରୋତ୍ସାହନ ନିମନ୍ତେ ଶିଶୁମାନଙ୍କ ଚୟନର ନିର୍ଣ୍ଣାୟକ:<br>(୧) ଅନୁଷ୍ଠାନରେ ରହିଥିବା ଶିଶୁ ଯେଉଁମାନଙ୍କୁ ପରିବାର ମଧରେ ପୁନଃରୁଦ୍ଧାର କରାଯାଇପାରିବ ।<br>(୨) ଅତ୍ୟନ୍ତ ଦାରିଦ୍ର୍ୟ ଅବସ୍ଥାରେ ଥିବା ଶିଶୁ ଯେଉଁମାନେ ବିଭିନ୍ନ ପରିମାପକ ଯେପରିକି – କେଉଁପ୍ରକାର ଜାଗାରେ ବସବାସ କରିବେ, ସାମାଜିକ ଦାରିଦ୍ରତା ଓ ପେଶା ବୃତ୍ତିକୁ ଆଧାର କରି ପ୍ରତିଷେଧମୂଳକ ପ୍ରୋତ୍ସାହନ ପାଇଁ ଶିଶୁଙ୍କୁ ଚୟନ କରାଯାଇଥାଏ । ତତ୍‌ସହିତ ଶିଶୁମାନଙ୍କର ପରିବାରର ଆୟ ନିମ୍ନଲିଖିତ ରାଶିଠୁ ଅଧିକ ହୋଇନଥିବା ଆବଶ୍ୟକ ।<br>(କ) ବାର୍ଷିକ ୩୬,୦୦୦ ଟଙ୍କା ମହନଗରୀ ନିମନ୍ତେ ।<br>(ଖ) ବାର୍ଷିକ ୩୦,୦୦୦ ଟଙ୍କା ଅନ୍ୟାନ୍ୟ ସହର ନିମନ୍ତେ ।<br>(ଗ) ବାର୍ଷିକ ୨୪,୦୦୦ ଟଙ୍କା ଗ୍ରାମାଞ୍ଚଳ ନିମନ୍ତେ ।<br>● ପାଳନପୋଷଣ ଯତ୍ନ : ଏହି ଯୋଜନା ଅନ୍ତର୍ଗତ ଏକ ଶିଶୁକୁ ସମ୍ପ୍ରସାରିତ ଏବଂ ଅଣସମ୍ପର୍କୀୟ ପରିବାର ମଧରେ ଅସ୍ଥାୟୀ ଭାବରେ ପାଳନ ପୋଷଣର ବ୍ୟବସ୍ଥା କରାଇ ଦିଆଯାଇଥାଏ । ଏହି ବ୍ୟବସ୍ଥାଟି ଜନ୍ମ ଦେଇଥିବା ପିତାମାତା ଯେପରି ସେମାନଙ୍କର ପୈତୃକ ଅଧିକାର ଏବଂ ଦାୟିତ୍ୱରୁ ବଞ୍ଚିତ ନହେବେ ଏହା ସୁନିଶ୍ଚିତ କରାଇଥାଏ । ଏହି ବ୍ୟବସ୍ଥା ଦ୍ୱାରା ଯେଉଁ ଶିଶୁମାନେ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଗ୍ୟ ହୋଇନଥାନ୍ତି ଏବଂ ଯେଉଁମାନଙ୍କର ପିତାମାତା ଅସୁସ୍ଥତା ଯୋଗୁଁ ଯତ୍ନ ନେବାରେ ଅସମର୍ଥ, ପିତାମାତାଙ୍କ ମଧରୁ ଜଣଙ୍କର ପଳାୟନ ହୋଇଥାଏ, ପିତାମାତା ମୃତ୍ୟୁବରଣ କରିଥାନ୍ତି ବା ଅନ୍ୟ କୌଣସି କାରଣରୁ ଯତ୍ନ ନେବାରେ ଅସମର୍ଥ ହୋଇଥାନ୍ତି ସେମାନଙ୍କୁ ପାଳନପୋଷଣ ଯତ୍ନର ସୁବିଧା ମିଳିଥାଏ । ପରିଶେଷରେ ପରିବାରର ପରିସ୍ଥିତି ଉନ୍ନତି ହେବାପରେ ନିଜର ପରିବାର ଲୋକଙ୍କ ସହିତ ଶିଶୁର ପୁର୍ନମିଳନ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଟେ । ଯାହାଦ୍ୱାରା କଷ୍ଟସାଧ ପରିସ୍ଥିତିରୁ ଶିଶୁର ଆନୁଷ୍ଠାନିକୀକରଣ ପ୍ରତିହତ କରିହେବ । ଏହି ଯୋଜନାଟି DCPU ଅନ୍ତର୍ଗତ "ଫୋଷ୍ଟର କେୟାର" ପାଣ୍ଠି ଦ୍ୱାରା ପାଳନପୋଷଣ ଯତ୍ନପାଇଁ ସାହାଯ୍ୟ ପ୍ରଦାନ କରିଥାଏ ।<br>● ପୋଷ୍ୟସନ୍ତାନ ଗ୍ରହଣ : ପିତାମାତାଙ୍କ ଠାରୁ ସ୍ଥାୟୀଭାବରେ ବିଛିନ୍ନ, ପରିତ୍ୟକ୍ତ କିମ୍ବା ଜନ୍ମ ଦେଇଥିବା ପିତାମାତାଙ୍କ ଦ୍ୱାରା ସମର୍ପିତ ଶିଶୁମାନେ ଏହି ପ୍ରକ୍ରିୟା ଅନ୍ତର୍ଭୁକ୍ତ । ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ମାଧମରେ ଶିଶୁମାନଙ୍କୁ ନୂତନ ପିତାମାତାଙ୍କୁ ସମର୍ପି ଦିଆଯାଇଥାଏ । ଯେଉଁଠି ସେମାନେ ଉକ୍ତ ପିତାମାତାଙ୍କର ନାର୍ଯ୍ୟ ସନ୍ତାନ/ସନ୍ତତି ଭାବରେ ରହି ସମସ୍ତ ପ୍ରକାର ଅଧିକାର, ସୁବିଧା ସୁଯୋଗ, ଦାୟୀତ୍ୱ ଏବଂ ପିତାମାତା ଓ ସନ୍ତାନ ମଧରେ ରହିଥିବା ସମ୍ପର୍କକୁ ପାଇବାପାଇଁ ଯୋଗ୍ୟ ହୋଇଥାନ୍ତି । ପ୍ରତ୍ୟେକ ଜିଲ୍ଲାରେ ଏକ ବା ତଦୁର୍ଦ୍ଧ ଅନୁଷ୍ଠାନ କିମ୍ବା ସ୍ୱେଛାସେବୀ ସଂଗଠନକୁ SAA ର ମାନ୍ୟତା ଦେବା ଏବଂ ଅନାଥ / ପରିତ୍ୟକ୍ତ / ମାତାପିତାଙ୍କ ଦ୍ୱାରା ସମର୍ପିତ ଶିଶୁମାନଙ୍କର ପୋଷ୍ୟ ସନ୍ତାନ ଗ୍ରହଣର ସୁବିଧା ଯୋଗାଇ ଦେବାପାଇଁ JJ Act ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଥାଏ ।<br>● ପରବର୍ତ୍ତୀ ପରିଚର୍ଯ୍ୟା: ପରିବାର ବିହୀନ ଶିଶୁ ଯେଉଁମାନେ ୧୮ ବର୍ଷ ବୟସ ସୀମାରେ ପହଞ୍ଚିଯାଇଥିବେ ଏବଂ ଆନୁଷ୍ଠାନିକ ପ୍ରକ୍ରିୟାରୁ ସ୍ୱାଧୀନ ଜୀବନଯାପନ କରିବା ତଥା ନିଜକୁ ସମ୍ଭାଳିବା ପାଇଁ ସକ୍ଷମ ହୋଇଥାନ୍ତି ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ /କିଶୋର ନ୍ୟାୟ କାର୍ଯ୍ୟକ୍ରମ ସାହାର୍ଯ୍ୟରେ ପରବର୍ତ୍ତୀ ପରିଚର୍ଯ୍ୟା ଯୋଗାଇ ଦିଆଯାଇଥାଏ । ସମାଜକୁ ଗ୍ରହଣ କରିବା ସହ ଶିଶୁମାନଙ୍କୁ ଅନୁଷ୍ଠାନ ଭିତ୍ତିକ ଜୀବନଯାପନ ବଦଳାଇବା ପାଇଁ ଉତ୍ସାହିତ କରିବାପାଇଁ ସମର୍ଥ କରିବା ଏହି ପରବର୍ତ୍ତୀ ପରିଚର୍ଯ୍ୟା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ । |

| | |
|---|---|
| ଅନୁଷ୍ଠାନଭିତ୍ତିକ ସେବା | ● ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ୨୦୦୦, ଅନୁଯାୟୀ ଏହି ଯୋଜନା ମାଧ୍ୟମରେ ନୂତନ ଅନୁଷ୍ଠାନ ନିର୍ମାଣ କରି ସୁବିଧା ସୁଯୋଗ ପ୍ରଦାନ କରିବା ଏବଂ ପୂର୍ବ ବିଦ୍ୟମାନ ଅନୁଷ୍ଠାନଭିତ୍ତିକ ସୁବିଧା ସୁଯୋଗର ଭରଣପୋଷଣ କରିବା ଯାହା ଆଇନ ଅନୁଯାୟୀ ଦ୍ୱନ୍ଦ ମଧ୍ୟରେ ଥିବା ଶିଶୁ, ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ସମର୍ଥନ ପ୍ରଦାନ ଏହାର ଉଦ୍ଦେଶ୍ୟ । ଏଗୁଡିକ ମଧ୍ୟରୁ ଆଶ୍ରୟସ୍ଥଳ, ଶିଶୁଗୃହ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ ଏବଂ ନିରାପତ୍ତା ସ୍ଥାନ ଇତ୍ୟାଦି ଅନ୍ତର୍ଭୁକ୍ତ ।ଏଥିସହିତ ଏହି ଯୋଜନା ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅନୁଷ୍ଠାନଭିତ୍ତିକ ସେବା ଏବଂ ପୂର୍ବ ବିଦ୍ୟମାନ ଗୃହର ବିଶେଷ ଆଶ୍ରାସ୍ଥଳ ଯୋଗାଇ ଦେବା ବ୍ୟବସ୍ଥା ରହିଛି । |
| ଅତିରିକ୍ତ ସୂଚନା | ● ଆବଶ୍ୟକତା ଅନୁଯାୟୀ ସହାୟକ ଅନୁଦାନ/କାର୍ଯ୍ୟକ୍ରମର ଅଭିନବୀକରଣ ଏହି କାର୍ଯ୍ୟକ୍ରମଟି ନିର୍ଦ୍ଦିଷ୍ଟ ଜିଲ୍ଲା ଏବଂ ସହରର ଚାହିଦା ଉପରେ ନିର୍ଭର କରିଥାଏ ଯାହାକୁ ନୂତନ ଭାବରେ ଆରମ୍ଭ କରାଯାଇଅଛି । ଉଦାହରଣ ସ୍ୱରୂପ : କଏଦୀ ଏବଂ ଯୌନକର୍ମୀ ମାନଙ୍କର ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏହି ଉପାଦାନଟି ବିପତ୍ତି ପରବର୍ତ୍ତୀ ଅବସ୍ଥାର ଥଇଥାନ ପାଇଁ କାର୍ଯ୍ୟକାରୀ କରାଯାଇପାରିବ । ଏହି ଯୋଜନାଟି ସରକାରଙ୍କୁ ନୂତନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାପାଇଁ ପ୍ରୋତ୍ସାହିତ କରିଥାଏ । ଯାହାଦ୍ୱାରା ଆଶଙ୍କା ପ୍ରବଣ ଓ ବିପଦସଙ୍କୁଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସହାୟକ ହୋଇଥାଏ । ତତ୍‌ସହିତ ପୂର୍ବପ୍ରଚଳିତ ଯୋଜନା ଅନ୍ତର୍ଗତ ହୋଇନଥିବା ଯୋଜନା ଗୁଡ଼ିକ ନୂତନଭାବେ କାର୍ଯ୍ୟକାରୀ କରାଯାଇପାରିବ । ରାଜ୍ୟ ଶିଶୁ ସୁରକ୍ଷା ସମାଜର ସାଧାରଣ ସହାୟକ ଅନୁଦାନପାଣ୍ଠି ରହିବା ଆବଶ୍ୟକ ଯାହା ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ । |
| ସୂଚନାର ଉତ୍ସ | http://icds-wcd.nic.in/icpsmon/pdf/icps/final-icps./pdf.<br>https://www.childrenindia.org.in/cp-cr.downloads/ICPS.pdf.<br>https://icds-wed.nic.in/icpsmon/<br>https://wcdodisha.gov.in/node/41 |

| | |
|---|---|
| ଯୋଜନାର ନାମ | କିଶୋରୀ ଶକ୍ତି ଯୋଜନା (KSY) |
| ପ୍ରାୟୋଜକ | • ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଓଡ଼ିଶା ସରକାର ।<br>• ପରିଚାଳିତ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । |
| ଯୋଜନା ସମ୍ପର୍କରେ | • ଏକ ବିକାଶଶୀଳ ମାନବ ସମ୍ବଳର ଜୀବନଚକ୍ରଟି ଅପୂରଣୀୟ ରହିଯାଏ ଯଦି କିଶୋରୀମାନଙ୍କୁ ଶିଶୁ ବିକାଶ ଯୋଜନାରୁ ବାଦ୍ କରିଦିଆଯାଇଥାଏ ।<br>• ପ୍ରଥମଥର ପାଇଁ ଭାରତବର୍ଷରେ କିଶୋରୀ ମାନଙ୍କ ପାଇଁ ICDS ଯୋଜନାକୁ ଆଧାର କରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉଦ୍ଭାବନ କରାଯାଇଅଛି । ICDSର ଶିଶୁବସ୍ଥା ବିକାଶ ଯୋଜନା ମାଧ୍ୟମରେ ସାମାଜିକ, ଅର୍ଥନୈତିକ ଏବଂ ଲିଙ୍ଗଗତ ଅସମାନତାକୁ ହ୍ରାସ କରିବା ଦିଗରେ ସର୍ବଦା ଚେଷ୍ଟିତ । ICDSର ଆଡ଼ୋଲେସେଣ୍ଟ ଗାର୍ଲ (AG) ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କର ନିଜସ୍ୱ ବିକାଶପାଇଁ ପୂର୍ବପ୍ରଚଳିତ ସ୍ୱାଭାବିକ ସାମାଜିକ ସୁବିଧା ଯଥା ପୁଷ୍ଟି ଏବଂ ଲିଙ୍ଗଗତ ସୁବିଧାରୁ ବଞ୍ଚିତ ରହିବାର ଚିନ୍ତାଧାରାକୁ ବଦଳାଇବା ସହିତ କିଶୋରୀ ମାନଙ୍କ ଜୀବନଚକ୍ରରେ ପରିବର୍ତ୍ତନ ଆଣିବା ।<br>• କିଶୋରୀମାନଙ୍କର ପୁଷ୍ଟିଗତ ଏବଂ ସ୍ୱାସ୍ଥ୍ୟଗତ ଅବସ୍ଥାର ଉନ୍ନତି କରିବା ସହିତ ନିଜସ୍ୱ ବିକାଶ କରିବାପାଇଁ ପ୍ରବର୍ତ୍ତାଇବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଅଟେ । ଏଥିସହିତ ସ୍ୱାସ୍ଥ୍ୟ ସଚେତନତା, ସଫାସୁତୁରା, ପୁଷ୍ଟି, ପରିବାରକଲ୍ୟାଣ ଏବଂ ପରିଚାଳନା ବିଷୟରେ ଅବଗତ କରାଇବା ସହ ମହିଳା ଓ ଶିଶୁ ମାନଙ୍କରେ ସ୍ୱାସ୍ଥ୍ୟଗତ ଏବଂ ପୁଷ୍ଟିଗତ ଅବସ୍ଥାକୁ ଉନ୍ନତ କରିବା ଏହାର ଲକ୍ଷ୍ୟ । ତତ୍ ସହିତ ମହିଳାମାନଙ୍କୁ ସଠିକ୍ ନିଷ୍ପତ୍ତି ନେବାପାଇଁ ପ୍ରୋତ୍ସାହିତ କରାଯାଉଅଛି ।<br>• ଏହି ଯୋଜନା ଅନ୍ତର୍ଗତ ବିଷୟବସ୍ତୁର ଆବଶ୍ୟକତାକୁ ଅନୁଭବ କରି ଦେଖାଯାଇଛି ଏହାର ସମ୍ପ୍ରସାରଣ କରିବା ଅତ୍ୟନ୍ତ ଆବଶ୍ୟକ । ଧନ୍ଦାମୂଳକ ତାଲିମର ଅଂଶ ବିଶେଷକୁ ସୁଦୃଢ଼ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସହଭାଗିତା ଯଥା- ଗ୍ରାମାଞ୍ଚଳ ବିକାଶ, ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟ ଅଞ୍ଚଳ ଇତ୍ୟାଦି ବିଷୟରେ ନିଜସ୍ୱ ଅନୁଭୂତି ବୃଦ୍ଧି କରିବା ଏବଂ ସଶକ୍ତ କରିବା ଏହାର ଉଦ୍ଦେଶ୍ୟ ଅଟେ । |
| ଯୋଜନାର ଉଦ୍ଦେଶ୍ୟ | • ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆତ୍ମବିଶ୍ୱାସର ବୃଦ୍ଧି, ନୈତିକତା ବର୍ଦ୍ଧିତ କରିବା ସହ ସମ୍ମାନ ପ୍ରଦାନ କରିବା । ତତ୍ସହିତ ଏହି ଉଦ୍ଦେଶ୍ୟ ଗୁଡ଼ିକର ସବିଶେଷ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା ।<br>• ୧୧ ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା କିଶୋରୀ ମାନଙ୍କର ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଅବସ୍ଥାର ଉନ୍ନତି କରିବା ।<br>• ଅନୌପଚାରିକ ଶିକ୍ଷା ମାଧ୍ୟମରେ ଆବଶ୍ୟକୀୟ ଶିକ୍ଷକତା ଏବଂ ଗଣନା ସମ୍ବନ୍ଧୀୟ ଜ୍ଞାନ ତଥା କୌଶଳ ପ୍ରଦାନ କରିବା ଯାହା ସେମାନଙ୍କୁ ସଠିକ୍ ନିଷ୍ପତ୍ତି ନେବାରେ ସକ୍ଷମ କରାଇବ ।<br>• ଗୃହଭିତ୍ତିକ ଏବଂ ଧନ୍ଦାମୂଳକ କୌଶଳ ବୃଦ୍ଧି କରିବା ନିମନ୍ତେ ଆବଶ୍ୟକୀୟ ତାଲିମ୍ ଏବଂ ଉପକରଣ ଯୋଗାଇଦେବା ।<br>• ସ୍ୱାସ୍ଥ୍ୟ, ସଫାସୁତୁରା, ପୁଷ୍ଟି, ପରିବାର କଲ୍ୟାଣ, ଗୃହ ପରିଚାଳନା ଏବଂ ଶିଶୁ ଯତ୍ନ ବିଷୟରେ ତଥା ୧୮ବର୍ଷ ବା ତଦୂର୍ଦ୍ଧ ବୟସପରେ ବିବାହ ନିଷ୍ପତ୍ତି ବିଷୟରେ ସଚେତନତା ସୃଷ୍ଟି କରିବା ସହ କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରିବା ।<br>• ସାମାଜିକ ବାଦ ବିଷୟ ଏବଂ ତାର ପ୍ରଭାବ ପକାଉଥିବା ବାତାବରଣ ସମ୍ବନ୍ଧୀୟ ଉତ୍ତମ ବୁଝାମଣା ଗ୍ରହଣ କରିବା ।<br>• ସମାଜରେ ଏକ ସୁଫଳ ଓ ପ୍ରୟୋଜନୀୟ ସଦସ୍ୟ ହେବାପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ ଆରମ୍ଭ କରିବା ପାଇଁ କିଶୋରୀମାନଙ୍କୁ ପ୍ରୋତ୍ସାହିତ କରିବା । |
| କେଉଁମାନେ ଯୋଗ୍ୟ ହୋଇପାରିବେ ? | • ୧୧ ରୁ ୧୮ ବର୍ଷ ବୟସ ସୀମା ଅନ୍ତର୍ଭୁକ୍ତ ଉଭୟ ବିଦ୍ୟାଳୟରେ ଅଧ୍ୟୟନରତ କିମ୍ବା ପାଠ ଛାଡ଼ି ଦେଇଥିବା କିଶୋରୀ ଏହି ଯୋଜନା ପାଇଁ ଯୋଗ୍ୟ ହୋଇପାରିବେ ।<br>• ଏହି ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଅବିବାହିତ କିଶୋରୀମାନଙ୍କୁ ଚିହ୍ନଟ କରି ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ୬ମାସ ବ୍ୟବଧାନର ଜ୍ଞାନ ତଥା ତାଲିମ୍ ପ୍ରଦାନ ବ୍ୟବସ୍ଥା ରହିଛି । |
| ପରିସର | • "ସବଳା/SABALA" ଯୋଜନା କାର୍ଯ୍ୟକାରୀ ହେଉଥିବା ଜିଲ୍ଲାଗୁଡ଼ିକ ବ୍ୟତୀତ ରାଜ୍ୟର ଅନ୍ୟ ୨୧ ଗୋଟି ଜିଲ୍ଲାରେ ଏହି ଯୋଜନାଟି କାର୍ଯ୍ୟକାରୀ କରାଯାଉଛି । |
| ଅର୍ଥଯୋଗାଣର ଢ଼ାଞ୍ଚା | ଏହି ଯୋଜନାର ଅନୁମୋଦିତ ପାଣ୍ଠି ବ୍ଲକ୍ ପିଛା / ICDS ପକଳ୍ପ ପିଛା ବାର୍ଷିକ ୧.୧୦ ଲକ୍ଷ ମଧ୍ୟରେ ସୀମିତ କରାଯାଇଛି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ICDS ଯୋଜନା କାର୍ଯ୍ୟକାରୀ ପାଇଁ ଯୋଗାଇ ଦିଆଯାଇଥିବା ରାଶି ମଧ୍ୟରେ ଏହି କାର୍ଯ୍ୟକ୍ରମର ଅନୁଦାନ ଅନ୍ତର୍ଭୁକ୍ତ । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ଏହି ଯୋଜନାର ୬ ମାସିକ ପ୍ରଗତି ରିପୋର୍ଟ ପଠାଇବେ । ଯଦି ରାଜ୍ୟ ସରକାର ଏହି ଯୋଜନା ଅନ୍ତର୍ଗତ ଧନ୍ଦାମୂଳକ ତାଲିମ୍ ଯୋଗାଇ ଦେବାପାଇଁ ଅତିରିକ୍ତ ଅର୍ଥ ଆବଶ୍ୟକ କରୁଥାନ୍ତି ତେବେ ରାଜ୍ୟସରକାର ICDS ତାଲିମ କାର୍ଯ୍ୟକ୍ରମ (UDISHA) ଅନ୍ତର୍ଗତ ଏକ ପ୍ରସ୍ତାବ ପ୍ରସ୍ତୁତ କରି ବିଚାର ନିମନ୍ତେ ସଂପୃକ୍ତ ବିଭାଗକୁ ପଠାଇ ପାରିବେ । |
| ଅତିରିକ୍ତ ସୂଚନା | • ଏହାଛଡ଼ା ସରକାର ଉଭୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଜସ୍ୱ ଆବଶ୍ୟକତା ଅନୁଯାୟୀ କିଶୋରୀ ଶକ୍ତି ଯୋଜନାର କାର୍ଯ୍ୟପ୍ରକ୍ରିୟାର ଯୋଜନା ପ୍ରସ୍ତୁତ କରି ବିଭାଗୀୟ କର୍ତ୍ତୃପକ୍ଷକୁ ଜଣାଇବେ ।<br>• ଏହି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ରାଜ୍ୟସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ପଞ୍ଚାୟତିରାଜ ଅନୁଷ୍ଠାନ, ବେସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ସାମିଲ କରାଇପାରନ୍ତି । |
| ସୂଚନାର ଉତ୍ସ | https://icds-wed.nic.in/<br>http://www.wedodisha.gov.in/ |

| | |
|---|---|
| ଯୋଜନାର ନାମ | ସମନ୍ୱିତ ଶିଶୁ ବିକାଶ ଓ ସେବା ଯୋଜନା (ICDS) |
| ପ୍ରୟୋଜକ | ● ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର ।<br>● ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ । |
| ଯୋଜନା ସମ୍ପର୍କରେ | ● ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆମ ଦେଶର ଭବିଷ୍ୟତ ଏବଂ ୦-୬ ବର୍ଷ ବୟସ ସୀମା ମଧ୍ୟରେ ଥିବା ୧୦ କୋଟି ୮୦ ଲକ୍ଷ ଶିଶୁ ମାନଙ୍କ କଲ୍ୟାଣ ତଥା ବିକାଶ ଏବଂ ସୁରକ୍ଷା ପ୍ରଦାନ ନିମନ୍ତେ ବହୁବିଧ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରୁଛନ୍ତି ।<br>● ଶୈଶବ ପୂର୍ବ ଅବସ୍ଥାର ଯତ୍ନ ଓ ବିକାଶ ଯୋଗାଇବା ପାଇଁ ୨ ଅକ୍ଟୋବର ୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ସମନ୍ୱୟ ଶିଶୁ ବିକାଶସେବା ଯୋଜନାଟି ଆରମ୍ଭ କରାଯାଇଥିଲା । ଏହା ଭାରତ ସରକାରଙ୍କର ଏକ ପ୍ରଧାନ ଯୋଜନା ଅଟେ ଯାହା ବିଶ୍ୱର ସବୁଠାରୁ ବୃହତ୍ ଏବଂ ସ୍ମରଣୀୟ କାର୍ଯ୍ୟକ୍ରମ ଭାବେ ପ୍ରତିନିଧିତ୍ୱ କରିଥାଏ ।<br>● ଏହି ଯୋଜନାଟି ଶିଶୁ ଏବଂ ସ୍ତନ୍ୟପାନ କରାଉଥିବା ମା' ମାନଙ୍କ ପ୍ରତି ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ସୂଚାଇଥାଏ । ଏହି ଯୋଜନା ଦ୍ୱାରା ଏକ ପକ୍ଷରେ ପ୍ରାକ୍ ଶିକ୍ଷାଗ୍ରହଣ ଓ ଅନୌପଚାରିକ ଶିକ୍ଷା ପ୍ରଦାନ କରୁଥିବାବେଳେ ଅନ୍ୟପକ୍ଷରେ ଅପପୁଷ୍ଟି, ଅସୁସ୍ଥାବସ୍ଥାକୁ ଦୂରକରିବାପାଇଁ ସହାୟକ ହୋଇଥାଏ । |
| ଯୋଜନାର ଉଦ୍ଦେଶ୍ୟ | ICDS ଯୋଜନାର ଉଦ୍ଦେଶ୍ୟଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।<br>(କ) ୦-୬ ବର୍ଷ ବୟସ ସୀମା ମଧ୍ୟରେ ଥିବା ଶିଶୁମାନଙ୍କର ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଅବସ୍ଥାର ଉନ୍ନତି କରିବା ।<br>(ଖ) ଶିଶୁର ମାନସିକ, ଶାରୀରିକ ଏବଂ ସାମାଜିକ ବିକାଶ ପାଇଁ ମୂଳଦୁଆ ଗଢ଼ିବା ।<br>(ଗ) ଶିଶୁ ମୃତ୍ୟୁସଂଖ୍ୟା, ଅସୁସ୍ଥ ଅବସ୍ଥା, ଅପପୁଷ୍ଟି, ବିଦ୍ୟାଳୟରୁ ଅଧାରୁ ପାଠ ଛାଡ଼ିଥିବା ଶିଶୁ ବା ଡ୍ରପ୍‌ଆଉଟ୍ ଇତ୍ୟାଦି ଘଟଣାର ପ୍ରସାରକୁ ହ୍ରାସ କରିବା ।<br>(ଘ) ଶିଶୁର ବିକାଶକୁ ପ୍ରୋତ୍ସାହିତ କରିବାପାଇଁ ବିଭିନ୍ନ ବିଭାଗ ସହିତ ଫଳପ୍ରଦ ନିୟମ ନିର୍ମାଣ କରିବା ସହିତ କାର୍ଯ୍ୟକାରୀ ପାଇଁ ସମନ୍ୱୟ ବନାଇ ରଖିବା ।<br>(ଙ) ସଠିକ୍ ପୁଷ୍ଟି ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା ସାହାର୍ଯ୍ୟରେ ଶିଶୁର ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଆବଶ୍ୟକତାକୁ ପୂରଣ କରିବା ସହିତ ଏହାର ରକ୍ଷଣାବେକ୍ଷଣ କରିବାପାଇଁ ଦକ୍ଷତା ବୃଦ୍ଧି କରିବା । |
| ICDS ରେ ପ୍ରଦାନ ହେଉଥିବା ସେବା | ICDS ଯୋଜନାଟି ଏକା ସାଙ୍ଗରେ ୬ଗୋଟି ସେବାପ୍ରଦାନ କରିଥାଏ, ଯଥା-<br>(୧) ଅନୁପୂରକ ପୁଷ୍ଟି ।<br>(୨) ବିଦ୍ୟାଳୟ ପୂର୍ବବର୍ତ୍ତୀ ଅନୌପଚାରିକ ଶିକ୍ଷା ।<br>(୩) ପୁଷ୍ଟି ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା ।<br>(୪) ପ୍ରତିଷେଧନ/ଟୀକାକରଣ ।<br>(୫) ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ<br>(୬) ବ୍ୟକ୍ତିଙ୍କୁ ଚିକିତ୍ସା ବିଶେଷଜ୍ଞଙ୍କ ନିକଟକୁ ସେବା ଗ୍ରହଣ ପାଇଁ ପଠାଇବା ।<br>● ଉପରଲିଖିତ ଶେଷ ୩ ଗୋଟି ସେବାଗୁଡ଼ିକ ସ୍ୱାସ୍ଥ୍ୟ ସେବା ସହ ଜଡ଼ିତ ଥିବାରୁ ଏହି ସେବାଗୁଡ଼ିକ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଏନ୍.ଆର୍.ଏଚ୍.ଏମ୍ /NRHM ଏବଂ ସ୍ୱାସ୍ଥ୍ୟ ପ୍ରଣାଳୀ ମାଧ୍ୟମରେ ଯୋଗାଇ ଦିଆଯାଉଛି ।<br>● ଉତ୍ତମ ଶାସନନୀତି ଏବଂ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ଏକ ଉନ୍ନତ ପ୍ଲାଟ୍‌ଫର୍ମ ପ୍ରଦାନ କରିଥାଏ ଯାହାଦ୍ୱାରା ସମସ୍ତ ସେବା ପ୍ରଦାନ କରିବା ସହଜସାଧ୍ୟ ହୋଇଥାଏ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ନିମ୍ନଲିଖିତ ହିତାଧିକାରୀ ICDS ଯୋଜନାର ଲାଭ ଉଠାଇବା ପାଇଁ ଯୋଗ୍ୟ ହୋଇ ପାରିବେ ।<br>(୧) ୦-୬ବର୍ଷ ବୟସ ସୀମା ମଧ୍ୟରେ ରହିଥିବା ଶିଶୁ ।<br>(୨) ଗର୍ଭବତୀ ମହିଳା ଏବଂ<br>(୩) ସ୍ତନ୍ୟପାନ କରାଉଥିବା ମା'<br>● ଉପରଲିଖିତ ବର୍ଗ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ନିଜର ନାମ ପଞ୍ଜିକୃତ କରାଇବା ଆବଶ୍ୟକ । ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା /BPL କାର୍ଡ଼ଟି ICDS ଯୋଜନାରେ ନାମ ପଞ୍ଜିକରଣ କରାଇବା ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ନୁହେଁ । ଏହି ଯୋଜନାଟି ସାର୍ବଜନୀନ ଅଟେ ଏବଂ ପ୍ରତ୍ୟେକ ବର୍ଗର ହିତାଧିକାରୀ ଏହାଦ୍ୱାରା ଲାଭବାନ୍ ହୋଇପାରିବେ । |
| ଅର୍ଥ ଯୋଗାଣର ଢ଼ାଞ୍ଚା | ● ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଅନୁପୂରକ ପୁଷ୍ଟିକର ଖାଦ୍ୟ ଯୋଗାଇବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଅର୍ଥ ଯୋଗାଣର ହାର ଯଥାକ୍ରମେ ୯୦ ଏବଂ ୧୦ ଅନୁପାତରେ ରହିଥିବା ସମୟରେ ଅନ୍ୟରାଜ୍ୟଗୁଡ଼ିକ ପାଇଁ ପୂର୍ବପ୍ରଚଳିତ ହାର ଯଥାକ୍ରମେ ୫୦ ଏବଂ ୫୦ ଅନୁପାତରେ ରହିଅଛି । ମାତ୍ର ନୂତନଭାବେ ଗଢ଼ିବା ଏବଂ ପୂର୍ବରୁ ରହିଥିବା ଉପାଦାନ ଗୁଡ଼ିକୁ ମଜବୁତ କରିବାପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଅର୍ଥର ଅନୁପାତ ଯଥାକ୍ରମେ ୭୫ ଏବଂ ୨୫ ଅନୁପାତ ରହିଅଛି । (NER ମାନଙ୍କ ପାଇଁ ଏହାର ହାର ୯୦ ଏବଂ ୧୦ ଅନୁପାତ ଅଟେ ।) |
| ଅତିରିକ୍ତ ସୂଚନା | ● ICDS ଗ୍ରୁପ୍‌ଟି ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟକ, ପର୍ଯ୍ୟବେକ୍ଷକ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ (CDPO) ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ (DPO) ଙ୍କୁ ନେଇ ଗଠନ କରାଯାଇଥାଏ । ସ୍ଥାନୀୟ ଗୋଷ୍ଠୀରୁ ଜଣେ ମହିଳାଙ୍କୁ ଅବୈତନିକ କାର୍ଯ୍ୟକର୍ତ୍ତା ଭାବରେ ICDS କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ଭାବେ ଚୟନ କରାଯାଇଥାଏ । ତରୁଣ, ବାଳିକା ଏବଂ ମହିଳାମାନଙ୍କର ଉତ୍ତମ ଯତ୍ନ ନେବା ସହିତ ସାମାଜିକ ପରିବର୍ତ୍ତନ ପାଇଁ ପ୍ରତିନିଧିତ୍ୱ କରିବା ଅଙ୍ଗନବାଡ଼ି କର୍ମୀଙ୍କର ଦାୟିତ୍ୱ ଅଟେ ।<br>● ଏହାଛଡ଼ା ବିଭିନ୍ନ ସେବାଗୁଡ଼ିକ ମଧ୍ୟରେ ଏକାଭିମୁଖତା ରକ୍ଷାକରିବା ପାଇଁ ଏବଂ କାର୍ଯ୍ୟକ୍ରମଟିକୁ ସଫଳ କରିବାପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏ.ଏନ୍.ଏମ୍, ଆଶା ଏବଂ ICDS ର କର୍ମଚାରୀଙ୍କୁ ନେଇ ଏକ ଦଳଗଠନ କରି କାର୍ଯ୍ୟକରିବା ଆବଶ୍ୟକ । |
| ସୂଚନାର ଉତ୍ସ | http://icds-wed.nic.in/icds/icds.aspx.<br>http://motherchildnutrition.org/india/pdf/men-icds-pip-guidelines.pdf.<br>http:/www.nird.org.in.in/brgf/ICDS-IV-PIP-Guidelines-Revised.doc. |

| | |
|---|---|
| ଯୋଜନାର ନାମ | ମୁକ୍ତ ଏବଂ ଦକ୍ଷ ଆଇନ ସମ୍ବନ୍ଧୀୟ ସେବା |
| ପ୍ରଯୋଜକ | ● ଜାତୀୟ ଆଇନ୍ ସମ୍ବନ୍ଧୀୟ ସେବା ପ୍ରାଧିକାରୀ (NALSA)<br>● ପରିଚାଳିତ : ରାଜ୍ୟ ଆଇନ୍ ସେବା ପ୍ରାଧିକାରୀ |
| ଯୋଜନା ସମ୍ପର୍କରେ | ● ଜାତୀୟ ଆଇନ୍ ସମ୍ବନ୍ଧୀୟ ସେବା ପ୍ରାଧୀକାରୀ (NALSA) ମାଧମରେ ଗରିବ, ବିପଦସଙ୍କୁଳ ଗୋଷ୍ଠୀଙ୍କୁ ଆଇନ ସେବା ମାଗଣାରେ ଯୋଗାଇବା । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ଅନୁସୂଚୀତ ଜାତି/ ଅନସୂଚିତ ଜନଜାତି, ଚାଲାଣର ଶିକାର ହୋଇଥିବା ମନୁଷ୍ୟ ବିପତ୍ତି ଶିକାରଗ୍ରସ୍ତ, ମାନବଜାତୀୟ ହିଂସାର ଶିକାର, ଜାତିଗତ ନୃଶଂସତା, ବନ୍ୟା, ମରୁଡି, ଭୂମିକମ୍ପ, ଶିଳ୍ପ ସମ୍ବନ୍ଧୀୟ ବିପତ୍ତି, ମହିଳା ଓ ଶିଶୁ ମାନସିକ ବିକାରଗ୍ରସ୍ତ ଓ ଅସାମର୍ଥ୍ୟ, ଶିଳ୍ପ କାରିଗର, କଏଦୀ/ ହାଜତରେ ଥିବା ବ୍ୟକ୍ତି(ଆଶ୍ରୟ ଗୃହ, କିଶୋର ଗୃହ, ମନୋବ୍ୟାଧି ଚିକିତ୍ସାଳୟ), ବାର୍ଷିକ ୧ ଲକ୍ଷରୁ କମ୍ ରୋଜଗାର ଥିବା ବ୍ୟକ୍ତିମାନେ ଏହି ଯୋଜନାପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ । |
| ଏହି ଯୋଜନାର ସୁବିଧା | ● ବିଚାରଳୟର ଦେୟପାଇଁ ଅର୍ଥପ୍ରଦାନ, କାର୍ଯ୍ୟଧାରାର ଦେୟ ଏବଂ ଅନ୍ୟାନ୍ୟ ସମସ୍ତ ଦେୟ ଯାହା ଆଇନ ପ୍ରକ୍ରିୟାଗତ ହୋଇଥାଏ ତାହା ପାଇଁ ଅର୍ଥ ପ୍ରଦାନ କରିବା ।<br>● ଆଇନ ପ୍ରକ୍ରିୟାଜନିତ କାର୍ଯ୍ୟକ୍ରମ ପାଇଁ ଓକିଲ ଯୋଗାଇ ଦେବା ।<br>● ଆଇନ୍ ପ୍ରକ୍ରିୟାଜନିତ ସମସ୍ତ ଆଦେଶର ନକଲ ଏବଂ ଦଲିଲ୍ ପାଇବା ଏବଂ ଯୋଗାଇ ଦେବା ।<br>● ଆଇନ୍ ପ୍ରକ୍ରିୟାରେ ପୁନର୍ବାର ବିଚାର ପାଇଁ ଆବେଦନ କରିବା ତଥା ଆବଶ୍ୟକୀୟ ଦସ୍ତାବିଜ ବା କାଗଜପତ୍ର ଗୁଡିକର ଅନୁକରଣ ଏବଂ ଅନୁବାଦ ପ୍ରସ୍ତୁତି କରିବା । |
| ଆବଶ୍ୟକୀୟ କାର୍ଯ୍ୟପଦ୍ଧତି | ● ଯୋଗ୍ୟ ବକ୍ତିମାନେ ନିମ୍ନଲିଖିତ କାର୍ଯ୍ୟାଳୟକୁ ଏହି ଯୋଜନା ଦ୍ୱାରା ସାହାଯ୍ୟ ପାଇବା ପାଇଁ ଆବେଦନ କରିପାରିବେ ।<br>କ. ସଦସ୍ୟ ସଚିବ, ମହାରାଷ୍ଟ୍ର ରାଜ୍ୟ ଆଇନ ସେବା ପ୍ରାଧୀକାରୀ<br>ଖ. ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକାରୀ (DLSA) ଙ୍କୁ ଆବଶ୍ୟକୀୟ ଆଇନ ମକଦ୍ଦମାର ସମସ୍ତ ଦରକାରୀ ତଥ୍ୟସହିତ ଯୋଗାଯୋଗ କରିପାରିବେ ।<br>● ଏଥି ସହିତ ନିମ୍ନଲିଖିତ ଅନୁଷ୍ଠାନ ଗୁଡିକରୁ ମାଗଣାରେ ଆଇନ ସେବା ଗ୍ରହଣ କରାଯାଇ ପାରିବ ।<br>କ. ସର୍ବୋଚ୍ଚ ନ୍ୟାୟାଳୟରେ ଥିବା ମକଦ୍ଦମା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି, ୧୦୯, ଲୟରସ୍ ଚାମ୍ବର, ସୁପ୍ରୀମ କୋର୍ଟ ଅଫ୍ ଇଣ୍ଡିଆ, ନିଉ ଦିଲ୍ଲୀ ସହ ଯୋଗାଯୋଗ କରିପାରିବେ ।<br>ଖ. ରାଜ୍ୟ ଆଇନ୍ ସେବା ପ୍ରାଧିକାରୀ ।<br>ଗ. ଉଚ୍ଚ ନ୍ୟାୟାଳୟରେ ଥିବା ମକଦ୍ଦମା ପାଇଁ ଉଚ୍ଚ ନ୍ୟାୟଳୟ ଆଇନ ସେବା କମିଟି, ହାଇକୋର୍ଟ କମ୍ପ୍ଲେକ୍ସ ସହ ଯୋଗାଯୋଗ କରିହେବ ।<br>ଘ. ଜିଲ୍ଲା ସ୍ତରରେ ଅବସ୍ଥାପିତ ଜିଲ୍ଲା ଆଇନ ସେବା ପ୍ରାଧିକାରୀ ଯାହା କି ପ୍ରତ୍ୟେକ ଜିଲ୍ଲା ସ୍ଥିତ କଚେରୀ/ କୋର୍ଟରେ ରହିଥାଏ ତାହାର ସହାୟତା ମଧ୍ୟ ନିଆଯାଇ ପାରିବ । |
| ଆବଶ୍ୟକୀୟ ଦସ୍ତାବିଜ/ କାଗଜପତ୍ର | ● ଘଟଣାର ବିବୃତି ଫର୍ମ (ଉପସ୍ଥାପନ କରିବା ଆବଶ୍ୟକ) ।<br>● ମୋକଦ୍ଦମା ପ୍ରଜୁଯ୍ୟ ଦସ୍ତାବିଜର ନକଲ । |
| ଅତିରିକ୍ତ ସୂଚନା | ● ଜିଲ୍ଲାର ଆଇନ ସମ୍ବନ୍ଧୀୟ ସହାୟତା କେନ୍ଦ୍ର ଏହି ପ୍ରକଳ୍ପର ପ୍ରବେଶ ମାର୍ଗ ଅଟେ । ଯେଉଁଠି ଗୋଷ୍ଠୀର ଦକ୍ଷବ୍ୟକ୍ତି ମାନଙ୍କ ଦ୍ୱାରା ମହକିଲ/ client ଙ୍କୁ ପ୍ରଥମ ଥର ପାଇଁ ଆଇନ ସମ୍ବନ୍ଧୀୟ ସହାୟତା ଏବଂ ପରାମର୍ଶ ପ୍ରଦାନ କରାଯାଇଥାଏ । |
| ସୂଚନାର ଉତ୍ସ | http://nalsa.gov.in/ legalservices.html<br>http://nalsa.gov.in/ nalsa%20(free%20 and % 20competent %20 legal % 20 services) %20 |

FORM - I

**National Legal Services Authority**
**(Free and Competent Legal Services Regulation, -2010)**

(see regulation-3)

## The Form of Application for Legal Services

Registration No.

1. Name :

2. Permanent Address :

3. Contact Address with phone no. if any, e-mail ID, if any. :

4. Whether the applicant belongs to the category of persons mentioned in section-12 of Act :

5. Monthly income of the applicant :

6. Whether affidavit/proof has been produced in support of income/eligibility u/s 12 of the Act :

7. Nature of legal aid or advise required :

8. A brief statement of the case, If court based legal services is required :

Place :
Date :

Signature of the applicant

| | |
|---|---|
| ଯୋଜନାର ନାମ | ବିଜୁ ପକ୍କାଘର ଯୋଜନା (BPGY) ବି.ପି.ଜି.ୱାଇ |
| ପ୍ରଯୋଜକ | ବିଜୁ ପକ୍କାଘର ଯୋଜନା ହେଉଛି ରାଜ୍ୟ ସରକାରଙ୍କର ସହାୟତା ପ୍ରାପ୍ତ ଏକ କାର୍ଯ୍ୟକ୍ରମ ଯାହା ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ । |
| ପୃଷ୍ଠଭୂମି ଏବଂ ଦୃଷ୍ଟିଭଙ୍ଗୀ | ● ଓଡ଼ିଶା ରାଜ୍ୟ ସରକାର ୨୦୧୯ ମସିହା ସୁଦ୍ଧା ରାଜ୍ୟରେ ଥିବା କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନ କରିବାକୁ ଅଙ୍ଗୀକାରବଦ୍ଧ । ଏହି ଜନମଙ୍ଗଳକାରୀ ଉଦ୍ଦେଶ୍ୟ ସାଧନ ପାଇଁ ଓଡ଼ିଶା ସରକାର ୨୦୧୪ ମସିହାରେ ବିଜୁ ପକ୍କା ଘର ଯୋଜନା (BPGY) ନାମରେ ଏକ ଯୋଜନା ଶୁଭାରମ୍ଭ କଲେ । ଏହି ଯୋଜନାଟିକୁ ଅଧିକ ଜନପ୍ରିୟ, ବାସ୍ତବ ଓ କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବ ପ୍ରଚଳିତ ସମସ୍ତ ନିୟମାବଳୀ ବଦଳରେ ନୂତନ ନିୟମାବଳୀ ଜାରୀ କରାଯାଇଛି । |
| ଏହି ଯୋଜନାର ଉଦ୍ଦେଶ୍ୟ | ● ଓଡ଼ିଶା ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ କଚ୍ଚା ଘରକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପକ୍କା ଘରରେ ପରିଣତ କରିବାକୁ ଏକ ସେବା ସ୍ୱରୂପ ଗ୍ରହଣ କରିବା ବି.ଜି.ପି.ୱାଇ(BPGY) ଯୋଜନାର ଲକ୍ଷ୍ୟ । ଏହି ଯୋଜନାରେ ପକ୍କାଘର କୁହାଯାଉଥିବା ଘରର ଅର୍ଥ ଯେଉଁ ଘର ସାଧାରଣ ଦୈନନ୍ଦିନ ବ୍ୟବହାର ଜନିତ କ୍ଷୟକ୍ଷତି, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମୁକାବିଲା କରିପାରିବ ବା ସହଜରେ ନଷ୍ଟ ହେବନାହିଁ ।<br>● ଏ ପ୍ରକାର ପକ୍କାଘରର ଲକ୍ଷଣ ଗୁଡିକ ହେଲା-<br>୧. ଉପକରଣ: ଏହି ପକ୍କା ଘରର ନିଅଁା, କାନ୍ଥ ଏବଂ ଛାତ ସ୍ଥାୟୀ ଉପକରଣରେ ନିର୍ମିତ<br>୨. କାନ୍ଥର ନିର୍ମାଣସାମଗ୍ରୀ: ଇଟା, ସିମେଣ୍ଟ କିମ୍ବା ଚୂନ ଯୋଡେଇ ହୋଇଥିବା ପଥର, ସିମେଣ୍ଟ, କଂକ୍ରିଟ, କାଠ ଇତ୍ୟାଦି ।<br>୩. ଛାତ ଉପକରଣ: ଟାଇଲ ଲୁହାସିଟ୍, ଆଜବେଷ୍ଟସ୍ ସିମେଣ୍ଟ ସିଟ୍, ଆରବି.ସି (RBC), ଆରସିସି (RCC) ଏବଂ କାଠଗଡ.<br>୪. ଘରର ଜୀବନକାଳ: ଏହି ପକ୍କାଘରର ଆୟୁ ବା ଜୀବନକାଳ ଅନ୍ୟୁନ ତିରିଶ ବର୍ଷହେବା ବିଧେୟ ।<br>● କଚ୍ଚାଘର-ଯେଉଁଘରର କାନ୍ଥ/ ଛାତ, କଞ୍ଚାଇଟା, ବାଉଁଶ, ମାଟି, ଘାସ, ନଡା, ଖପର ଏବଂ ଚୂନ ସିମେଣ୍ଟ ଲାଗି ନଥିବା ପଥର ଇତ୍ୟାଦିରେ ତିଆରି ହୋଇ ନଥିବ ତାହାକୁ ଗୋଟିଏ କଚ୍ଚାଘର ବୋଲି କୁହାଯାଏ । |
| ଯୋଜନାର ମୁଖ୍ୟ ରୂପରେଖ | ● "BPGY" /ବିପିଜିୱାଇ ଏକ ରାଜ୍ୟ ଯୋଜନା କାର୍ଯ୍ୟକ୍ରମ ଯାହା ପ୍ରକୃତରେ ଯୋଗ୍ୟ ଏବଂ ବାସ୍ତବରେ ପକ୍କାଘର ନଥିବା ଗରିବ ପରିବାରକୁ ନୂଆ ଘରଟିଏ ଯୋଗାଇ ଦେବାପାଇଁ ଉଦ୍ଦିଷ୍ଟ । |
| ଲକ୍ଷ୍ୟ ନିର୍ଦ୍ଧାରଣ | ● ପ୍ରତ୍ୟେକ ଜିଲ୍ଲାପାଇଁ ବାର୍ଷିକ କେତେ ପକ୍କାଘର ନିର୍ମାଣ କରାଯିବ ପଞ୍ଚାୟତିରାଜ ବିଭାଗ ତାହାର ଏକ ଲକ୍ଷ୍ୟ ଧାର୍ଯ୍ୟ କରିଥାନ୍ତି ଏବଂ ଏହି ଲକ୍ଷ୍ୟ ଧାର୍ଯ୍ୟ କରିବା ବେଳେ ୨୦୧୧ ମସିହା SECC ଗଣନା ଏବଂ ପରବର୍ତ୍ତୀ କାଳରେ ତାର ସଂଶୋଧନ ଅନୁସାରେ ଜିଲ୍ଲାରେ କଚ୍ଚାଘର ଥିବା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ହିସାବକୁ ନିଆଯାଇଥାଏ ।<br>● ଉପରୋକ୍ତ ସୂତ୍ର ଅନୁସାରେ ପ୍ରତ୍ୟେକ ଜିଲ୍ଲାର କଲେକ୍ଟର ମଣ୍ଡଳ, ବ୍ଲକ୍ ଗ୍ରାମପଞ୍ଚାୟତ ଏବଂ ଗ୍ରାମମାନଙ୍କୁ ଲକ୍ଷ୍ୟ ଆବଣ୍ଟନ କରିବେ ।<br>● ସରକାର ନିଜେ ମଧ ମଣ୍ଡଳ, ପଞ୍ଚାୟତ ଏବଂ ଗ୍ରାମ ସ୍ତରରେ ଏହି ଯୋଜନା ଅନ୍ତର୍ଗତ ଲକ୍ଷ୍ୟ ସୂତ୍ର ଅନୁଯାୟୀ ନିର୍ଦ୍ଧାରିତ କରିବେ ।<br>● ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST) ମାନଙ୍କୁ ଆବଣ୍ଟନ କରାଯାଉଥିବା ଘରର ସଂଖ୍ୟା ଜିଲ୍ଲାରେ ସେମାନଙ୍କର ଜନସଂଖ୍ୟା ଅନୁପାତ ଠାରୁ କମ୍ ହୋଇ ନଥିବା ଦରକାର । ଯଦି କୌଣସି ଗ୍ରାମରେ ସମସ୍ତ ଅନୁସୂଚିତ ଜାତି ଓ ଜନଜାତିମାନେ ପକ୍କାଘର ପାଇ ସାରିଥିବେ ତେବେ ସେ କ୍ଷେତ୍ରରେ ବଳକା ସଂରକ୍ଷିତ, ଘରଗୁଡିକ ସେହିବର୍ଗର ଅଣ ଭିନ୍ନକ୍ଷମ ହିତାଧିକାରୀମାନଙ୍କ ମଧ୍ୟରେ ପୁର୍ନବଣ୍ଟନ କରାଯାଇପାରିବ ।<br>● ଗରିବ, ଅସହାୟ ମହିଳା, ଭିନ୍ନକ୍ଷମ ବ୍ୟକ୍ତି (PWD) ୪୦ ଶତକଡା ଠାରୁ ଅଧିକ ଅକ୍ଷମ, ମାନସିକ ଅନଗ୍ରସର, ପରିତ୍ୟକ୍ତା, ବିଧବା, ଘରୋଇ ହିଂସାର ଶିକାର ହୋଇଥିବା ନାରୀ, ମାତୃକେନ୍ଦ୍ରୀକ ପରିବାରର ମୁଖ୍ୟନାରୀ, ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ପ୍ରାପ୍ତବୟସ୍କ ନିରାଶ୍ରୟ ବ୍ୟକ୍ତି, କୁଷ୍ଠ କିମ୍ବା ଏଡ଼ସ୍ ଆକ୍ରାନ୍ତ ।<br>● ନକ୍ସାଲବାଦୀ ହିଂସାର ଶିକାର, ଜାତିଆଣ ହିଂସା ଓ ସାଂପ୍ରଦାୟିକ ଦଙ୍ଗାର ଶିକାର ହୋଇଥିବା ପରିବାର ।<br>● ବନ୍ୟା କିମ୍ବା ଅଗ୍ନି ବିପନ୍ନ ଲୋକ ଯେଉଁମାନେ ଘର ହରାଇଥିବେ ।<br>● ହାତୀ ଆକ୍ରମଣର ଶିକାର ହୋଇଥିବା ପରିବାର ଯାହାର ଘର ପୁରା ଧ୍ୱଂସ ହୋଇଯାଇଥିବ ।<br>● ଯେଉଁ ହିତାଧିକାରୀମାନଙ୍କ ଘର ବନ୍ୟା ପ୍ରଭାବିତ ହୋଇ ସଂପୂର୍ଣ୍ଣ ଧରାଶାୟୀ ହୋଇଥିବ ଏବଂ ସେଥିପାଇଁ ସେ ୧୦୦୦୦ ଟଙ୍କାର ସହାୟତାରାଶି ପାଇ ସାରିଥିବେ । ସେମାନେ ମଧ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବ ।<br>● ଏବଂ "ମୋ କୁଡିଆ" ଯୋଜନାରେ ନିଜ ନାମରେ ଘରଡିହ ନଥିବା ଆଦିମ ଅଧିବାସୀ ପରିବାର ମଧ ଏହି ଯୋଜନାର ଅଗ୍ରାଧିକାର ପାଇଁ ସାମିଲ ହୋଇପାରିବେ ।<br>● ଅନୁସୂଚିତ ଜାତି ଓ ଜନଜାତି କ୍ଷେତ୍ରରେ ମୋ କୁଡିଆ ଯୋଜନା (MKY) ସ୍ଥାନରେ "ମୋ ଡିହ" ଯୋଜନାର ସହାୟତା ପ୍ରଦାନ କରାଯାଇ ପାରିବ । |
| ଚୟନ ପ୍ରଣାଳୀ | ● BPGY (ସାଧାରଣ):<br>ବିପିଜିୱାଇ (BPGY) ଯୋଜନାରେ ହିତାଧିକାରୀଙ୍କ ଚୟନ ଅତ୍ୟନ୍ତ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ କରାଯିବ । ବି.ପି.ଜି.ୱାଇ (BPGY-Normal)-ସାଧାରଣ କ୍ଷେତ୍ରରେ ନିମ୍ନଲିଖିତ ପ୍ରଣାଳୀ ଅନୁସରଣ କରାଯିବ ।<br>୧. SECC,2011 ସଂଶୋଧିତ ପରିସଂଖ୍ୟାନ (ଗଣନା) ଅନୁଯାୟୀ ବିଡିଓ (BDO) ମାନେ ଗ୍ରାମପଞ୍ଚାୟତ ସ୍ତରୀୟ ଓ ଗ୍ରାମସ୍ତରୀୟ କଚ୍ଚା ଘରଥିବା ପରିବାର ସଂଖ୍ୟାର ତାଲିକା ପ୍ରସ୍ତୁତ କରିବେ ।<br>୨. ତା ପରେ ବିଡିଓ ନିଜଦ୍ୱାରା ପ୍ରସ୍ତୁତ ହିତାଧିକାରୀ ତାଲିକାରେ ଥିବା ପ୍ରତ୍ୟେକ ପରିବାର ପ୍ରସ୍ତାବିତ ନିୟମାବଳୀ ଅନୁଯାୟୀ ସହାୟତା ପାଇବାକୁ ଯୋଗ୍ୟ କି ନୁହଁନ୍ତି ତାହା ନିଜର କ୍ଷେତ୍ର ପରିଦର୍ଶନ କର୍ମଚାରୀଙ୍କ ମାଧ୍ୟମରେ ଯାଞ୍ଚ କରି ଦେଖିବେ ।<br>୩. ଅନୁସନ୍ଧାନ ସଂପୂର୍ଣ୍ଣ ହେବାପରେ ବିଡିଓ (BDO) ପଞ୍ଚାୟତ ଅନୁଯାୟୀ, ଗ୍ରାମ ଅନୁଯାୟୀ ଏବଂ ସାମାଜିକ ପ୍ରକାରଭେଦ (SC/ST/Gen) ଅନୁଯାୟୀ ଚୁଡାନ୍ତ ହିତାଧିକାରୀଙ୍କର ତାଲିକା ପ୍ରସ୍ତୁତ କରିବେ । |

<table>
<tr><td></td><td>୪. ବିଡିଓଙ୍କ ଦ୍ୱାରା ପ୍ରସ୍ତୁତ ଚୂଡାନ୍ତ ତାଲିକାରୁ ଲଟେରୀ ମାଧମରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବେ ହିତାଧିକାରୀ ଚୟନ କରାଯିବ । ଏହାଛଡା ଲଟେରୀ ପରିଚାଳନା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ ଓ ନିର୍ଦ୍ଦେଶାବଳୀ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଜଣାଇ ଦିଆଯିବ । ଏହି ଲଟେରୀ ପରିଚାଳନା ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରେ ବିଡିଓଙ୍କ ଦ୍ୱାରା ଚୟନ/ମନୋନୀତ ତିନିଜଣ ସଭ୍ୟ ବିଶିଷ୍ଟ ଅଫିସର ମଣ୍ଡଳୀଙ୍କ ସମ୍ମୁଖରେ ହେବ କିମ୍ବା ମଣ୍ଡଳ ମୁଖ୍ୟ କାର୍ଯ୍ୟଳୟରେ ନିଜେ ବିଡିଓଙ୍କ ଉପସ୍ଥିତିରେ ଏବଂ ତାଙ୍କ ସହିତଜଣେ ସରକାରୀ ଇଂଞ୍ଜିନିୟର ସହକାରୀ ବିଡିଓ ବା ସଂପ୍ରସାରଣ ଅଫିସରଙ୍କ ଦ୍ୱାରା ଏହି ଲଟେରୀ କରାଯାଇପାରିବ । ଲଟେରୀର ଫଳାଫଳ ସେହି ଦିନ ବିଡିଓଙ୍କ ଦ୍ୱାରା ଘୋଷଣା କରାଯିବ ଏବଂ ଚୁଡାନ୍ତ ତାଲିକା ବ୍ଲକ୍ ଅଫିସ୍ ଓ ଗ୍ରାମପଞ୍ଚାୟତ ଅଫିସ୍‌ରେ ପ୍ରଦାନ କରିବେ ।<br>
• BPGY(Special)/ବିପିଜିଓ୍ୱାଇ (ସ୍ୱତନ୍ତ୍ର) : ବିପିଜିଓ୍ୱାଇ ସ୍ୱତନ୍ତ୍ର (BPGY-Special) ଯୋଜନାରେ ହିତାଧିକାରୀ ଚୟନ ଏକ ଜିଲ୍ଲାସ୍ତରୀୟ କମିଟି (DLC) ଦ୍ୱାରା କରାଯିବ । ଏହି କମିଟିରେ ନିମ୍ନଲିଖିତ ସଭ୍ୟ ରହିବେ-<br>
କ) ଜିଲ୍ଲାପାଳ- ଚେୟାରମ୍ୟାନ (ସଭାପତି)<br>
ଖ) ଜିଲ୍ଲାର ମାନ୍ୟବର ସାଂସଦଗଣ- ସଭ୍ୟ<br>
ଗ) ଜିଲ୍ଲାର ମାନ୍ୟବର ବିଧାୟକଗଣ-ସଭ୍ୟ<br>
ଘ) ଜିଲ୍ଲା ପରିଷଦ ସଭାପତି- ସଭ୍ୟ<br>
ଙ) ପି.ଡି.ଡିଆର.ଡିଏ ତଥା ସଂପ୍ରସାରଣ ଅଧିକାରୀ ଜିଲ୍ଲା ପରିଷଦ-ଆବାହକ ସଭ୍ୟ<br>
୧. ଜିଲ୍ଲାସ୍ତରୀୟ କମିଟି ଚୂଡାନ୍ତ ତାଲିକାକୁ ଅନୁମୋଦନ କଲାପରେ ତାହା ଜିଲ୍ଲାପାଳଙ୍କ ଦ୍ୱାରା ସଂପୃକ୍ତ ବି.ଡି.ଓ ମାନଙ୍କୁ ଜଣାଇ ଦିଆଯିବ ।<br>
୨. ଯଦି କୌଣସି କାରଣରୁ ଜିଲ୍ଲାସ୍ତରୀୟ କମିଟି ନିର୍ଦ୍ଧାରିତ ସମୟସୀମା ମଧରେ ତାଲିକାକୁ ଅନୁମୋଦନ କରି ନପାରନ୍ତି ତେବେ ସେ କ୍ଷେତ୍ରରେ ଜିଲ୍ଲାପାଳ ମହୋଦୟ ନିଜେ ଏହାକୁ ଅନୁମୋଦନ କରିବେ ଏବଂ ବିଡିଓଙ୍କୁ ଜଣାଇବେ ।<br>
୩. ଚୁଡାନ୍ତ ହିତାଧିକାରୀ ତାଲିକା ସଂପୃକ୍ତ ଗ୍ରାମପଞ୍ଚାୟତ ଏବଂ ବ୍ଲକ୍ ମୁଖ୍ୟ ଦପ୍ତରରେ ପ୍ରକାଶିତ ହେବ ଏବଂ ଡି.ଆର.ଡି.ଏ ଓ୍ୱେବ୍‌ସାଇଟ (DRDA-Website) ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ ।</td></tr>
<tr><td>ଅର୍ଥ ଆବଣ୍ଟନ</td><td>• ବିଜୁ ପକ୍କାଘର ଯୋଜନାଟି ଗୋଟିଏ  ରାଜ୍ୟସରକାରଙ୍କ ଯୋଜନା ଅଟେ । ଯାହା ରାଜ୍ୟ ସରକାରଙ୍କ  ଆର୍ଥିକ ସହାୟତାରେ କାର୍ଯ୍ୟକାରୀ କରାଯାଉଛି ।<br>
• ଏହି ଯୋଜନାରେ ସମୁଦାୟ ବ୍ୟୟବରାଦ ବଜେଟ୍ ଦୁଇଭାଗରେ ବିଭକ୍ତ ହେବ । ବି.ପି.ଜି.ଓ୍ୱାଇ (ସାଧାରଣ)- ୯୦% ଶତକଡା ଓ ବି.ପି. ଜି.ଓ୍ୱାଇ(ସ୍ୱତନ୍ତ୍ର)  ୧୦% ଶତକଡା ୧୦ଭାଗ ଯାହାକି BPGY-Special  ପାଇଁ ସଂରକ୍ଷିତ ତାହା ଜିଲ୍ଲା ସ୍ତରୀୟ କମିଟି ହାତରେ ରହିବ ।<br>
• ଯଦି BPGY (ସ୍ୱତନ୍ତ୍ର) ପାଇଁ ହିତାଧିକାରୀ ମିଳୁନଥାନ୍ତି, ସେହି କ୍ଷେତ୍ରରେ ୧୦% ଲକ୍ଷ୍ୟଥିବ BPGY (ସ୍ୱତନ୍ତ୍ର)ଙ୍କୁ BPGY (ସାଧାରଣ) ରେ ପରିବର୍ତ୍ତନ କରାଯାଇଥାଏ । ଏହା ଜିଲ୍ଲାପାଳ କରିଥାଆନ୍ତି ।</td></tr>
<tr><td>ଘରପିଛା ମୂଲ୍ୟ</td><td>• BPGY ଯୋଜନାରେ  ପ୍ରତ୍ୟେକ ନୂଆଘର ର୍ନିମାଣ ପାଇଁ ଅଣ ଓAP ଜିଲ୍ଲାଗୁଡିକ ପାଇଁ ୭୦,୦୦୦ଙ୍କା(ସତୁରୀ ହଜାର) ଏବଂ IAP ଜିଲ୍ଲା ପାଇଁ ୭୫,୦୦୦ଟଙ୍କା  (ପଞ୍ଚସ୍ତରୀ ହଜାର) ଧାର୍ଯ୍ୟ କରାଯାଇଛି । ଏହି ପରିମାଣକୁ ରାଜ୍ୟ ସରକାର ସମୟ ଅନୁସାରେ ବୃଦ୍ଧି କରିପାରିବେ ।<br>
• ଏହି ଯୋଜନାରେ ନିର୍ମିତ ଗୋଟିଏ ନୂଆଘର ଶୌଚାଳୟକୁ ଛାଡି  ୨୦ ବର୍ଗମିଟର (Built up area) ଆକାରରେ ହେବା ଆବଶ୍ୟକ ।</td></tr>
<tr><td>କିସ୍ତି ପ୍ରଦାନ</td><td>• ନିର୍ମାଣର ଅଗ୍ରଗତିକୁ ନେଇ କିସ୍ତି ପ୍ରଦାନ କରାଯିବ । କିସ୍ତିର ସଂଖ୍ୟା ଓ ଟଙ୍କାର ପରିମାଣ ସମୟାନୁସାରେ ସରକାରଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇପାରେ । ବର୍ତ୍ତମାନ ପ୍ରଚଳିତ କିସ୍ତି ପାଇବା ନିୟମ ହେଲା-
<table>
<tr><td>କିସ୍ତି</td><td>ନିର୍ମାଣ ସ୍ତର</td><td>IAP ଜିଲ୍ଲା</td><td>ଅଣ IAP  ଜିଲ୍ଲା</td></tr>
<tr><td>ପ୍ରଥମ କିସ୍ତି</td><td>କାର୍ଯ୍ୟାଦେଶ ପ୍ରାପ୍ତିଦିନ</td><td>୨୦ ହଜାର</td><td>୨୦ ହଜାର</td></tr>
<tr><td>୨ୟ କିସ୍ତି</td><td>ଲିଣ୍ଟେଲ ପର୍ଯ୍ୟନ୍ତ ନିର୍ମାଣ ଶେଷରେ</td><td>୪୦ ହଜାର</td><td>୩୫ ହଜାର</td></tr>
<tr><td>୩ୟ କିସ୍ତି</td><td>ନିର୍ମାଣ ଶେଷ ଶୌଚାଳୟ ସହିତ ଏବଂ ହିତାଧିକାରୀ ଗୃହପ୍ରବେଶ</td><td>୧୫ ହଜାର</td><td>୧୫ହଜାର</td></tr>
<tr><td></td><td>ମୋଟ ଅର୍ଥ</td><td>୭୫ ହଜାର</td><td>୭୦ ହଜାର</td></tr>
</table>
• ABDO/AE/JE/GPTA/GPEO/PA/PEO କିମ୍ବା ଅନ୍ୟ କ୍ଷେତ୍ରାଧିକାରୀ / ପରିଦର୍ଶନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ମାଣ ଶେଷ ହୋଇଥିବା ରିପୋର୍ଟ ପାଇବାର  ଏକ ସପ୍ତାହ ମଧରେ BDO ହିତାଧିକାରୀଙ୍କ ଜମାଖାତାରେ  ୨ୟ ଏବଂ ୩ୟ କିସ୍ତିର ଅର୍ଥରାଶି ଜମା କରିବେ ।<br>
• ଏହାଛଡା ହିତାଧିକାରୀଙ୍କ ନାମ, ଅର୍ଥମଞ୍ଜୁରୀ ବର୍ଷ,  ନିର୍ମାଣ ଖର୍ଚ୍ଚ  ଅଟକଳ ପରିମାଣ ଇତ୍ୟାଦି ଲେଖାଥିବା BPGY ଲୋଗୋ/ Logo ଘରର ସାମ୍ନା କାନ୍ଥରେ ଲଗାଇବା ପରେ ହିଁ ୩ୟ କିସ୍ତି ମିଳିବ ।<br>
• ହିତାଧିକାରୀଙ୍କମାନେ ଗାଇଡ୍‌ଲାଇନ୍ ଅନୁସାରେ ପାନୀୟ ଜଳ, RGGVY/BGJY  କାର୍ଯ୍ୟକ୍ରମରେ ବିଦ୍ୟୁତିକରଣ MGNREGS ଯୋଜନାରେ ଅଣକୁଶଳୀ ମଞ୍ଜୁରୀ ଏବଂ ଭୂ-ଉନ୍ନୟନ AABY/ RSBY ଯୋଜନାରେ ସାମାଜିକ ସୁରକ୍ଷା  ଆଦି ପାଇବାକୁ ହକ୍‌ଦାର ।<br>
• ଅର୍ଥରାଶି ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ DAT/ NEFT /RTGS / eFMS ଜରିଆରେ ପଠାଇ ଦିଆଯିବ ।</td></tr>
<tr><td>ଯୋଜନା ପରିଚାଳନାର କୌଶଳ</td><td>• BPGY ଯୋଜନାରେ ନିଜେ ହିତାଧିକାରୀ ତାଙ୍କ ଗୃହ ନିର୍ମାଣ କରିବେ ।<br>
• BPGY କାର୍ଯ୍ୟକ୍ରରେ ନିର୍ମିତ ଘର ନିର୍ମାଣ କାର୍ଯ୍ୟକୁ ପଞ୍ଚାୟତ ସମିତି କାର୍ଯ୍ୟକାରୀ କରିବେ ଏବଂ ଏଥିପାଇଁ ତାଙ୍କୁ ଜିଲ୍ଲା ପରିଷଦ/ DRDA ଙ୍କ ନିୟନ୍ତ୍ରଣ, ନିର୍ଦ୍ଦେଶ ଏବଂ ନିରିକ୍ଷଣ ଅନୁସାରେ କାମ କରିବାକୁ ହେବ ।<br>
• BPGY ଘରର ଆଉଟ୍‌ଲେଟ୍, ମୂଳଦୁଆ, ଆକାର, ଡିଜାଇନ୍ ହିତାଧିକାରୀଙ୍କ ନିଜ ପସନ୍ଦରେ ହିଁ କରାଯିବ ।<br>
• BPGଣ କାର୍ଯ୍ୟକ୍ରମରେ ନିର୍ମିତ ଘରଟି ହିତାଧିକାରୀଙ୍କ ନିଜ ଘରଢ଼ିହ ଉପରେ ହେବ କିମ୍ବା ନିଜର ଆତ୍ମୀୟ ସଂପର୍କୀୟମାନଙ୍କ ଜମିରେ ହେଲେ ତାଙ୍କଠାରୁ NOC ବା ଆପତ୍ତି ନଥିବାର ପ୍ରମାଣପତ୍ର ଆଣିବାକୁ ହେବ ।<br>
• ଘରର ମହିଳା ମୁଖ୍ୟଙ୍କ ନାମରେ ଅର୍ଥ ବରାଦହେବା ବାଞ୍ଛନୀୟ ଯେଉଁ କ୍ଷେତ୍ରରେ ଘରର ମୂରବୀ ମହିଳା ହୋଇ ନଥିବେ ସେ କ୍ଷେତ୍ରରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମରେ କିମ୍ବା ପୁରୁଷ ମୁଖ୍ୟଙ୍କ ନାମରେ ଏହା ହୋଇ ପାରିବ । ଘରଟି ଯଦି ଶାରିରୀକ ଅକ୍ଷମ ବ୍ୟକ୍ତିଙ୍କ ନାମରେ ମଞ୍ଜୁର ହୋଇଥିବ ତେବେ ମଞ୍ଜୁର କେବଳ ତାଙ୍କ ନାମରେ ହୋଇପାରିବ ।</td></tr>
<tr><td>ସୂଚନାର ଉତ୍ସ</td><td>http://www.odishapanchayat.gov.in/english/download/resolution-bpgy.pdf.<br>
Revised guideline of Biju Pacca Ghar Yojana(BPGY), Govt.of Odisha, Panchayati Raj Department</td></tr>
</table>

| | |
|---|---|
| ଯୋଜନା ନାମ | ସ୍ୱ-ରୋଜଗାର କାର୍ଯ୍ୟକ୍ରମ (SEP) |
| ପ୍ରାୟୋଜକ | • ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର |
| ଯୋଜନାର ଉଦ୍ଦେଶ୍ୟ | • ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ଉଦ୍ଦେଶ୍ୟ । |
| କେଉଁମାନେ ଯୋଗ୍ୟ ହୋଇପାରିବେ ? | • ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ/ ଯୁବତୀମାନଙ୍କୁ ଆତ୍ମ ନିଯୁକ୍ତି ସୁଯୋଗ ପ୍ରଦାନ ଏହି ଯୋଜନାର ଉଦ୍ଦେଶ୍ୟ । ତେବେ ଗରୀବ, ଭିନ୍ନକ୍ଷମ, ମହିଳା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଯୁବକ ଯୁବତୀମାନଙ୍କୁ ଏହି ଯୋଜନାରେ ଅଗ୍ରାଧିକାର ଦିଆଯିବ । |
| ଯୋଜନା କାର୍ଯ୍ୟକାରୀ ସଂସ୍ଥା | • ସହରାଞ୍ଚଳରେ ଥିବା ସମସ୍ତ ସ୍ୱାୟତ୍ତଶାସନ ସଂସ୍ଥା (ULBs) ଏହି ଯୋଜନାର କାର୍ଯ୍ୟକାରୀ ସଂସ୍ଥା । |
| ପ୍ରତି ହିତାଧିକାରୀଙ୍କୁ ସହାୟତା ରାଶି ପରିମାଣ | • ଏହି ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଋଣ ରାଶି ପ୍ରଦାନର ବ୍ୟବସ୍ଥା ରହିଛି । |
| ଋଣ ପ୍ରଦାନକାରୀ ସଂସ୍ଥା | • ଏହି ଯୋଜନାରେ "ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ କର୍ପୋରେସନ"(ORHDC) ଋଣ ପ୍ରଦାନକାରୀ ସଂସ୍ଥା ଅଟେ । |
| ଋଣ ପରିଶୋଧ | • ଋଣ ପରିଶୋଧର ସମୟ ଅନୁଯାୟୀ, ଅର୍ବାନ ଲୋକାଲ ବଡି (ULB) ଋଣ ପରିଶୋଧ କରିଥାନ୍ତି । ଏଥିପାଇଁ ସେ ସମସ୍ତ ୟୁନିଟ୍‌କୁ ବେକାରୀ ଯୁବକଙ୍କୁ ବିକ୍ରୟ କରିଥାନ୍ତି କିମ୍ବା ଭଡା ସୂତ୍ରରେ ପ୍ରଦାନ କରିଥାଆନ୍ତି । |
| ସୂଚନାର ଉତ୍ସ | http://www.urbanodisha.g ov.in |

## LOAN APPLICATION FORM FOR FINANCIAL ASSISTANCE UNDER SELF EMPLOYMENT PROGRAMME (SEP) OF NATIONAL URBAN LIVELIHOODS MISSION (NULM)

To

..............................................................................................................

..............................................................................................................

1. Name of the Applicants/SHG/Group Enterprise

2. Date of Birth

3. Sex (Male/Female) :- ..............

4. Father's Name/Spouse's name/Contact Person (if SHG or Group Enterprise)

5. Communication Address

| | | | |
|---|---|---|---|
| | | | |
| | | | |
| Municipality | | | |
| District :- | | | |
| e-mail | | Contact No. | |

6. Permanent Address

Same as above

| | | | |
|---|---|---|---|
| | | | |
| | | | |
| Municipality | | | |
| District :- | | | |
| e-mail | | Contact No. | |

7. Name of the preferred Band & Address in the area for Project Sanction (Please leave blank in case there is no preferred Bank Branch).

Bank Name :-

Address :-

Municipality :-

District :-

Branch Code (IFSC):-

8. Type of Loan: Individual ☐ Group Enterprise ☐ Women SHG ☐

9. Qualification:

| Academic | Technical |
|---|---|
| | |

10. Whether Entrepreneurship Development Programme (EDP) undergone for at least 3-7 days? Yes [ ] No [ ]

| Name & Address of Training Institute | Period of Training | | Certificate Issue date |
|---|---|---|---|
| | From | To | |
| | | | |

11. Whether the applicant belong to (Mark √)

| SC | ST | OBC | PHC | Ex-Serviceman | Minority | General |
|---|---|---|---|---|---|---|
| | | | | | | |

12. BPL Card No. :- ..................... AAY Card No. :- ...................... Annapurna Card No. .................

13. Whether the Project for (Mark √) Manufacturing Unit [ ]

Business/Service Unit [ ]

14. Name of the Project/Business activity proposed.

15. Amount of Loan Required (in Rs.)

| Building Type (Own/Leased/Rented) | Capital Expenditure Loan | | | Working Capital/Cash Credit Limit | Total |
|---|---|---|---|---|---|
| | Work shed, Building etc. | Machinery & Equipment | Pre-operative Cost | | |
| | | | | | |

16. Details of earlier or current Loan/Grant and Subsidy availed from Central/State Govt. Scheme/or any other similar scheme.

| Activity of the project with Address | Amount (in Rs.) | Year of Sanction |
|---|---|---|
| | | |

I certify that all information furnished by me is true; and that I and any of my dependent have not borrowed any money under Subsidy Linked Scheme from any Central/Stat Govt. or bank for establishing any such project.

Date :- Signature of the Applicant.

***NOTE :-*** Application submitted should be complete in all respect along with copies of the following documents;

1. Certificate of qualification – Academic and Technical
2. Relevant Certificate for SC/ST/OBC/Minority/PHC/Ex-Serviceman
3. Attested photocopy of BPL/AAY/Annapurna Card.
4. If Entrepreneurship Development Programme (EDP) training undergone (at least 3-7 days) then submit photocopy of the certificate.

## UNDERTAKING BY SEP APPLICANT

(To be furnished by the applicant and is mandatory)

I, ......................................................................................................................................

Son/Daughter/Wife of ..........................................................................................................

residing at ............................................................................................................................

Street of Ward No. ............. of ..............................................................................................

(Name of ULB), Post Office :- .................................... Police Station :- ..................................

District ................................. in ................................................... State hereby declares that;

1. I have read and understood the guidelines and Terms & Conditions of Self Employment Programme (SEP) under NULM in detail before submitting the application for financial assistance under the SEP of NULM.
2. I undersigned that application has to be submitted to the concerned Municipality/Municipal Corporation for Loan under SEP.
3. I undersigned that my application will be forwarded to ULB Level Task Force for scrutiny and short listing. I am also aware that the short listed applicants will be called for an interview by the Task Force to assess knowledge about the proposed project, aptitude, interest, skill and entrepreneurship abilities, market availability, ability to repay and to run the proposed project successfully and recommend only meritorious short listed applicants to Banks for sanction of project.
4. I understand that Banks are the final authority to take the decision for sanctioning the project based on viability of the project on which Manipur Urban Development Agency (MUDA) or the ULB has no say. If the bank does not sanction the loan for the project, MUDA or the ULB shall not be liable for the same and I shall not raise any claim whatsoever against MUDA or the concerned ULB in any petition before a court of law.
5. I declare that I have not availed from any financial institution any form of financial assistance for the project under consideration of SEP and not availed any subsidy from any State or Central Govt. Scheme.
6. I agree and abide by the condition to attend the necessary EDP training within the stipulated time.
7. I agree to display the following signboard at the main entrance of my/our project site: -

   ........................................................................................................ (Unit Name)

   Financed by ........................................................................................ bank

   Under Self Employment Programme of NULM.

8. I agree to permit officials of MUDA, concerned ULB or any agency authorized to conduct physical verification of the unit and will provide all the information about my unit and produce/show required documents including book accounts to them.
9. I agree to abide by the condition that for taking any legal recourse against the concerned ULB or MUDA on any matter concerning the project, the courts in Imphal alone shall have exclusive jurisdiction.
10. It is hereby declared that all the information furnished by me with application are correct and if any information is found to be false or misleading and made with the ulterior motive of availing interest subsidy, MUDA or the concerned ULB shall be free to prosecute me or to initiate any other legal proceedings as deem fit.

Date:

Place: (Signature of beneficiary)

| | |
|---|---|
| ଯୋଜନାର ନାମ | LMV ଡ୍ରାଇଭିଂ ତାଲିମ୍ ପ୍ରଦାନ ପାଇଁ ଯୋଜନା (LMVDT) |
| ପ୍ରାୟୋଜକ | ● ବାଣିଜ୍ୟ ଏବଂ ପରିବହନ ବିଭାଗ, ଓଡ଼ିଶା ସରକାର<br>● ଲାଇସେନ୍ସ ପ୍ରାପ୍ତ ସରକାରୀ / ବେସରକାରୀ ଡ୍ରାଇଭିଂ ତାଲିମ୍ ଅନୁଷ୍ଠାନ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପରିଚାଳିତ । |
| ଯୋଜନା ସମ୍ପର୍କରେ | ● ଏହି ଯୋଜନାଟି ୨୦୧୪ ମସିହା ଜୁଲାଇ ୨୩ ତାରିଖରେ ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା ।<br>● ଦାରିଦ୍ର୍ୟସୀମାରେଖା ତଳେ ଥିବା ଗରିବ ହିତାଧିକାରୀ ଏବଂ ବଞ୍ଚିତ ଗୋଷ୍ଠୀ ଯଥା - ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାମାନଙ୍କର କୌଶଳ ବୃଦ୍ଧି ସହ ରୋଜଗାର ଯୋଗାଇବା ପାଇଁ ଏହି ଯୋଜନାଟି ଉଦ୍ଦିଷ୍ଟ ।<br>● ଲାଇସେନ୍ସ ପ୍ରାପ୍ତ ସରକାରୀ/ ବେସରକାରୀ ଡ୍ରାଇଭିଂ ଟ୍ରେନିଂ ଅନୁଷ୍ଠାନ ମାନଙ୍କ ଦ୍ୱାରା ହାଲୁକା ମଟରଯାନ (LMV) ଟ୍ରେନିଂ ଯୁବକ/ ଯୁବତୀମାନଙ୍କୁ ଦିଆଯିବ । ଏହା ଅଣଆବାସିକ ତାଲିମ୍ ଅଟେ ଏବଂ ତାଲିମ୍ ଖର୍ଚ୍ଚରେ ପାଠ୍ୟପୁସ୍ତକ ସାମଗ୍ରୀ ଡ୍ରାଇଭିଂ ତାଲିମ୍ ଏବଂ ଡ୍ରାଇଭିଂ ଲାଇସେନ୍ସ ପାଇବାର ଖର୍ଚ୍ଚ ସାମିଲ ରହିଥାଏ । |
| ଯୋଜନାର ଉଦ୍ଦେଶ୍ୟ | ● ଉତ୍ତମ ପ୍ରଶିକ୍ଷଣ ମାଧ୍ୟମରେ ଉଚ୍ଚମାନର ଡ୍ରାଇଭିଂ ଦକ୍ଷତା ବୃଦ୍ଧି କରି ହିତାଧିକାରୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । |
| କେଉଁମାନେ ଯୋଗ୍ୟ ହୋଇପାରିବେ ? | ● ଯୋଗ୍ୟତାର ମାପକାଠି-<br>୧. ପ୍ରାର୍ଥୀ ବିପିଏଲ୍ / BPL ବର୍ଗର ହୋଇଥିବେ<br>୨. ଏସ୍.ସି (SC) ଏସ୍.ଟି (ST)/ମହିଳା (Women)<br>୩. ବୟସ ସୀମା ୧୮ରୁ ୩୫ବର୍ଷ ମଧ୍ୟରେ ହୋଇଥିବ ।<br>୪. ଶିକ୍ଷାଗତ ଯୋଗ୍ୟତା- ଅଷ୍ଟମ ଶ୍ରେଣୀ ପାସ୍ ବା ତଦୁର୍ଦ୍ଧ ।<br>୫. ଉଚ୍ଚତା- ପାଞ୍ଚଫୁଟ ବା ତା'ଠାରୁ ଅଧିକ । |
| ଅର୍ଥ ବ୍ୟବସ୍ଥା ଓ ପ୍ରଦାନ | ● ଏହି ଯୋଜନା ପାଇଁ ଅର୍ଥ ବ୍ୟବସ୍ଥା ସରକାର କରିବେ । ପ୍ରତ୍ୟେକ ହିତାଧିକାରୀ ପିଛା ଚାରି ହଜାର ଆଠଶହ ପଚାଶ (ଟ.୪୮୫୦/-) ଟଙ୍କା କରି ଧନରାଶି ସରକାର ଡ୍ରାଇଭିଂ ଟ୍ରେନିଂ ପ୍ରଦାନକାରୀ ସଂସ୍ଥାକୁ ପ୍ରଦାନ କରିବେ । ଏହି ଅର୍ଥ ମଧ୍ୟରେ ଲାଇସେନ୍ସ ପାଇବାର ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ।<br>● ଅଣ ଆବାସିକ ଡ୍ରାଇଭିଂ ତାଲିମ୍ ପାଇଁ ସରକାର ନିମ୍ନଲିଖିତ ନିୟମାନୁସାରେ ପ୍ରଦାନ କରିବେ ।<br>୧. ଟ୍ରେନିଂ ଖର୍ଚ୍ଚ ଏବଂ ଲାଇସେନ୍ସ ବାହାର କରିବା ଖର୍ଚ୍ଚ ମିଶାଇ ହିତାଧିକାରୀ ପିଛା ଟ.୪୮୫୦/-କରି ସରକାର ଟ୍ରେନିଂ ପ୍ରଦାନକାରୀ ସଂସ୍ଥାକୁ ଦେବେ । ଏହି ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରାଯିବ । ଏହି ତାଲିମ୍‌ର ଅବଧି ୪୫ ଦିନ ରହିବ ।<br>୨. ହିତାଧିକାରୀ Learners License ପାଇବା ପରେ ଟ୍ରେନିଂ ପ୍ରଦାନକାରୀ ସଂସ୍ଥାକୁ ୫୦% ଭାଗ ଅର୍ଥ ମିଳିବ ।<br>୩. ବଳକା ୫୦ଭାଗ ଅର୍ଥ ଡ୍ରାଇଭିଂ ଲାଇସେନ୍ସ ଏବଂ ଟ୍ରେନିଂ ସମାପ୍ତି ସାର୍ଟିଫିକେଟ ପାଇବା ପରେ ସଂସ୍ଥାକୁ ମିଳିବ ।<br>୪. ଯଦି କେହି ହିତାଧିକାରୀ ଏକାଥରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରନ୍ତି ତେବେ ସେ କ୍ଷେତ୍ରରେ ଟ୍ରେନିଂ ପ୍ରଦାନକାରୀ ସଂସ୍ଥା ତାଙ୍କୁ ପୁନର୍ବାର ଟ୍ରେନିଂ ଦେଇ ଡ୍ରାଇଭିଂ ଲାଇସେନ୍ସ ହାସଲ କରାଇବା ଦାୟୀତ୍ୱ ନେବେ । |
| ହିତାଧିକାରୀ ଚୟନ ପ୍ରକ୍ରିୟା | ● ହିତାଧିକାରୀ ଏକ ଚୟନ ପ୍ରକ୍ରିୟା ପାଇଁ ଏକ ଜିଲ୍ଲା ସ୍ତରୀୟ କମିଟି ଗଠନ କରାଯିବ ଏବଂ ଏଥିରେ ନିମ୍ନ ଲିଖିତ ସଦସ୍ୟ ରହିବେ ।<br>୧. ଜିଲ୍ଲାପାଳ କିମ୍ବା ତାଙ୍କ ପ୍ରତିନିଧି- ସଭାପତି<br>୨. ଆଞ୍ଚଳିକ ପରିବହନ ଅଧିକାରୀ (RTO) - ଆବାହକ ସଭ୍ୟ<br>୩. ଜିଲ୍ଲା କର୍ମନିଯୁକ୍ତି ଅଧିକାରୀ- ସଭ୍ୟ<br>୪. H & UD,OSCSTFDC, ରାଜ୍ୟ ନିଯୁକ୍ତି ମିଶନ, E & T ଏବଂ ET ଇତ୍ୟାଦି ଅର୍ଥ ଯୋଗାଣକାରୀ ସଂସ୍ଥାମାନଙ୍କର ପ୍ରତିନିଧି ।<br>୫. ଆୟୋଜକ ବିଭାଗ ହିତାଧିକାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରିବେ ଏବଂ ଜିଲ୍ଲାସ୍ତରୀୟ କମିଟି ଆଗରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ଦରଖାସ୍ତ ଗୁଡିକ ଉପସ୍ଥାପିତ କରିବେ । କମିଟି ଦରଖାସ୍ତ ଗୁଡିକୁ ଯାଞ୍ଚକରି ଚୟନ ପ୍ରକ୍ରିୟା ଶେଷ କରିବେ ଏବଂ କ୍ଷମତା ପ୍ରାପ୍ତ ଡ୍ରାଇଭିଂ ଅନୁଷ୍ଠାନକୁ ଟ୍ରେନିଂ ନିମନ୍ତେ ପ୍ରାର୍ଥୀ ଆବଣ୍ଟନ କରିବେ । |
| ତାଲିମ୍‌ର ଅବଧି | ● ଥିଓରୀ ଏବଂ ପ୍ରାକ୍ଟିକାଲ (Thory & Practical) କ୍ଲାସ୍ ମିଶାଇ ସମୁଦାୟ ୪୫ ଦିନର ତାଲିମ୍ ଅବଧି ରହିବ ଏଥିରେ ଛୁଟିଦିନ ଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ ଥିଓରୀ କ୍ଲାସ୍ ଅନ୍ୟୁନ ପାଞ୍ଚଦିନ ରହିବ । |
| ଆବଶ୍ୟକୀୟ ନିୟମ | ● ଯୋଗ୍ୟ ପ୍ରାର୍ଥୀମାନେ ଜିଲ୍ଲା କର୍ମ ନିୟୋଜନ ସଂସ୍ଥା (Employment Exchange)_ରେ ନିଜ ନାମ ପଞ୍ଜିକରଣ କରାଇ ଯାହା ତାଙ୍କୁ ଭବିଷ୍ୟତରେ ଯୋଗାଯୋଗ ପାଇଁ ସହାୟକ ହେବ । ରାଜ୍ୟ ପରିବହନ ବିଭାଗ ଦ୍ୱାରା ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଥିବା ବିଜ୍ଞାପନ ଦେଖି ପ୍ରାର୍ଥୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ଯଥା- ବିପିଏଲ୍ କାର୍ଡ/ BPL Card,ଏସ୍.ସି (SC)/ଏସ୍.ଟି(ST) ପ୍ରମାଣପତ୍ର ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସହ ଯଥା ସମୟରେ ଦରଖାସ୍ତ କରିବେ । |
| ଏହାଦ୍ୱାରା କଣ ଲାଭ ହୋଇପାରିବ ? | ● ବିନା ଖର୍ଚ୍ଚରେ ହାଲୁକା ମଟରଯାନ ଚାଳନା ପ୍ରଶିକ୍ଷଣ ସହିତ ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତ । |
| ସୂଚନା ଉତ୍ସ | http://www.odisha/.gov.in/commerce-transport/<br>The Odisha Gazette[No.4267-LC-TR-55/2014(Pt)/T], commerce & transport & transport (Transport), department, Resolution (The 22nd July, 2014. |

| ଯୋଜନାର ନାମ | ମଧୁବାବୁ ପେନ୍‌ସନ୍ ଯୋଜନା (MBPY) |
|---|---|
| ପ୍ରାୟୋଜକ | ● ମଧୁବାବୁ ପେନ୍‌ସନ୍ ଯୋଜନା ୨୦୦୮ ମସିହା ଜାନୁୟାରୀ ମାସରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଦ୍ୱାରା ୧ ଜୁଲାଇ ୨୦୧୫ ଠାରୁ ପରିଚ୍ଳିତ ହେଉଛି । |
| ଯୋଜନା ସଂପର୍କରେ | ● ଜାନୁୟାରୀ ୨୦୦୮ ମସିହାରେ ଓଡ଼ିଶା ସରକାର ଦୁଇଟି ପୁରୁଣା ଯୋଜନା ଯଥା ରିଭାଇଜଡ୍ ଓଲ୍ଡ ଏଜ୍ ପେନ୍‌ସନ୍ ସ୍କିମ୍ (Revised Old age Pension Scheme) Rule-1985) ରୁଲ୍ ୧୯୮୯ ଏବଂ ଡିଜାବିଲିଟି ପେନ୍‌ସନ୍ ରୁଲ୍ ୧୯୮୫ (Disability Pension Rules 1985) ସମ୍ମିଶ୍ରଣରେ ମଧୁବାବୁ ପେନ୍‌ସନ୍ ଯୋଜନା ଆଇନ ୨୦୦୮ ରେ ପ୍ରଚଳନ କରିଥିଲେ । |
| କେଉଁମାନେ ଯୋଗ୍ୟ ହୋଇ ପାରିବେ ? | ● ମଧୁବାବୁ ପେନ୍‌ସନ୍ ଯୋଜନାରେ ନିମ୍ନଲିଖିତ ବର୍ଗର ଲୋକମାନେ ସାମିଲ ହୋଇପାରିବେ ।<br>୧. ଯଦି ସେ ୬୦ ବର୍ଷ ବା ତା ଠାରୁ ଅଧିକ ବର୍ଷର ହୋଇଥିବେ ।<br>୨. ବିଧବା ମହିଳା (ଯେ କୌଣସି ବୟସର) ।<br>୩. ବିକଳାଙ୍ଗ କୁଷ୍ଠରୋଗୀ (ଯେ କୌଣସି ବୟସର) ।<br>୪. ପାଞ୍ଚବର୍ଷ ବୟସ ବା ତହିଁରୁ ଅଧିକ ବୟସର ଅନ୍ଧ, ଶାରିରୀକ ଅକ୍ଷମ, ମାନସିକ ବିକାରଗ୍ରସ୍ତ ,ସେରିବ୍ରାଲ ପଲ୍‌ସି ବ୍ୟକ୍ତି ଯିଏକି ନିଜର ଦୈନନ୍ଦିନ କାମ କରିବାକୁ ଅକ୍ଷମ ।<br>୫. ଏଡ୍‌ସ/ଇଓଉଝ ରୋଗୀଙ୍କ ବିଧବା ହୋଇଥାଆନ୍ତି (ସେ ରୁଲ୍ 6(B) ଅନୁଯାୟୀ ଓ ଯେ କୌଣସି ବୟସର ଏବଂ ଆୟ ବର୍ଗର ହୋଇ ପାରନ୍ତି ।<br>୬. ଯଦି ଜଣେ ଏଡ୍‌ସ (AIDS) ରୋଗୀ/ PLHIV ଭାବେ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (SACS) ଦ୍ୱାରା କିମ୍ବା DAPCU ଦ୍ୱାରା ଚିହ୍ନଟ କରା ହୋଇଥିବେ ଏହାଙ୍କ ପାଇଁ Rule 6(b) ଲାଗୁ ହେବ ନାହିଁ ।<br>୭. ଯାହାର ବାର୍ଷିକ ଆୟମାତ୍ର ୨୪ ହଜାର ଟଙ୍କା ବୋଲି ତହସିଲଦାର ପ୍ରମାଣପତ୍ର ଦେଇଥିବେ ।<br>୮. ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂ<br>୯. ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଠାରୁ ଅନ୍ୟ କୌଣସି ଭତ୍ତା ବା ସାହାଯ୍ୟ ପାଉ ନଥିବେ । ତାଛଡା ରାଜ୍ୟ କିମ୍ବା କେନ୍ଦ୍ର ସାହାଯ୍ୟ ପ୍ରାପ୍ତ କୌଣସି ଅନୁଷ୍ଠାନରୁ ମଧ କୌଣସି ଭତ୍ତା ବା ସାହାଯ୍ୟ ପାଉ ନଥିବେ । |
| ମଧୁବାବୁ ପେନ୍‌ସନ୍ ଯୋଜନାର ସୁବିଧା | ● ୬୦ ବର୍ଷରୁ ୭୯ ବର୍ଷ ବୟସର ହିତାଧିକାରୀମାନେ ମାସିକ ତିନିଶହ(୩୦୦) ଟଙ୍କା ଏବଂ<br>● ଅଶୀ ବର୍ଷ ବା ତହିଁରୁ ଅଧିକ ବର୍ଷର ହିତାଧିକାରୀ ମାସିକ ପାଞ୍ଚଶହ ଟଙ୍କା ହିସାବରେ ମାସିକ ଭତ୍ତା ପାଇବେ । |
| ପଞ୍ଜିକୃତ ସଂସ୍ଥା | ● ବ୍ୟାଙ୍କମାନେ ନିଜେ କିମ୍ବା ଅଣବ୍ୟାଙ୍କିଙ୍ଗ ସଂସ୍ଥା (ମାଇକ୍ରୋ ଇନ୍‌ସ୍ୟୁରାନ୍‌ସ ଏଜେଣ୍ଟ ମାନେ) ସ୍ୱଳ୍ପ ବୀମାକାରୀ ଏଜେଣ୍ଟମାନଙ୍କ ମିଚ୍ୟୁଆଲ ଫଣ୍ଡ ଏଜେଣ୍ଟ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିପାରିବେ । |
| ଦରଖାସ୍ତ କରିବା ପାଇଁ ଆବଶ୍ୟକୀୟ ପଦ୍ଧତି | ● ଦରଖାସ୍ତକାରୀ ନିଜେ ଗ୍ରାମ ପଞ୍ଚାୟତ / ବ୍ଲକ୍ /ଏନ୍.ଏ.ସି/ ମ୍ୟୁନିସିପାଲିଟି ଅଫିସରେ ନିମ୍ନଲିଖିତ କାଗଜପତ୍ର ସହ ଦରଖାସ୍ତ କରିବେ ।<br>କ) MBPY-I ଦରଖାସ୍ତ ଫର୍ମ କିମ୍ବା ସାଦା କାଗଜରେ ଦରଖାସ୍ତ<br>ଖ) ଭୋଟ ପରିଚୟ ପତ୍ରର ନକଲ<br>ଗ) ବୟସ ପ୍ରମାଣପତ୍ରର ନକଲ<br>ଘ) ବିଧବା ପ୍ରମାଣପତ୍ର / ଆଫିଡେବିଟ୍<br>ଙ) ଶାରିରୀକ ଅକ୍ଷମତା ପାଇଁ ଡାକ୍ତରୀ ପ୍ରମାଣପତ୍ର<br>ଚ) HIV ପଜିଟିଭ୍ ଥିବାର ପ୍ରମାଣପତ୍ର<br>ଛ) ଆୟକର ପ୍ରମାଣପତ୍ର<br>ଜ) ପାସ୍‌ପୋର୍ଟ ସାଇଜ୍‌ର ଫଟୋଗ୍ରାଫ୍ |
| ଅତିରିକ୍ତ ସୂଚନା | ● AIDS ରୋଗୀ କିମ୍ବା PLHIV ଦରଖାସ୍ତକାରୀମାନେ ସେମାନଙ୍କର ଦରଖାସ୍ତ ICTC ଜରିଆରେ ପଠାଇବେ ଯାହାକି DAPCU ଏବଂ SACS ଦ୍ୱାରା ଅନୁମୋଦିତ ହୋଇ ସାମାଜିକ ସୁରକ୍ଷା ଏବଂ ଅକ୍ଷମ ବ୍ୟକ୍ତିମାନଙ୍କ ବିଭାଗ ଦ୍ୱାରା ମଞ୍ଜୁର ହେବ ।<br>● ପ୍ରତିମାସ ୧୫ ତାରିଖ ଜନସେବା ଦିବସରେ ଶହେ ଟଙ୍କିଆ ନୋଟ୍ ଆକାରରେ ହିତାଧିକାରୀ ମାନଙ୍କୁ BDO କିମ୍ବା ଗ୍ରାମାଞ୍ଚଳରେ BDO ଙ୍କ ଅଧିନସ୍ଥ କର୍ମଚ୍ରୀଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ଅଫିସର ବଣ୍ଟନ କରାଯିବ । ସହରାଞ୍ଚଳରେ ମ୍ୟୁନିସିପାଲଟି ଅଫିସରେ DSWO କିମ୍ବା ତାଙ୍କ ଅଧିନସ୍ଥ କର୍ମଚ୍ରୀଙ୍କ ଦ୍ୱାରା ପେନ୍‌ସନ୍ ବଣ୍ଟନ କରାଯିବ । |
| ସୂଚନା ଉତ୍ସ | http://www.wcdodisha.gov.in |

# ମଧୁବାବୁ ପେନ୍‌ସନ୍ ପାଇଁ ଦରଖାସ୍ତ ଫର୍ମ

**(Form MBPY - I)**

ଆଟେଷ୍ଟେଡ୍ ପାସ୍‌ପୋର୍ଟ ସାଇଜ ଫଟୋ

୧. ଦରଖାସ୍ତ କରାଯାଇଥିବା ପେନ୍‌ସନ୍‌ର ପ୍ରକାର :-ବାର୍ଦ୍ଧକ୍ୟ ଭତ୍ତା/ବିଧବା ଭତ୍ତା/ବିକଳାଙ୍ଗ ଭତ୍ତା

୨. ଗ୍ରାମ ପଞ୍ଚାୟତ / ମୁନିସିପାଲିଟି / ବିଜ୍ଞାପିତ ଅଞ୍ଚଳ ପରିଷଦ :-

୩. ଦରଖାସ୍ତକାରୀଙ୍କର ନାମ :-

୪. ତଫସିଲଭୁକ୍ତ ଜାତି / ଜନଜାତି / ସାଧାରଣ ବର୍ଗ / ସଂଖ୍ୟାନ୍ୟୁନ ବର୍ଗ

୫. ପିତା / ସ୍ୱାମୀଙ୍କର ନାମ :-

୬. ଠିକଣା :-

୭. ଭୋଟର ପରିଚୟ ପତ୍ର ନଂ :-

(ଆଟେଷ୍ଟେଡ୍ ନକଲ ସଂଲଗ୍ନ ହେବ)

୮. ଜନ୍ମ ତାରିଖ :-

୯. ବିଧବା ଭତ୍ତା ପାଇଁ ଆବେଦନ କ୍ଷେତ୍ରରେ ସ୍ୱାମୀଙ୍କ ମୃତ୍ୟୁ ତାରିଖ :-

୧୦. ବିକଳାଙ୍ଗ ଭତ୍ତା ପାଇଁ ଆବେଦନ କ୍ଷେତ୍ରରେ କି ପ୍ରକାର ବିକଳାଙ୍ଗତା :- ସମ୍ପୂର୍ଣ୍ଣ ଅନ୍ଧ/ଶାରିରୀକ ବିକଳାଙ୍ଗ/ମାନସିକ ଅନଗ୍ରସର/ସେରିବ୍ରାଲ ପାଲସି / ବିକଳାଙ୍ଗ କୁଷ୍ଠରୋଗୀ

୧୧. ଏଡ୍‌ସ ରୋଗଗ୍ରସ୍ତ ବ୍ୟକ୍ତିଙ୍କର ଆବେଦନ କ୍ଷେତ୍ରରେ **HIV +** ଚିହ୍ନଟ ତାରିଖ :-

୧୨. ମୁଁ ଶ୍ରୀ / ଶ୍ରୀମତୀ .............................................................................. ସତ୍ୟନିଷ୍ଠ ଭାବେ ଘୋଷଣା କରୁଛି ଯେ -

(କ) ମୋର ଭରଣ ପୋଷଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆୟର ପନ୍ଥା ନାହିଁ ଏବଂ ମୋର ପରିବାରର ସର୍ବମୋଟ ବାର୍ଷିକ ଆୟ ଟ.୧୨,୦୦୦/- ରୁ କମ୍ ଅଟେ ।

(ଖ) ମୁଁ କୌଣସି ଫୌଜଦାରୀ ଅପରାଧରେ ଦଣ୍ଡିତ ହୋଇନାହିଁ ।

(ଗ) ମୁଁ ଓଡ଼ିଶାର ଜଣେ ଅଧିବାସୀ ଏବଂ ଦୀର୍ଘ ୨୦ ବର୍ଷ ଧରି ଓଡ଼ିଶାରେ ବାସ କରିଆସୁଅଛି ।

(ଘ) ମୁଁ ଘୋଷଣା କରୁଅଛି ଯେ ଏହି ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ସମସ୍ତ ତଥ୍ୟ ସତ୍ୟ ଅଟେ । ଉପରୋକ୍ତ କୌଣସି ତଥ୍ୟ କୌଣସି ସମୟରେ ଅସତ୍ୟ ପ୍ରମାଣିତ ହେଲେ ମୋର ପେନ୍‌ସନ୍ ରଦ୍ଦ କରାଯିବା ସହିତ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ସ୍ଥାନ :- ଆବେଦନକାରୀଙ୍କ ସ୍ୱାକ୍ଷର / ଟିପଚିହ୍ନ

ତାରିଖ :-

**ସଂଲଗ୍ନକ ଗୁଡ଼ିକର ତାଲିକା :-**

୧. ତିନି ଗୋଟି ଆଟେଷ୍ଟେଡ୍ ପାସ୍‌ପୋର୍ଟ ସାଇଜଫଟୋ ।

୨. ଭୋଟର ପରିଚୟ ପତ୍ରର ଆଟେଷ୍ଟେଡ୍ ନକଲ ।

୩. ବୟସ ପ୍ରମାଣ ପତ୍ର ।

୪. ଜିଲ୍ଲା ମେଡ଼ିକାଲ ବୋର୍ଡ ପ୍ରଦତ୍ତ ବିକଳାଙ୍ଗ ପ୍ରମାଣ ପତ୍ର ।

୫. କୃଷ୍ଠ ରୋଗ ସମ୍ପର୍କୀୟ ପ୍ରମାଣ ପତ୍ର ।

୬. ଏଡ୍‌ସ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ଭତ୍ତା କ୍ଷେତ୍ରରେ HIV + ଚିହ୍ନଟ ସମ୍ବନ୍ଧୀୟ ପ୍ରମାଣ ପତ୍ର :-

୧୩. ପ୍ରମାଣ ପତ୍ର :-

(ଏହି ପ୍ରମାଣ ପତ୍ର କୌଣସି ପାର୍ଲିଆମେଣ୍ଟ ସଦସ୍ୟ, ବିଧାନସଭା ସଦସ୍ୟ, ମୁନିସପାଲିଟି କମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ପଞ୍ଚାୟତ ସମିତିର ଚେୟାରମ୍ୟାନ ଅଥବା ଜଣେ ସରକାରୀ ଗେଜେଟେଡ୍ ଅଫିସରଙ୍କ ଦସ୍ତଖତ ସହ ଦାଖଲ କରାଯାଇପାରେ । )

ମୁଁ...............................................ଶ୍ରୀ/ସ୍ୱର୍ଗତ ............................................./ଙ୍କ

ପୁଅ/ସ୍ତ୍ରୀ ଆବେଦନକାରୀ ଶ୍ରୀ/ଶ୍ରୀମତୀ ..................................................................ଙ୍କୁ

ଭଲଭାବେ ବିଗତ ..............................................ବର୍ଷ ଧରି ଜାଣେ । ମୁଁ ଯେତେ ଦୂର ଜାଣେ, ଆବେଦନକାରୀ ଦେଇଥିବା ତଥ୍ୟ ନିର୍ଭୁଲ ଅଟେ ।

ସେ ତାଙ୍କ ଶରୀରରେ ଥିବା ନିମ୍ନ ପ୍ରଦତ୍ତ ଚିହ୍ନ ଦ୍ୱାରା ଚିହ୍ନିତ ।

(୧) ..................................................

(୨) ..................................................

(୩) ..................................................

ଆବେଦନକାରୀଙ୍କ ଟିପଚିହ୍ନ । 

ପ୍ରମାଣପତ୍ର ପ୍ରଦାନକାରୀଙ୍କ ସ୍ୱାକ୍ଷର ।

ତାରିଖ

ପୁରା ଠିକଣା

ଦ୍ରଷ୍ଟବ୍ୟ - ପୂର୍ଣ୍ଣ ବିବରଣୀ ସହ ଉକ୍ତ ଆବେଦନ ପତ୍ର ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ନିକଟକୁ ପଠାଯିବା ଆବଶ୍ୟକ । ସଂପ୍ରସାରଣ ଅଧିକାରୀ / ନିର୍ବାହୀ ଅଧିକାରୀଙ୍କ ରିପୋର୍ଟ -

ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଗୁଡ଼ିକର ଆବଶ୍ୟକୀୟ ଅନୁସନ୍ଧାନ କରିବାପରେ ମୁଁ ସତ୍ୟନିଷ୍ଠ ଭାବେ ଏଠାରେ ଘୋଷଣା କରୁଛି ଯେ -

(୧) ମୋର ଅନୁସନ୍ଧାନ ଅନୁଯାୟୀ ଆବେଦନକାରୀଙ୍କ ବୟସ ଠିକ୍ ନୁହେଁ / ଠିକ୍ ଅଟେ, ଆବେଦନକାରୀଙ୍କ ନାମ, ଭୋଟର ତାଲିକା, ଗ୍ରାମ ପଞ୍ଚାୟତ / ମ୍ୟୁନିସିପାଲିଟି / ବିଜ୍ଞାପିତ ଅଞ୍ଚଳ ପରିଷଦର ତାଲିକାରେ ରହିଅଛି । ତଦନୁଯାୟୀ ଆବେଦନକାରୀଙ୍କ ବର୍ତ୍ତମାନ ବୟସ ..................... ବର୍ଷ ଅଟେ ।

(୨) ଦରଖାସ୍ତକାରୀଙ୍କ ବୟସ ......................... ବର୍ଷରୁ କମ୍ ନୁହେଁ ।

(୩) ଆବେଦନକାରୀ ତାଙ୍କ ଆବେଦନ ପତ୍ରରେ ଯେଉଁ ନାମ ଉଲ୍ଲେଖ କରିଛନ୍ତି ତାହା ଭୋଟର ତାଲିକା ଗୁଡ଼ିକରେ ଉଲ୍ଲେଖ କରାଯାଇଥିବା ନାମ ସହିତ ମେଳ ହେଉନାହିଁ / ମେଳ ହେଉଅଛି । ଉପରୋକ୍ତ କୌଣସି ନଥିପତ୍ରରେ ତାଙ୍କର ନାମ ମିଳୁନାହିଁ / ମିଳୁଅଛି ।

(୪) ଅନୁସନ୍ଧାନରୁ ଜଣାପଡୁଛି ଯେ ଆବେଦନକାରୀଙ୍କର କେତେକ ସମ୍ପର୍କୀୟ ଅଛନ୍ତି / କୌଣସି ସମ୍ପର୍କୀୟ ନାହାନ୍ତି । ଆବେଦନ ପତ୍ରରେ ଉଲ୍ଲେଖ ଥିବା ଆବେଦନକାରୀଙ୍କ ସମ୍ପର୍କୀୟମାନେ ଆବେଦନକାରୀଙ୍କ ସହ ବାସ କରୁଛନ୍ତି/ପୃଥକଭାବେ ରହିଛନ୍ତି ।

(୫) ଆବେଦନକାରୀଙ୍କ ବୟସ ଯାଞ୍ଚ କରାଯାଇଛି । ଆବେଦନ ପତ୍ରରେ ଦର୍ଶାଯାଇଥିବା ମତେ ଦରଖାସ୍ତକାରୀଙ୍କର ବୟସ ଭୁଲ/ନିର୍ଭୁଲ ଅଟେ ।

(୬) ଆବେଦନକାରୀଙ୍କ ଭରଣପୋଷଣ ନିମନ୍ତେ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଆୟର ପନ୍ଥା ନାହିଁ କିମ୍ବା ତାଙ୍କୁ ସାହାଯ୍ୟ କରିବା ନିମନ୍ତେ କୌଣସି ବ୍ୟକ୍ତି ନାହାନ୍ତି ।

(୭) ଆବେଦନ ପତ୍ରରେ ଦର୍ଶାଯାଇଥିବା ଅନ୍ୟାନ୍ୟ ବିବରଣୀ ଠିକ୍ / ନିମ୍ନୋକ୍ତ ପ୍ରକାରେ ଭୁଲ ଅଟେ ।

ନିର୍ବାହୀ ଅଧିକାରୀ
ଏନ୍.ଏ.ସି / ମ୍ୟୁନିସିପାଲିଟି
ମୋହର

ସଂପ୍ରସାରଣ ଅଧିକାରୀ
ବ୍ଲକ
ମୋହର

(ପ୍ରଯୁଜ୍ୟ ହେଉନଥିବା ଅଂଶ ବାଦ ଦିଅନ୍ତୁ)

ଉପରୋକ୍ତ ବିବରଣୀ ସତ୍ୟ ଅଟେ/ସତ୍ୟ ନୁହେଁ ଅତଏବ ସୁପାରିଶ କରାଗଲା/କରାଗଲା ନାହିଁ ।

ବ୍ଲକ ଉନ୍ନୟନ ଅଧିକାରୀ

ମୁଁ ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ସମସ୍ତ ବିବରଣୀ ଯାଞ୍ଚ କରିଛି ଏବଂ ମୋ ମତରେ ଆବେଦନକାରୀ ବାର୍ଦ୍ଧକ୍ୟଭତ୍ତା ପାଇବା ନିମନ୍ତେ ଉପଯୁକ୍ତ/ଅନୁପଯୁକ୍ତ ଅଟନ୍ତି । ଆବେଦନପତ୍ର ନାମଞ୍ଜୁର କାରଣ (ଏହି କାରଣ ଗୁଡ଼ିକ ବ୍ଲକ ଅଫିସ୍‌ରେ ରହୁଥିବା ରେଜିଷ୍ଟର **MBPY-II** ଏବଂ ଉପଜିଲ୍ଲାପାଳଙ୍କ ଅଫିସରେ ରହୁଥିବା ରେଜିଷ୍ଟର **MBPY-III** ର ଉପଯୁକ୍ତ ସ୍ଥାନରେ ମଧ୍ୟ ପଞ୍ଜିକୃତ ହେବ ) :-

(୧)

(୨)

(୩)

ତାରିଖ ମୋହର ଉପ ଜିଲ୍ଲାପାଳ

---

# ଆବେଦନପତ୍ର ପ୍ରାପ୍ତି ସ୍ୱୀକାର

ଶ୍ରୀ/ଶ୍ରୀମତୀ ..............................................................................................ସା ........................................................................ ଗ୍ରା.ପ. / ମୁନିସିପାଲିଟି / ବିଜ୍ଞାପିତ ଅଞ୍ଚଳ ପରିଷଦ.......................................................................................................... ବ୍ଲକ ........................................................................ଜିଲ୍ଲା ..................................................ଙ୍କ ବାର୍ଦ୍ଧକ୍ୟ ଭତ୍ତା/ବିଧବା ଭତ୍ତା/ ବିକଳାଙ୍ଗ ଭତ୍ତା ଆବେଦନପତ୍ର ଅଦ୍ୟ ତା ..................ରିଖରେ ପ୍ରାପ୍ତି ସ୍ୱୀକାର କରାଗଲା ।

ନିର୍ବାହୀ ଅଧିକାରୀ
ମୋହର

ବ୍ଲକ ଉନ୍ନୟନ ଅଧିକାରୀ
ମୋହର

<table>
<tr><td>ଯୋଜନା ନାମ</td><td>ମମତା</td></tr>
<tr><td>ପ୍ରାୟୋଜକ</td><td>● ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର</td></tr>
<tr><td>ଯୋଜନା ସଂପର୍କରେ</td><td>● ମମତା ଗୋଟିଏ ମାତୃ ମଙ୍ଗଳକାରୀ ଯୋଜନା ଯାହାକି ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୧ ମସିହା ସେପ୍ଟେମ୍ବର ୫ ତାରିଖରେ ଶୁଭାରମ୍ଭ କରାଯାଇଥିଲା । ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଏବଂ ଶିଶୁ ଓ ଗର୍ଭବତୀ/ ସ୍ତନ୍ୟପାନ କରାଉଥିବା ମାଆଙ୍କର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ଉର୍ଦ୍ଦିଷ୍ଟ ।<br>● ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମାଆ ମାନଙ୍କୁ ସୁଷମ ଆହାର ଓ ସ୍ୱାସ୍ଥ୍ୟଗତ ସୁରକ୍ଷା ପ୍ରଦାନ କରିବା ପାଇଁ ଏହି ଯୋଜନାରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଏ ।<br>● ଏହି ଯୋଜନା ଓଡ଼ିଶାର ସୁନ୍ଦରଗଡ  ଓ ବରଗଡ଼ ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଲାଗୁ କରାଯାଇଅଛି ।</td></tr>
<tr><td>ଯୋଜନାର ଉଦ୍ଦେଶ୍ୟ</td><td>ମମତା ଯୋଜନାର ଉଦ୍ଦେଶ୍ୟ ଗୁଡିକ ହେଲା :<br>● ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ଗର୍ଭ ଅବସ୍ଥାରେ ଏବଂ ପ୍ରସବ ପରେ ଯଥେଷ୍ଟ ବିଶ୍ରାମ ଦେବାପାଇଁ ଏହି ଯୋଜନା ଦ୍ୱାରା ଆଂଶିକ ମଜୁରୀ ଭରଣା କରାଯାଇଥାଏ ।<br>● ପ୍ରସବ ପୂର୍ବରୁ ଏବଂ ପ୍ରସବପରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବାର ସୁଯୋଗ ନେବାପାଇଁ, ଟୀକାକରଣ ପାଇଁ ଏହି ଯୋଜନା ସହାୟକ ହୋଇଥାଏ ।<br>● ମାତୃ ସ୍ତନ୍ୟପ୍ରଦାନ ତଥା ଅନ୍ୟାନ୍ୟ ଶିଶୁ ଆହାର ପ୍ରଦାନ ପାଇଁ ଏହି ଯୋଜନାରେ ମାଆ ମାନଙ୍କୁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ଅଟେ ।</td></tr>
<tr><td>କେଉଁମାନେ ଯୋଗ୍ୟ ହୋଇ ପାରିବେ ?</td><td>● ୧୯ବର୍ଷ ବା ତା'ଠାରୁ ଅଧିକ ବର୍ଷର ଗର୍ଭବତୀ ଏବଂ ପ୍ରସୂତି ମହିଳା ପ୍ରଥମ ଦୁଇଟି ଜୀବିତ ପ୍ରସବ ପାଇଁ ଏହି ଯୋଜନାର ସୁଫଳ ପାଇବାକୁ ଯୋଗ୍ୟ ।<br>● ଯେଉଁ ମହିଳାମାନେ କର୍ମଜୀବି ଏବଂ Matenity benefit ନିଅନ୍ତି କିମ୍ବା ଯେଉଁମାନେ ରାଜ୍ୟ ବା କେନ୍ଦ୍ର ସରକାର କର୍ମଚାରୀଙ୍କ ପତ୍ନୀ ସେମାନେ ଏହି ଯୋଜନାର ହିତାଧିକାରୀ ହୋଇପାରିବେ ନାହିଁ । PSU କର୍ମଚାରୀ ବା କର୍ମଚାରୀଙ୍କ ପତ୍ନୀ ମଧ ଏ ଯୋଜନାରେ ସାମିଲ ହୋଇପାରିବେ ନାହିଁ ।</td></tr>
<tr><td>ଯୋଜନାର ସୁବିଧା</td><td>● ଏହି ଯୋଜନାର ହିତାଧିକାରୀ ଚାରିଗୋଟି କିସ୍ତିରେ ସମୁଦାୟ ପାଞ୍ଚ ହଜାର / ୫୦୦୦ଟଙ୍କା ପ୍ରୋତ୍ସାହନ ରାଶି ପାଇଥାନ୍ତି । ତେବେ ଏଥିପାଇଁ ନିମ୍ନ ପ୍ରଦତ୍ତ ସର୍ତ୍ତାବଳୀ ଲାଗୁ ହୋଇଥାଏ ।
<table>
<tr><td colspan="4">କିସ୍ତି ପ୍ରଦାନର ବ୍ୟବସ୍ଥା :</td></tr>
<tr><td>ପ୍ରଥମ କିସ୍ତି (୨ୟ ମାସ ଗର୍ଭବସ୍ଥା ପରେ)-୧୫୦୦ଟଙ୍କା</td><td>ଦ୍ୱିତୀୟ କିସ୍ତି (ଶିଶୁ ଜନ୍ମର ୩ୟ ମାସପରେ)- ୧୫୦୦ଟଙ୍କା</td><td>ତୃତୀୟ କିସ୍ତି (ଶିଶୁ ଜନ୍ମର ଛଅ ମାସ ପରେ)-୧୦୦୦ଟଙ୍କା</td><td>୪ର୍ଥ କିସ୍ତି (ଶିଶୁ ଜନ୍ମର ନଅ ମାସପରେ) ୧୦୦୦ଟଙ୍କା</td></tr>
</table>
● ଏହି ଅର୍ଥ କେବଳ e-Transfer ଦ୍ୱାରା CDPO ଙ୍କ ଠାରୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଇଥାଏ ।</td></tr>
<tr><td>ସର୍ତ୍ତାବଳୀ ଏବଂ ନିରୀକ୍ଷଣ ପଦ୍ଧତି</td><td>● ଗର୍ଭ ସଂଚାର ଠାରୁ ଶିଶୁକୁ ନଅମାସ ହେବାଯାଏ ବିଭିନ୍ନ ଅବସ୍ଥାରେ ସର୍ତ୍ତାବଳୀ  ଅନୁସାରେ ଚାରିଗୋଟି କିସ୍ତିରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।<br>● ANM ଏବଂ AWW ମାନେ ହିଁ ସର୍ତ୍ତାବଳୀ ପୂରଣ ହୋଇଛି କି ନାହିଁ ଦେଖିବା ଦାୟୀତ୍ୱରେ ରହିବେ ଏବଂ ସେମାନେ MCP କାର୍ଡ ଏବଂ Scheme  ରେଜିଷ୍ଟରକୁ ନିରୀକ୍ଷଣ ପାଇଁ ବ୍ୟବହାର କରିବେ ।</td></tr>
<tr><td>ଆବଶ୍ୟକୀୟ କାଗଜପତ୍ର</td><td>● ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭଧାରଣର ରେଜିଷ୍ଟ୍ରେସନ୍ କାଗଜ<br>● ମମତା କାର୍ଡ ଏବଂ<br>● MCP  କାର୍ଡ</td></tr>
<tr><td>ସୂଚନାର ଉତ୍ସ</td><td>http://www.wcdodisha.gov.in<br>http://wcdodisha.gov.in/sites/default/files/publication/ mamata %20 scheme%20 final% 20 low% 20 res-0.pdf.</td></tr>
</table>

| ଯୋଜନାର ନାମ | ଓଡ଼ିଶା ରାଜ୍ୟ ଚିକିତ୍ସା ଫଣ୍ଡ (OSTF) |
|---|---|
| ପ୍ରାୟୋଜକ | ● ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର |
| ଯୋଜନା ସମ୍ପର୍କରେ | ● ଓଡ଼ିଶା ରାଜ୍ୟ ଚିକିତ୍ସା ଫଣ୍ଡ (OSTF) ତରଫରୁ ଜୀବନ ପ୍ରତି ବିପଦ ଥିବା ରୋଗ ଓ ଶାରିରୀକ ଅସୁନ୍ତଳନର ଶିକାର ହୋଇଥିବା ଗରିବ ରୋଗୀମାନଙ୍କୁ ସହାୟତା ଦିଆଯିବ ।<br>● ରୋଗୀ ଯେଉଁ ଅନୁଷ୍ଠାନରେ ଚିକିତ୍ସା ପାଇଁ ଭର୍ତ୍ତୀ ହୋଇଥିବେ ସେହି ଅନୁଷ୍ଠାନକୁ ଏହି ସହାୟତା ରାଶି ପଠାଇ ଦିଆଯିବ । ଏହି ଅର୍ଥ କାରବାର ଏକ ସ୍ୱୟଂ ଶାସିତ ସଂସ୍ଥା ଦ୍ୱାରା ପରିଚାଳିତ ହୁଏ ଏବଂ ଏହି ସଂସ୍ଥାର ନାମ (OSTFS) ଅଟେ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | ● ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଲୋକ, ଗ୍ରାମାଞ୍ଚଳରେ ଯେଉଁ ଲୋକମାନଙ୍କର ବାର୍ଷିକ ଆୟ ଚାଳିଶ ହଜାରରୁ ଅଧିକ ହୋଇନଥାଏ ଏବଂ ସହରାଞ୍ଚଳରେ ଯେଉଁ ମାନଙ୍କର ବାର୍ଷିକ ଆୟ ଷାଠିଏ ହଜାରରୁ ଅଧିକ ହୋଇନଥାଏ ସେମାନେ ଏହି ଯୋଜନାର ହିତାଧିକାରୀ ହେବାକୁ ଯୋଗ୍ୟ ।<br>● ଯୋଗ୍ୟତା ନିରୁପଣ ପାଇଁ  BPL Card/ AAY Card କିମ୍ବା ତହସିଦାରଙ୍କଠାରୁ ପାଇଥିବା ବାର୍ଷିକ ଆୟର ପ୍ରମାଣପତ୍ରକୁ ବିଚାରକୁ ନିଆଯିବ ।<br>● RSBY କାର୍ଡଧାରୀମାନେ ଏହି ଯୋଜନାର ହିତାଧିକାରୀ ହୋଇପାରିବେ ।<br>● ଦୁର୍ଘଟଣାର ଶିକାର ଅଜଣା ବ୍ୟକ୍ତି/ ପଞ୍ଜିକୃତ ଅନାଥାଶ୍ରମ/ ଜରାନିବାସ/ ମାନସିକ ଚିକିତ୍ସା କେନ୍ଦ୍ର / ବାଳାଶ୍ରମ ଇତ୍ୟାଦି ଦ୍ୱାରା ପ୍ରେରିତ ରୋଗୀମାନେ ମଧ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବେ  ଅବଶ୍ୟ ସୁପାରିଶ କରିବା ଅନୁଷ୍ଠାନ ଯଥେଷ୍ଟ କାରଣ ଦର୍ଶାଇବା ପ୍ରୟୋଜନ ।<br>● ଯେକୌଣସି ସରକାରୀ କିମ୍ବା ଅନୁମୋଦିତ ବେସରକାରୀ ଚିକିତ୍ସାଳୟରେ ବେଡ ନେଇ ରହିଥିବା ରୋଗୀମାନଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ତେବେ କେମୋ (chemo) ଥେରାପି ନେଉଥିବା କର୍କଟ ରୋଗୀମାନେ ଚିକିତ୍ସାଳୟରେ ନରହି ମଧ ଏହି ସୁବିଧା ପାଇପାରିବେ ।<br>● ଯେଉଁ ରୋଗୀମାନେ ସରକାରୀ ଚିକିତ୍ସାଳୟରେ କିଡ୍‌ନୀ ପ୍ରତିରୋପଣ କରିଥିବେ ସେମାନେ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ଓ ମାଗଣା ଔଷଧ ଏବଂ ପରବର୍ତ୍ତୀ ୬ ମାସ ଯାଏ ସମସ୍ତ ପରୀକ୍ଷା ନିରୀକ୍ଷା ପାଇଁ ଏହି ଯୋଜନା ଦ୍ୱାରା ସୁବିଧା ପାଇ ପାରିବେ । |
| ଆର୍ଥିକ  ସହାୟତା | ● ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା (RSBY) ସହିତ ତଃଙ୍ଗଣ୍ଡର ଗୋଟିଏ ଅତିରିକ୍ତ ସହାୟତା ପ୍ରଦାନକାରୀ ଯୋଜନା ଅଟେ ।<br>● ପ୍ରଥମେ ଜଣେ ରୋଗୀ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାର ଅନ୍ତର୍ଭୁକ୍ତ ହେବେ ଏବଂ ଯେତେବେଳେ ଚିକିତ୍ସା ଖର୍ଚ୍ଚ ବୀମାଠାରୁ ଅଧିକ ହେବ ଏହି ଅତିରିକ୍ତ ଖର୍ଚ୍ଚ OSTF ରୁ ଭରଣା କରାଯିବ ।<br>● ଏହି ଚିକିତ୍ସା ଖର୍ଚ୍ଚର ସର୍ବୋଚ୍ଚ ସୀମା ତିନି ଲକ୍ଷ (୩,୦୦,୦୦୦) ଟଙ୍କା ପର୍ଯ୍ୟନ୍ତ ହୋଇପାରିବ ।<br>● ରାଜ୍ୟର ମେଡିକାଲ କଲେଜ୍ / କ୍ୟାପିଟାଲ ହସ୍‌ପିଟାଲ ଏବଂ ରାଉରକେଲାର ଜେନେରାଲ୍ ହସ୍‌ପିଟାଲ (RHG) ଏକ ଲକ୍ଷ ଟଙ୍କା ଯାଏ ମଞ୍ଜୁର କରିପାରିବେ  । ସହାୟତା ରାଶି ଏକ ଲକ୍ଷ ଟଙ୍କାରୁ ଅଧିକ ହେଲେ ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲ ସମୂହର ସୁପରିଟେଣ୍ଡେଣ୍ଟ SVPPGIP, AHRCC ର  ନିର୍ଦ୍ଦେଶକ, RDC ଏବଂ  Capital Hospital ର CMO ଙ୍କ ଅନୁମୋଦନରେ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମଞ୍ଜୁର କରିପାରିବେ । ଯଦି ସହାୟତା ରାଶିର ପରିମାଣ ଦୁଇଲକ୍ଷରୁ ଅଧିକ ହୁଏ ତେବେ ଏଥିପାଇଁ (DMET, Odisha) Member Secretary ଙ୍କୁ ଜଣାଇବାକୁ ହେବ ସେଠାରେ Executive Body ର ଅନୁମୋଦନ ପରେ ତିନିଲକ୍ଷ ଟଙ୍କାର ସହାୟତା ମିଳିପାରିବ ।<br>● ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ/ District Headquarter Hospital ରେ ତିରିଶ ହଜାର ଟଙ୍କା (Rs.30,000) ପର୍ଯ୍ୟନ୍ତ ସହାୟତା ମଞ୍ଜୁର କରାଯାଇ ପାରିବ । ତିରିଶ ହଜାରରୁ ଅଧିକ ଟଙ୍କା ଆବଶ୍ୟକ ହେଲେ CDMO ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ପଚାଶ ହଜାର ଟଙ୍କା ମଞ୍ଜୁର କରିପାରିବେ ।<br>● ଯେଉଁ କ୍ଷେତ୍ରରେ ସହାୟତା ରାଶି ତିନିଲିକ୍ଷରୁ ଅଧିକ ହେବ ସେଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନେବାକୁ ହେବ ।<br>● ଜଣେ ରୋଗୀପିଛା ଚିକିତ୍ସା ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ଅନୁଯାୟୀ ବିଭିନ୍ନ ରୋଗପାଇଁ ନିର୍ଦ୍ଧାରିତ ଖର୍ଚ୍ଚ ପରିମାଣ ବା ବାସ୍ତବରେ ଯାହା ଖର୍ଚ୍ଚ ହୋଇଥିବ ସେ ମଧରୁ ଯେଉଁଠି କମ୍ ହୋଇଥିବ ତାହା ହିଁ ମିଳିବ । ଯେଉଁ ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ୍‌ରେ ଲେଖା ନଥିବ ଯଥା ପରୀକ୍ଷା ନିରୀକ୍ଷା ଖର୍ଚ୍ଚ, ଔଷଧ ମୂଲ୍ୟ, କିମ୍ବା ଅଫିସ୍ କାଗଜପତ୍ର ବାବଦକୁ ଖର୍ଚ୍ଚ କ୍ଷେତ୍ରରେ ବାସ୍ତବରେ ହୋଇଥିବା ଖର୍ଚ୍ଚକୁ ହିସାବକୁ ନିଆଯିବ । |
| ଆବଶ୍ୟକୀୟ ପଦ୍ଧତି | ସରକାରୀ ମେଡିକାଲ କଲେଜ,ଶିଶୁଭବନ, କଟକ ଏବଂ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ସେଣ୍ଟର କଟକ ।<br>● ନିର୍ଦ୍ଧାରିତ ଫର୍ମରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ପ୍ରମାଣପତ୍ର ସହ ଦରଖାସ୍ତକାରୀ ସଂପୃକ୍ତ ବିଭାଗର ନୋଡାଲ ଅଫିସରଙ୍କୁ ଦେବେ । ନୋଡାଲ ଅଫିସର ଦରଖାସ୍ତକୁ ଯାଞ୍ଚକରି ସଂପୃକ୍ତ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ (HOD) ଦେବେ ।<br>● ବିଭାଗୀୟ ମୁଖ୍ୟ (HOD) ସମସ୍ତ ତଥ୍ୟକୁ ନିରୀକ୍ଷଣ କରି ନିଜର ସୁପାରିଶ ସହ ସ୍କ୍ରିନିଂ କମିଟିକୁ ପଠାଇବେ ।<br>● ରାଜ୍ୟର ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ ମାନଙ୍କରେ, କଟକ ଶିଶୁଭବନ ଏବଂ ଆଚାର୍ଯ୍ୟ ହରିହର କର୍କଟ ନିରୁପଣ ଓ ଚିକିତ୍ସା କେନ୍ଦ୍ରରେ ସୁପରିଟେଣ୍ଡେଣ୍ଟ ବା ନିର୍ଦ୍ଦେଶକଙ୍କ ସଭାପତିତ୍ୱରେ ସ୍କ୍ରିନିଂ କମିଟି ଗଢ଼ାହେବ ଏବଂ ଏଥିରେ ଆକାଉଣ୍ଟାସ୍ ଅଫିସର/  **DDO** ପ୍ରଶାସନିକ ଅଫିସର ଏବଂ ଦୁଇବର୍ଷ ପାଇଁ ଜଣେ ଜଣେ ବିଶେଷଜ୍ଞ (Faculty) ସଦସ୍ୟ ରହିବେ ।<br>● ଦିନେ ଛଡା ଦିନେ ଅନ୍ତରରେ ଏହି ସ୍କ୍ରିନିଂ କମିଟିର ମିଟିଂ ବସିବ ଏବଂ ଦରଖାସ୍ତକାରୀ ମାନଙ୍କ ଦରଖାସ୍ତକୁ ଯାଞ୍ଚକରି ଦେଖାଯିବ ।<br>● ଯଦି ସ୍କ୍ରିନିଂ କମିଟି ଦରଖାସ୍ତଟିକୁ ଗ୍ରହଣ କରନ୍ତି ତେବେ ସେହି ରୋଗୀଙ୍କର ସମସ୍ତ ଚିକିତ୍ସା ମାଗଣାରେ କରାଯିବ । ଅବଶ୍ୟ ଏହି ଖର୍ଚ୍ଚ ମଞ୍ଜୁର କରାଯାଇଥିବା ଅର୍ଥରାଶି ମଧରେ ସୀମିତ ରହିବ ।<br>● ସ୍କ୍ରିନିଂ କମିଟିର ଅର୍ଥ ମଞ୍ଜୁର କରିବା କ୍ଷମତା ଏକ ଲକ୍ଷଟଙ୍କା ମଧରେ ସୀମିତ ରହିବ । ଏକ ଲକ୍ଷରୁ ଅଧିକ ଦରକାର ହେଲେ ସ୍କ୍ରିନିଂ କମିଟି RDC ଙ୍କ ଅନୁମୋଦନ ନେଇ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ କିନ୍ତୁ ଏକଲକ୍ଷ ଟଙ୍କା କମିଟି ସଂଗେ ସଂଗେ ମଞ୍ଜୁର କରିପାରିବ । ସହାୟତା ରାଶି ଦୁଇଲକ୍ଷରୁ ଅଧିକ ହେଲେ ସ୍କ୍ରିନିଂ କମିଟି ନିଜର ମତାମତ ସହିତ OSTFC ର Executive Committee କୁ ବିଚାର ଏବଂ ଅନୁମୋଦନ ପାଇଁ ପଠାଇବେ । |

| | |
|---|---|
| | ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ / କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର, ରାଉରକେଲା ଜେନେରାଲ ହସ୍ପିଟାଲ<br>● DHH, RGH, Capital Hospital ପାଇଁ OSTF ର ନୋଡାଲ ଅଫିସର ଭାବେ କାମ କରିବେ କ୍ଲିନିକାଲ ବିଭାଗୀୟ ମୁଖ୍ୟ ।<br>● ରୋଗୀ ସମସ୍ତ ଆବଶ୍ୟକୀୟ  କାଗଜପତ୍ର ସହ ଦରଖାସ୍ତ ନୋଡାଲ ଅଫିସରଙ୍କ ପାଖରେ ଦାଖଲ କରିବେ ।<br>● ଦରଖାସ୍ତଗୁଡିକ ଯାଞ୍ଚ କଲାପରେ ନୋଡାଲ ଅଫିସର  ADMO (Medical), Dy. CMO, Capital Hospital ଏବଂ RGH ଙ୍କ ଜରିଆରେ ସ୍କ୍ରିନିଂ କମିଟିକୁ ପଠାଇବେ ।<br>● ଅନ୍ୟ ସମସ୍ତ ଆବେଦନ ପ୍ରଣାଳୀ ମେଡିକାଲ କଲେଜ ମାନଙ୍କ ସହିତ ସମାନ ଅଟେ ।<br>● ସ୍କ୍ରିନିଂ କମିଟି ଅନୁମୋଦନ କଲାପରେ ରୋଗୀର ଚିକିତ୍ସା ନିର୍ଦ୍ଧାରିତ ସହାୟତା ରାଶି ପର୍ଯ୍ୟନ୍ତ ମାଗଣାରେ କରାଯିବ ।<br>● ସ୍କ୍ରିନିଂ କମିଟିର ଅର୍ଥ ମଞ୍ଜୁର କରିବାର କ୍ଷମତା ଜିଲ୍ଲା ହେଡ୍କ୍ୱାଟର ହସ୍ପିଟାଲ ପାଇଁ ତିରିଶ ହଜାର ଟଙ୍କା ପର୍ଯ୍ୟନ୍ତ, କ୍ୟାପିଟାଲ ହସ୍ପିଟାଲ ଏବଂ RGH ରାଉରକେଲା ପାଇଁ ଏକ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରହିବ । ସହାୟତା ରାଶି ତିରିଶ ହଜାରରୁ ଅଧିକ ହେଲେ ଜିଲ୍ଲାପାଳଙ୍କ ଅନୁମୋଦନ ନେଇ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ମଞ୍ଜୁର କରିପାରିବେ । କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଏବଂ RHG ରାଉରକେଲା ରେ ଯଦି ଚିକିତ୍ସା ଖର୍ଚ୍ଚ ଏକ ଲକ୍ଷରୁ ଅଧିକ ହୁଏ ତେବେ CMO ମାନେ DMET ଓଡ଼ିଶାକୁ ଅନୁମୋଦନ ପାଇଁ ଲେଖିବେ ।<br>ବେସରକାରୀ ଏବଂ ଅନ୍ୟାନ୍ୟ ଚିକିତ୍ସାଳୟ ମାନଙ୍କରେ<br>● ସହାୟତା ପାଇବାକୁ ଯୋଗ୍ୟ ରୋଗୀମାନେ ପ୍ରଥମେ ପ୍ରସନ୍ଧରେ ବେସରକାରୀ ଚିକିତ୍ସାଳୟରେ ଆଡମିଟ୍ ହେବେନାହିଁ ସେମାନେ CMO, CDMO ବା ମେଡିକାଲ କଲେଜରୁ ସୁପାରିଶ କରାଯାଇଥିବେ ।<br>● ସରକାରୀ ଚିକିତ୍ସାଳୟମାନେ କେବଳ ନିମ୍ନଲିଖିତ ପରିସ୍ଥିତିରେ ପ୍ରାଇଭେଟ୍ ହସ୍ପିଟାଲକୁ ରେଫର୍ ପାଇଁ ସୁପାରିଶ କରିପାରିବେ ।<br>୧. ଯଦି ସଂପୃକ୍ତ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ଚିକିତ୍ସାର ସୁବିଧା ନଥିବ ।<br>୨. ଯେଉଁକ୍ଷେତ୍ରରେ ବିପଦଜ୍ଜନକ ପରିସ୍ଥିତିରେ ରୋଗୀମାନଙ୍କୁ ବହୁ ବିଳମ୍ବ ଯାଏଁ ଅପେକ୍ଷା କରିବାକୁ ପଡୁଥିବ ।<br>୩. ସୁପରିଟେଣ୍ଡେଣ୍ଟ/ ସି.ଡି.ଏମ ଓ ସି.ଏମ୍.ଓ ସହିତ ଅନ୍ୟୁନ  ଆଉ ଦୁଇଜଣ ବରିଷ୍ଠ ଚିକିତ୍ସକଙ୍କୁ ନେଇ ଗଠିତ ଏକ କମିଟି ଏହାର ସୁପାରିଶ କରିଥିବେ ।<br>୪. ହୃଦଘାତ୍ ବା ସଡକ ଦୁର୍ଘଟଣା ଭଳି ଅତ୍ୟନ୍ତ ଜରୁରୀ ପରିସ୍ଥିତିରେ ରୋଗୀ ନିଜେ  Empanelled Private Hospital ରେ ଭର୍ତ୍ତି ହୋଇ ପାରିବେ ମାତ୍ର ସେହି ସଂପୃକ୍ତ ଚିକିତ୍ସାଳୟ ୨୪ ଘଣ୍ଟା ମଧ୍ୟରେ DMET କୁ ଜଣାଇବା ଜରୁରୀ । ଯଦି DMET ସନ୍ତୁଷ୍ଟ ହୁଅନ୍ତି ଯେ ଏ ପ୍ରକାର ଚିକିତ୍ସା ଅତ୍ୟନ୍ତ ଜରୁରୀ ଥିଲା ତେବେ OSTF Fund ଏହି ଚିକିତ୍ସାର ଖର୍ଚ୍ଚ ବହନ କରିବାକୁ ଅନୁମତି ଦେବେ ।<br>୫. ରୋଗୀ ଜରୁରୀକାଳୀନ ସେବାପାଇଁ ପ୍ରାଇଭେଟ ହସ୍ପିଟାଲରେ ଆଡ୍ମିଶନ୍ ନେଲେ ପ୍ରାଇଭେଟ୍ ହସ୍ପିଟାଲ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରିବେ ଏବଂ ରୋଗୀ ହସ୍ପିଟାଲ ଛାଡିବା ପରେ ଚିକିତ୍ସା ଖର୍ଚ୍ଚ DMET ରୁ ପାଇ ପାରିବେ ।<br>୬. ଡMET ଓଡ଼ିଶା ବିଲ୍ ପାଇବାର ଏକମାସ ମଧ୍ୟରେ ପ୍ରାଇଭେଟ୍ ହସ୍ପିଟାଲର ସମସ୍ତ ପ୍ରାପ୍ୟ ଦେଇଦେବେ । |
| OSTF ର ସୁବିଧା | ● OSTF ପାଇଁ ଯୋଗ୍ୟ ବିବେଚିତ ହେବାପରେ ରୋଗୀକୁ ଚିକିତ୍ସା ପାଇଁ, ପରୀକ୍ଷା ନିରୀକ୍ଷା ପାଇଁ କିମ୍ବା ଔଷଧ ପତ୍ର କିଣିବା ପାଇଁ କୌଣସି ପ୍ରକାର ଦେୟ ଦେବାକୁ ପଡିବ ନାହିଁ ।<br>● କୌଣସି ପରିସ୍ଥିତିରେ ନଗଦ ଟଙ୍କା କିମ୍ବା ଚେକ୍ ଆକାରରେ ରୋଗୀଙ୍କୁ ସହାୟତା ରାଶି ଦିଆଯାଇ ପାରିବ ନାହିଁ । |
| ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ | ● ମେଡିକାଲ ରିପୋର୍ଟ<br>● ଦରଖାସ୍ତ ଫର୍ମ<br>● ବିପିଏଲ୍ କାର୍ଡ/ ଅନ୍ତୋଦୟ କାର୍ଡ<br>● ତହସିଲଦାରଙ୍କ ପ୍ରଦତ୍ତ ବାର୍ଷିକ ଆୟ ପ୍ରମାଣପତ୍ର<br>● RSBY କାର୍ଡ<br>● ପାସପୋର୍ଟ ସାଇଜର ଫଟୋ । |
| ଅତିରିକ୍ତ ସୂଚନା | ● କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ PSU କର୍ମଚାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ ।<br>● ରୋଗୀ ଖର୍ଚ୍ଚ କରିଥିବା ଅର୍ଥ ପରେ ଭରଣା କରିବାକୁ କୌଣସି ସହାୟତା ଦେବାର ବ୍ୟବସ୍ଥା ନାହିଁ ।<br>● ସହାୟତା ପାଇଁ ଦରଖାସ୍ତ କେବଳ ଚିକିତ୍ସା ଚାଲିଥିବା ସମୟରେ କରାଯାଇଥିବା ଆବଶ୍ୟକ ।<br>● ଚିକିତ୍ସା ବା ଅସ୍ତ୍ରୋପଚାର ପାଇଁ କରାଯାଇଥିବା ଖର୍ଚ୍ଚ ପରେ ଫେରିପାଇବାର ବ୍ୟବସ୍ଥା ନାହିଁ ।<br>● ଅତି ସାଧାରଣ ରୋଗ ଏବଂ ଯେଉଁ ରୋଗର ଚିକିତ୍ସା ପାଇଁ ଅନ୍ୟ ସ୍ୱାସ୍ଥ୍ୟ ସେବା ମାଗଣାରେ ବ୍ୟବସ୍ଥା ରହିଛି ସେଗୁଡିକ OSTF ଅନ୍ତର୍ଭୁକ୍ତ ନୁହେଁ ।<br>● ଯେଉଁ କ୍ଷେତ୍ରରେ ESI, CGHS କିମ୍ବା ଅନ୍ୟ କିଛି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ  ରହିଛି କିମ୍ବା ଔଷଧ ଖର୍ଚ୍ଚ ଫେରିପାଇବାର ବ୍ୟବସ୍ଥା ଅଛି । ସେହିଭଳି କ୍ଷେତ୍ରରେ OSTF ସେବା ଲାଗୁ ହେବନାହିଁ ।<br>● ଜଣେ ରୋଗୀ ବର୍ଷକୁ ଥରେମାତ୍ର ଏହି ସହାୟତା ରାଶି ପାଇପାରିବେ । ସେହି ସମାନ ରୋଗପାଇଁ ଆଉ ଥରେ ପୁନଃ ସହାୟତା କୌଣସି ପରିସ୍ଥିତିରରେ ଦିଆଯାଇ ପାରିବ ନାହିଁ । ତେବେ,କର୍କଟ, କିଡନୀ ଫେଲମାରିବା, collagen ରୋଗ, Renal Failure ଇତ୍ୟାଦି ଭଳି ଘଟଣା ଯାହାର ବିଭିନ୍ନ ସ୍ତରରେ ଚିକିତ୍ସାର ଆବଶ୍ୟକତା ରହିଥାଏ ସେଭଳି କ୍ଷେତ୍ରରେ ଏହା ଲାଗୁ ହେବନାହିଁ । |
| ସୂଚନାର ଉତ୍ସ | http://203.193.146.66/htw/ pdf/guideline/ ostf-guidelines-english.pdf |

**ପରିଶିଷ୍ଟ- 'କ'**

## ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ଚିକିତ୍ସା ସହାୟତା ପାଇବା ନିମନ୍ତେ ଦରଖାସ୍ତ ଫର୍ମ

| | | |
|---|---|---|
| ୧. | ରୋଗୀଙ୍କ ନାମ | ; |
| ୨. | ବୟସ | ; |
| ୩. | ସ୍ଥାୟୀ ଠିକଣା | ; |
| ୪. | ପତ୍ର ବିନିମୟ ଠିକଣା | ; |
| ୫. | ଦରଖାସ୍ତକାରୀ ନିଜେ କିମ୍ବା ବ୍ୟକ୍ତି ବିଶେଷ (ସ୍ତ୍ରୀ/ପୁରୁଷ) ଯାହାଙ୍କ ଉପରେ ନିର୍ଭରଶୀଳ ଜଣେ କେନ୍ଦ୍ର/ ରାଜ୍ୟ ସରକାରୀଙ୍କ କର୍ମଚାରୀ ଅଟନ୍ତି କି ? | ; |
| ୬. | ଦରଖାସ୍ତକାରୀଙ୍କ ନାମ (ଯଦି ରୋଗୀ ଦରଖାସ୍ତ ଦେଇ ନ ଥିବେ) | ; |
| ୭. | ରୋଗୀଙ୍କ ସହ ଦରଖାସ୍ତକାରୀଙ୍କ ସଂପର୍କ | ; |
| ୮. | ରୋଗୀ କେଉଁ ରୋଗରେ ପୀଡିତ | ; |
| ୯. | ଚିକିତ୍ସିତ ହେଉଥିବା ଡାକ୍ତରଖାନାର ନାମ | ; |
| ୧୦. | ବି.ପି.ଏଲ୍ କାର୍ଡ ନମ୍ବର (କେବଳ ୧୯୯୭ ବି.ପି.ଏଲ୍ ତାଲିକା ମୁତାବକ, ଫଟୋକପି ଏଥିସହିତ ସମ୍ପୃକ୍ତ କରାଯିବ) | ; |
| ୧୧. | ରୋଗୀ / ପିତାମାତାଙ୍କର ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ଆୟ ପରିମାଣ (କେବଳ ବି.ପି.ଏଲ୍ କାର୍ଡ ନଥିବା ବ୍ୟକ୍ତି / ପରିବାର ପାଇଁ ଉଦ୍ଦିଷ୍ଟ) | ; |
| ୧୨. | ରାଷ୍ଟ୍ରୀୟ ବୀମା ଯୋଜନା କାର୍ଡ ନମ୍ବର | ; |
| ୧୩. | ଏକକାଳୀନ ଆର୍ଥିକ ସହାୟତାର ପରିମାଣ | ; |
| ୧୪. | ଯଦି ଏହି ରୋଗ ଚିକିତ୍ସା ବାବଦରେ ଏହି ପାଣ୍ଠିରୁ ଆର୍ଥିକ ସହାୟତା (୧) ପୂର୍ବରୁ ପାଇଛନ୍ତି (୨) ପାଇବା ପାଇଁ – ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ଓଡିଶାକୁ ଛାଡି ଅନ୍ୟ ବିଭାଗ / ସଂସ୍ଥା / କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି, ତାହାର ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତୁ । | ; |
| ୧୫. | ଅନ୍ୟାନ୍ୟ ବିବରଣୀ (ଯଦି କିଛି ଥାଏ) | ; |

ଘୋଷଣା

ମୁଁ ଶ୍ରୀ / କୁମାରୀ / ଶ୍ରୀମତୀ .................................................... ପିତା / ମାତା / ସ୍ୱାମୀ .......................................................... ଏତଦ୍‌ଦ୍ୱାରା ଘୋଷଣା କରୁଅଛି ଯେ , ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସଠିକ୍ ଏବଂ ସମ୍ପୂର୍ଣ୍ଣ ଅଟେ ଏବଂ ମୁଁ କୌଣସି ପରିସ୍ଥିତିରେ ଉପରୋକ୍ତ ରୋଗର ଚିକିତ୍ସା ପାଇଁ ପାଣ୍ଠି ଯୋଗାଡ କରିବା / ବ୍ୟବସ୍ଥା କରିବା ନିମିତ୍ତ ସକ୍ଷମ ନୁହେଁ । ଏଥିସହିତ ପୁର୍ନବାର ଘୋଷଣା କରୁଅଛି ଯେ, ମୁଁ କିମ୍ବା ମୋର ପିତାମାତା କେନ୍ଦ୍ର / ରାଜ୍ୟ କିମ୍ବା ସ୍ଥାନୀୟ ସଂସ୍ଥାର କର୍ମଚାରୀ ନୋହୁଁ ।

ବି.ଦ୍ର. - ଯଦି ପରବର୍ତ୍ତୀ ସମୟରେ ଅନୁସନ୍ଧାନରୁ ଜଣାପଡେ ଯେ , ଉପରେ ଦିଆଯାଇଥିବା ତଥ୍ୟ ଭ୍ରମାତ୍ମକ କିମ୍ବା ବିଭ୍ରାନ୍ତିକର , ତାହାହେଲେ ଦରଖାସ୍ତକାରୀ ନିୟମାନୁଯାୟୀ ଦଣ୍ଡିତ ହେବେ ।

ଦରଖାସ୍ତକାରୀ / ରୋଗୀଙ୍କ ସ୍ୱାକ୍ଷର

ସ୍ଥାନ ;

ତାରିଖ ;

**ପରିଶିଷ୍ଟ- 'ଖ'**

## ନୋଡାଲ ଅଧିକାରୀ / ହାସପାତାଳ ଯାହାର ତତ୍ତ୍ୱାବଧାନରେ ରୋଗୀ ଚିକିତ୍ସିତ ହେଉଥିବେ ତାଙ୍କ ଦ୍ୱାରା ପୂରଣ କରାଯିବ ।

---

୧. ରୋଗୀଙ୍କ ନାମ ;

୨. ଡାକ୍ତରଖାନାର ନାମ ;

୩. ଇନ୍‌ଡୋର୍ ରୋଗୀ ରେଜିଷ୍ଟ୍ରେସନ ନମ୍ବର ;

୪. ବର୍ତ୍ତମାନ ରୋଗୀର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ଟିପ୍ପଣୀ ;

୫. କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନର ତାଲିକା ;

୬. ରୋଗ ନିର୍ଣ୍ଣୟ ;

୭. ଯଦି ରୋଗୀଙ୍କର ଅସ୍ତ୍ରୋପଚାର ହୋଇସାରିଛି , ତେବେ ଅସ୍ତ୍ରୋପଚାରର ତାରିଖ ;

୮. ଚିକିତ୍ସା କରୁଥିବା ଚିକିତ୍ସକଙ୍କ ନାମ ;

୯. ସୁପାରିଶ କରାଯାଇଥିବା ସହାୟତାର ପରିମାଣ ;

୧୦. ପ୍ରକାରଭେଦ ଅନୁଯାୟୀ ସୁପାରିଶ କରାଯାଇଥିବା ଚିକିତ୍ସା ସହାୟତାର ବିଭକ୍ତିକରଣ(ଅସ୍ତ୍ରୋପଚାର / ଚିକିତ୍ସା ନିମନ୍ତେ ଆବଶ୍ୟକ ହେଉଥିବା ଔଷଧ / ମେଡିକାଲ ସାମଗ୍ରୀ) ସହିତ ମୂଲ୍ୟ ;

(କ)

(ଖ)

(ଗ)

ବି.ଦ୍ର. – ନୋଡାଲ ଅଧିକାରୀ ବେଡ୍ ଟିକେଟର ଏକ ଫଟୋକପି ଏଥିସହିତ ସଂଲଗ୍ନ କରିବେ ।

ମୋ ଦ୍ୱାରା ଯାଞ୍ଚ କରାଯାଇଛି

ମୋ ଦ୍ୱାରା ତନଖି ଏବଂ ସୁପାରିଶ କରାଗଲା

ନୋଡାଲ ଅଧିକାରୀଙ୍କ ସ୍ୱାକ୍ଷର

ସୁପାରିଶ କରିଥିବା ଅଧିକାରୀଙ୍କ ସ୍ୱାକ୍ଷର

ରୋଗୀଙ୍କ ଚିକିତ୍ସା ପାଇଁ ଅର୍ଥର ପରିମାଣ ଟ..............................................................ଙ୍କା (ଅକ୍ଷରରେ.......................................................................)ମାତ୍ର ଚେକ୍ ନମ୍ବର ........................................................................... ତାରିଖ..............................................ରେ ସୁପାରିଶ କରାଗଲା ।

ଅନୁମୋଦନ କରାଗଲା

ମେଡିକାଲ ସୁପରିନଟେଣ୍ଡେଣ୍ଟ / ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ /

ମୁଖ୍ୟ ଚିକିତ୍ସାଧିକାରୀଙ୍କ ସ୍ୱାକ୍ଷର ସହିତ ମୋହର

| | |
|---|---|
| ଯୋଜନା ନାମ | ମହିଳା ଓ ଶିଶୁ ଡେସ୍କ (Women & Child Desk) |
| ପ୍ରାୟୋଜକ | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର |
| ଯୋଜନା ସମ୍ପର୍କରେ | • ଗଭୀର ଦୁଃଖ ଓ ବିପଦର ସମ୍ମୁଖୀନ ହୋଇଥିବା ମହିଳା ଓ ଶିଶୁମାନଙ୍କୁ ଚବିଶି(୨୪) ଘଣ୍ଟିଆ ସେବା ପ୍ରଦାନ କରିବାପାଇଁ ଓଡ଼ିଶାର ସମସ୍ତ ଥାନାରେ ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ ପୋଲିସ ଷ୍ଟେସନରେ ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇ ବହୁମୁଖୀ ସେବା ଯଥା ନିରାପତ୍ତା ପ୍ରଦାନ, ଅପରାଧ ନିରୋଧ, ଉଦ୍ଧାର ଏବଂ ଥଇଥାନ ବ୍ୟବସ୍ଥା କରାଯାଇଛି । ସାରା ଓଡ଼ିଶାରେ ପାଞ୍ଚସହ ସଇଁତିରିଶି (୫୩୭) ଏଭଳି ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇ ସାରିଲାଣି । ହିଂସାରୁ ବର୍ତ୍ତୀ ଯାଇଥିବା ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ହେଲ୍ପ ଡେସ୍କ ଗୋଟିଏ ନିରାପଦ ସୁରକ୍ଷା ପ୍ରଦାନକାରୀ ସ୍ଥାନ ଯେଉଁଠି ପିଇବା ପାଣି, ଶୌଚାଳୟ ସୁବିଧା, ମେଡିକାଲ ସୁବିଧା, ଆଇନ ପରାମର୍ଶ, ମାନସିକ –ସାମାଜିକ ସହାୟତା ପ୍ରଦାନ କରାଯିବା ସହିତ ସଂପୂର୍ଣ୍ଣ ଗୋପନୀୟତା ରକ୍ଷା କରାଯାଇଥାଏ । |
| କେଉଁମାନେ ଯୋଗ୍ୟହୋଇ ପାରିବେ ? | • ବିପଦରେ ପଡିଥିବା ସମସ୍ତ ଶିଶୁ ଓ ମହିଳା । |
| ଏହି ଯୋଜନା ଦ୍ୱାରା ପ୍ରଦାନ କରାଯାଉ ଥିବା ସୁବିଧାସୁଯୋଗ | • ପିଇବାପାଣି<br>• ଶୌଚାଳୟ<br>• ମେଡିକାଲ ସହାୟତା<br>• ମାନସିକ-ସାମାଜିକ ସହାୟତା<br>• ଗୋପନୀୟତା |
| ହେଲ୍ପ ଡେସ୍କରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବେ | • ହେଲ୍ପ ଡେସ୍କ ନିଶ୍ଚିତ ଭାବେ ନିମ୍ନଲିଖିତ ବିଷୟଗୁଡିକ ପ୍ରତି ଧ୍ୟାନ ଦେବ ।<br>• ଗୋପନୀୟତା ରକ୍ଷାପାଇଁ ମହିଳାଙ୍କୁ ଗିରଫ କଲାବେଳେ ଗିରଫ ହୋଇଥିବା ମହିଳାଙ୍କୁ କିଭଳି ବ୍ୟବହାର କରାଯିବ ସେଥିପାଇଁ ରହିଥିବା ଗାଇଡଲାନ୍ କୁ ଅନୁସରଣ କରିବେ ।<br>• ହେଲ୍ପ ଡେସ୍କ ଅଫିସର ଆଇନ ବିଗ୍ରର ବିଭାଗୀୟ ଆଦେଶ ଏବଂ ଗାଇଡଲାଇନ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିବେ ଏବଂ ଅଭିଜ୍ଞ ହୋଇଥିବେ । ଆଇନ ଅଦାଲତ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଦେଇଥିବା ଗାଇଡ୍‌ଲାଇନ୍‌କୁ ଅକ୍ଷରେ ଅକ୍ଷରେ ପାଳନ କରିବେ ।<br>• ଗୋପନୀୟତା ରକ୍ଷା ଦୃଷ୍ଟିରୁ ମାନସିକ ଆଘାତପ୍ରାପ୍ତ ମହିଳା ଏବଂ ଯେକୌଣସି ଅପରାଧରେ ସଂପୃକ୍ତ ବାଳ ଅପରାଧୀଙ୍କୁ ଗୋଟିଏ ଅଲଗା କୋଠାରୀରେ ଜେରା କରିବେ ।<br>• ପ୍ରତ୍ୟେକ ଥାନାର ହେଲ୍ପ ଡେସ୍କରେ ମହିଳା ଓ ଶିଶୁଙ୍କ ପାଇଁ ଫ୍ୟାମିଲି କାଉନ୍‌ସେଲିଂ ସେଣ୍ଟର ସଟ୍ ଷ୍ଟେ ହୋମ୍, ସ୍ୱଧାର ଆଶ୍ରୟଗୃହ ଏବଂ ସେଗୁଡିକର ଟେଲିଫୋନ ନମ୍ବରର ଗୋଟିଏ ତାଲିକା ରଖିବେ । ତା' ହେଲେ ଦରକାର ସମୟରେ ସେଠାକାର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିହେବ ।<br>• ମାନସିକ ସ୍ତରରେ ଆଘାତପ୍ରାପ୍ତ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଆଇନ୍‌ଗତ ଡାକ୍ତରୀ ପରୀକ୍ଷା ଓ ଚିକିତ୍ସା ପାଇଁ- ଡାକ୍ତରଖାନାର ଆବଶ୍ୟକତା ପଡିପାରେ ତେଣୁ ପ୍ରତ୍ୟେକ ହେଲ୍ପ ଡେସ୍କ, ସେମାନଙ୍କ ଆଖପାଖରେ ଥିବା ମହିଳା ଡାକ୍ତରଙ୍କର ଗୋଟିଏ ଲିଷ୍ଟ / ତାଲିକା ରଖିବା ଆବଶ୍ୟକ । ନିଜ ପୋଲିସ୍ ଷ୍ଟେସନ୍ ପାଖ, ସବ୍‌ଡିଭିଜନ ଏବଂ ଜିଲ୍ଲାସ୍ତରୀୟ ଡାକ୍ତରଖାନର ମହିଳା ଡାକ୍ତରମାନଙ୍କର ସହାୟତାରେ ଅପରାଧର ଶିକାର ମହିଳାମାନଙ୍କର ସମୟପୋଯୋଗୀ ଚିକିତ୍ସା ଓ ମାନସିକ ପରିବର୍ତ୍ତନ ଓ ସଂସ୍କାର ଅଣାଯାଇ ପାରିବ । |
| ସୂଚନାର ଉତ୍ସ | http://www.wcdodisha.gov.in<br>http://odishapolice.gov.in/?g-hode/20 |

| | |
|---|---|
| ଯୋଜନାର ନାମ | ମାଗଣା ଆଇନସେବା |
| ପ୍ରାୟୋଜକ | ଆଇନ ବିଭାଗ, ଓଡ଼ିଶା ସରକାର |
| ମାଗଣା ଆଇନ ସେବା କଣ ? | ● ଭାରତୀୟ ସମ୍ବିଧାନ ସମସ୍ତ ନାଗରିକମାନଙ୍କୁ ସମାନ ଭାବରେ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥାଏ । ଭାରତୀୟ ସମ୍ବିଧାନର Artcile-14 ରେ କୁହାଯାଇଛି ଯେ ଆଇନ ଦୃଷ୍ଟିରେ ସମସ୍ତେ ସମାନ ଏବଂ ଭାରତର ପରିସୀମା ମଧ୍ୟରେ ସମସ୍ତ ନାଗରିକଙ୍କୁ ସମାନ ଆଇନ ସୁରକ୍ଷା ମିଳିବା ପ୍ରୟୋଜନ । Artcile-38 ରେ କୁହାଯାଇଛି ଯେ ଦେଶ ତାର ନାଗରିକ ମାନଙ୍କର ମଙ୍ଗଳପାଇଁ ସଦାସର୍ବଦା ଚେଷ୍ଟିତ ରହିବ ଏବଂ ଏପରି ଏକ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବାକୁ ଯଥା ଶକ୍ତି ଉଦ୍ୟମ କରିବ ଯେଉଁଥିରେ ଜାତୀୟ ଜୀବନର ସମସ୍ତ ଅନୁଷ୍ଠାନରେ ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ ପ୍ରତିଫଳିତ ହେବ ।<br>● ମାଗଣା ଆଇନ ସେବାର ଅର୍ଥ ସରକାରୀ ଖର୍ଚ୍ଚରେ ସାଧାରଣ ଗରିବ ଏବଂ ଅଭାବୀ ନାଗରିକ ମାନଙ୍କୁ ତାଙ୍କର ଆଇନଗତ ଅଧିକାର ସମ୍ପର୍କରେ ମାଗଣାରେ ଆଇନସେବା ଯୋଗାଇ ଦେବା । ଯେ କୌଣସି ବିବାଦରେ ନିଜର ହକ୍ ପାଇଁ ଲଢ଼େଇରେ, ମକଦମା ପରିଚାଳନାରେ, ଗରିବ ଲୋକଙ୍କୁ ବିନା ଫିସ୍‌ରେ ଲିଗାଲ ସରଭିସ୍ ଆକ୍ଟ-1987 / Legal Service Act -1987 ଅନୁଯାୟୀ ମାଗଣା ଆଇନ ପରାମର୍ଶ ଦେବା ହେଉଛି ମାଗଣା ଆଇନ ସେବା ଯୋଜନାର ଲକ୍ଷ୍ୟ । |
| ଏହା କଣ ପାଇଁ ଦରକାର ? | ● ସମ୍ବିଧାନର Article-39(A) ଅନୁସାରେ ଦେଶର କର୍ତ୍ତବ୍ୟ ହେଉଛି ଏହାର ସମସ୍ତ ନାଗରିକମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଭଳି ଆଇନଗତ ବ୍ୟବସ୍ଥା ପ୍ରତିଷ୍ଠା କରିବା । ତେଣୁ ଯେଉଁମାନେ ନିଜ ଖର୍ଚ୍ଚରେ ଏହି ସେବା ପାଇପାରୁ ନାହାଁନ୍ତି ସେହି ଗରିବ ଲୋକଙ୍କୁ ସରକାରୀ ଖର୍ଚ୍ଚରେ ଏହି ସେବା ଯୋଗାଇବା ହେଉଛି ଦେଶର କର୍ତ୍ତବ୍ୟ । |
| ଆଇନଗତ ବ୍ୟବସ୍ଥା | ● ପାର୍ଲାମେଣ୍ଟ ଦ୍ୱାରା ଆଗତ ୪୨ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ Article-39(A) ସମ୍ବିଧାନରେ ସ୍ଥାନ ପାଇଛି । ଯେଉଁଥିରେ ସରକାରଙ୍କୁ ସମ୍ବିଧାନ ନିର୍ଦ୍ଦେଶ ଦେଇଛି ଯେ ଯେଉଁମାନେ ଅର୍ଥନୈତିକ ଏବଂ ଅନ୍ୟାନ୍ୟ ଅକ୍ଷମତା ଦୃଷ୍ଟିରୁ ନ୍ୟାୟ ପାଇଁ ସଂଗ୍ରାମ କରିବାକୁ ଅକ୍ଷମ ସେମାନଙ୍କୁ ସରକାର ମାଗଣା ଆଇନ ସେବା ଯୋଗାଇବେ ।<br>● ତଦନୁଯାୟୀ ଓଡ଼ିଶା ସରକାର ଆଇନ ବିଭାଗର ବିଜ୍ଞପ୍ତି ସଂଖ୍ୟା 8010/L ତାରିଖ ୦୫.୦୫.୧୯୯୧ରେ ଓଡ଼ିଶା ରାଜ୍ୟ ଆଇନ ସହାୟତା ଏବଂ ପରାମର୍ଶ ଯୋଜନା ପ୍ରଚଳନ କଲେ ଏବଂ ଗରିବଙ୍କୁ ମାଗଣା ଆଇନ ସେବା ପ୍ରଦାନ ପାଇଁ ଓଡ଼ିଶା ଆଇନ ସହାୟତା ଓ ପରାମର୍ଶ ବୋର୍ଡ ଗଠନ କଲେ । ପାର୍ଲାମେଣ୍ଟ ମଧ୍ୟ ଆଇନ ପାସ କରି (Legal Services Authorities Act-1987) Act. No.39 ରେ ମାଗଣା ଆଇନ ସେବାର ବ୍ୟବସ୍ଥା କଲେ । ତଦନୁଯାୟୀ ଜାତୀୟ ସ୍ତରରେ, ଆଇନସେବା ଅଥରିଟି/ କମିଟିମାନ ଗଠିତ ହୋଇଛି । ତା'ଛଡା ସୁପ୍ରୀକୋର୍ଟ ଓ ହାଇକୋର୍ଟର ଆଇନ ସେବା କମିଟି ରହିଛି । ଏହିସବୁ ଅଥରିଟି ଓ କମିଟିମାନେ ମାଗଣା ଏବଂ ସୁଦକ୍ଷ ଆଇନସେବା ପ୍ରଦାନ କରି ଲୋକ ଅଦାଲତ ମାଧ୍ୟମରେ ନ୍ୟାୟ ପ୍ରାପ୍ତିର ସମାନ ସୁଯୋଗ ସୃଷ୍ଟି କରିଛନ୍ତି । |
| କେଉଁମାନେ ଏହି ସେବା ପାଇବାପାଇଁ ଯୋଗ୍ୟ ? | ପ୍ରତ୍ୟେକ ବ୍ୟକ୍ତି ଯାହାଙ୍କର ଗୋଟିଏ କେସ୍‌ଟିଏ ଫାଇଲ କରିବାକୁ ଅଛି କିମ୍ବା ଆତ୍ମରକ୍ଷା ପାଇଁ ଜବାବ ଦେବାକୁ ଅଛି ସେ ମାଗଣା ଆଇନ ସେବା ପାଇବାକୁ ଯୋଗ୍ୟ ହେବେ ଯଦି ସେ ଜଣେ-<br>● ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ହୋଇଥିବେ ।<br>● ସମ୍ବିଧାନର ୨୩ ଧାରା ଅନୁଯାୟୀ ଯଦି ଜଣେ ଭିକାରୀ ହୋଇଥିବେ କିମ୍ବା ମାନବ ଚାଲାଣର ଶିକାର ହୋଇଥବେ ।<br>● ଜଣେ ମହିଳା ବା ଶିଶୁ ହୋଇଥିବେ<br>● ମାନସିକ ରୋଗାଗ୍ରସ୍ତ କିମ୍ବା ଅକ୍ଷମ ହୋଇଥିବେ ।<br>● ଗଣ ଦୁର୍ଘଟଣା, ଶିଶୁ ଦୁର୍ଘଟଣା, ଧାର୍ମିକ ସାମ୍ପ୍ରତିକ ହିଂସା, ଜାତିଆଣ ଅତ୍ୟାଚାର, ବନ୍ୟା, ମରୁଡ଼ି, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥବେ ।<br>● ଜଣେ କାରଖାନା ଶ୍ରମିକ ହୋଇଥିବେ ।<br>● ଅବୈଧ ଚାଲାଣ ନିରୋଧ ଆଇନ-୧୯୫୬ର ସେକ୍‌ସନ-୨ କ୍ଲଜ୍-ଜି ଅନୁସାରେ କେଷ୍ଟୋଡି ବା ହେପାଜତରେ ଥିବେ କିମ୍ବା Mental Health Act—1987e Sec-2, Clause(g) ଅନୁସାରେ ମାନସିକ ଚିକିତ୍ସା ନର୍ସିଂହୋମରେ ଥିବେ ।<br>● ବାର୍ଷିକ ଆୟ ପଚାଶ ହଜାରରୁ କମ୍‌ଥିବା ବ୍ୟକ୍ତି କିମ୍ବା ଏହାଠାରୁ ଅଧିକ ଟଙ୍କା ଯାହା ରାଜ୍ୟ ସରକାର ସ୍ଥିର କରିବେ ସେଭଳି ବ୍ୟକ୍ତିଙ୍କ କେସ୍ ଯଦି ସୁପ୍ରିମ କୋର୍ଟ ବ୍ୟତୀତ ଅନ୍ୟ ଯେକୌଣସି କୋର୍ଟରେ ଥିବ । ବାର୍ଷିକ ଆୟ ୧୨୦୦୦ଟଙ୍କାର କମ୍‌ଥିବା ବ୍ୟକ୍ତିଙ୍କ କେସ୍ ଯଦି ସୁପ୍ରୀମ କୋର୍ଟରେ ଥିବ କିମ୍ବା ଏହାଠାରୁ ଅଧିକ ଟଙ୍କାର ଆୟ ଯାହା କେନ୍ଦ୍ରସରକାର ସ୍ଥିର କରିବେ । ଏହିଭଳି ବ୍ୟକ୍ତିମାନେ କେସ୍ ଲଢ଼ିବା ପାଇଁ ମାଗଣା ଆଇନ ସହାୟତା ପାଇବାକୁ ଯୋଗ୍ୟ । |
| ସଂପୃକ୍ତ ବିଭାଗ | ଓଡ଼ିଶା ସରକାରଙ୍କର ଆଇନ ବିଭାଗ |
| କିଭଳି ଏହି ସହାୟତା ମଗାଯାଇ ପାରିବ ? | ● ମାଗଣା ଆଇନ ସହାୟତା ପାଇବାକୁ ହେଲେ ସାଦା କାଗଜରେ କିମ୍ବା ଫର୍ମ(ଏ)ରେ ରାଜ୍ୟ ପ୍ରାଧୀକରଣ, ସୁପ୍ରୀମ କୋର୍ଟ କମିଟି, ଜିଲ୍ଲା ଆଇନସେବା ପ୍ରାଧୀକରଣ କିମ୍ବା ତାଲୁକ କମିଟି ପାଖରେ ଦରଖାସ୍ତ କରିବାକୁ ହେବ । ଏଥି ସହିତ ରେଭେନ୍ୟୁ ଅଫିସରଙ୍କ ଠାରୁ ଆୟକର ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ ।<br>● ଯେକୌଣସି କୋର୍ଟ ଟ୍ରିବୁନାଲରେ କେସ୍ ଲଢ଼ିବା ବେଳେ ଯଦି ଆଇନ ସହାୟତା ଲୋଡାଯିବ ତେବେ ଦରଖାସ୍ତ ସହିତ କିମ୍ବା ଠିକ୍ ପରେ ପରେ ବିବାଦ ବିଷୟରେ ସମସ୍ତ କାଗଜପତ୍ର/ନଥିପତ୍ର ମଧ୍ୟ ଦାଖଲ କରିବାକୁ ପଡିବ ।<br>● ଯେକୌଣସି ଉପଦେଶ ବା ପରାମର୍ଶ ପାଇଁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ ହେଲ୍‌ପ ଲାଇନ୍ ଟେଲିଫୋନ ନମ୍ବର-୨୩୦୭୪୩୨କୁ ଯୋଗାଯୋଗ କରିବାକୁ ହେବ । |
| ଆବଶ୍ୟକୀୟ ନଥିପତ୍ର | ● ଆଇନ ସହାୟତା ପାଇଁ ଦରଖାସ୍ତ କଲାବେଳେ ଦରଖାସ୍ତ ସହିତ କଳହ ବା ବିବାଦ ସଂପର୍କିତ ସମସ୍ତ ନଥିପତ୍ର, ଆୟକର ପ୍ରମାଣପତ୍ର, ଶାରିରୀକ ଅକ୍ଷମତା ପ୍ରମାଣପତ୍ର ଆଦିର ନକଲ ଦାଖଲ କରିବାକୁ ହେବ । |
| ଆବଶ୍ୟକୀୟ ଫିସ୍ / ଦେୟ | ● ଆଇନ ସହାୟତା ପାଇଁ କୌଣସି ଫିସ୍ ଦାଖଲ କରିବାକୁ ପଡିବନି । ଏହା ସଂପୂର୍ଣ୍ଣ ମାଗଣା । |

| | |
|---|---|
| ସହାୟତା ପାଇବାର ସମୟସୀମା | • ମକଦ୍ଦମାର ଅବସ୍ଥା ଓ ଗୁରୁତ୍ୱକୁ ବିଚାର କରି ଯଥାଶୀଘ୍ର ସମ୍ଭବ ଏହିସେବା ପ୍ରଦାନ କରଯାଏ । |
| ଏହି ସେବା ମଞ୍ଜୁର କରିବା କର୍ତ୍ତୃପକ୍ଷ ଏବଂ ତାଙ୍କ ଠିକଣା | • National Legal Services Authority(NALSA)<br>12/11, Jam Nagar House- Member Secretary, Shajhahan Road, new Delhi-110011.<br>• Orissa State Legal Services Authority(OSLSA)<br>S.O-11, B/1 & B/2- Member Secretary, Cantonment Road, Cuttack – 753001<br>• Supreme Court Legal Services Committee,<br>109, Lawyers' Chamber, Post Office Wing- Secretary Supreme Court Compound, New Delhi-110001.<br>• High Court Legal Services Committee,<br>In the premises of Orissa High Court – Secretary, Cuttack-753002<br>• District Legal Services Authoritie,<br>(30 Districts of the State of Odisha- Secretart Concerned functioning in the Civil Court Premises)<br>• Taluk Legal Services Committees,<br>(Civil Court Premises at Sub-Division / Chairman Concerned Taluk Levels) |
| ଦରଖାସ୍ତ ବା ଅଭିଯୋଗ ଗ୍ରହଣକାରୀ କିଏ ? | • ଯେ କୌଣସି ଆଇନ ସେବା ପ୍ରାଧିକରଣ ସଂପାଦକ, ସୁପ୍ରୀମ କୋର୍ଟ ଆଇନ ସେବା କମିଟିର ଚେୟାର ପରସନ୍ ଏକ ତାଲୁକ ଆଇନ ସେବା କମିଟିର ଚେୟାର ପରସନ୍ ଦରଖାସ୍ତ ଗ୍ରହଣ କରିପାରିବେ । |
| ଅଧିକ ବିବରଣୀ ପାଇଁ ଯୋଗାଯୋଗ ଠିକଣା | • http://www.oslsa.in<br>• ଟେଲିଫୋନ ନଂ.: 0671-2307432 (ହେଲ୍ପ ଲାଇନ୍)<br>0671-2307478 (ମେମ୍ବର ସେକ୍ରେଟାରୀ)<br>0671-2304389 (ଡେପ୍ୟୁଟି ସେକ୍ରେଟାରୀ)<br>0671-230707୧ (ଅଫିସ୍) |
| ସୂଚନାର ଉତ୍ସ | http://www.odisha.gov.in/law/index.htm |

# ଫରମ - 'କ'

## (ରେଗୁଲେସନ ୧୭(୧) ଦ୍ରଷ୍ଟବ୍ୟ)

### (ଆଇନଗତ ସାହାଯ୍ୟ ଓ ଉପଦେଶ ପାଇଁ ଆବେଦନ ଫର୍ମ)

ମାନନୀୟ ସଚିବ, .................................................................................................... ପ୍ରାଧିକରଣ/ସମିତି

ମହାଶୟ,

ଆମ୍ଭେ.................................................................................. ବୟସ ପ୍ରାୟ...................... ବର୍ଷ ........................................................ଙ୍କର ପୁତ୍ର/କନ୍ୟା/ପତ୍ନୀ/ବିଧବା ପତ୍ନୀ ଅଟୁ,............................. ଡାକଘର ...................................... ଥାନା .............................. ଜିଲ୍ଲା ..................................ରେ ବର୍ତ୍ତମାନ ବାସକରୁଅଛୁ, ନିମ୍ନଲିଖିତ ପରିସ୍ଥିତିରେ ଆଇନଗତ ସାହାଯ୍ୟ/ଉପଦେଶ ପାଇଁ ଆବେଦନ କରୁଅଛୁ ।

୧. ଆମ୍ଭେ କର୍ମନିଯୁକ୍ତ/ବେକାର ଅଟୁ ।

(କ) କି ପ୍ରକାରର ନିଯୁକ୍ତି/ବୃତ୍ତି/ବ୍ୟାପାର/ବ୍ୟବସାୟ ..............................................................

(ଖ) ପଦାତିକ ବାହିନୀ, ନୌବାହିନୀ କିମ୍ବା ଆକାଶ ବାହିନୀ, କିମ୍ବା ପୋଲିସ ବାହିନୀରେ ନିଯୁକ୍ତ କି ? ସେଥିରୁ ଅବସର ପ୍ରାପ୍ତ କି ?

(ଗ) କେଉଁ ସମୟରୁ ..............................................................................................

(୨) ଆମ୍ଭର ମାସିକ ଆୟ ...................................................................................... ଅଟେ

(୩) (କ) ଆମ୍ଭର ଆବାସିକ ପରିସର ଆମ୍ଭନାମରେ/ମିଳିତ ଭାବରେ ଭଡାସୁତ୍ରରେ ଅଛି, ବା ଆମ୍ଭେ ଏକାକୀ/ମିଳିତ ଭାବରେ ଏହି ପରିସରର ମାଲିକ ଅଟୁ ।

(ଖ) ତା'ର ଭଡା ଅଥବା ତାହର ମୂଲ୍ୟ.........................................................................

(୪) ଆମ୍ଭର ଚାଷଜମି ............................................................ ଠାରେ ଅବସ୍ଥିତ ଯାହାର ସର୍ବେକ୍ଷଣ ସଂଖ୍ୟା........................................... ଏବଂ ବାର୍ଷିକ ଖଜଣା ଟ ........................... ଙ୍କା ଦେଉଅଛୁ ।
(ଏହା ନିଜର ନା ଭାଗ ନେଇଛ ? ବର୍ଣ୍ଣନା କର)

(କ) ଜମିରୁ ଆୟର ପରିମାଣ ..............................................................................

(ଖ) ଜମିରୁ ଆଦାୟ ଫସଲର ମୂଲ୍ୟ ......................................................................

(୫) ଆମ୍ଭର ଅନ୍ୟାନ୍ୟ ସୂତ୍ରରୁ ଆୟର ପରିମାଣ ..........................................................
(ସବିଶେଷ ବିବରଣୀ ପ୍ରଦାନ କର)

(୬) ଆମ୍ଭର ଅନ୍ୟ ସମ୍ପତି/ଆସବାସ୍ ପତ୍ର ଏବଂ ତାହାର ମୂଲ୍ୟ :-

(୭) ଏହି ଦରଖାସ୍ତ କରିବାର ପୂର୍ବ ୬ ମାସ ମଧ୍ୟରେ ଆମ୍ଭେ ଆମ୍ଭର କୌଣସି ଧନ ସମ୍ପତି ଏବଂ ଆସବାସ୍ ପତ୍ର ବିକ୍ରି, ଦାନ ବନ୍ଧକ ବା ଅନ୍ୟ ସୂତ୍ରରେ ହସ୍ତାନ୍ତର କରିଅଛୁ/କରିନାହୁ ।

(୮) ଆମ୍ଭ ପରିବାରରେ ସଦସ୍ୟ ସଂଖ୍ୟା ................................................ ଅଟେ ଏବଂ ସେମାନଙ୍କର ଆମ୍ଭ ସହିତ ସଂପର୍କ ନିମ୍ନ ପ୍ରକାର ........................................................................

(୯) ଆମ୍ଭ ପରିବାରରେ ଆମ୍ଭ ଉପରେ ନିର୍ଭରଶୀଳ
ସଦସ୍ୟ ସଂଖ୍ୟା ........................................................ ଅଟେ ଏବଂ ସେମାନଙ୍କର ଆମ୍ଭ ସହିତ ସମ୍ପର୍କ ନିମ୍ନ ପ୍ରକାରର :-
..............................................................................................................

(୧୦) ଆମ୍ଭ ସହିତ ବାସ କରୁଥିବା ଆମ୍ଭ ପରିବାରର ଅନ୍ୟ ସଦସ୍ୟଙ୍କର ଯଦି ଆୟ ଥାଏ, ତାହା ନିମ୍ନ ପ୍ରକାରର :
..............................................................................................................

(୧୧) ଆମ୍ଭେ ନିମ୍ନୋକ୍ତ ପ୍ରକାରର ଆଇନଗତ ସାହାଯ୍ୟ/ଉପଦେଶ ଆବଶ୍ୟକ କରୁଅଛୁ ।
*(କି ପ୍ରକାର ବିବାଦ, କି ପ୍ରକାର ସତ୍ତ୍ୱ ଦର୍ଶାଅ । ଏହା ସପକ୍ଷରେ ଥିବା କାଗଜପତ୍ର ଦର୍ଶାଅ । ତାଛଡା ବିବାଦର ମୂଳ କାରଣ ଏବଂ ଅନ୍ୟ ଆନୁସଙ୍ଗିକ ତଥ୍ୟ ପୃଥକ ଭାବେ ପ୍ରଦାନ କର ।)*

(୧୨) ଆମ୍ଭର ଉପର ଲିଖିତ ଦାବି/ଅଧିକାର/ବିବାଦ/ପ୍ରତିବାଦ :- ସପକ୍ଷରେ ପ୍ରମାଣ ନିମ୍ନ ପ୍ରକାରର ଅଟେ
..............................................................................................................
..............................................................................................................
..............................................................................................................

(୧୩) ଆମ୍ଭେ ପୂର୍ବରୁ ଆଇନଗତ ସାହାଯ୍ୟ/ଉପଦେଶ ପାଇଁ ଆବେଦନ କରିଅଛୁ/କରିନାହୁଁ, ଯଦି ଆବେଦନ କରିଅଛ, ତାହାର ବିଷୟ ବସ୍ତୁ କିମ୍ବା ତାହାର ସାରାଂଶ କିମ୍ବା ତାହାର ଫଳାଫଳ ବିବୃତି ପ୍ରଦାନ କର, *(ଯଦି କୌଣସି ଉପଦେଶ ପ୍ରାପ୍ତି ହୋଇଥାଏ, ଦୟାକରି ତାହା ପ୍ରକଟ କର ।)*

(୧୪) ଏହି ଦରଖାସ୍ତଟିକୁ ସମ୍ପୂର୍ଣ୍ଣ ରୂପେ ବିଚାର କରିବା ଉଦ୍ଦେଶ୍ୟରେ ଯାହା ଅଧିକ ତଥ୍ୟ ଆବଶ୍ୟକ ହୋଇପାରେ, ତାହା ଯୋଗାଇ ଦେବା ଲାଗି ଆମ୍ଭେ ଇଚ୍ଛୁକ ।

(୧୫) ନ୍ୟାୟାଳୟ ଖର୍ଚ୍ଚ ଏବଂ ବିବିଧ କାର୍ଯ୍ୟ ବିଧି ଖର୍ଚ୍ଚ ବହନ କରିବାର ଅବସ୍ଥାରେ ଆମ୍ଭେଅଛୁ/ନାହୁଁ ।
*(ଆବେଦନକାରୀ କେତେ ପରିମାଣର ନ୍ୟାୟାଳୟର ଖର୍ଚ୍ଚ, ବିବିଧ ଖର୍ଚ୍ଚ ବା ତାହାର ଏକ ଅନୁପାତ ବା ତାହାର ଏକ ଅଂଶ ବହନ କରିବାକୁ ପ୍ରସ୍ତୁତ, ତାହା ମଧ୍ୟ ବର୍ଣ୍ଣନା କରିପାରନ୍ତି ।)*

(୧୬) ନ୍ୟାୟାଳୟ ଯଦି ଆମ୍ଭ ସପକ୍ଷରେ ମାମଲା ବାବଦ ଖର୍ଚ୍ଚ ବା କୌଣସି ଆର୍ଥିକ ସୁବିଧା ପାଇଁ ଡିଗ୍ରୀ ବା ଆଦେଶ ପ୍ରଦାନ କରନ୍ତି କିମ୍ବା ପ୍ରଚଳିତ ରେଗୁଲେସନ ଅନୁଯାୟୀ ଆମ୍ଭେ ଯଦି ଆଇନଗତ ସାହାଯ୍ୟ ପାଇବାକୁ ହକଦାର ବିବେଚିତ ନହେଉ, ତେବେ ଆମ୍ଭକୁ ଆଇନଗତ ସାହାଯ୍ୟ ଦେବାରେ କମିଟି କରିଥିବା ସମସ୍ତ ଖର୍ଚ୍ଚ, ଦେୟ ଏବଂ ବ୍ୟୟ ଆମ୍ଭେ ରାଜ୍ୟ ସରକାରଙ୍କୁ ପ୍ରତିପାଦନ କରିବୁ ।

(୧୭) ଉପର ଲିଖିତ ବିବୃତିମାନ ଆମ୍ଭର ଜ୍ଞାନ ଓ ବିଶ୍ୱାସ ମତେ ସତ୍ୟ ଅଟେ ।

ତାରିଖ ...............................

ସ୍ଥାନ ...............................

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର**

| | |
|---|---|
| ଯୋଜନାର ନାମ | ଓଡ଼ିଶା ମାନବ ଅଧିକାର କମିଶନ (OHRC) |
| ପ୍ରାୟୋଜକ | ଓଡ଼ିଶା ମାନବାଧିକାର କମିଶନ, ସ୍ୱୟଂ |
| OHRC ପାଖରେ କିପରି ଅଭିଯୋଗ କରାଯିବ ? | ● ମାନବାଧିକାର ଉଲଙ୍ଘନର ଶିକାର ହୋଇଥିବା ବ୍ୟକ୍ତି ନିଜେ କିମ୍ବା ତାଙ୍କ ତରଫରୁ ଅନ୍ୟ କେହି କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରି ପାରିବେ ।<br>● ଇଂରାଜୀ କିମ୍ବା ଓଡ଼ିଆ ଭାଷାରେ ସାଧା କାଗଜରେ ଲିଖିତ ଅଭିଯୋଗର ଗୋଟିଏ ମାତ୍ର କପି କମିଶନଙ୍କ ପାଖରେ ଦାଖଲ କରିବାକୁ ହେବ ।<br>● ଅଭିଯୋଗ ଡାକ ଦ୍ୱାରା ପଠାଯାଇପାରିବେ କିମ୍ବା ୯୧-୦୬୭୪-୨୫୭୨୨୩୪ ନମ୍ବରରେ ଫ୍ୟାକ୍ସ (ଉଇଢ) କରାଯାଇ ପାରିବ ।<br>● ଏହି ଅଭିଯୋଗ ମାନବାଧିକାର ଉଲଂଘନ ବା ଉଲଂଘନଙ୍କୁ ପ୍ରୋତ୍ସାହନ ସଂପର୍କିତ ହେବ ଏବଂ ମାନବାଧିକାର ଉଲଂଘନ ରୋକିବାକୁ ନିୟୋଜିତ ଅଧିକାରୀଙ୍କ ଅବହେଳା ସଂପର୍କିତ ବି ହୋଇ ପାରିବ ।<br>● ଅଭିଯୋଗ ପାଇବାର ଏକବର୍ଷ ମଧ୍ୟରେ ହୋଇଥିବା ମାନବାଧିକାର ଉଲଂଘନ ବିଷୟ ବିଚାର କରିବା କମିଶନଙ୍କ କ୍ଷମତା ପରିସର ମଧ୍ୟରେ ରହିବ ।<br>● ଅଭିଯୋଗ ସହିତ ସଂଲଗ୍ନ ନଥିପତ୍ର ପରିଷ୍କାର ଭାବେ ପଢ଼ି ହେବା ଆବଶ୍ୟକ ।<br>● ଅଭିଯୋଗ ପତ୍ରରେ ମାନବାଧିକାର ଉଲଂଘନର ଶିକାର ହୋଇଥିବା ବ୍ୟକ୍ତିଙ୍କର ନାମ, ବୟସ, ଲିଙ୍ଗ, ଧର୍ମ,ଜାତି , ଜିଲ୍ଲା, ରାଜ୍ୟ, ଘଟଣା ଘଟିଥିବା ସ୍ଥାନ, ତାରିଖ ଓ ସମୟ ଲେଖାଥିବା ଅତ୍ୟନ୍ତ ଜରୁରୀ ।<br>● ଅଭିଯୋଗ ସର୍ବଦା ବନ୍ଦ ଲଫାପାରେ ଦାଖଲ କରିବା ପ୍ରୟୋଜନ । |
| ଆବଶ୍ୟକୀୟ ଫିସ୍/ ଦେୟ । | ● ଏହି ସେବା ପାଇବା ପାଇଁ କୌଣସି ଫିସ୍ ଦେବାକୁ ପଡେ ନାହିଁ । |
| ଅତିରିକ୍ତ ସୂଚନା | ନିମ୍ନଲିଖିତ ଅଭିଯୋଗ ଗୁଡିକ ଗ୍ରହଣ ଯୋଗ୍ୟ ନୁହେଁ ।<br>● ପଢ଼ି ହେଉ ନଥିବା ଅକ୍ଷରରେ ଲେଖା ହୋଇଥିଲେ ।<br>● ଅନିର୍ଦ୍ଦିଷ୍ଟ, ଅଜଣା ।<br>● ପିଲାଳିଆମୀ, ଚଗଲାମୀ, ଶସ୍ତା ଧରଣର, ଗୁରୁତ୍ୱହୀନ ।<br>● ରାଜ୍ୟ ମାନବାଧିକାର କମିଶନ ବା ଅନ୍ୟ କୌଣସି କମିଶନ ନିକଟରେ ବିଚାରଧୀନ ମାମଲା ଗ୍ରହଣୀୟ ନୁହେଁ ।<br>● ମାନବାଧିକାର ଉଲଂଘନ ଘଟିବାର ଏକବର୍ଷ ବିତି ଯାଇଥିବା ଘଟଣା ।<br>● ଅଭିଯୋଗ ଯଦି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ହୋଇଥିବ ।<br>● ଘଟଣାଟି ଯଦି ଅଦାଲତର ମାମଲା ନିଷ୍ପତ୍ତି ଅଧିକାର ଏବଂ ଚୁକ୍ତିଭିତ୍ତିକ ମାମଲା ବିଷୟରେ ହୋଇଥିବ ।<br>● ଘଟଣାଟି ଚାକିରୀ ସମ୍ବନ୍ଧୀୟ ହୋଇଥିବ ।<br>● ଶିଳ୍ପ କାରଖାନା ବା ଶ୍ରମିକ ବିବାଦ ସଂପର୍କିତ ହୋଇଥବ ।<br>● ଅଭିଯୋଗରେ କୌଣସି ନିର୍ଦ୍ଦିଷ୍ଟ ମାନବାଧିକାର ଉଲଂଘନ ବିଷୟରେ ହୋଇ ନଥିବ ।<br>● ଯଦି କୌଣସି କୋର୍ଟ ବା ଟ୍ରିବ୍ୟୁନାଲରେ ମାମଲା ବିଚାରଧୀନ ଥିବ ।<br>● ଘଟଣାଟି ବିଚାର ବିଭାଗୀୟ ନିଷ୍ପତ୍ତି ବା ସିଦ୍ଧାନ୍ତ ହୋଇଥିବ ।<br>● ଅଭିଯୋଗକାରୀ ତାଙ୍କର ଅଭିଯୋଗ ନିର୍ଦ୍ଦିଷ୍ଟ ନାମରେ କରିବାକୁ ଉତ୍ସାହିତ କରାଯାଏ । |
| ସୂଚନାର ଉତ୍ସ | http://www.ohrc.ori.nic.in / |

# Format for filing a complaint with the OHRC

## A. COMPLAINANT'S DETAILS

1. Name 3. State

2. Sex Male Female

4. Full Address 5. District 6. Pin Code

## B. INCIDENT DETAILS

1. Incident Place(Village/Town/City)

2. State 3. District

4. Date of Incident

## C. VICTIM'S DETAILS

1. Name of the victim 3.State

2. No. of victims

4. Full Address 5.District

6.Pin Code

7. Religion 8.Caste (SC/ST/OBC/General) 9. Sex 10. Age 11.Whether Disabled person

Contd.....

D. Brief summary of facts/allegations of human rights involved

E. Whether complaint is against Members of Armed Forces/ Para-Military

Yes ☐ No ☐

F. Whether similar complaint has been filed before any Court/ State Human Rights Commission

G. Name, designation & address of the public servant against whom Complaint is being made

H. Name, designation & address of the authority/officials to whom the public servant is answerable

I. Prayer/ Relief if any, sought

**Orissa State AIDS Control Society**
Oil Orissa Building, Second Floor
Near Union Bank, Nayapalli
Bhubaneswar, Odisha 751012

**Nirantar**
6 Community Centre, Zamrudpur
Kailash Colony Extension
New Delhi 110048
T +91-11-4536-7700